# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୪/୨୦୨୨ (୧୮ ପୃଷ୍ଠା) | Bhubaneswar, Friday, March 4/2022 | Page 18 | ₹ 7.00 | ★★★★★★

୪୮ଶ ଭାଗ ୧୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୪/୨୦୨୨ | Bhubaneswar, Friday, March 4/2022 | ପୃଷ୍ଠା-୧




## ରେଡ୍ ବୁଲ୍ ସହ ଭର୍ଷ୍ଟାପେନ୍‌ଙ୍କ ନୂଆ ଚୁକ୍ତି

ଫର୍ମୁଲା ୱାନ ଚାମ୍ପିୟନ ବେଲିଜିଆନ-ଡଚ୍ ରେସିଂ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍ ରେଡ୍‌ବୁଲ୍ ସହିତ ଏକ ନୂଆ ଚୁକ୍ତି କରିଛନ୍ତି।

୧୩ | ୧୪

## ମେ ୧୩ରେ 'ଜୟେଶ ଭାଇ ଜୋର୍‌ଦାର'

ବଲିଉଡ୍ ଅଭିନେତା ରଣବୀର ସିଂଙ୍କ ଫିଲ୍ମ 'ଜୟେଶ ଭାଇ ଜୋର୍‌ଦାର' ମେ ୧୩ରେ ରିଲିଜ ହେବ।



# ଆଲୋଚନା ସାଙ୍ଗକୁ ଆକ୍ରମଣ



ରୁଷିଆ ସୈନ୍ୟଙ୍କ କ୍ଷେପଣାସ୍ତ୍ର ମାଡ଼ରେ ଖର୍କିଭ୍‌ସ୍ଥିତ ଏକ ବିଲ୍ଡିଂ ଧ୍ୱଂସସ୍ତୂପରେ ପରିଣତ ହୋଇଛି।

## ପୁଟିନ୍‌ଙ୍କ ପରିବର୍ତ୍ତିତ ରଣନୀତି

**ମସ୍କୋ/କ୍ୱିଭ୍/ୱାଶିଂଟନ,୩।୩**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ୟୁକ୍ରେନ୍ ଦଖଲ ସ୍ୱପ୍ନ ସାକାର ହୋଇ ନ ଥିବାରୁ ସେ ଏବେ ରଣନୀତି ବଦଳାଇଛନ୍ତି। ପୁଟିନ୍‌ଙ୍କ ଶକ୍ତିଶାଳୀ ସୈନ୍ୟ ପଡ଼ୋଶୀ ଦେଶ ଉପରେ ତୁହାକୁ ତୁହା ବୋମା ବର୍ଷଣ କରୁଥିବାବେଳେ କେବଳ ଆକ୍ରମଣରୁ ସୁଫଳ ମିଳିବ ନାହିଁ ବୋଲି ପୁଟିନ୍ ବୁଝିସାରିଲେଣି। ତେଣୁ ସେ ଗୋଟିଏ ପଟେ ଆଲୋଚନା ଓ ଅନ୍ୟପକ୍ଷେ ଆକ୍ରମଣର ଷ୍ଟ୍ରାଟେଜି ଆପଣାଇଛନ୍ତି। ୟୁକ୍ରେନ୍‌ରେ ଯୁଦ୍ଧବିରତି ପାଇଁ ଆଲୋଚନା କରିବାକୁ ମସ୍କୋ ଚାହୁଁଛି। କିନ୍ତୁ ୟୁକ୍ରେନ୍‌ର ସାମରିକ ଭିତ୍ତିଭୂମି ନଷ୍ଟ ଉଦ୍ୟମ ଜାରି ରହିବ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେର୍ଗେଇ ଲାଭ୍ରୋଭ୍ ସ୍ପଷ୍ଟ କରିଛନ୍ତି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ସୋମବାର ବେଲାରୁଷ ସୀମାନ୍ତ ସହର ଗୋମେଲରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିବାବେଳେ ଅସ୍ତ୍ରବିରତି ପାଇଁ

☞ପୃଷ୍ଠା-୨

## ପୁଟିନ୍‌ଙ୍କୁ ପ୍ରତ୍ୟକ୍ଷ ଆଲୋଚନା ପାଇ ଜେଲେନ୍‌ସ୍କିଙ୍କ ଆହ୍ୱାନ

**କ୍ୱିଭ୍,୩।୩**

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଗୁରୁବାର ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କୁ ପ୍ରତ୍ୟକ୍ଷ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏଥିସହ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକଠାରୁ ସେ ଅତିରିକ୍ତ ସାମରିକ ସହାୟତା ଲୋଡ଼ିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଜେଲେନ୍‌ସ୍କି କହିଛନ୍ତି, ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଅଧିକ ସହାୟତା ନ ଦେଲେ ପୁଟିନ୍ ଅବଶିଷ୍ଟ ୟୁରୋପକୁ ମାଡ଼ିଯିବେ। ୟୁରୋପୀୟ ନେତାମାନେ ତାଙ୍କ ପାଇଁ ବାୟୁସୀମା ବନ୍ଦ କରି ନ ପାରିଲେ ୟୁକ୍ରେନ୍‌କୁ ଯୁଦ୍ଧବିମାନ ଦିଅନ୍ତୁ। ୟୁକ୍ରେନ୍ ନ ପାରିଲେ ଭଗବାନ କ୍ଷମା କରିଦେବେ। ଲାଟଭିଆ, ଲିଥୁଆନିଆ, ଏଷ୍ଟୋନିଆ ପୁଟିନ୍‌ଙ୍କ ପରବର୍ତ୍ତୀ ଟାର୍ଗେଟ ହେବ। ଯୁଦ୍ଧ ରୋକିବା ପାଇଁ ସେ ରୁଷିଆ ରାଷ୍ଟ୍ରପତିଙ୍କ ସହ ସିଧାସଳଖ ଆଲୋଚନା କରିବାକୁ ଚାହୁଁଛନ୍ତି। ରୁଷିଆକୁ ୟୁକ୍ରେନ୍ ଆକ୍ରମଣ କରୁନାହିଁ କି ଏପରି ଯୋଜନା ମଧ୍ୟ ନାହିଁ। ପୁଟିନ୍ ତାଙ୍କଠାରୁ କ'ଣ ଚାହୁଁଛନ୍ତି। ସେ ୟୁକ୍ରେନ୍‌କୁ ଛାଡ଼ି ଦିଅନ୍ତୁ ଏବଂ ଆଲୋଚନା ପାଇଁ ବସନ୍ତୁ ବୋଲି ଜେଲେନ୍‌ସ୍କି ଆହ୍ୱାନ ଦେଇଛନ୍ତି।

## ନବରଙ୍ଗପୁର, କଳାହାଣ୍ଡିରେ ଭୂକମ୍ପ

**ଭୁବନେଶ୍ୱର,(ବ୍ୟୁରୋ)/ ଝରିଗାଁ (ସ୍ୱ.ପ୍ର.)/କୋକସରା/ ବେହେରା (ଡି.ଏନ୍.ଏ.), ୩।୩**



ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଅଞ୍ଚଳର ଏକ ଘରେ ଭୂକମ୍ପରେ ସୃଷ୍ଟି ହୋଇଥିବା ଫାଟ।

ନବରଙ୍ଗପୁର ଏବଂ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ଗୁରୁବାର ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ନବରଙ୍ଗପୁର ଜିଲାର ଉମରକୋଟ, ଚନ୍ଦାହାଣ୍ଡି, ଝରିଗାଁ ଓ ଡାବୁଗାଁ ଏବଂ କଳାହାଣ୍ଡି ଜିଲାର ଧର୍ମଗଡ ସମେତ କୋକସରା ବ୍ଲକର ବିଭିନ୍ନ ଅଞ୍ଚଳରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ ସୂଚନା ଦେଇଛନ୍ତି। ୩ରୁ ୪ ସେକେଣ୍ଡ ପର୍ଯ୍ୟନ୍ତ ଭୂକମ୍ପନ ହୋଇଥିବା ସେ କହିଛନ୍ତି। ଦିନ ୧୧ଟା ୨୯ ମିନିଟରେ ଏହି ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ଝରିଗାଁ ଅଞ୍ଚଳରେ ଲୋକେ ଭୟରେ ଘରୁ ବାହାରି ଯାଇଥିଲେ। ଉମରକୋଟରେ ମଧ୍ୟ କିଛି ସ୍ଥାନରେ ସାମାନ୍ୟ ଭାବରେ ମାଟି ଥରିଥିବା ଅନୁଭୂତ ହୋଇଛି। ଚନ୍ଦାହାଣ୍ଡିରେ କେତେକ ଘରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩.୫ ରହିଥିଲା। ଏହାର କେନ୍ଦ୍ରବିନ୍ଦୁ କଳାହାଣ୍ଡିରେ ଥିଲା।

## ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର ପାଇଁ ସ୍ୱତନ୍ତ୍ର ପ୍ରତିନିଧି ନିଯୁକ୍ତ

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌ରେ ଫସି ରହିଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଓଡ଼ିଶା ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ସେମାନେ କିଭଳି ସୁରକ୍ଷିତ ଭାବେ ଫେରିବେ ସେ ନେଇ ରାଜ୍ୟ ସରକାର ଗୁରୁବାର ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ଦାୟିତ୍ୱ ଦେଇଛନ୍ତି। ୟୁକ୍ରେନ୍ ସୀମା ପାର୍ କରି ହଙ୍ଗେରୀ, ପୋଲାଣ୍ଡ, ରୋମାନିଆ ଏବଂ ସ୍ଲୋଭାକିଆ ଚାଲିଯାଇଥିବା ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଲାଗି ଏହି ପ୍ରତିନିଧି ଦଳ କାର୍ଯ୍ୟ କରିବେ।

☞ପୃଷ୍ଠା-୨







# ୨ ବର୍ଷ ହେଲା ମୃତଦେହ ସାଇତି ରଖିଛନ୍ତି

## ନ୍ୟାୟ ମାଗୁଛନ୍ତି ବଦରୁଙ୍କ ପରିବାର ଲୋକେ

**ମାଲକାନଗିରି, ୩।୩ (ଡ.ଏନ.ଏ.)**

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲାର କିରନଡୁଲ ଅଞ୍ଚଳରେ ନ୍ୟାୟ ପାଇଁ ବଦରୁ ମାଡବିଙ୍କ ମୃତଦେହକୁ ୨ବର୍ଷ ହେଲା ସାଇତି ରଖିଛନ୍ତି ଗ୍ରାମବାସୀ ଓ ପରିବାର ଲୋକେ। ଏହି ଘଟଣା ସାଧାରଣରେ କୌତୂହଳ ସୃଷ୍ଟି କରିଛି। ଖବରରୁ ଜଣାପଡିଛି ୨୦୨୦ ମାର୍ଚ୍ଚ ୧୯ ତାରିଖରେ ଗଙ୍ଗାଲୁରୁ ଜଙ୍ଗଲରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ



ପରିବାର ଓ ଗ୍ରାମବାସୀ ସାଇତି ରଖିଥିବା ବଦରୁଙ୍କ ମୃତଦେହ।

### ମହୁଲ ଫୁଲ ସଂଗ୍ରହବେଳେ ଯବାନଙ୍କ ଗୁଳିରେ ଯାଇଥିଲା ଜୀବନ

ହୋଇଥିଲା। ଏହି ଗୁଳି ବିନିମୟ ବେଳେ ମାଓବାଦୀ ବଦରୁ ମାଡବି ନିହତ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଥିଲା। ତେବେ ଏହାକୁ ଖଣ୍ଡନ କରିଛନ୍ତି ବଦରୁଙ୍କ ପରିବାର ଲୋକେ। ବଦରୁଙ୍କୁ ଯବାନମାନେ ମାରିବା ସମୟରେ ତାଙ୍କ ସାନଭାଇ ସାନୁ ତାଙ୍କ ନିକଟରେ ଥିଲେ। ସାନୁ କହିଛନ୍ତି, ବଦରୁ ଏବଂ ସେ ମହୁଲ ଫୁଲ ସଂଗ୍ରହ ବେଳେ ପ୍ରଥମେ ଯବାନମାନେ ଆସି ଆମକୁ ଘେରିଯାଇଥିଲେ। ବିନା କାରଣରେ ସେମାନେ ଭାଇ ବଦରୁଙ୍କୁ ଗୁଳି କରି ହତ୍ୟା କରିଥିଲେ। ପରେ ସାନୁ ସେଠାରୁ ଖସି

☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ମ୍ୟୁନିକ୍‌ରୁ ମସ୍କୋ**

**ଆଜିର ମନ୍ତବ୍ୟ**

"ଯୁବପିଢ଼ି ଚାକିରିକୁ ଅପେକ୍ଷା କରି ରହିଛନ୍ତି। ସରକାରୀ ସମ୍ପତ୍ତିକୁ କେନ୍ଦ୍ର ବିକ୍ରି କରିବାରେ ଲାଗିଛି। ଭାଜପା ଏବଂ ଏହାର ନେତାଙ୍କଠାରୁ ବଡ଼ ମିଛୁଆ ସାରା ବିଶ୍ୱରେ ନାହାଁନ୍ତି।
– ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଡୁଆ ସୂତାରୁ ଖିଏ
ଆମ ଦୁହିଁଙ୍କର ଲାଗିଛି କଳି
ଏ କଳି ଭାଙ୍ଗିବ କିଏ ?**

ଦାମ୍ପତ୍ୟ ଜୀବନରେ କଳହ ଅତି ସାଧାରଣ କଥା। ଛୋଟମୋଟ କଥା ବା ଅତି ସାମାନ୍ୟ କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥାଏ। ସେ କଜିଆ ମନକୁ ମନ କେତେବେଳେ ସମାଧାନ ହୋଇଯାଏ କହି ହୋଇନଥାଏ। ସ୍ୱାମୀ ସ୍ତ୍ରୀଙ୍କ କଳିକାଜିଆରୁ ଆଗପଛ କିଛି ମିଳିନଥାଏ। ଏ କଜିଆ ଭାଙ୍ଗିବାକୁ ଚେଷ୍ଟା କରିବା ନିର୍ବୋଧତା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣପୁରୁଷା,
ନିତି ଘିଅପିଠା, ନିଇତି ରୁଷା ।**

ଅପଦାର୍ଥ ଲୋକକୁ ଯେତେ ସନ୍ତୋଷ ମିଳିଲେ ସୁଦ୍ଧା ସେ ଆହୁରି ପାଇବା ପାଇଁ ଅଭିମାନ କରିଥାଏ। କାମଦାମ ନ କରି ସବୁଦିନେ ଆରାମରେ ଖାଇପିଇ ଘୂରିବୁଲୁଥିବା ବ୍ୟକ୍ତି ସାମାନ୍ୟ ତ୍ରୁଟିବିଚ୍ୟୁତି ବା ଅସୁବିଧା ଦେଖି ମୁହଁ ଫୁଲେଇ ରୁଷି ବସୁଥିବା ନେଇ ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ନକଲି ଡାକ୍ତରଙ୍କ ନାମରେ ଆଉ ୨ ମାମଲା

**■ ଠିକାଦାରଙ୍କୁ ଠକିଛନ୍ତି ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା**
**■ ପୁଣି ଥରେ ୫ ଦିନିଆ ରିମାଣ୍ଡରେ ଆସିବେ ରମେଶ**

ଭୁବନେଶ୍ୱର,୩।୩(ବ୍ୟୁରୋ)

ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ଲୁଟିବା ସହ ଠକେଇ ମାମଲାରେ ଜେଲ ଯାଇଥିବା ରସିକିଆ ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ନାମରେ ଅଭିଯୋଗ ଫର୍ଦ୍ଦ ବଢ଼ିବାରେ ଲାଗିଛି। ଦିନକୁ ଦିନ ତାଙ୍କର ନୂଆ ଧରଣର ଠକେଇ ଲୋକଲୋଚନକୁ ଆସୁଛି। ଅଭିଯୋଗ ଅଧାରରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ପାହାଳ ଓ ଶହୀଦନଗର ଥାନାରେ ରମେଶଙ୍କ ନାଁରେ ଆଉ ୨ଟି ମାମଲା ରୁଜୁ ହୋଇଛି। ଫଳରେ ତାଙ୍କ ବିରୋଧରେ ମାମଲା ସଂଖ୍ୟା ୧୫ରେ ପହଞ୍ଚିଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ରମେଶ ସତ୍ୟବିହାରରେ ରହୁଥିବା ଉପେନ୍ଦ୍ର କୁମାର ମହାରଣା ନାମକ ଜଣେ ଠିକାଦାରଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ଡେପୁଟି ଡାଇରେକ୍ଟର କହି ଠକେଇ ଜାଲରେ ଫସାଇଥିଲେ। ୨୦୧୮ରେ ରମେଶ ପାହାଳ ଅଞ୍ଚଳରେ ଥିବା ତାଙ୍କ ଜମିରେ ୩ ତାଲା କୋଠା କରିବାକୁ ଉପେନ୍ଦ୍ରଙ୍କୁ କହିଥିଲେ। ଉପେନ୍ଦ୍ର ତାଙ୍କ କଥାକୁ ବିଶ୍ୱାସ କରି ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରି ଉକ୍ତ ଜମି ଚାରିପଟେ ପାଚେରି ନିର୍ମାଣ କରିଥିଲେ। ହେଲେ ଏ ବାବଦକୁ ଉପେନ୍ଦ୍ର ତାଙ୍କୁ ଟଙ୍କା ମାଗିବାରୁ ସେ ଫୋନ ଉଠାଇ ନ ଥିଲେ କି ଦେଖା ଦେଇ ନ ଥିଲେ। ଏନେଇ ଉପେନ୍ଦ୍ର ଅଭିଯୋଗ କରିବା ପରେ ପାହାଳ ଥାନା ପୋଲିସ ଏକ ମାମଲା (ନଂ.୨୧/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡ଼ାରୁ ଜବତ ହୋଇଥିବା କାର୍‌କୁ ରମେଶ ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ଶୋ'ରୁମ୍‌ରୁ ୨୦୧୯ରେ ଜାଲ୍ କାଗଜପତ୍ର ଦେଇ କିଣିଥିଲେ। ଏନେଇ ମହିଳା ଥାନା ପୋଲିସ ପକ୍ଷରୁ ଅଭିଯୋଗ ହେବା ପରେ ଶହୀଦନଗର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅନ୍ୟପକ୍ଷରେ ଅଭିଯୁକ୍ତ ରମେଶ ତୃତୀୟଥର ପାଇଁ ରିମାଣ୍ଡରେ ଆସିବେ। ଗୁଆହାଟୀର ଜଣେ ଡାକ୍ତରାଣୀଙ୍କୁ ମିଥ୍ୟା ପରିଚୟ ଦେଇ ବିବାହ କରିବା ପରେ ରମେଶ ତାଙ୍କଠାରୁ ୨୩ ଲକ୍ଷ ଟଙ୍କା ଠକି ନେଇଥିଲେ। ରମେଶ ଗିରଫ ହେବା ପରେ ଉକ୍ତ ଡାକ୍ତରାଣୀ ସ୍ୱୀ ଭୁବନେଶ୍ୱର ମହିଳା ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଏହି ମାମଲା (ନଂ.୨୨/୨୦୨୨)ରେ ରମେଶଙ୍କୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ ମହିଳା ଥାନା ପୋଲିସ ଆବେଦନ କରିଥିଲା। କୋର୍ଟ ଆବେଦନକୁ ଗ୍ରହଣ କରି ୫ ଦିନିଆ ରିମାଣ୍ଡ ଅନୁମତି ଦେଇଛନ୍ତି। ଶୁକ୍ରବାରଠାରୁ ରମେଶଙ୍କୁ ରିମାଣ୍ଡରେ ଅଣାଯାଇ ମାରାଥନ ଜେରା କରାଯିବ ବୋଲି ଥାନା ଅଧିକାରିଣୀ ସନ୍ତୋଷିନୀ ବେହେରା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କୌଣସି ବନ୍ଧୁ ଓ ସ୍ୱପରିଜନଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇପାରନ୍ତି। ପାଇବେ ଯେମିତି ଖର୍ଚ୍ଚ ମଧ୍ୟ କରିବେ ସେମିତି। ନିଜ କାମକୁ ଉତ୍ସାହର ସହ କରିବାରେ ସମର୍ଥ ହେବେ। ଛୋଟ କଥାକୁ କେନ୍ଦ୍ରକରି ପାରିବାରିକ ଶାନ୍ତି ବ୍ୟାହତ ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ସତର୍କତାର ସହ ଚଳନ୍ତୁ, ଅନ୍ୟଥା ସାଧାରଣ ଘଟଣା ଭିନ୍ନରୂପ ନେଇପାରେ।

**ବୃଷ**
ଯେମିତି ବିଚାର କରିଛନ୍ତି ସେହିପରି କାମ କରିଚାଲନ୍ତୁ ଆଶା ନିଶ୍ଚିତ ପୂରଣ ହୋଇପାରିବ। କୃତ୍ତିକା ନକ୍ଷତ୍ର ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ ପାଇଁ ବିଳମ୍ବ ଘଟିପାରେ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ନିଜ ଉପରକୁ ଝମେଲା ଆସିପାରେ। କର୍ମକ୍ଷେତ୍ରରେ ଟେନସନ୍ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ।

**ମିଥୁନ**
ଯେଉଁ କାମରେ ହାତ ଦେବେ ସଫଳତା ଅର୍ଜନ କରିବେ। ସଂଗଠନରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଲକ୍ଷ୍ୟ ହାସଲରେ ଆଗେଇ ଯିବେ। ନିଜ ଲୋକମାନେ କହିବେ ଗୋଟିଏ କଥା ଏବଂ କାମ ବେଳକୁ ଠିକ୍ ତାହାର ଓଲଟା କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ପ୍ରଗତିର ପଥରୋଧ କରିବ।

**କର୍କଟ**
ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଏକ ଭିନ୍ନ ପରିସ୍ଥିତିରେ ସାଧାରଣ କଥାରେ ବନ୍ଧୁ ମୁହଁ ଫଣ ଫଣ କରିପାରନ୍ତି। ଆନୁଷ୍ଠାନିକ କାମ, ମନୋରଞ୍ଜନ, ଆଧ୍ୟାତ୍ମିକ ଆଲୋଚନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

**ସିଂହ**
ଆଗାମୀ ସମୟର କେତେକ ଅଧୁରା କାମକୁ ସୁଧାରି ନେବାର ଚେଷ୍ଟା କରିବେ। ସାମାଜିକ ସ୍ତରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ସାନ୍ନିଧ ଲାଭ କର ଖୁସି ହେବେ। ତଥାପି ସାମୟିକ ଭାବରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଅପରାହ୍ନରେ ସାମାନ୍ୟ ଶାରୀରିକ ପୀଡ଼ା ଅନୁଭବ କରିବେ।

**କନ୍ୟା**
ସାହାଯ୍ୟ କରିବାକୁ କଥା ଦେଇଥିବା ଲୋକଟି ପରକ୍ଷଣରେ ନାସ୍ତିବାଣୀ ଶୁଣାଇପାରେ। ପାରିବାରିକ କ୍ଷେତ୍ର ଏବଂ ବ୍ୟବସାୟ, ବାଣିଜ୍ୟାଦିରେ ତର୍କବିତର୍କର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ସମସ୍ୟା ସମାଧାନ ହୋଇଯିବ।

**ତୁଳା**
କର୍ମକ୍ଷେତ୍ରରେ ବିଭିନ୍ନ ଯୋଜନାର କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ଆର୍ଥିକ ସ୍ଥିତି, ପାରିବାରିକ କ୍ଷେତ୍ର, ସ୍ୱାସ୍ଥ୍ୟ ସମସ୍ୟା, ସନ୍ତାନଙ୍କ ଶିକ୍ଷା, ପରୀକ୍ଷାଦି ବିଷୟରେ ଚିନ୍ତିତ ରହିପାରନ୍ତି। ଆନୁଷ୍ଠାନିକ କାମ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ। ଆଜିର କର୍ମକ୍ଷେତ୍ରରେ ଜଣେ ଅପରିଚିତ ବ୍ୟକ୍ତି ବହୁତ ସାହାଯ୍ୟ କରିବେ।

**ବିଛା**
ଅପୂରଣୀୟ ଅଭିଳାଷ, ଅଭିମାନିଆ ବନ୍ଧୁ, ଅତୀତ ଦୁଶ୍ଚିନ୍ତା, ପୂର୍ବାହ୍ନକୁ ଅସ୍ଥିରତା ମଧ୍ୟରେ ରଖିବ। ସଫଳତାର ସୂଚନା ଲାଭକରି ମାନସିକ ସ୍ଥିତି ବଦଳି ଯିବା ସମ୍ଭାବନା ରହିଛି। ବ୍ୟବସାୟ, ପରିବହନ, ଯାତ୍ରାର ଲକ୍ଷ୍ୟ, ଅର୍ଥପ୍ରାପ୍ତିର ଆଲୋଚନା ସମ୍ପୂର୍ଣ୍ଣ ସନ୍ତୋଷଜନକ ନ ହୋଇପାରେ। ଫେରିବା ବାଟରେ ଅସମ୍ମାନିତ ହୋଇପାରନ୍ତି।

**ଧନୁ**
ଦୀର୍ଘଦିନଧରି ଲାଗିରହିଥିବା କ୍ରନିକ୍ ରୋଗରେ କଷ୍ଟ ପାଇବେ। କେତେକ ଅବହେଳା ଯୋଗୁ ଅସମ୍ପୂର୍ଣ୍ଣ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ ମାତ୍ର ଋଣ ପରିଶୋଧର ଦୁଶ୍ଚିନ୍ତାରୁ ମୁକୁଳି ପାରିବେ ନାହିଁ। କର୍ମକ୍ଷେତ୍ରର ସମସ୍ୟା ପ୍ରାୟତଃ ଲାଗିରହିବା ଦୃଷ୍ଟିଗୋଚର ହେବ।

**ମକର**
ବିଶେଷ ଅସୁବିଧା ହେବନି କିନ୍ତୁ ଫଳାଫଳର ସମୀକ୍ଷାରୁ ଆତ୍ମସନ୍ତୋଷ ମିଳିବ ନାହିଁ। ରାଜନୈତିକ ପରିସ୍ଥିତି, ଅର୍ଥନୈତିକ ସମସ୍ୟା, ସରକାରୀ ସ୍ତର ଟେନ୍‌ସନଯୁକ୍ତ ରହିବ। ସଭାସମିତି, କଳା ସାହିତ୍ୟ, ଆନୁଷ୍ଠାନିକ କାମ ପ୍ରୀତିପ୍ରଦ ହେବ। ବ୍ୟବସାୟ ମାନ୍ଦା ହେବ ନାହିଁ କିନ୍ତୁ କ୍ଷତି ନ ହେଲେ ମଧ୍ୟ ବିଶେଷ ଲାଭ ହେବ ନାହିଁ ।

**କୁମ୍ଭ**
ଦୁଃଖକୁ ମନରେ ମାରି କର୍ମକ୍ଷେତ୍ରରେ ନିଜକୁ ମଜାଇ ରଖିବାକୁ ବାଧ ହେବେ। ଘରର ଗୁରୁତ୍ୱପୂର୍ଣ୍ଣ କାମ ଅବହେଳାରେ ରହିଯାଇଥିବା ହେତୁ ଯୁକ୍ତିତର୍କ ଆଶଙ୍କା ରହିଛି। ହାତକୁ ନେଇଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବାରୁ ସାମୟିକ ଆନନ୍ଦିତ ରହିବେ। ବନ୍ଧୁମାନଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ**
ଖାମଖିଆଲି ମନୋଭାବ ଓ ବିଳାସପୂର୍ଣ୍ଣ ଜୀବନଯାତ୍ରା ସମସ୍ତ ପ୍ରକାରର ଦୁଃଖକୁ ଘୋଡେଇ ରଖିବ। ବ୍ୟବହାରରେ କଠୋରତା କାରଣରୁ ବନ୍ଧୁଙ୍କ ସହ କଳହ ଦେଖାଦେଇ ପାରେ। ଆର୍ଥପ୍ରାପ୍ତିର ମାର୍ଗ ସୁଗମ ରହିବ ଏବଂ ପ୍ରତ୍ୟେକ କାମ ପାଇଁ ପ୍ରତିବନ୍ଧକ ମଧ୍ୟ ରହିବ ନାହିଁ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ ସମସ୍ୟା ଆସିପାରେ।


# classifieds

**Everyday**
0674-2580101, 2549302



**SALE**

Plot for sale at Chhatabar per sqft. @99/-. 7381268181, 9583295832. D-23294

**Independent bungalow for immediate sale main road, Jharsuguda. Contact: 9861193320.** D-23293

**30' Road, Gated society, Security guard, CCTV ଥାଇ ତୁରନ୍ତ ଘର କଲାଭଳି 3ଟି plot ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। 9437033320.** D-71798

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71947

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ **BSNL/ Fire Office** ନିକଟବର୍ତ୍ତୀ ଘରବାରି **boundary, road, electricpoll** ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। **9438122777, 9556622939.** D-71799

BDA plot Pitapalli NHକୁ ଲାଗି Electricity, Boundary ଥାଇ ମିଳୁଅଛି। Contact: 9437285016, 7735888421. D-23268

**Bhubaneswar Vingarpur Oxford College ଛକ ନିକଟରେ ୬୦ ଫୁଟ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି plot ବିକ୍ରିହେବ। 6370025920, 9937674302.** D-71793

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286



Ashirvaad Saloon and SPA get good massage for your health tha best therapy. 7077181074. D-71870

Refreshing your mind and body with the best therapy, 7873794731. D-23024

Newly opening SPA positively health benefits with expert therapist. 8917332216. D-71949

**Relax, Refresh your Body, Mind at Lotus Spa with Best Therapies. 8018891951.** D-23276

Newly open full body massage ladies and gents. 8327740003. D-71869

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219

Herbal full body relax massage by trend lady therapist. 7008773793. D-71476

Newly open SPA positively health benefit with expert. Contact: 7749976301. D-71951

Day or Night home service body massage available. 9583808247, 9439140029. D-23290

All types body massage with hiprofile smart lady room service available. 8917243035. D-71341



Medical Exam. Registration- BAMS/ BHMS/ BUMS/GNM/ D.Pharma. 9893869473. D-23269

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**LOST**

I Smt. Santosh Agrawal, W/o. Ramesh Agrawal, R/o. Khariar Road, Ward No.10, Radhe Sadan, Daga chowk, Dist. Nuapada declare that my Original Registered Sale Deed having e-Document No.11421800360, dated 26.03.2018 along with Original Deed of Rectification vide e-Document No.11421900462, dated 15.03.2019 has been misplaced somewhere on 25.02.2022. I tried my best but not traced it out. If anyone will get it, please inform in my mobile No. 9437077394. I will not be held responsible for misuse of the same documents.
Santosh Agrawal. D-23297

**AFFIDAVIT**

That I Sri Debabrata Roy, Husband of Sital Roy as per her Aadhaar Card. That in my Passport No.-J9597877 there in her name has been wrongly recorded as Sunita Roy. I do hereby declare that Sital Roy & Sunita Roy is one and same person. D-23291

ଆମ୍ଭେ ଗଣେଷ ଚନ୍ଦ୍ର ବାରିକ, ପି- ଚକ୍ରଧର ବାରିକ, ସା- ସାତକାବାଦ, ପୋ- ବିଶ୍ୱନାଥପୁର, ଥାନା- ବାଲିପାଟଣା, ଜିଲ୍ଲା- ଖୋର୍ଦ୍ଧା, ମୌଜା- ବୋଧଖଣ୍ଡି, ଖାତା ନଂ.- ୩୪୩, ୨୦୩/୫, ୧୧୯୫/୩୪ରେ ମୋର ନାମ ସାଉଟି ବାରିକ ବୋଲି ଉଲ୍ଲେଖ ଅଛି। ଗଣେଷ ଚନ୍ଦ୍ର ବାରିକ ଓ ସାଉଟି ବାରିକ ଜଣେ ବ୍ୟକ୍ତି ଅଟନ୍ତି ବୋଲି (ଶ୍ରୀ ପଦ୍ମଜା ଦାସ ଏକ୍‌ଜ୍ୟୁକେଟିଭ୍ ମାଜିଷ୍ଟ୍ରେଟ୍ ଭୁବନେଶ୍ୱର)ଙ୍କ ନିକଟରେ ସତ୍ୟପାଠ ହୋଇଛି ଏହା ସର୍ବତ୍ରରେ ପରିପ୍ରକାଶ ପାଇଁ ଜଣାଉଛୁ। ଧ-୭୧୦୧୯


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପୋଷାପ୍ରାଣୀଙ୍କୁ ଧରି ୟୁକ୍ରେନ୍‌ରୁ ଫେରିଲେ ଭାରତୀୟ

ନୂଆଦିଲ୍ଲୀ, ୩।୩

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରୁ ଭାରତୀୟ ସ୍ୱଦେଶ ଫେରିବାବେଳେ କେତେଜଣ ସେମାନଙ୍କ ସହ ପୋଷା ବିଲେଇ, କୁକୁର ଆଦିଙ୍କୁ ମଧ୍ୟ ସାଙ୍ଗରେ ଆଣିଛନ୍ତି। ଯୁଦ୍ଧ ଭିତରେ ନିଜ ପ୍ରିୟ ପୋଷ୍ୟ ପ୍ରାଣୀଙ୍କୁ ଛାଡ଼ିବାକୁ ସେମାନେ ଚାହିଁ ନ ଥିଲେ ବୋଲି ପ୍ରକାଶ କରିଛନ୍ତି। ୟୁକ୍ରେନ୍‌ର ଭିନ୍ନିତ୍‌ସ୍ୟାରୁ ଫେରିଥିବା ଜଣେ ମେଡିକାଲ ଛାତ୍ରୀ ଆର୍ଯ୍ୟା ଆଲ୍‌ଡ୍ରିନ୍ କହିଛନ୍ତି, ପ୍ରାୟ ଦେଢ଼ ବର୍ଷ ହେବ ସେ ସାଇବେରିଆନ୍ ହୁସ୍କି ଜାୟିରାକୁ ପାଳିଥିଲେ। ୟୁକ୍ରେନ୍‌ରୁ ଭାରତ ଫେରିବାବେଳେ ବିମାନରେ ସେ ଜାୟିରାକୁ ସାଙ୍ଗରେ ନେବାକୁ କର୍ତ୍ତୃପକ୍ଷଙ୍କୁ ଅନୁମତି ମାଗିଥିଲେ। ସେହିପରି ଭାରତୀୟ ବାୟୁସେନା ବିମାନ ସି-୧୭ରେ ଭାରତ ଫେରିଥିବା ଛାତ୍ର ଜାହିଦ୍ ମଧ୍ୟ ତାଙ୍କ ସହ ପୋଷା କୁକୁରକୁ ଆଣିଛନ୍ତି। କ୍ୱିଭ୍‌ରେ ଫସିଥିବା ଗୌତମ ୪ ମାସ ତଳେ ଏକ ବିଲେଇ ରଖିଥିବାବେଳେ ପୋଲାଣ୍ଡ ସୀମା ଦେଇ ଭାରତ ଫେରିବା ବେଳେ ତାକୁ ସାଙ୍ଗରେ ଆଣିଛନ୍ତି। ପ୍ରକାଶଥାଉ କି, ୟୁକ୍ରେନ୍‌ରୁ ଫେରିବାବେଳେ ଭାରତୀୟମାନେ ସେମାନଙ୍କ ପୋଷ୍ୟ ପ୍ରାଣୀଙ୍କୁ ଆଣିପାରିବେ ବୋଲି ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା।



# ଅଶୋଧିତ ତୈଳ ଦର ୧୨୦ ଡଲାର ଛୁଇଁଲା

ନୂଆଦିଲ୍ଲୀ,୩।୩

ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଏହାର ଘୋର ପ୍ରଭାବ ଅନ୍ତର୍ଜାତୀୟ ତୈଳ ବଜାର ଉପରେ ପଡ଼ିଛି। ଗୁରୁବାର ତୈଳ ମୂଲ୍ୟ ବୃଦ୍ଧି ଘଟି ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୧୨୦ ଡଲାରର ନିକଟତର ହୋଇଛି। ଏହା ପ୍ରାୟ ଏକଦଶନ୍ଧି ମଧ୍ୟରେ ସର୍ବାଧିକ ବୋଲି କୁହାଯାଉଛି। ବ୍ରେଣ୍ଟ ଅଶୋଧିତ ଫ୍ୟୁଚର ବ୍ୟାରେଲ ପିଛା ୧୧୯.୮୪ ଡଲାରରେ ପହଞ୍ଚିଛି, ଯାହା ୨୦୧୨ ମେ' ଠାରୁ ସର୍ବାଧିକ। ଆମେରିକାର ପଶ୍ଚିମ ଟେକ୍ସାସରେ ଅଶୋଧିତ ତୈଳ ୧୧୬.୫୭ ଡଲାରରେ ରହିଛି। ଏହା ୨୦୦୮ ସେପ୍ଟେମ୍ବର ପରଠାରୁ ସର୍ବୋଚ୍ଚ ଅଟେ।

**ପ୍ରଥମ ପୃଷ୍ଠାରୁ...**

## ଆଲୋଚନା ସାଙ୍ଗକୁ...

ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ବସିଛି। ୟୁକ୍ରେନ୍ ଆକ୍ରମଣ ଗୁରୁବାର ଦ୍ୱିତୀୟ ସପ୍ତାହରେ ପହଞ୍ଚିଥିବାବେଳେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସରକାରର ପତନ ଘଟାଇବାରେ ମସ୍କୋର ରଣନୈତିକ ବିଫଳତା ସାମ୍ନାକୁ ଆସିଛି। ଏହାର ମୁଖ୍ୟ ଆସଲ୍ଟ ଫୋର୍ସ ସୈନ୍ୟମାନେ କିଛିଦିନ ହେଲା କ୍ୱିଭ୍ ଉତ୍ତର ପାର୍ଶ୍ୱରେ ଥିବା ରାଜପଥ ଉପରେ ଛିଡ଼ା ହୋଇଛନ୍ତି। ଅନ୍ୟ ସଶସ୍ତ୍ର ବଳ ସହରଗୁଡ଼ିକ ଉପରେ ବୋମା ବର୍ଷଣ କରି ସେଗୁଡ଼ିକୁ ଧ୍ୱଂସସ୍ତୂପରେ ପରିଣତ କରୁଛନ୍ତି। ଦକ୍ଷିଣରେ ଥିବା କୃଷ୍ଣସାଗର ବନ୍ଦର ସହର ଖେରସୋନ୍ ଏବଂ ଚେର୍ନିହିଭ୍‌କୁ ରୁଷୀୟ ସୈନ୍ୟ ଦଖଲ କରିବା ପରେ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥିବା ମରିଉପୋଲକୁ ଘେରିରହିଛନ୍ତି। କ୍ୱିଭ୍ ଅଭିମୁଖେ ଅଗ୍ରସର ହେଉଥିବା ରୁଷୀୟ ସୈନ୍ୟ ୩୦ କି.ମି. ବ୍ୟାପି ଲମ୍ବିଛନ୍ତି। ୟୁକ୍ରେନ୍‌ବାସୀଙ୍କ ପ୍ରତିରୋଧ, ଯାନ୍ତ୍ରିକ ତ୍ରୁଟି, ପ୍ରତିକୂଳ ପାଗ ଓ ଭିଡ଼ ଯୋଗୁ ସେମାନେ ଆଗକୁ ବଢ଼ିପାରୁ ନାହାନ୍ତି। କ୍ୱିଭ୍ ଅଭିମୁଖେ ଅଗ୍ରସର ହେବାରେ ରୁଷିଆକୁ ବିଶେଷ ସଫଳତା ମିଳି ନ ଥିବା ବ୍ରିଟେନ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆକ୍ରମଣ ଅଷ୍ଟମ ଦିନରେ ପହଞ୍ଚିଥିବାବେଳେ ଅଦ୍ୟାବଧି ୨,୦୦୦ରୁ ଊର୍ଦ୍ଧ୍ୱ ୟୁକ୍ରେନୀୟ ନିହତ ହୋଇଥିବା କ୍ୱିଭ୍ ପକ୍ଷରୁ କୁହାଯାଇଛି। ତେବେ କେବଳ ୟୁକ୍ରେନ୍ ସୈନ୍ୟଙ୍କ ମୃତ୍ୟୁସଂଖ୍ୟା ୨,୮୭୦ ବୋଲି ରୁଷିଆ ଦାବି କରିଛି। ୟୁକ୍ରେନ୍ ଏମର୍ଜେନ୍ସି ସର୍ଭିସ୍ ମତରେ ଜବାବୀ କାର୍ଯ୍ୟାନୁଷ୍ଠାନରେ ୯,୦୦୦ ରୁଷୀୟ ସୈନ୍ୟଙ୍କ ଜୀବନ ଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ୟୁକ୍ରେନ୍‌ରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଗଣପଳାୟନ କଲେଣି। ଆଗକୁ ଏହି ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଜାତିସଂଘର ଶରଣାର୍ଥୀ ସଂସ୍ଥା ପକ୍ଷରୁ କୁହାଯାଇଛି। କ୍ୱିଭ୍ ସମେତ ଯୁଦ୍ଧ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ପଳାୟନର ସୁଯୋଗ ଦେବା ପାଇଁ 'ହ୍ୟୁମାନିଟାରିଆନ୍ କରିଡର' କରିବା ନେଇ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ପାଶ୍ଚାତ୍ୟର କଟକଣାଗୁଡ଼ିକ ରୁଷିଆ ଅର୍ଥନୀତି ପାଇଁ ଅଭୂତପୂର୍ବ ସଙ୍କଟ ସୃଷ୍ଟି କରିଛି। ରୁଷିଆର ସାମରିକ ଅପରେଶନ ବିରୋଧରେ ପାଶ୍ଚାତ୍ୟର ପ୍ରତିକ୍ରିୟାକୁ ମସ୍କୋ ଏକ ଉନ୍ମାଦ ଭାବେ ଅଭିହିତ କରିଛି। ପୁଟିନ୍‌ଙ୍କ ସହଯୋଗୀ ଲାଭ୍ରୋଭ୍ ଆହୁରି କହିଛନ୍ତି, ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଲଗାତର ୟୁକ୍ରେନ୍‌କୁ ରୁଷିଆ ବିରୋଧରେ ଢାଲ କରିବା ଲାଗି ଯୁଦ୍ଧାସ୍ତ୍ର ଓ ତାଲିମ ଦେଇ ପଡ଼ୋଶୀ ଦେଶରେ ନିଜ ସେନା ଶିବିର ପ୍ରତିଷ୍ଠା କରିବାରେ ଲାଗିଛନ୍ତି। ଏଭଳି ଉଦ୍ୟମ ଯୋଗୁ ରୁଷିଆ ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ମସ୍କୋ ବାଧହୋଇ ପଦକ୍ଷେପ ନେଉଥିବା ସେ ଦର୍ଶାଇଛନ୍ତି। ସେର୍ଗେଇଙ୍କ ମତରେ ରୁଷିଆ ନୁହେଁ, ବରଂ ପାଶ୍ଚାତ୍ୟର ରାଜନେତାମାନେ ଆଣବିକ ଯୁଦ୍ଧ ନେଇ ବିଚାର କରୁଛନ୍ତି। ଅନ୍ୟପକ୍ଷେ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)କୁ ଏକ ପ୍ରତିରକ୍ଷାତ୍ମକ ମେଣ୍ଟ ଭାବେ ଅଭିହିତ କରି ଏହି ସଙ୍ଗଠନରୁ ରୁଷିଆ ପ୍ରତି ବିପଦ ନ ଥିବା ଦର୍ଶାଇଛନ୍ତି।

## ଓଡ଼ିଆ ଛାତ୍ରୀଛାତ୍ରଙ୍କୁ...

ଏଥିପାଇଁ ନୂଆଦିଲ୍ଲୀ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ନୋଡାଲ ଅଫିସ ଭାବେ କାର୍ଯ୍ୟ କରିବ। ଏ ବାବଦ ସମସ୍ତ ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ବହନ କରାଯିବ ବୋଲି ଘୋଷଣା କରାଯାଇଛି। ପୋଲାଣ୍ଡ ପାଇଁ ସ୍ୱତନ୍ତ୍ର ପ୍ରତିନିଧି ଭାବେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ଉପସଭାପତି ବିକ୍ରମାଦିତ୍ୟଙ୍କୁ ଦାୟିତ୍ୱ ପ୍ରଦାନ ଦିଆଯାଇଛି। ହଙ୍ଗେରୀ ପାଇଁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ୟୁଏନ୍‌ଏଚ୍‌ସିଆର୍‌ର ବରିଷ୍ଠ ଅଧିକାରୀ ଆରୁଷୀ ରାୟଙ୍କୁ ନିଯୁକ୍ତି ମିଳିଛି। ୟୁଏନ୍ ପଲିସି ଅଫିସର ବୈଶାଳୀ ମହାନ୍ତିଙ୍କୁ ରୋମାନିଆ ଦାୟିତ୍ୱ ଦିଆଯାଇଛି। ହଙ୍ଗେରୀ ପାଇଁ କନ୍‌ସଲଟାଣ୍ଟ ଭାବେ କାର୍ଯ୍ୟରତ ଅନୁରାଗ ପଟ୍ଟନାୟକଙ୍କୁ ସ୍ଲୋଭାକିଆ ଦାୟିତ୍ୱ ପ୍ରଦାନ କରାଯାଇଛି।

ରୁଷିଆର ପ୍ରଚଣ୍ଡ ଆକ୍ରମଣ ପରେ ବିଭିନ୍ନ ଦେଶର ଛାତ୍ରୀଛାତ୍ର ୟୁକ୍ରେନ୍‌ରେ ଫସି ରହିଛନ୍ତି। ଉଦ୍ଧାର ପାଇଁ ସେମାନେ ଆକୁଳ ନିବେଦନ କରୁଥିଲେ ମଧ୍ୟ ସେଠାକାର ସରକାର ସେମାନଙ୍କୁ ଫେରାଇ ଆଣିବାରେ ବିଫଳ ହେଉଛନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଶା ସରକାରଙ୍କ ଏଭଳି ପ୍ରୟାସ ୟୁକ୍ରେନ୍‌ରେ ଫସିଥିବା ଛାତ୍ରୀଛାତ୍ରଙ୍କ ପରିବାରକୁ ଆଶ୍ୱାସନା ଦେଇଛି। କେନ୍ଦ୍ର ସରକାରଙ୍କ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ବିମାନ ଯୋଗେ ଛାତ୍ରୀଛାତ୍ରଙ୍କୁ ସ୍ୱଦେଶ ଅଣାଯାଉଛି। ସ୍ୱତନ୍ତ୍ର ପ୍ରତିନିଧିମାନେ ଦିଲ୍ଲୀସ୍ଥିତ ଆବାସିକ କମିଶନର ଓ ଛାତ୍ରୀଛାତ୍ରମାନେ ଥିବା ଦେଶ ସହିତ ଯୋଗାଯୋଗରେ ରହିବେ।

## ୨ ବର୍ଷ ହେଲା...

ଦୌଡି ପଳାଇ ଆସିଥିଲେ। ସେବେଠାରୁ ପରିବାର ଲୋକେ ବଦରୁଙ୍କୁ ନ୍ୟାୟ ଦାବି କରି ତାଙ୍କ ମୃତଦେହକୁ ବିଭିନ୍ନ ଜଡିବୁଟି, ତେଲ ଓ ଲୁଣର ପ୍ରଲେପ ଦେଇ ଏକ ଗାତ ଖୋଳି ସୁରକ୍ଷିତ ରଖିଛନ୍ତି। ଗ୍ରାମବାସୀ ଏଥିରେ ସହଯୋଗ କରି ଆସୁଛନ୍ତି। ସେମାନଙ୍କ କହିବା ଅନୁଯାୟୀ ବଦରୁ କେବେ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁ ନ ଥିଲେ। ତାଙ୍କୁ ବିନା କାରଣରେ ପୋଲିସ ମାରିଦେଇଛି। ନ୍ୟାୟ ପାଇବା ଯାଏ ଆମେ ତାଙ୍କ ମରଶରୀରକୁ ଏଭଳି ସାଇତି ରଖିବୁ ବୋଲି ଗ୍ରାମବାସୀ କହିଛନ୍ତି। ସୂଚନାଯୋଗ୍ୟ, ସେ ସମୟରେ ପରିବାର ଲୋକେ ଦାନ୍ତେୱାଡା ପୋଲିସ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଏବେ ଏହି ଘଟଣା ଲୋକ ଲୋଚନକୁ ଆସିଲା।

# ପୌର ନିର୍ବାଚନ: ପର୍ଯ୍ୟବେକ୍ଷକଙ୍କୁ ତାଲିମ

**ଭୁବନେଶ୍ୱର, ୩।୩(ବ୍ୟୁରୋ):** ମାର୍ଚ୍ଚ ୨୪ରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ସମ୍ମିଳନୀ କକ୍ଷରେ ପର୍ଯ୍ୟବେକ୍ଷକଭାବେ ନିଯୁକ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ୧୦୬ ଏନ୍ଏସି/ମ୍ୟୁନିସିପାଲିଟି ଏବଂ ୩ ମହାନଗର ନିଗମ ନିମନ୍ତେ ଭୋଟ ଗ୍ରହଣ ହେବ। ୨୬ ତାରିଖରେ ଫଳାଫଳ ପ୍ରକାଶ ପାଇବ। ପ୍ରଥମ ଥର ନିର୍ବାଚନରେ ଇଭିଏମ୍ ମାଧ୍ୟମରେ ଭୋଟିଂ ହେବ। ନିର୍ବାଚନକୁ ଅବାଧ ଏବଂ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଲାଗି ୨୫ଜଣ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଥିବାବେଳେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ନିର୍ବାଚନ କମିଶନଙ୍କ ତରଫରୁ ସଚିବ ରବୀନ୍ଦ୍ରନାଥ ସାହୁ, ସ୍ୱତନ୍ତ୍ର ସଚିବ ରଘୁରାମ ଆର୍. ଆୟାର, ଆଇନ ଅଧିକାରୀ ମାଧୁରୀ ମିଶ୍ର, ଉପଶାସନ ସଚିବ ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ ପର୍ଯ୍ୟବେକ୍ଷକଙ୍କୁ ତାଲିମ ଦେଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୪,୧୧,୮୫,୮୬୬ | ୫୯,୯୬,୦୫୪ | ୩୭,୪୦,୬୨,୩୫୭ |
| ଭାରତ | ୪,୨୯,୪୫,୧୬୦ | ୫,୧୪,୪୧୯ | ୪,୨୩,୫୩,୬୨୦ |
| ଓଡ଼ିଶା | ୧୨,୮୫,୪୮୭ | ୯୦୮୫(+୫୩) | ୧୨,୭୪,୭୫୬ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଅନୁବାଦ କଷ୍ଟକର: ଦେବଦତ୍ତ




ପୁସ୍ତକ ଉନ୍ମୋଚନ ଅବସରରେ (ବାମରୁ) ପେନ୍ ଇନ୍ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା, ଲେଖକ ଦେବଦତ୍ତ ପଟ୍ଟନାୟକ, ଶିଶୁ ସାହିତ୍ୟିକ ଦାଶ ବେନହୁର ଓ ଅନୁବାଦକ ବିକାଶ ରଞ୍ଜନ ଓଝା।

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

### 'ସୀତାଙ୍କ ୫ ଇଚ୍ଛା' ଓ 'ପାଣ୍ଡବଙ୍କ ୬ ଯୁଦ୍ଧ' ପୁସ୍ତକ ଉନ୍ମୋଚିତ

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ, ପୁରାଣବିତ୍, ଚତ୍ରଶିଳ୍ପୀ ତଥା ବକ୍ତା ଦେବଦତ୍ତ ପଟ୍ଟନାୟକଙ୍କ ଲିଖିତ ଦୁଇଟି ପୁସ୍ତକ 'ସୀତାଙ୍କ ୫ ଇଚ୍ଛା' ଓ 'ପାଣ୍ଡବଙ୍କ ୬ ଯୁଦ୍ଧ' ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଶିଶୁ କିଶୋରଙ୍କ ଉଦ୍ଦେଶ୍ୟରେ ଲିଖିତ ଏହି ପୁସ୍ତକ ଦ୍ୱୟକୁ ଯୁବ ଅନୁବାଦକ ବିକାଶ ରଞ୍ଜନ ଓଝା ଓଡ଼ିଆରେ ଅନୁବାଦ କରିଥିବାବେଳେ ପେନ୍ ଇନ୍ ବୁକ୍ସ ପକ୍ଷରୁ ପ୍ରକାଶନ କରାଯାଇଛି। ସୂଚନା ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଦୁଇଟି ପୁସ୍ତକକୁ କଥାଶିଳ୍ପୀ ତଥା ଶିଶୁ ସାହିତ୍ୟିକ ଦାଶ ବେନହୁର ଉନ୍ମୋଚନ କରିଥିଲେ। ଏଥିରେ ପେନ୍ ଇନ୍ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ଓ ବିକାଶ ରଞ୍ଜନ ଓଝା ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଦେବଦତ୍ତ କହିଲେ, ଯେ କୌଣସି ଭାଷାକୁ ଅନୁବାଦ କରିବା କଷ୍ଟକର। ଓଡ଼ିଆ, ଇଂଲିଶ ଆଦି ଭାଷାର କେତୋଟି ଶବ୍ଦର ଉଦାହରଣ ଦେଇ ସେ ତାହାକୁ ବୁଝାଇଥିଲେ। ଦାଶ ବେନହୁର କହିଥିଲେ, ପୁରାଣକୁ ଦେବଦତ୍ତ ନୂଆ ଢଙ୍ଗରେ ବର୍ଣ୍ଣନା କରିବା ସହିତ ସମସ୍ତଙ୍କୁ ତାଙ୍କ ଲେଖା ପ୍ରତି ଆକୃଷ୍ଟ କରିଛନ୍ତି। ଏହା ତାଙ୍କର ପ୍ରଥମ ଓଡ଼ିଆ ପୁସ୍ତକ। କାର୍ଯ୍ୟକ୍ରମକୁ ତିନୋଟି ଅଧିବେଶନରେ ବିଭକ୍ତ କରାଯାଇଥିଲା। ପ୍ରଥମ ଅଧିବେଶନରେ ଦେବଦତ୍ତ ପଟ୍ଟନାୟକଙ୍କ ପ୍ରିୟ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। କଣ୍ଠରେ ପ୍ରତୀକ ପଟ୍ଟନାୟକ ଓ ମର୍ଦ୍ଦଳରେ ସୌମ୍ୟରଞ୍ଜନ ନାୟକ ଥିଲେ। ଦ୍ୱିତୀୟ ଅଧିବେଶନରେ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ତୃତୀୟ ଅଧିବେଶରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଦେବଦତ୍ତଙ୍କୁ କବି ତଥା ପ୍ରଶାନ୍ତ ହୋତା ଓ ଲେଖିକା ପଞ୍ଚମୀ ମାନୁ ଉକିଲ ପ୍ରଶ୍ନ ପଚାରିଥିଲେ। ତାଙ୍କ ଲେଖା, ଓଡ଼ିଶା ସମ୍ପର୍କ, ଭବିଷ୍ୟତ ଯୋଜନା ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

# ଅଟୋ ସେକ୍ଟରକୁ ଜିଏସ୍‌ଟି ରିହାତି ମିଳୁ

**କୋଭିଡ୍ ମହାମାରୀ ଯୋଗୁ ପ୍ରଭାବିତ ହୋଇଥିବା ବ୍ୟବସାୟିକ କ୍ଷେତ୍ରଗୁଡ଼ିକ ମଧ୍ୟରୁ ଅଟୋ ଉଦ୍ୟୋଗ ପ୍ରମୁଖ। ସମ୍ପ୍ରତି ସ୍ଥିତି ସୁଧୁରିବାରେ ଲାଗିଥିବାବେଳେ ଗାଡ଼ିଗୁଡ଼ିକର ବଜାର ଦରରେ ୩୦% ବୃଦ୍ଧି ଯୋଗୁ ଲୋକଙ୍କ କିଣିବା ଆଗ୍ରହ କମିଯାଉଛି। ଏଭଳି ସ୍ଥିତିରେ ଅଟୋମୋବାଇଲ୍ କ୍ଷେତ୍ରକୁ ଜିଏସ୍‌ଟିରେ ରିହାତି ଦେବା ଆବଶ୍ୟକ ବୋଲି ଧରିତ୍ରୀକୁ ସାକ୍ଷାତ୍‌କାର ଦେବାବେଳେ ସମ୍ବଲପୁରସ୍ଥିତ ଉଜ୍ଜ୍ୱଳ ବଜାଜର ବ୍ୟବସାୟିକ ପାର୍ଟନର ଦୀପକ କୁମାର ଶର୍ମା କହିଛନ୍ତି।**



ଦୀପକ କୁମାର ଶର୍ମା, ବ୍ୟବସାୟିକ ପାର୍ଟନର, ଉଜ୍ଜ୍ୱଳ ବଜାଜ, ସମ୍ବଲପୁର

**❖ ବର୍ତ୍ତମାନ ପର୍ଯ୍ୟନ୍ତ ଉଜ୍ଜ୍ୱଳ ବଜାଜର ଯାତ୍ରା କିପରି ରହିଛି?**

୨୦୦୫ରେ ଆମେ ଅଟୋମୋବାଇଲ୍ କ୍ଷେତ୍ରରେ ପାଦ ଦେଇଥିଲୁ। ସମ୍ବଲପୁର ସହରରେ ପ୍ରଥମେ ଉଜ୍ଜ୍ୱଳ ବଜାଜ ଶୋ'ରୁମ୍ ଆରମ୍ଭ କରିଥିଲୁ। ପରବର୍ତ୍ତୀ ସମୟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ବ୍ୟବସାୟ ବଢ଼ାଇବା ଦିଗରେ କାର୍ଯ୍ୟ କରିଥିଲୁ। ବର୍ତ୍ତମାନ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ଝାରସୁଗୁଡା, ସୁବର୍ଣ୍ଣପୁର, ବୌଦ୍ଧ ଓ ଦେବଗଡ଼ ଜିଲାରେ ଆମର ବଜାଜ ଶୋ'ରୁମ୍ ରହିଛି।

**❖ ଆପଣଙ୍କ କମ୍ପାନୀର ୟୁଏସ୍‌ପି କ'ଣ ରହିଛି ଏବଂ ଶୋ'ରୁମ୍‌ରେ ବର୍ତ୍ତମାନ କେଉଁ ସବୁ ମଡେଲ୍ ଉପଲବ୍ଧ?**

ବଜାଜ ଏକ ସ୍ୱଦେଶୀ କମ୍ପାନୀ। ୧୯୪୫ରେ ଏହା ଆରମ୍ଭ ହୋଇଥିଲା। ପ୍ରଥମେ ବଜାଜ ସ୍କୁଟରର ବଜାର ପ୍ରବେଶ ହୋଇଥିଲା। ବଜାଜ କମ୍ପାନୀ ସର୍ବଦା ଲୋକଙ୍କ ଆବଶ୍ୟକତା ଏବଂ ଚାହିଦାକୁ ଆଖି ଆଗରେ ରଖି ବାଇକ୍ ନିର୍ମାଣ କରିଥାଏ। ସେଥିପାଇଁ ମୋଟରସାଇକେଲ୍ ନିର୍ମାଣରେ ବଜାଜ୍ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। କମ୍ପାନୀର ପଲ୍‌ସର ବାଇକ୍ ସଫଳତାର ଶୀର୍ଷକୁ ଛୁଇଁଛି। ବର୍ତ୍ତମାନ ଏହି କମ୍ପାନୀର ଗାଡ଼ିଗୁଡ଼ିକ ୭୦ଟି ଦେଶରେ ବିକ୍ରି ହେଉଛି। ଆମ ଶୋ'ରୁମ୍‌ଗୁଡ଼ିକରେ ମଧ୍ୟ ସମସ୍ତ ମଡେଲ୍‌ର ଗାଡ଼ି ଉପଲବ୍ଧ ରହିଛି। ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଯୋଗୁ ପରିବେଶ ପ୍ରଦୂଷିତ ହେବାରେ ଲାଗିଥିବାରୁ ସରକାର ଇଲେକ୍‌ଟ୍ରିକ୍ ବାଇକ୍ ପ୍ରଚଳନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏ ଦିଗରେ ବଜାଜ୍ କମ୍ପାନୀ ସରକାରଙ୍କୁ ସମର୍ଥନ କରିବା ସହିତ ୨୦୨୩ ସୁଦ୍ଧା ଇଲେକ୍ଟ୍ରିକ୍ ଗାଡ଼ିର ବଜାର ପ୍ରବେଶ ପାଇଁ ଲକ୍ଷ୍ୟ ରଖିଛି।




**❖ ସଫଳତାର ଶ୍ରେୟ ଆପଣ କାହାକୁ ଦେବେ?**

ସଫଳତାର ଶ୍ରେୟ ସମସ୍ତ ଗ୍ରାହକଙ୍କୁ ଦେବି। ଗ୍ରାହକଙ୍କର ଆମ ଉପରେ ଥିବା ଦୃଢ଼ ବିଶ୍ୱାସ ଯୋଗୁ ଆମେ ଆଜି ଏହି ସ୍ତରରେ ପହଞ୍ଚିପାରିଛୁ। ଅନ୍ୟପଟେ ବଜାଜ କମ୍ପାନୀ ମଧ୍ୟ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବଜାରକୁ ନୂତନ ଜ୍ଞାନକୌଶଳରେ ନିର୍ମିତ ଗାଡ଼ି ଯୋଗାଇଦେଉଛି। ଫଳରେ ଉଜ୍ଜ୍ୱଳ ବଜାଜ ସଫଳ ହୋଇପାରିଛି।

**❖ ବଜେଟ-୨୦୨୨ ଉପରେ ଆପଣଙ୍କର ମତ କ'ଣ?**

କେନ୍ଦ୍ର ବଜେଟ ୨୦୨୨-୨୩ରେ ମଧ୍ୟବିତ୍ତଙ୍କ ପାଇଁ ବିଶେଷ କିଛି ସୁବିଧା ନାହିଁ। କୋଭିଡ୍ ଲକ୍‌ଡାଉନ୍ ଯୋଗୁ ଅନେକ ଜିନିଷର ବଜାର ଦର ବୃଦ୍ଧି ପାଇଛି। ପେଟ୍ରୋଲ ଦର ଆକାଶଛୁଆଁ ହୋଇଥିବାବେଳେ ଗାଡ଼ିଗୁଡ଼ିକର ମୂଲ୍ୟରେ ୩୦ ପ୍ରତିଶତ ବୃଦ୍ଧି ହୋଇଛି। ଫଳରେ ଜନସାଧାରଣ ନୂଆ ଗାଡ଼ି କିଣିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ବର୍ତ୍ତମାନ ସ୍ଥିତିରେ ସରକାର ଅଟୋମୋବାଇଲ୍ କ୍ଷେତ୍ରକୁ ଜିଏସ୍‌ଟିରେ ରିହାତି ଦେବା ଜରୁରୀ ହୋଇପଡ଼ିଛି। ଏହାଦ୍ୱାରା ଗ୍ରାହକମାନେ ନୂଆ ଗାଡ଼ି କିଣିବାକୁ ଆଗ୍ରହ ପ୍ରକାଶ କରିବେ।

**❖ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଆପଣଙ୍କ କି ଯୋଜନା ରହିଛି?**

ବଜାଜ କମ୍ପାନୀ ଯାହା ଯୋଜନା କରିବ, ଆମେ ତାହା କରିବୁ। ମୁଖ୍ୟତଃ ଆଗାମୀ ଦିନ ପାଇଁ ଇଲେକ୍ଟ୍ରିକ୍ ବାଇକ୍ ଉପରେ ଫୋକସ୍ ରହିବ। ବର୍ତ୍ତମାନ ବଜାରରେ ବିଏସ୍-୬ ଚାଲୁଛି। କିନ୍ତୁ ଇଲେକ୍ଟ୍ରିକ୍ ଗାଡ଼ିର ମୂଲ୍ୟ ଅଧିକ ରହିଛି। ତେଣୁ ସରକାର ଗ୍ରାହକମାନଙ୍କୁ କିଛି ରିହାତି ଦେବା ସହିତ ସଚେତନ କରିବା ଆବଶ୍ୟକ। ଏଥିସହିତ ରାସ୍ତା ଏବଂ ପେଟ୍ରୋଲ୍ ପମ୍ପ୍‌ଗୁଡ଼ିକରେ ଚାର୍ଜିଂ ପଏଣ୍ଟ ସ୍ଥାପନ କଲେ ଇଲେକ୍ଟ୍ରିକ୍ ବାଇକ୍‌ର ବ୍ୟବହାର ସୁବିଧାଜନକ ହୋଇପାରିବ।

# ଏମ୍ସରେ ବାର୍ଦ୍ଧକ୍ୟ ରୋଗ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର କ୍ଲିନିକ୍

**ଭୁବନେଶ୍ୱର, ୩।୩(ବ୍ୟୁରୋ)**




### ■ ପ୍ରତି ମଙ୍ଗଳବାର ଅପରାହ୍ନ ୨ ରୁ ୫ ପର୍ଯ୍ୟନ୍ତ ମିଳିବ ସେବା

ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇଛି ଏମ୍ସ ଭୁବନେଶ୍ୱର। ବାର୍ଦ୍ଧକ୍ୟ ରୋଗଜନିତ ଚିକିତ୍ସା ନିମନ୍ତେ ଏମ୍ସର ମେଡିସିନ୍(ଭେଷଜ) ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର କ୍ଲିନିକ୍ ସେବା ଆରମ୍ଭ କରାଯାଇଛି। ଏହା ସପ୍ତାହର ପ୍ରତି ମଙ୍ଗଳବାର ଅପରାହ୍ନ ୨ ଟାରୁ ୫ ଟା ପର୍ଯ୍ୟନ୍ତ ସେବା ଯୋଗାଇବ। ବିଭାଗର ଅତିରିକ୍ତ ପ୍ରଫେସର ଡା. ରଶ୍ମି ରଞ୍ଜନ ମହାନ୍ତି ଏହି କ୍ଲିନିକର ମୁଖ୍ୟ ଭାବେ କାର୍ଯ୍ୟ ତୁଲାଇବେ। ଏ ସମ୍ପର୍କରେ ଡା. ମହାନ୍ତି କହିଛନ୍ତି, ଏହି କ୍ଲିନିକ ବାର୍ଦ୍ଧକ୍ୟଜନିତ ରୋଗର ସାମଗ୍ରିକ ଚିକିତ୍ସା କ୍ଷେତ୍ରରେ ବିଶେଷ ସହାୟକ ହେବ। ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବାକୁ ଆଦୌ ଅଣଦେଖା କରିବା ଉଚିତ୍ ନୁହେଁ ବୋଲି କୋଭିଡ୍ ମହାମାରୀ ସମୟରେ ଏହା ସ୍ପଷ୍ଟ ହୋଇଛି। ୨୦୩୧ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ପ୍ରାୟ ୧୩.୧ ପ୍ରତିଶତ ବରିଷ୍ଠ ନାଗରିକଙ୍କ ଦ୍ୱାରା ପୂର୍ଣ୍ଣ ହେବ। ତେଣୁ ସେମାନଙ୍କ ଚିକିତ୍ସା ତଥା ସ୍ୱାସ୍ଥ୍ୟସେବାକୁ ଏମ୍ସ ଭୁବନେଶ୍ୱର ଗୁରୁତ୍ୱର ସହିତ ନେଇ ଏପରି ସେବା ଆରମ୍ଭ କରିଛି। ଏହି କ୍ଲିନିକ୍ ମାଧ୍ୟମରେ ବରିଷ୍ଠ ନାଗରିକଙ୍କ ମଧୁମେହ, ଉଚ୍ଚ ରକ୍ତଚାପ, ମୋଟାପଣ, କୋଷ୍ଠକାଠିନ୍ୟ, ସିଓପିଡି, ହୃଦ୍‌ଜନିତ, ବୃକ୍କ ଏବଂ ମାନସିକ ରୋଗ ଭଳି ବିଭିନ୍ନ ସମସ୍ୟାର ସମାଧାନ କରାଯାଇ ପାରିବ ବୋଲି ଡା. ମହାନ୍ତି ସୂଚନା ଦେଇଛନ୍ତି।

ଏହି ଅବସରରେ ଜେରିଆଟ୍ରିକ୍ ଯତ୍ନର ବିଭିନ୍ନ ଦିଗ ଉପରେ ଆଲୋଚନା ପାଇଁ ଏକ ୱେବିନାର ଆୟୋଜନ କରାଯାଇଥିଲା। କ୍ରମବର୍ଦ୍ଧିଷ୍ଣୁ ସହରୀକରଣ ଓ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ବାର୍ଦ୍ଧକ୍ୟଜନିତ ରୋଗର ଚିକିତ୍ସା କ୍ଷେତ୍ରରେ ଏକ ପ୍ରମୁଖ ଆହ୍ୱାନ ପାଲଟିଛି। ଏମ୍ସ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ଜେରିଆଟ୍ରିକ୍ କେୟାର କ୍ଲିନିକ୍ ଆରମ୍ଭ ହେବା ଦ୍ୱାରା ରାଜ୍ୟବାସୀଙ୍କ ପାଇଁ ନିହାତି ଉତ୍ସାହଜନକ ବୋଲି ବିଶିଷ୍ଟ ଚିକିତ୍ସକ ତଥା ଏମ୍ସ ଦିଲ୍ଲୀ ଜେରିଆଟ୍ରିକ୍ ବିଭାଗର ପ୍ରତିଷ୍ଠାତା ପ୍ରଫେସର ଡା. ଏ.ବି. ଦେ କହିଛନ୍ତି। ଏମ୍ସ ଭୁବନେଶ୍ୱର ମେଡିସିନ ବିଭାଗର ଡା. ଅନୁପମା ବେହେରା ଓ ଡା. ଧୃତୀ ସୁନ୍ଦର ଦାଶ ମଧ୍ୟ ଏହି ସ୍ୱତନ୍ତ୍ର କ୍ଲିନିକରେ କାର୍ଯ୍ୟ କରିବେ ବୋଲି ସୂଚନା ଦିଆଯାଇଛି।

# ସଚେତନତା ସତ୍ତ୍ୱେ ବଢ଼ୁଛି ସାଇବର ଅପରାଧ

**ଭୁବନେଶ୍ୱର,୩।୩(ବ୍ୟୁରୋ)**

### ମାସକରେ ଲୁଟିଲେ ୧.୩୯ କୋଟି

### ■ ଫେରିଛି ମାତ୍ର ୧୦ ଲକ୍ଷ ୫୨ ହଜାର

ଦିନକୁ ଦିନ ସାଇବର ଠକଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ସରକାର ଏବଂ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ସାଇବର ଠକଙ୍କ ଜାଲରେ ପଡ଼ି ସେମାନେ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ଗତ ଜାନୁୟାରୀ ମାସରେ ରାଜଧାନୀରୁ ୧ କୋଟି ୩୧ ଲକ୍ଷ ୨୫ ହଜାର ୩୦ ଟଙ୍କା ଠକେଇ ହୋଇଥିବାବେଳେ ଫେବୃୟାରୀରେ ଠକେଇର ପରିମାଣ ବଢ଼ିଛି ଥିବା ଜଣାପଡ଼ିଛି। ଭୁବନେଶ୍ୱର ସାଇବର୍ କ୍ରାଇମ ହେଲ୍ପ ଡେସ୍କ ପକ୍ଷରୁ ଗୁରୁବାର ମିଳିଥିବା ରିପୋର୍ଟ ଅନୁସାରେ ଫେବୃୟାରୀରେ ଭୁବନେଶ୍ୱରରୁ ସାଇବର ଠକମାନେ ୧ କୋଟି ୩୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ହେଲ୍ପ ଡେସ୍କ ଓ ଅର୍ଥନୈତିକ ଅପରାଧ ଥାନାର ମିଳିତ ଉଦ୍ୟମରେ ଜାନୁୟାରୀରେ ଠକେଇ ହୋଇଥିବା ଟଙ୍କାରୁ ମାତ୍ର ଅଳ୍ପ ଟଙ୍କା ଫେରାଇ ଅଣାଯାଇ ପାରିଛି।



ରିପୋର୍ଟ ଅନୁଯାୟୀ, ଫେବୃୟାରୀରେ ହେଲ୍ପ ଡେସ୍କକୁ ସାରା ଓଡ଼ିଶାରୁ ୨୮୮ କଲ୍ ଆସିଛି। ସେଥିମଧ୍ୟରୁ ଭୁବନେଶ୍ୱରରୁ କେବଳ ୨୫୪ ହୋଇଥିବାବେଳେ ରାଜ୍ୟର ଅନ୍ୟାନ୍ୟ ଜିଲାରୁ ୩୪ ଅଭିଯୋଗ ଆସିଛି। କେବଳ ଭୁବନେଶ୍ୱରରୁ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଠକେଇ ସମ୍ପର୍କୀୟ ୯୪ ଅଭିଯୋଗ, କ୍ରେଡିଟ କାର୍ଡ/ ଡେବିଟ୍ କାର୍ଡ ଦ୍ୱାରା ୯୭ ଏବଂ ଅନ୍ୟାନ୍ୟ ଠକେଇ ସମ୍ବନ୍ଧୀୟ ୬୩ କଲ୍ ଆସିଛି। ଭୁବନେଶ୍ୱରରୁ ସାଇବର ଠକମାନେ ୧ କୋଟି ୩୯ ଲକ୍ଷ ୬୦ହଜାର ୪୭୯ ଟଙ୍କା ଲୁଟିଥିବାବେଳେ ହେଲ୍ପ ଡେସ୍କ ଓ ସାଇବର ଥାନା ପକ୍ଷରୁ ମାତ୍ର ୧୦ଲକ୍ଷ ୫୨ ହଜାର ୮୦୨ ଟଙ୍କା ଉଦ୍ଧାର କରାଯାଇଛି। ସେହିପରି ଠକେଇ ହୋଇଥିବା ୧୨ଲକ୍ଷ ୭୩ ହଜାର ୪୮୩ ଟଙ୍କା ବ୍ଲକ କରାଯାଇଥିବାବେଳେ ସାଇବର ସୁରକ୍ଷା ପୋର୍ଟାଲ ଦ୍ୱାରା ୬୪ଟି ନମ୍ବରକୁ ବ୍ଲକ କରାଯାଇଛି। ଏନେଇ ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାରେ ୬ଟି ମାମଲା ରୁଜୁ କରାଯାଇଛି। ଏହିକ୍ରମରେ ୩ଜଣ ଅଭିଯୋଗକାରୀଙ୍କ ଠକେଇ ହୋଇଥିବା ୧ଲକ୍ଷ ୧୫ହଜାର ୨୬୫ ଟଙ୍କା, ୧ ଲକ୍ଷ ୧୫ହଜାର ୫୦୦ ଟଙ୍କା ଓ ୧ ଲକ୍ଷ ଟଙ୍କା ଲେଖାଏ ଫେରସ୍ତ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ– ଯାହା ନ କହିବା ଉଚିତ ସେସବୁ କହିପକାଏ– ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ । –ଶ୍ରୀମା



# ମ୍ୟୁନିକ୍‌ରୁ ମସ୍କୋ



ପିଟର ସିଙ୍ଗର

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ୟୁକ୍ରେନ୍ ଆକ୍ରମଣ ପଛରେ କୌଣସି ବାସ୍ତବତା ନ ଥିଲା । ତେବେ ଡୋନବାସ୍ ଅଞ୍ଚଳରେ ରୁଷୀୟ ଭାଷାଭାଷୀ ଲୋକଙ୍କ ବିରୋଧରେ ସଂଗଠିତ ଗଣହତ୍ୟାକୁ ନେଇ ଏହି ଯୁଦ୍ଧର ଆବଶ୍ୟକତା ରହିଥିବା ପୁଟିନ୍ ଯୁକ୍ତି ବାଢ଼ନ୍ତି ବୋଲି ଅନେକ କହନ୍ତି । ତାଙ୍କର ଏହି ଯୁକ୍ତି ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ହିଟ୍‌ଲର ଚେକୋସ୍ଲୋଭାକିଆକୁ ଧ୍ୱଂସ କରିବା ଲାଗି ଆପଣାଇଥିବା ରଣନୀତିକୁ ମନେପକେଇଦିଏ । ଜର୍ମାନୀ ସାମ୍ରାଜ୍ୟର ସୀମାନ୍ତବର୍ତ୍ତୀ ଜର୍ମାନ ଭାଷାଭାଷୀ ଜିଲାଗୁଡ଼ିକରେ ଚେକୋସ୍ଲୋଭାକିଆକୁ ମିଶାଇବା ପାଇଁ ହିଟଲର ତାକୁ ଆକ୍ରମଣ କରିବାର ଧମକ ଦେଇଥିଲେ । ଏଭଳି ଏକ ଭୟଙ୍କର ଯୁଦ୍ଧର ନରସଂହାରକୁ ଏଡ଼ାଇବା ଲାଗି ଇଂଲଣ୍ଡ, ଫ୍ରାନ୍ସ ଏବଂ ଇଟାଲୀ ହିଟଲରଙ୍କ ଦାବିକୁ ୧୯୩୮ ମ୍ୟୁନକ୍ ସମ୍ମିଳନୀରେ ସ୍ୱୀକାର କରିଥିଲେ । ସେହି କାରଣରୁ ହିଟଲର ଆକ୍ରମଣ କରିବାର କୌଣସି କାରଣ ନ ଥିଲା । କିନ୍ତୁ ୬ ମାସ ମଧ୍ୟରେ ନାଜିମାନେ ମ୍ୟୁନିକ୍ ଚୁକ୍ତି ଉଲ୍ଲଂଘନ କରି ଚେକୋସ୍ଲୋଭାକିଆରେ ବୋହେମିଆ ଏବଂ ମୋରାଭିଆ ଦୁଇଟି ସଂରକ୍ଷିତ ରାଜ୍ୟ ପ୍ରତିଷ୍ଠା କଲେ । ନିଜ ନିୟନ୍ତ୍ରଣାଧୀନ ତଥା ନାମକୁ ମାତ୍ର ରାଜ୍ୟ ରୂପେ ସ୍ଲୋଭାକ ସୃଷ୍ଟି କଲେ । ତା'ପରେ ହିଟ୍‌ଲର ପୋଲାଣ୍ଡର ଏକ ଭାଗ ନେବା ଲାଗି ଦାବି କଲେ । ଠିକ୍ ସମାନ ଢଙ୍ଗରେ ପୁଟିନ ୟୁକ୍ରେନ୍ ଆକ୍ରମଣ ଆରମ୍ଭ କଲେ । କ୍ରିମିଆ ଦଖଲ କରି ୨୦୧୪ରେ ରୁଷୀୟ ଭାଷାଭାଷୀ ପୂର୍ବ ଡୋନବାସ ଅଞ୍ଚଳରେ ରୁଷିଆ ଦୁଇଟି ଛୋଟ ରାଜ୍ୟ ଗଠନ କଲା । ଏହା ଥିଲା ବୁଦାପେଷ୍ଟ ମେମୋରାଣ୍ଡମ୍ ଅନ୍ ସିକ୍ୟୁରିଟି ଆସ୍ୟୁରାନ୍ସର ଖୋଲା ଉଲ୍ଲଂଘନ । ଏହି ଚୁକ୍ତି ମୁତାବକ ବେଲାରୁଷ, କାଜାକ୍‌ସ୍ତାନ ସମେତ ୟୁକ୍ରେନ୍ ସୋଭିଏଟ୍ ସଂଘଠୁ ପାଇଥିବା ଆଣବିକ ଅସ୍ତ୍ର ଓ କାର୍ଯ୍ୟକ୍ରମରୁ ଦୂରେଇ ରହିବେ । ଅନ୍ୟପକ୍ଷେ ଏହି ତିନି ଦେଶର ସାର୍ବଭୌମ ଓ ସ୍ୱାଧୀନତା ରକ୍ଷା କରିବା ଲାଗି ରୁଷିଆ, ଇଂଲଣ୍ଡ ଏବଂ ଆମେରିକା ଆଶ୍ୱାସନା ଦେଇଥିଲେ । ହିଟ୍‌ଲର ଭର୍ସାଇଲିଜ ଚୁକ୍ତି ଉଲ୍ଲଂଘନ କରିବାବେଳେ ଇଂଲଣ୍ଡ ଓ ଫ୍ରାନ୍ସ ଯେଭଳି ଦୃଢ଼ ପଦକ୍ଷେପ ଗ୍ରହଣ କରି ନ ଥିଲେ ଠିକ୍ ସେହିଭଳି ରୁଷିଆ କ୍ରିମିଆକୁ ଆକ୍ରମଣ କରି ନିଜ ଦେଶରେ ମିଶାଇବା ଏବଂ ଡୋନବାସ୍‌ରେ ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହିତ କରିବାବେଳେ କୌଣସି ଦେଶ ଗମ୍ଭୀର ପଦକ୍ଷେପ ନେଲେ ନାହିଁ ।

ଚେକୋସ୍ଲୋଭାକିଆର ସୁଡେଟେନ୍‌ଲ୍ୟାଣ୍ଡ ପାଇଁ ହିଟ୍‌ଲର ଦାବି କରି କହିଥିଲେ ଯେ, ୟୁରୋପରେ ତାହା ତାଙ୍କର ଶେଷ ଦାବି । କିନ୍ତୁ ଯେଉଁମାନେ ତାଙ୍କ 'ମେନ କ୍ୟାମ୍ପ୍' ବା ମୋ ସଂଘର୍ଷ ବହି ପଢିଥିବେ, ସେମାନେ ପୂର୍ବ ୟୁରୋପରେ ଜର୍ମାନୀ ସାମ୍ରାଜ୍ୟବାଦ ପ୍ରତିଷ୍ଠା କରିବାରେ ତାଙ୍କ ଲାଳସାକୁ ଜାଣିପାରିଥିବେ । ସେହିଭଳି ସୋଭିଏଟ୍ ସଂଘ ପତନକୁ ଏକ ବିପର୍ଯ୍ୟୟ ରୂପେ ବର୍ଣ୍ଣନା କରିଥିବା ପୁଟିନଙ୍କୁ ଆମେ ସନ୍ଦେହ କରିବାର ଯଥାର୍ଥତା ରହିଛି । ସେ ମଧ୍ୟ ମୂଳ ସୋଭିଏଟ୍ ଅଞ୍ଚଳ ଉପରେ ରୁଷିଆର ପ୍ରଭାବ ରଖିବାକୁ ଚାହିଁଛନ୍ତି । ଯଦି ପୁଟିନ ୟୁକ୍ରେନ୍ ଦଖଲରୁ ବିରତ ରହି ତାହାକୁ ନିଜ ନିୟନ୍ତ୍ରଣାଧୀନ ଅଞ୍ଚଳ କରନ୍ତି, ତେବେ ପୂର୍ବରୁ ସୋଭିଏଟ୍ ସଂଘର ଅଂଶ ଥିବା ଏଷ୍ଟୋନିଆ ଏବଂ ଲାଟଭିଆର ପାଳି ଆଗକୁ ପଡ଼ିବନି ତ ?

ପୁଟିନଙ୍କ ପାଇଁ ଏବେ ଏକ ଅନୁକୂଳ ସ୍ଥିତି ରହିଛି ଯାହା ହିଟ୍‌ଲରଙ୍କ ଭାଗ୍ୟରେ ନ ଥିଲା । ତାହା ହେଉଛି ଆଣବିକ ଅସ୍ତ୍ର । ରୁଷିଆର ୟୁକ୍ରେନ୍ ଆକ୍ରମଣ ମଧ୍ୟରେ ଯେଉଁ ଦେଶଗୁଡ଼ିକ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିବେ, ସେମାନେ ଏହାର ଗମ୍ଭୀର ପରିଣାମ ଭୋଗ କରିବେ ବୋଲି ପୁଟିନ ଚେତାବନୀ ଦେଇଛନ୍ତି । ନିକଟରେ ୟୁକ୍ରେନ୍ ଆକ୍ରମଣ କରିବା ପୂର୍ବରୁ ଆଣବିକ ଅସ୍ତ୍ର କ୍ଷମତାସମ୍ପନ୍ନ କ୍ଷେପଣାସ୍ତ୍ର ପରୀକ୍ଷା କରି ପରିଣାମ ଯେ କେତେ ଭୟଙ୍କର ହେବ, ତାହା ସେ ଚେତାଇ ଦେଇଛନ୍ତି । ଆକ୍ରମଣ ଆରମ୍ଭ କରିବାର ୪ ଦିନ ପରେ ସେ ଆଣବିକ ଫୋର୍ସକୁ ମଧ୍ୟ ସତର୍କ କରିଦେଇଛନ୍ତି । ଏସବୁ ପରେ କେମିତି ପୁଟିନ୍‌ଙ୍କୁ ରୋକିହେବ ? ଆର୍ଥିକ କଟକଣା ଜାରି ହୋଇଛି, ରୁଷିଆ ବିମାନ ପାଇଁ ବାୟୁ ସୀମା ବନ୍ଦ କରାଯାଇଛି । ରୁଷୀୟ ସାମଗ୍ରୀଗୁଡ଼ିକୁ ବର୍ଜନ କରିବା ଆରମ୍ଭ ହୋଇଛି । ଏହାବାଦ୍ ବିଶେଷକରି ପଡ଼ୋଶୀ ଦେଶ ପୋଲାଣ୍ଡ ମଧ୍ୟ ରୁଷିଆ ଟ୍ରକ୍‌ଗୁଡ଼ିକ ପାଇଁ ସଡ଼କପଥ ବନ୍ଦ କରିବା ଦରକାର । ଏହି ପଦକ୍ଷେପଗୁଡ଼ିକ ନିଶ୍ଚିତ ଭାବେ ରୁଷିଆ ନାଗରିକମାନଙ୍କର ବ୍ୟାପକ କ୍ଷତି କରିବ । ତେବେ ଏସବୁ ବ୍ୟତୀତ ପୁଟିନଙ୍କୁ ଯୁଦ୍ଧ ବନ୍ଦ କରିବାର ଆଉ କିଛି ବାଟ ରହିଛି କି?

ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଯୁଦ୍ଧର ମୁକାବିଲା କରିବା ଲାଗି ଏବେ ସୁଦ୍ଧା କ୍ୟିଭରେ ରହି ରୁଷୀୟ ସେନାଙ୍କ ପ୍ରତିରୋଧ କରିବା ଲାଗି ଲୋକଙ୍କୁ ଏକାଠି ହେବାକୁ କହୁଛନ୍ତି । ଯଦି ସେମାନେ ରୁଷୀୟ ସେନାର ଅତ୍ୟଧିକ କ୍ଷତି କରିପାରିବେ, ତେବେ ତାହା ଯୁଦ୍ଧ ବନ୍ଦ କରିବା ଲାଗି ପୁଟିନଙ୍କୁ ବାଧ କରିବ । କିନ୍ତୁ ରୁଷିଆ ଏହି ଯୁଦ୍ଧ ଜିତିବା ନିଶ୍ଚିତ ବୋଲି ମିଲିଟାରି ବିଶେଷଜ୍ଞ ବିଶ୍ୱାସ କରୁଛନ୍ତି । ସମ୍ଭବତଃ ଏହାକୁ ବିଚାରକୁ ନେଇ ଜେଲେନ୍‌ସ୍କି ଯୁଦ୍ଧ ବନ୍ଦ କରିବାକୁ ରୁଷିଆ ଲୋକମାନଙ୍କୁ କହିଛନ୍ତି । ବହୁ ରୁଷୀୟ ନାଗରିକ ଏହା କରିବାକୁ ବି ଚେଷ୍ଟା କରୁଛନ୍ତି । ଯୁଦ୍ଧ ଘୋଷଣା ହେବା ପରଠାରୁ ମସ୍କୋ ସମେତ ରୁଷିଆରେ ପାଖାପାଖି ୫୫ଟି ସହରରେ ଯୁଦ୍ଧବିରୋଧୀ ପ୍ରତିବାଦ ଦେଖିବାକୁ ମିଳିଛି । ଏକ ସ୍ୱାଧୀନ ନିରୀକ୍ଷଣକାରୀ ସଂସ୍ଥା ଅନୁଯାୟୀ, ବିନା ଅନୁମତିରେ ଯୁଦ୍ଧ ବିରୋଧୀ ଆନ୍ଦୋଳନରେ ଭାଗ ନେଇଥିବା ୫,୦୦୦ ଲୋକଙ୍କୁ ଗିରଫ କରାଯାଇଛି । ହେଲେ ପ୍ରତିବାଦ ଜାରି ରଖିଛନ୍ତି । ଏହି ଲେଖା ପ୍ରସ୍ତୁତ ହେବା ସମୟରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ସାହସୀ ରୁଷୀୟ 'ଯୁଦ୍ଧ ବନ୍ଦ କର' ପିଟିଶନରେ ସ୍ୱାକ୍ଷର କରିଛନ୍ତି । ଏତିକିରେ ପ୍ରତିବାଦ ଅଟକି ଯାଇନାହିଁ । ୨୦୨୧ ନୋବେଲ ଶାନ୍ତି ପୁରସ୍କାର ବିଜେତା ତଥା ନୋଭୟା ଗେଜେଟର ସମ୍ପାଦକ ଡିମିଟ୍ରି ମୁରାଟୋଭ ଯୁଦ୍ଧ ବିରୋଧରେ ସ୍ୱର ଉଠାଇବା ଲାଗି ଆହ୍ୱାନ ଦେଇ ଏକ ଭିଡିଓ ପୋଷ୍ଟ କରିଛନ୍ତି । ସେଥିରେ ସେ କହିଛନ୍ତି ଯେ, ରୁଷିଆ ନାଗରିକମାନଙ୍କ ଯୁଦ୍ଧବିରୋଧୀ ଅଭିଯାନ ହିଁ କେବଳ ପୃଥିବୀରେ ଜୀବନ ବଞ୍ଚାଇପାରିବ । ରୁଷିଆ ସରକାରଙ୍କ ଦ୍ୱାରା ପରିଚାଳିତ ମେୟରହୋଲ୍ଡ ଥିଏଟର ସେଣ୍ଟରର ନିର୍ଦ୍ଦେଶିକା ମେୟେଲିନା କୋଭାଲ୍‌ସ୍କାୟା ୟୁକ୍ରେନ୍ ଆକ୍ରମଣକୁ ବିରୋଧ କରି ଇସ୍ତଫା ଦେଇଛନ୍ତି । ଜଣେ ହତ୍ୟାକାରୀଙ୍କ ପାଇଁ କାମ କରି ତାଙ୍କଠାରୁ ଦରମା ନେବା ଅସମ୍ଭବ ବୋଲି ସେ କହିଛନ୍ତି । ୧୫୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ଏବଂ ସାଇନ୍ସ ଜର୍ନାଲିଷ୍ଟଙ୍କ ସ୍ୱାକ୍ଷର ସମ୍ବଳିତ ଚିଠି ରୁଷିଆର ସାଇନ୍ସ ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଛି । ରୁଷିଆ ନିଜକୁ ଅନ୍ୟଠାରୁ ଅଲଗା ହେବା ଏବଂ ଏକ ଖରାପ ଓ କ୍ଷତିକାରକ ଦେଶ ଭାବେ ପରଚୟ ଦେବାରେ ନିଜେ ଦାୟୀ ଓ ଏହା ନିନ୍ଦନୀୟ ବୋଲି ସେଥିରେ ଦର୍ଶାଯାଇଛି । ଅନେକ ସହରରେ ସମାନ ସଂଖ୍ୟକ ମ୍ୟୁନିସିପାଲ ଡେପୁଟିମାନେ ମଧ୍ୟ ଆକ୍ରମଣକୁ ନିନ୍ଦା କରି ତାହାକୁ ଏକ କ୍ରୂର ଅତ୍ୟାଚାର ଭାବେ ଚିଠିରେ ଦର୍ଶାଇଛନ୍ତି । ଏହା ସହ ସେମାନଙ୍କ ସାମ୍ନାରେ ରୁଷିଆରେ ଏକ ଉତ୍ତମ ଜୀବନର ଆଶା ଚୂର୍‌ମାର ହୋଇଯାଉଛି ବୋଲି କହିଛନ୍ତି ।

ଏଭଳି ଏକ ଅନ୍ୟାୟ ଯୁଦ୍ଧ ବନ୍ଦ କରିବା ଲାଗି ୟୁକ୍ରେନ୍‌ରେ ରୁଷିଆର ସୈନ୍ୟମାନଙ୍କ କିଛି କରିବା ଦରକାର । ତେବେ କେତେକ ସୈନ୍ୟ ୟୁକ୍ରେନ ଯିବାକୁ ମନା କରିଦେଇଥିବା ଏକ ଅସମର୍ଥିତ ରିପୋର୍ଟରୁ ଜଣାପଡିଛି । ଯଥେଷ୍ଟ କାରଣ ନ ଥାଇ ଲୋକମାନଙ୍କୁ ମାରିବା ହିଁ ଏକ ପ୍ରକାର ମର୍ଡର ବା ହତ୍ୟା । ଯଦି ରୁଷିଆ ସୈନ୍ୟମାନେ ନିର୍ଦ୍ଦେଶ ମାନି ୟୁକ୍ରେନ୍ ଆକ୍ରମଣରେ ଘାତକ ଅସ୍ତ୍ର ପ୍ରୟୋଗ କରନ୍ତି, ତେବେ ସେମାନେ ଲୋକଙ୍କୁ ହତ୍ୟା କରିବାକୁ ଯାଉଛନ୍ତି ବୋଲି ବୁଝିବାକୁ ପଡ଼ିବ । ହିଟ୍‌ଲରଙ୍କ ନିର୍ଦ୍ଦେଶ ମାନିଥିବା ସୈନ୍ୟମାନଙ୍କୁ ଯେମିତି କ୍ଷମା ନାହିଁ ସେମିତି ପୁଟିନ୍‌ଙ୍କ ନିର୍ଦ୍ଦେଶ ପାଳନ କଲେ ରୁଷୀୟ ସେନାଙ୍କୁ ବି କ୍ଷମା ନାହିଁ । ଏବେଠାରୁ ଆଗକୁ ଯେତେଦିନ ପୁଟିନ ରୁଷିଆର ରାଷ୍ଟ୍ରପତି ରହିବେ ବିଶ୍ୱ ରୁଷିଆକୁ ନ୍ୟୂନ ଦୃଷ୍ଟିରେ ଦେଖିବ ।

ଆହୁରି କଠୋର କଟକଣା ନିଶ୍ଚିତ କରି ଏକ ଉତ୍ତମ ଜୀବନର ଆଶା ଧୂଳିସାତ ହୋଇଯାଉଛି ବୋଲି ରୁଷୀୟମାନଙ୍କୁ ଦେଖାଇଦେବାକୁ ପଡ଼ିବ । ବିରୋଧକୁ ତୀବ୍ର କରିବାକୁ ପଡ଼ିବ । ହେଲେ ଯେଉଁମାନେ ଯୁଦ୍ଧକୁ ବିରୋଧ କରୁଛନ୍ତି , ସେମାନଙ୍କ ପ୍ରତି ଅନ୍ୟାୟ କରାଯାଉଛି । ତେବେ ପୁଟିନ୍‌ଙ୍କୁ ବଦଳାଇ ନୈତିକ ସିଦ୍ଧାନ୍ତ ଓ ଅନ୍ତର୍ଜାତୀୟ ନିୟମକୁ ମାନିବାକୁ ପ୍ରସ୍ତୁତ ଥିବା ଜଣେ ନେତାଙ୍କୁ ଆଣିବାକୁ ସେମାନେ କେମିତି ବା ଆଶା କରିବେ ।

**ପ୍ରାଧ୍ୟାପକ, ବାୟୋଏଥିକ୍ସ, ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟ**

# କାର୍ଯ୍ୟସ୍ଥଳୀରେ ଶ୍ରମିକଙ୍କ ସୁରକ୍ଷା

## ଜାତୀୟ ସୁରକ୍ଷା ଦିବସ ଉପଲକ୍ଷେ



ଅନିଲ କୁମାର ନନ୍ଦ

ଭାରତରେ ମାର୍ଚ୍ଚ ୪ ତାରିଖକୁ ୧୯୭୨ ମସିହାରୁ ଜାତୀୟ ସୁରକ୍ଷା ଦିବସ ରୂପେ ପାଳନ କରାଯାଇ ଆସୁଅଛି । ସୁରକ୍ଷିତ କାର୍ଯ୍ୟ ପ୍ରତି କର୍ମଚାରୀ, ଶ୍ରମିକ ତଥା ସାଧାରଣ ଜନତାଙ୍କ ପ୍ରତିବଦ୍ଧତା ଏବଂ ସୁରକ୍ଷିତ କାର୍ଯ୍ୟ ସଂସ୍କୃତି ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ । ଏହି ବର୍ଷ ଆମେ ୫୧ତମ ସୁରକ୍ଷା ଦିବସ ପାଳନ କରୁଅଛୁ । ଏ ବର୍ଷର ବାର୍ତ୍ତା ହେଉଛି ସୁରକ୍ଷା ସଂସ୍କୃତିର ବିକାଶ ହେତୁ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରନ୍ତୁ ।

ଦ୍ରୁତ ଶିଳ୍ପାୟନ ଏବଂ ସୁଗମ ବ୍ୟବସାୟିକ ବାତାବରଣ ସଙ୍ଗେ ସଙ୍ଗେ କାର୍ଯ୍ୟସ୍ଥଳରେ ଶ୍ରମିକମାନଙ୍କ ସୁରକ୍ଷା ଏକ ପ୍ରମୁଖ ଆହ୍ୱାନ ରୂପେ ଉଭା ହୋଇଛି । ମାନବ ଜୀବନ ଅମୂଲ୍ୟ । ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରତିଟି ଶ୍ରମିକଙ୍କର ପରିବାର ପାଇଁ ଏକ ଅପୂରଣୀୟ କ୍ଷତି । ଅସୁରକ୍ଷିତ କାର୍ଯ୍ୟସ୍ଥଳ ଓ ଅସାବଧାନ କାର୍ଯ୍ୟ ହିଁ ମୁଖ୍ୟତଃ କାରଖାନାରେ ଘଟୁଥିବା ଦୁର୍ଘଟଣାଗୁଡ଼ିକର କାରଣ । ଶ୍ରମିକମାନଙ୍କ ମଧ୍ୟରେ ସୁରକ୍ଷା ସଚେତନତା, ବୈଷୟିକ ଜ୍ଞାନକୌଶଳ ଏବଂ ପ୍ରଶାସନିକ ନିୟନ୍ତ୍ରଣ ଦ୍ୱାରା କାରଖାନାରେ ଘଟୁଥିବା ଦୁର୍ଘଟଣାଗୁଡ଼ିକୁ ରୋକାଯାଇପାରିବ ।

ଆମ ରାଜ୍ୟରେ ୪୮୦୦ଟି ପଞ୍ଜୀକୃତ କାରଖାନା ରହିଛି ; ଯେଉଁଥିରେ ପ୍ରାୟ ୫, ୭୫,୦୦୦ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟରତ । କାରଖାନାଗୁଡ଼ିକରେ ଶ୍ରମିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ କାରଖାନା ଅଧିନିୟମ ୧୯୪୮ ତଥା ଓଡ଼ିଶା କାରଖାନା ନିୟମାବଳୀ, ୧୯୫୦ରେ ବ୍ୟବସ୍ଥା କରାଯାଇଛି । ରାଜ୍ୟ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ କାରଖାନାଗୁଡ଼ିକରେ ଉପରୋକ୍ତ ସୁରକ୍ଷା ନିୟମଗୁଡ଼ିକ ପାଳନର ତଦାରଖ କରିଥାନ୍ତି । କାରଖାନା ଅଧିନିୟମର ଧାରା ୭(କ)ଅନୁଯାୟୀ ପ୍ରତ୍ୟେକ ଶ୍ରମିକ ତଥା କର୍ମଚାରୀଙ୍କୁ ଏକ ସୁରକ୍ଷିତ ଏବଂ ସୁସ୍ଥ କାର୍ଯ୍ୟସ୍ଥଳ ଯୋଗାଇବା କାରଖାନା ମାଲିକମାନଙ୍କ ଦାୟିତ୍ୱ ଏବଂ ଧାରା ୪୧(ଜ) ପ୍ରତ୍ୟେକ ଶ୍ରମିକଙ୍କୁ ନିଜ ତଥା କାରଖାନାରେ ଅନ୍ୟ ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ମାଲିକଙ୍କୁ ଅବଗତ କରାଇବା ଅଧିକାର ଦେଇଥାଏ ।

ଆମ ରାଜ୍ୟରେ ବିଗତ ବର୍ଷଗୁଡ଼ିକରେ କାରଖାନାରେ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପମାନ ନେଇଛନ୍ତି । ଫଳସ୍ୱରୂପ ୨୦୦୯ରେ ୧୨୨ଟି ଦୁର୍ଘଟଣାଜନିତ ମୃତ୍ୟୁ ଘଟିଥିବାବେଳେ ଏହା ହ୍ରାସ ପାଇଁ ୨୦୨୧ରେ ୩୭ରେ ପହଞ୍ଚିପାରିଛି । ଏହା ଏକ ସଫଳ ରୂପାୟନ । କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ଏଥିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ରାଜ୍ୟ ସରକାର ଦୁର୍ଘଟଣା ରୋକିବା ନିମନ୍ତେ ୧୦ସୂତ୍ରୀ କାର୍ଯ୍ୟକ୍ରମର ଘୋଷଣା କରିଛନ୍ତି ଏବଂ କାରଖାନାଗୁଡ଼ିକ ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ତନ୍ମଧ୍ୟରେ ସୁରକ୍ଷା ମୋବାଇଲ ଆପ୍ ଅନ୍ୟତମ । ଏହା ମାଧ୍ୟମରେ କାରଖାନାରେ ଅସୁରକ୍ଷିତ କାର୍ଯ୍ୟଗୁଡ଼ିକ ବାବଦରେ ଶ୍ରମିକମାନେ ସହଜରେ ଉପରିସ୍ଥ କର୍ମଚାରୀ ଏବଂ ସୁରକ୍ଷାରେ ନିୟୋଜିତ ଅଧିକାରୀଙ୍କୁ ଅବଗତ କରିପାରୁଛନ୍ତି । ଏତଦ୍‌ବ୍ୟତୀତ ରାଜ୍ୟ ସରକାର ଦୁର୍ଘଟଣାଗୁଡ଼ିକର ଅନ୍‌ଲାଇନ୍ ରିପୋର୍ଟିଂ ଏବଂ ଏଗୁଡ଼ିକର କାରଣ ବିଶ୍ଳେଷଣ, ତ୍ୱରିତ୍ ପଦକ୍ଷେପ ପାଇଁ 'ଆକ୍ସିଡେଣ୍ଟ ମନିଟରିଂ ସିଷ୍ଟମ୍' ନାମକ ଏକ ଅନ୍‌ଲାଇନ୍ ପୋର୍ଟାଲ ମଧ୍ୟ କରିଛନ୍ତି । କାରଖାନା ଏବଂ ବାଷ୍ପିତ୍ର ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ପ୍ରତ୍ୟେକ ମାସରେ ଘଟୁଥିବା ଦୁର୍ଘଟଣାଗୁଡ଼ିକର ସମୀକ୍ଷା କରୁଛନ୍ତି । ଏହା ଦୁର୍ଘଟଣା ହ୍ରାସ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏତଦ୍‌ବ୍ୟତୀତ ନିର୍ଦ୍ଦେଶାଳୟ ୨୩ଟି ସେବାକୁ ସମ୍ପୂର୍ଣ୍ଣ ଅନ୍‌ଲାଇନ ପୋର୍ଟାଲ 'ରେଶ୍ରମ' ମାଧ୍ୟମରେ ଯୋଗାଉଛି । ଏହା ବ୍ୟବସ୍ଥାରେ ସ୍ୱଚ୍ଛତା, ପାରଦର୍ଶିତା ସଙ୍ଗେ ସଙ୍ଗେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେବା ଯୋଗାଇବାରେ ସହାୟକ ହୋଇଛି । କାରଖାନାଗୁଡ଼ିକରେ ସୁରକ୍ଷାକୁ ପ୍ରୋତ୍ସାହନ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ କାଟାଗୋରୀ ଉତ୍କୃଷ୍ଟ ସୁରକ୍ଷା ପୁରସ୍କାରର ବ୍ୟବସ୍ଥା ମଧ୍ୟ କରିଛନ୍ତି ।

**ସହ ନିର୍ଦ୍ଦେଶକ, କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ (ସୁରକ୍ଷା) ରାଜ୍ୟ ସରକାରଙ୍କ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ**

## ଏଇ ଭାରତରେ

ନଦିମ୍ ଶେହେଜାଦ ଓ ମହମ୍ମଦ ସୌଦ ଦୀର୍ଘ ୨୦ ବର୍ଷ ମଧ୍ୟରେ ଦିଲ୍ଲୀର ବିଭିନ୍ନ ସ୍ଥାନରୁ ପାଖାପାଖି ୧୦୦ ପ୍ରଜାତିର ୨୩,୦୦୦ ପକ୍ଷୀଙ୍କୁ ଉଦ୍ଧାର କରିପାରିଛନ୍ତି । ସେମାନେ ତାଙ୍କ ଘରେ ଏକ ଅସ୍ଥାୟୀ କ୍ଲିନିକ ଖୋଲି ସେଠାରେ ପକ୍ଷୀଙ୍କୁ ଚିକିତ୍ସା କରୁଛନ୍ତି । ପକ୍ଷୀମାନେ ସୁସ୍ଥ ହେବା ପରେ ସେମାନଙ୍କୁ ଛାଡି ଦେଉଛନ୍ତି । କ୍ଲିନିକରେ ତାଙ୍କୁ ଜଣେ ପ୍ରାଣୀ ଚିକିତ୍ସକ ସହଯୋଗ କରୁଛନ୍ତି । ବିଶେଷ କରି ସେମାନେ ଗୁଡ଼ିଉଡା ସମୟରେ ବେଶି ପକ୍ଷୀ ଉଦ୍ଧାର କରିଥା'ନ୍ତି । କିନ୍ତୁ ୨୦୧୭ରେ ମାଞ୍ଜାସୂତା ଉପରେ କଟକଣା ଲାଗିବାପରେ ଅହତ ପକ୍ଷୀଙ୍କ ସଂଖ୍ୟା କମିଛି ବୋଲି କହନ୍ତି ସୌଦ । ଦୁଇ ଭାଇ ମାଟ୍ରିକ୍ ପାସ୍ ପରେ ଘରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଆଉ ନ ପଢି ତାଙ୍କ ବାପାଙ୍କ ବାଥରୁମ୍ ଫିଟିଂ ଶପ୍‌ରେ କାମ କଲେ । ପରେ ପକ୍ଷୀ ଉଦ୍ଧାର କରିବା ସେମାନଙ୍କ ନିଶା ପାଲଟିଗଲା ଓ ଏଥିପାଇଁ ସେମାନେ 'ୱାଇଲ୍ଡ ଲାଇଫ ରେସ୍‌କ୍ୟୁ' ଏନ୍‌ଜିଓ ଖୋଲିଛନ୍ତି । ପକ୍ଷୀମାନଙ୍କ ଚିକିତ୍ସା ପାଇଁ ସେମାନଙ୍କ ଆୟରୁ ଖର୍ଚ୍ଚ କରୁଛନ୍ତି । ଏବେ ତାଙ୍କୁ ବିଭିନ୍ନ ଉତ୍ସରୁ ଆର୍ଥିକ ସାହାଯ୍ୟ ମିଳୁଛି । ଏପରିକି ସରକାରଙ୍କ ସହଯୋଗରେ ସେମାନେ ଆମେରିକାରୁ ପକ୍ଷୀ ଉଦ୍ଧାର ସମ୍ପର୍କିତ ପ୍ରଶିକ୍ଷଣ ନେଇଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୪ ମାର୍ଚ୍ଚ ୧୯୯୭

- ପୂର୍ବ ପାକିସ୍ତାନର ଖାନେୱାଲ ରେଳଷ୍ଟେଶନ ନିକଟରେ ଏକ ପାସେଞ୍ଜର ଟ୍ରେନ୍‌ର ବ୍ରେକ୍ ଫେଲ୍ ହେବା ଯୋଗୁ ଦୁର୍ଘଟଣା ଘଟି ୧୧୯ ମୃତ ।
- ଦକ୍ଷିଣ ଓ ମଧ୍ୟ ଆମେରିକାରେ ପ୍ରଳୟଙ୍କରୀ ଘୂର୍ଣ୍ଣିବାତ୍ୟାରେ ୩୫ ଜଣ ଲୋକଙ୍କର ପ୍ରାଣହାନି ।
- ଉଚ୍ଚକୋଟୀର ବୈଜ୍ଞାନିକ ଗବେଷଣା ପାଇଁ ଆଲ୍ଲାହାବାଦସ୍ଥିତ ମେହେଟ୍ଟା ଗଣିତ ଗବେଷଣା ପ୍ରତିଷ୍ଠାନର ପ୍ରଫେସର ଅଶୋକ ସେନ୍‌ଙ୍କୁ ବିରଳା ସମ୍ମାନ ପ୍ରଦାନ ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | | | | |
| | | | 6 | 3 | 7 | | | |
| | | | 2 | | | | | |
| | 2 | 3 | 7 | 8 | | 9 | | |
| | | 8 | | 6 | | | | 1 |
| | | | | | | 7 | 4 | |
| 3 | | | | | | 8 | | 2 |
| 2 | | 9 | | 4 | | | 3 | 6 |
| | 8 | | | | 3 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଥର ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 5 | 3 | 1 | 7 | 8 | 2 | 6 |
| 6 | 7 | 3 | 2 | 5 | 8 | 1 | 9 | 4 |
| 8 | 1 | 2 | 6 | 9 | 4 | 7 | 5 | 3 |
| 1 | 8 | 4 | 9 | 2 | 5 | 3 | 6 | 7 |
| 3 | 5 | 9 | 7 | 6 | 1 | 4 | 8 | 2 |
| 2 | 6 | 7 | 4 | 8 | 3 | 9 | 1 | 5 |
| 9 | 3 | 8 | 5 | 4 | 2 | 6 | 7 | 1 |
| 7 | 2 | 6 | 1 | 3 | 9 | 5 | 4 | 8 |
| 5 | 4 | 1 | 8 | 7 | 6 | 2 | 3 | 9 |

ଗତକାଲିର ଉତ୍ତର

# ବିବାହ ଓ ବିଜ୍ଞାନ



ଉପେନ୍ଦ୍ର ବିଶ୍ୱାଳ

ବିବାହ–ଏକ ସଂସ୍କାର, ଏକ ସାମାଜିକ ଦାୟିତ୍ୱବୋଧ । ମୁଖ୍ୟତଃ ଦୁଇଟି ଉଦ୍ଦେଶ୍ୟ ଚରିତାର୍ଥ କରିବାକୁ ବିବାହ ପରି ଏକ ଭବ୍ୟ ବ୍ୟବସ୍ଥା ତିଆରି ହୋଇଛି । ଗୋଟିଏ ହେଲା ସୃଷ୍ଟିର ପରିବ୍ୟାପ୍ତି ଓ ଅନ୍ୟଟି ହେଲା ସୁପ୍ରଜନନ । ସୁପ୍ରଜନନ ଅର୍ଥ ହେଲା ଭଲ ମଣିଷର ଚାରା ରୋପଣ । ଜମିରେ ଚାହୁଁଥିବା ଚାରାଟିଏ ବଦଳରେ ଯଦି ଆକସ୍ମିକ ଭାବେ ଅନୁପଯୋଗୀ ଚାରାଟିଏ ଉତ୍ପନ୍ନ ହୋଇଥାଏ, କ୍ଷେତରେ ତାହା କ୍ଷତି ପହଞ୍ଚାଇଥାଏ ; ସେମିତି ଆକାଂକ୍ଷିତ ସନ୍ତାନ ବଦଳରେ ଯଦି ଆକସ୍ମିକ ଭାବେ ଅନ୍ୟଟି ଜନ୍ମ ନିଏ, ତେବେ ତାହା ଆଗାମୀ ଦିନରେ ସମାଜ ପାଇଁ କ୍ଷତିର କାରଣ ହୋଇପାରେ । ଶୁଭ ସଂସ୍କାରଯୁକ୍ତ ମଣିଷ ଜନ୍ମ ନ ନେଲେ ଦୁନିଆ ରସାତଳକୁ ଯିବ ହିଁ ଯିବ । ବିବାହର ସଙ୍ଗତି ନ ରହିଲେ ସୁସ୍ଥ ସମାଜଟିଏ ପାଇବା କାଠିକର ପାଠ ହୋଇଯିବ । ଅର୍ଥାତ୍ ସଂସ୍କୃତି, ପରମ୍ପରା, ରୀତି–ନୀତି, ବିଚାର–ଭାବନା, ସମ୍ମାନବୋଧର ତାଳମେଳ ନ ଥାଇ ମିଳନ ଯୋଗୁ ଯେଉଁ ସନ୍ତାନ ଜନ୍ମ ନିଅନ୍ତି, ସେମାନେ ସୁସନ୍ତାନ ହେବାର ସମ୍ଭାବନା ନଥାଏ । ବ୍ୟକ୍ତିର ବୈଶିଷ୍ଟ୍ୟ ମାଆ–ବାପାଙ୍କ ଜେନେଟିକ୍ କ୍ରସ୍ ଓଭର ପଦ୍ଧତିରେ ହିଁ ଆସିଥାଏ । ମଣିଷର ପ୍ରତିଟି ବୈଶିଷ୍ଟ୍ୟ ପାଇଁ ଅଲଗା ଅଲଗା ଜିନ୍ ରହିଥାଏ । ବୈଜ୍ଞାନିକ ଗବେଷଣା ଅନୁଯାୟୀ, ମଣିଷ ଜାତିର ମୋଟ ୫୦ ହଜାର ଜିନ୍ ଥିବାର ଦେଖାଯାଏ । ଏଇ ଜିନ୍ ହେଉଛି ବଂଶଗତିର ଧାରକ ବା ବାହକ । ମଣିଷ ଜୀବନକୁ ପରିଚାଳିତ ଓ ନିୟନ୍ତ୍ରିତ କରିଥାଏ ବଂଶଗତ ଗୁଣ ବା 'ହେରିଡିଟି' । ପରେ ପରେ ପାରିପାର୍ଶ୍ୱିକ ଅବସ୍ଥା ଓ ଶିକ୍ଷା ମଧ୍ୟ ବ୍ୟକ୍ତିତ୍ୱ ନିର୍ମାଣରେ ଗୁରୁ ଭୂମିକା ଗ୍ରହଣ କରିଥାଏ । ପ୍ରଜନନ ବିଜ୍ଞାନ ଅନୁଯାୟୀ, ଉଚ୍ଚବର୍ଗର ପୁଅଟିଏ ନିମ୍ନବର୍ଗର ଝିଅକୁ ବିବାହ କଲେ ଉତ୍କୃଷ୍ଟ ସନ୍ତାନ ଜନ୍ମ ନେବା ସହିତ ସମାଜରେ ସାମାଜିକ ସଂହତି ଅତୁଟ ରୁହେ । ଉତ୍କୃଷ୍ଟ ଉଦାହରଣ ଭାବେ ଆମେ ନେଇପାରିବା ବିଶିଷ୍ଟ ଋଷି ପରାଶରଙ୍କ ସହିତ କୈବର୍ତ୍ତ କନ୍ୟା ସତ୍ୟବତୀ, ଭୀମଙ୍କ ସହିତ ହିଡ଼ିମ୍ବୀଙ୍କ ବିବାହ । ଫଳତଃ ସୁସନ୍ତାନ ଯଥାକ୍ରମେ ବ୍ୟାସଦେବ, ଘଟୋତ୍କଚ ଜନ୍ମ ନେଇଥିଲେ । ମାତ୍ର ଏହାର ବିପରୀତ ବ୍ୟବସ୍ଥା ସର୍ବଦା ବର୍ଜନୀୟ, ଯାହାକି ଅବୈଜ୍ଞାନିକ ମଧ୍ୟ । ଅର୍ଥାତ୍ ନିମ୍ନବର୍ଗର ପୁଅ ସହିତ ଉଚ୍ଚବର୍ଗ ଝିଅର ବିବାହ ସମୀଚୀନ ନୁହେଁ । ବିଜ୍ଞାନସମ୍ମତ ନଥିବା ଯୋଗୁ ଆମ ଶାସ୍ତ୍ର ମନୁ ସଂହିତା, ନାରଦ ପୁରାଣ ଆଦି ମଧ୍ୟ ତାହାକୁ ସ୍ୱୀକୃତି ଦେଇନାହିଁ । ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଅନୁଯାୟୀ ''ଯେତେ ଯାହା ଚାଷ କଲେ ବି ଯଦି ଭଲ ମଣିଷ ଚାଷ ନହୁଏ, ତେବେ ତାହା ମୂଲ୍ୟହୀନ । କାରଣ ଏହା ଦ୍ୱାରା ସୁସ୍ଥ ସମାଜ ଗଠନ ଖୁବ୍ କଷ୍ଟସାଧ । ଅତଏବ ସୁବିବାହ ବା ସଙ୍ଗତିପୂର୍ଣ୍ଣ ବିବାହ ବିଶେଷ ପ୍ରୟୋଜନ । ମଣିଷର ଅମଳ ସମୟସାପେକ୍ଷ ହୋଇପାରେ, ମାତ୍ର ସୁସ୍ଥ ସମାଜଟିଏ ଗଠନ ପାଇଁ ତାହା ଅନିବାର୍ଯ୍ୟ ।''

ପିଲାଟିଏ ହେଉଛି ବାପାଙ୍କ ବୀଜସତ୍ତାର ଦେବାୟିତ ରୂପ । ମାଆ ହେଉଛି ସେହି ବୀଜସତ୍ତାର ଧାରଣକର୍ତ୍ତ୍ରୀ ଓ ପୋଷଣଦାତ୍ରୀ । ପିତା–ମାତାଙ୍କ ଶୁକ୍ରାଣୁ–ଡିମ୍ବାଣୁ ମହତ୍ତର ଭାବନା ଓ ଆଦର୍ଶକୁ ଆଧାର କରି ମିଳିତ ହେଲେ ଉନ୍ନତ ସନ୍ତାନ ଜନ୍ମ ନେଇଥାଏ । ମିଳନ ବେଳେ ଭାବନା ଯେତେ ଉନ୍ନତ ଓ ମହତ୍ତ୍ୱ ହେବ, ସନ୍ତାନ ସେତେ ବିଶେଷ ଗୁଣର ଅଧିକାରୀ ହେବ । ମହାଭାରତରେ ମଧ୍ୟ ଏହାର ପ୍ରମାଣ ଦେଖିବାକୁ ମିଳେ । ବ୍ୟାସଙ୍କ ଔରସ ଓ ଦାସୀର ଗର୍ଭରୁ ଭବ୍ୟ ବିଚାର ଓ ଦିବ୍ୟଗୁଣସମ୍ପନ୍ନ ବିଦୁର ଜନ୍ମ ନେଇଥିବାବେଳେ, ସେହି ବ୍ୟାସଙ୍କ ଔରସରୁ ଦୁଇ ରାଣୀ ଅମ୍ବିକା ଓ ଅମ୍ବାଲିକାଙ୍କଠାରୁ ଜନ୍ମ ନେଲେ ଧୃତରାଷ୍ଟ୍ର ଓ ପଣ୍ଡୁ । ବ୍ୟକ୍ତିର ଆଦର୍ଶର ଆଦ୍ୟ ଆଧାର ହେଉଛି ବଂଶ ବୁନିଆଦିର ଐତିହ୍ୟ ଓ ସଂସ୍କାର । ପ୍ରତିଟି ପୁରୁଷ ଓ ନାରୀ ମଧ୍ୟରେ ଥାଏ ସେମାନଙ୍କର ପିତୃପୁରୁଷଙ୍କ ସଂସ୍କାର ବହନ କରୁଥିବା ଜିନ୍ । ଉଭୟଙ୍କ ଜିନ୍‌ରେ ସଙ୍ଗତି ବା ତାଳମେଳ ନ ରହିଲେ ସୁସନ୍ତାନ ଜନ୍ମ ହୋଇ ପାରେନା । ସେଇଥିପାଇଁ ଆଦର୍ଶ ବିବାହ ପାଇଁ ବଂଶାନୁକ୍ରମିକ ଇତିହାସ ଦେଖାଯାଇଥାଏ । ମହତ୍ତର ଲକ୍ଷ୍ୟ ଥାଏ, ଶୁଭ ସଂସ୍କାରଯୁକ୍ତ ମଣିଷଟି ଯେମିତି ଜନ୍ମ ନେବ । ଦମ୍ପତିଙ୍କ ମଧ୍ୟରୁ ସ୍ୱାମୀ ଯଦି ଉଚ୍ଚସ୍ତରର ଓ ଝିଅଟି ଅପେକ୍ଷାକୃତ ନିମ୍ନସ୍ତରରେ ଥାଏ, ତେବେ ସ୍ୱାମୀ ପ୍ରତି ତା'ର ସମ୍ମାନବୋଧ ଆସିଥାଏ । ମିଳନବେଳେ ଉଚ୍ଚତର ସାମର୍ଥ୍ୟ ବା ଗୁଣାବଳୀର ବୀଜସତ୍ତାକୁ ଆମନ୍ତ୍ରଣ କରେ । ଯାହା ଫଳରେ ଉଭୟଙ୍କ ସର୍ବୋତ୍କୃଷ୍ଟ ଗୁଣାବଳୀଗୁଡ଼ିକ ମିଳିତ ହୋଇ ସନ୍ତାନଙ୍କଠାରେ ପରିପ୍ରକାଶ ପାଏ । ଏହାକୁ ଅନୁଲୋମ ମିଳନ କୁହାଯାଏ । ଯାହାକି ଜୈବିକ, ବଂଶଗତ, ସ୍ୱଭାବ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ପରସ୍ପର ସନ୍ତୁଷ୍ଟି ଓ ପୋଷିତ ହୁଅନ୍ତି । ଶୁକ୍ରକୀଟ ଓ ଡିମ୍ବକୋଷର ଜିନ୍‌ରେ ଥିବା ବଂଶାନୁକ୍ରମିକ ସହଜାତ ଗୁଣ ଦାନାଗୁଡ଼ିକ ସଙ୍ଗତିଶୀଳ ହୋଇ ସୁସନ୍ତାନ ସୃଷ୍ଟି କରିଥାଏ । ଯେଉଁଥିପାଇଁ କି ଏଥିରେ ସୁସନ୍ତାନମାନେ ଜନ୍ମ ନିଅନ୍ତି । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସଙ୍ଗତିର ଅଭାବ ହୁଏ ପ୍ରତିଲୋମ ବିବାହରେ । ଉଚ୍ଚ ବର୍ଗ ଓ ଉଚ୍ଚ ଯୋଗ୍ୟତାର ନାରୀଟି, ତଳବର୍ଗ ବା କମ୍ ଯୋଗ୍ୟତାର ପୁରୁଷ ସହିତ ମିଳନ ବେଳେ ସ୍ୱାମୀ ପ୍ରତି ସ୍ତ୍ରୀ ମଧ୍ୟରେ ପ୍ରାୟତଃ ନଥାଏ ଭକ୍ତିଭାବ । ଥାଏ କେବଳ ଯୌନତୃପ୍ତିର ମୋହ ଓ ମାନସିକତା । ଏ ପ୍ରକାର ମିଳନରେ ସ୍ୱଳ୍ପ ବିବର୍ତ୍ତିତ ଶୁକ୍ରାଣୁଟି ଅଧିକ ବିବର୍ତ୍ତିତ ଡିମ୍ବାଣୁର ଗର୍ଭାଧାନର ପ୍ରତିନିଧି ହୋଇଥାଏ, ଯାହାକି ଜୈବିକ ନିୟମର ପରିପନ୍ଥୀ । ଏଠି ଶୁକ୍ରାଣୁକୁ ଡିମ୍ବାଣୁ ଆକୃଷ୍ଟ କରିବା ବଦଳରେ ବିକର୍ଷିତ ବା ଆଡ଼େଇ ଯିବାକୁ ଚେଷ୍ଟା କରିଥାଏ । ମିଳନବେଳେ ଏ ପ୍ରକାର ବିରୋଧାଭାଷ ଯୋଗୁଁ ମାତୃଧାତୁ ଓ ପିତୃଧାତୁର ବୈଶିଷ୍ଟ୍ୟମାନ ବିକୃତ ଓ ବିଲକ୍ଷଣ ଗୁଣର ହୁଏ । ଯେଉଁଥିପାଇଁ କି ମାତା–ପିତାଙ୍କର ଭଲ ଗୁଣ ସବୁ ଦେଖାଯିବା ବଦଳରେ ସନ୍ତାନ ନକାରାତ୍ମକ ଗୁଣକୁ ଧାରଣ କରିଥାଏ । ଜିନ୍‌ରେ ନମ୍ର ହୋଇ ରହିଥିବା ଭଲ ଗୁଣଗୁଡ଼ିକ, ଖରାପ ଗୁଣଗୁଡ଼ିକର ପ୍ରାଧାନ୍ୟରେ ପ୍ରଭାବହୀନ ବା ନିଷ୍ପ୍ରଭ ହୋଇଥାଏ । କାରଣ ସତ୍‌ଗୁଣାବଳୀର ବିକାଶ ପାଇଁ ଯେଉଁ ପୋଷଣ, ମେଳ ଓ ସଠିକ ସମନ୍ୱୟ ପ୍ରୟୋଜନ, ସେଗୁଡ଼ିକ ଏଥିରେ ନଥାଏ । ଏହି ପ୍ରକାର ମିଳନରେ ଜିନ୍‌ରେ ଥିବା ଖରାପ ଗୁଣାବଳୀ ସତ୍ତାମାନ ଖୁବ୍ ସକ୍ରିୟ ହୋଇ ଉଠନ୍ତି । ଫଳରେ ସ୍ୱଭାବ ଓ ଗଢ଼ଣ ଦୃଷ୍ଟିରୁ ସନ୍ତାନଠାରେ ବ୍ୟତିକ୍ରମ ଅବା ଆସୁରିକତାର ପ୍ରବଣତା ଦେଖାଦିଏ । ପରକୁ ପୀଡ଼ା ଦେବା ମଧ୍ୟ ତାର ଅନ୍ତର୍ନିହିତ ଆନନ୍ଦବୋଧ । ଏପରି ଜାତ ସନ୍ତାନଙ୍କ ନିକଟରେ ସୈତାନି ପ୍ରବୃତ୍ତି ସର୍ବଦା ଚେଇଁ ରହିଥାଏ । ବ୍ୟକ୍ତିଠାରେ ଉଗ୍ର ସ୍ୱଭାବ ଓ ନିଷ୍ଠୁରତାର ଲକ୍ଷଣ ଦେଖାଯାଇଥାଏ । କେବଳ ଯୌନକ୍ଷୁଧା ମେଣ୍ଟାଇବାକୁ ଯାଇ ଅସଙ୍ଗତି ମିଳନ ବଳରେ ଜନ୍ମ ନେଉଥିବା ପିଲାମାନେ ଏକପ୍ରକାର ଦୁର୍ଯୋଗବଶତଃ ଜନ୍ମ ନେଇଥାନ୍ତି । ଯେମିତି ଗୋଟିଏ ଅବୋଧ ଓ ଅଜ୍ଞାନ ବାଳକ ରାସାୟନିକ ପରୀକ୍ଷାଗାର ମଧ୍ୟରେ ଅସାମସ୍ୟ ଥିବା କେମିକାଲଗୁଡ଼ିକୁ ଏକତ୍ର ମିଶ୍ରଣ କଲେ ତାହା ବିସ୍ଫୋରଣର ରୂପ ନିଏ । ସୁସ୍ଥ ସମାଜଟିଏ ଗଠନ ପାଇଁ ଭଲ ମଣିଷ ଲୋଡ଼ା ପଡୁଥିଲାବେଳେ ଆମେ ଉଚ୍ଚ ମଣିଷ ପାଇଁ ଯତ୍ନବାନ ହେଉନୁ । ଭଲ ମଣିଷ ସବୁ ଆକାଶରୁ ଛିଣ୍ଡି ନ ଥାଆନ୍ତି କିମ୍ବା ଭୂଇଁ ଫୁଟାଇ ବାହାରି ନଥାଆନ୍ତି । ଭଲ ମଣିଷମାନଙ୍କୁ ଏଇଠି ଅମଳ କରିବାକୁ ହୁଏ । ଏପରିସ୍ଥଳେ ଝିଅମାନଙ୍କ ଉପରେ ହିଁ ନ୍ୟସ୍ତ ଗୁରୁ ଦାୟିତ୍ୱ । ଶ୍ରେଷ୍ଠ ଓ ଆଦର୍ଶ ପୁରୁଷଙ୍କୁ ବରଣ କରି ସମାଜକୁ ସଜାଡ଼ିବାରେ ତାଙ୍କର ଦାୟିତ୍ୱ ସର୍ବାଧିକ ।

**ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର**
**ମୋ: ୯୪୩୭୪୩୬୦୭୩**

## ଚିରନ୍ତନୀ

ମୋରପ୍ରିୟ ସବୁ ଦେଶେ ଅଛି ସବୁ କାଳେ,
ଅଛି ମମ୍ମୁଖରେ, ଅଛି ଦୂର ଚକ୍ରବାଳେ,
ଥିଲେ ହେଁ ମୁଁ ଅଜ୍ଞ ରୂପେ
ଚିରଦିନ ଅନ୍ଧକୂପେ
ତହିଁ ତୋ ଅଧର ହାସ କି ଆଲୋକ ଢାଳେ !
–(ଚିତ୍ରୋତ୍ପଳା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଗଜପତିଙ୍କୁ ନ୍ୟସ୍ତ କରାଯାଉ

ମହାଶୟ,

ବିଗତ ୩/୪ ବର୍ଷ ହେବ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଚାବି ହଜିବା କେବଳ ଆଲୋଚନା ମଧ୍ୟରେ ସୀମିତ ରହିଯାଇଛି । ୨୦୧୮ରେ ପରିଚାଳନା କମିଟି ବୈଠକରେ ରତ୍ନ ଅଳଙ୍କାର ଗଣନା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା । କିନ୍ତୁ ଆଜିକୁ ୪ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ କୌଣସି ସୂତ୍ର ବାହାରି ପାରି ନାହିଁ । ସଠିକ୍ ହିସାବ, ପରିଚାଳନା କମିଟିର ମତାମତ ଅନୁଯାୟୀ କରାଯିବା ପାଇଁ ବ୍ୟବସ୍ଥା ରହିଛି । ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ଆଧାରରେ ଏବଂ ଶ୍ରୀମନ୍ଦିରର ସ୍ୱତଃଲିପି ଅନୁଯାୟୀ ସମସ୍ତ ରତ୍ନ ଅଳଙ୍କାର ପ୍ରତି ୩ବର୍ଷରେ ଥରେ ଗଣତି ହେବାକୁ ନିୟମ ରହିଛି । ମାତ୍ର ଆଜିକୁ ୪ବର୍ଷ ପୂରିବାକୁ ବସିଥିଲେ ମଧ୍ୟ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରୁ ନାହାନ୍ତି । ଏହା ପରିଚାଳନା କମିଟିର ନିଷ୍ପତ୍ତି ହୋଇଥିଲେ ବି ସମସ୍ତେ ଚୁପ୍ ରହୁଛନ୍ତି । ଶ୍ରୀମନ୍ଦିର ପ୍ରଶାସକମାନେ କେବଳ ଅଫିସିଆଲ କାମରେ ସୀମିତ ରହୁଛନ୍ତି । ତେଣୁ ବିଶ୍ୱବ୍ରହ୍ମାଣ୍ଡର ଠାକୁର ଆଜି ଅସୁରକ୍ଷିତ ହୋଇପଡ଼ିଛନ୍ତି । ଏହିସବୁ ଅବ୍ୟବସ୍ଥା, ଅସୁବିଧାଗୁଡ଼ିକୁ ଦୃଷ୍ଟିରେ ରଖି ସରକାର ଶ୍ରୀମନ୍ଦିର ଓ ଏହାର ଧନସମ୍ପତ୍ତିର ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ପୁନର୍ବାର ଗଜପତି ମହାରାଜାଙ୍କୁ ସମସ୍ତ ଦାୟିତ୍ୱ ଅର୍ପଣ କରାଯିବା ନିହାତି ଆବଶ୍ୟକ ମନେହୁଏ । କାରଣ ଗଜପତି ମହାରାଜାଙ୍କର ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କର ଭାବଧାରା ସହ କେଉଁ ପୌରାଣିକ ଯୁଗରୁ ଜଡ଼ିତ । ସେହି ସମୟକୁ ଅନୁଧ୍ୟାନ କଲେ ଶ୍ରୀମନ୍ଦିରର କୌଣସି ବ୍ୟତିକ୍ରମ ଆଦୌ ପରିଲକ୍ଷିତ ହେଉ ନ ଥିଲା ଏବଂ ଏହା ଶାସ୍ତ୍ରସମ୍ମତ ।

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଟ୍ରକ୍ ସହ ପିଟିହେଲା କାର୍‌: ୫ ମୃତ

ନୂଆଦିଲ୍ଲୀ: ଗୁରୁଗ୍ରାମ ଦିଲ୍ଲୀ- ଜୟପୁର ହାଇୱେରେ ଗୁରୁବାର ବଡ଼ ଧରଣର ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ କାର୍ ଟ୍ରକ୍ ସହ ପିଟିହେବା ଫଳରେ କାର୍‌ରେ ଥିବା ୫ ଜଣଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିଚୟ ମିଳି ନ ଥିବା ଗୁରୁଗ୍ରାମ ଏଏସ୍ଆଇ ଗଜେନ୍ଦର ସିଂ କହିଛନ୍ତି।

### ସଂକ୍ଷେପରେ

## ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

**ନିର୍ବାଚନ ବେଳେ ମାଗଣା ଉପହାର ପ୍ରତିଶ୍ରୁତିକୁ ନେଇ ପିଆଇଏଲ୍**

**ନୂଆଦିଲ୍ଲୀ,୩।୩ (ପି.ଟି.):** ନିର୍ବାଚନ ବେଳେ ବିଭିନ୍ନ ଦଳ ପକ୍ଷରୁ ଭୋଟରଙ୍କୁ ମାଗଣା ଉପହାର ପ୍ରତିଶ୍ରୁତି ଦିଆଯାଉଛି। ଏଭଳି ପ୍ରତିଶ୍ରୁତି ଦେଉଥିବା ରାଜନୈତିକ ଦଳ ବିରୋଧରେ ଏତଲା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରି ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ହସ୍ତକ୍ଷେପ କରିବାକୁ ଗୁରୁବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏହା ପ୍ରରୋଚିତ ଏବଂ ପ୍ରଚାର ସ୍ୱାର୍ଥ ମାମଲା ଭଳି ମନେ ହେଉଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ହିନ୍ଦୁ ସେନା ନାମକ ଏନ୍‌ଜିଓର ଉପାଧ୍ୟକ୍ଷଙ୍କ ପକ୍ଷରୁ ଦାଏର ପିଟିଶନରେ ନିର୍ଦ୍ଦିଷ୍ଟ ୫ଟି ଦଳର ନାଁ ଥିବାରୁ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧକ୍ଷତାରେ ଜଷ୍ଟିସ ଏ.ଏସ୍. ବୋପନ୍ନା ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା ଉପରେ ପ୍ରଶ୍ନ ଉଠାଇଥିଲେ। ଏହା ପ୍ରରୋଚିତ ଏବଂ ଅନ୍ୟର କ୍ଷତି କରିବା ଲାଗି ଏଭଳି ପିଟିଶନ ଦାଏର ହୋଇଛି। ଏହା ପଛରେ ଆବେଦନକାରୀଙ୍କ ଗୁପ୍ତ ଏଜେଣ୍ଡା ରହିଛି। ଆବେଦନକାରୀ କିଏ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏହା ପରେ ଆଇନଜୀବୀ ପିଟିଶନ ପ୍ରତ୍ୟାହାର କରିନେଇଥିଲେ।

## ବଜ୍ରପାତରେ ଗତବର୍ଷ ୭୮୭ ମୃତ

**ଅଲୱାର, ୩।୩:** ପୂର୍ବ ବର୍ଷଗୁଡ଼ିକ ତୁଳନାରେ ୨୦୨୧ରେ ବଜ୍ରପାତ ଏବଂ ଘଡ଼ଘଡ଼ି ମାତ୍ରା ବୃଦ୍ଧି ପାଇଛି। ଏ ନେଇ ଗତବର୍ଷ ମୃତ୍ୟୁ ସଂଖ୍ୟା ମଧ ବଢ଼ିଛି। ବନ୍ୟା, ବାତ୍ୟା, ଘଡ଼ଘଡ଼ି କାରଣରୁ ୨୦୨୧ ରେ ମୃତ୍ୟୁ ହାର ବଢ଼ିଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଗତବର୍ଷ ମୋଟ ୧,୭୫୦ ଜଣ ପ୍ରାଣ ହରାଇଥିବାବେଳେ ଏମାନଙ୍କ ମଧ୍ୟରୁ ବଜ୍ରପାତରେ ଅଧିକ ସଂଖ୍ୟକ ଲୋକଙ୍କ ପ୍ରାଣହାନୀ ହୋଇଛି। ପାଖାପାଖି ୪୫% ଅର୍ଥାତ୍ ୭୮୭ ଜଣ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେହିପରି ବାତ୍ୟାରେ ୧୭୨ ଏବଂ ପାଖାପାଖି ୪୩% (୭୫୯) ଜଣଙ୍କ ମୃତ୍ୟୁର କାରଣ ବନ୍ୟା, ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ବୋଲି (ଇଣ୍ଡିଆନ୍ ମେଟେରୋଲୋଜିକାଲ ଡିପାର୍ଟମେଣ୍ଟ) ଆଇଏମ୍‌ଡି ମୁଖ୍ୟ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

# ୟୁକ୍ରେନ୍ ପ୍ରସଙ୍ଗରେ କେନ୍ଦ୍ରକୁ ବିରୋଧୀଙ୍କ ସମର୍ଥନ

## ବହିର୍ବ୍ୟାପାର କମିଟିକୁ ଆଭିମୁଖ୍ୟ ଜଣାଇଲେ ଜୟଶଙ୍କର

**ନୂଆଦିଲ୍ଲୀ,୩।୩ (ପି.ଟି.)**

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଏବଂ ସେଠାରେ ରହିଯାଇଥିବା ଭାରତୀୟଙ୍କୁ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗୁରୁବାର ତାଙ୍କ ମନ୍ତ୍ରଣାଳୟର ପରାମର୍ଶ କମିଟିକୁ ଅବଗତ କରାଇଛନ୍ତି। ସରକାରଙ୍କ ସହ ବିରୋଧୀ ଏକାଠି ରହିଥିବା ବିରୋଧୀ ଦଳ ନେତାମାନେ ସ୍ପଷ୍ଟ କରିଛନ୍ତି। ବୈଠକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ୬ ଦଳରୁ ୯ ଜଣ ଏମ୍‌ପି ଯୋଗ ଦେଇଥିଲେ। ବିଶେଷ କରି ରୁଷିଆ ବିରୋଧରେ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଅଣାଯାଇଥିବା ନିନ୍ଦା ପ୍ରସ୍ତାବରେ ଭାରତ ଭୋଟଦାନରୁ ବିରତ ରହିବା ଲାଗି ସରକାରଙ୍କ ଆଭିମୁଖ୍ୟକୁ ବିରୋଧୀ ସଦସ୍ୟମାନେ ଦୃଢ଼ ସମର୍ଥନ କରିଥିଲେ। ୟୁକ୍ରେନ୍‌କୁ ନେଇ ରଣନୈତିକ ଓ ମାନବୀୟ ପ୍ରସଙ୍ଗରେ ଆଲୋଚନା ବେଶ୍ ଭଲ ହୋଇଛି। ସେଠାରୁ ସମସ୍ତ ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ସରକାରଙ୍କ ଉଦ୍ୟମକୁ ଦୃଢ଼ ତଥା ସର୍ବସମ୍ମତ ସମର୍ଥନ ମିଳିଛି ବୋଲି ଜୟଶଙ୍କର ଟୁଇଟ୍ କରିଛନ୍ତି। ଆଲୋଚନା ଓ କୂଟନୀତିର ଗୁରୁତ୍ୱକୁ ଜାତୀୟ ସହମତି ମିଳିଛି। ଆମେ ସମସ୍ତେ ଏକାଠି ହୋଇଛୁ ବୋଲି ବୈଠକ ଶେଷରେ କଂଗ୍ରେସ ନେତା ଶଶୀ ଥରୁର ଖବରଦାତାମାନଙ୍କୁ କହିଥିଲେ। ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ମଧ୍ୟରେ ଖୋଲାଖୋଲି ଆଲୋଚନା ହୋଇଥିଲା। ଜାତୀୟ ସ୍ୱାର୍ଥ ପ୍ରସଙ୍ଗରେ ଆମେ ସମସ୍ତେ ପ୍ରଥମେ ଭାରତୀୟ ଓ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ କଂଗ୍ରେସ ନେତା ଟୁଇଟ୍ କରିଛନ୍ତି।


ଏସ୍. ଜୟଶଙ୍କର

ଆଲୋଚନା ସମୟରେ ରାହୁଲ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣର ଭୂରାଜନୈତିକ ପ୍ରଭାବ ସମ୍ପର୍କରେ ପ୍ରଶ୍ନ କରିଥିଲେ। ରୁଷିଆ ୟୁକ୍ରେନ୍ କ୍ଷେତ୍ରରେ ଯେଉଁ ନୀତି ଆପଣାଉଛି, ଚାଇନା ଭାରତ ପାଇଁ ସେଭଳି ମଡେଲକୁ ଆପଣାଇପାରେ କି ବୋଲି କଂଗ୍ରେସ ନେତା ପ୍ରଶ୍ନ କରିବାରୁ ଜୟଶଙ୍କର କହିଥିଲେ, ଭାରତ ୟୁକ୍ରେନ୍ ନୁହେଁ। ଚାଇନା ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ବୃଦ୍ଧି ଓ ଭାରତ ଉପରେ ଏହାର ପ୍ରଭାବ ପ୍ରସଙ୍ଗ ମଧ ରାହୁଲ ଉଠାଇଥିଲେ। ୟୁକ୍ରେନ୍‌କୁ ନେଇ ଜାତିସଂଘରେ ଭାରତର ଆଭିମୁଖ୍ୟକୁ କଂଗ୍ରେସ ନେତାମାନେ ସମର୍ଥନ କରିଥିଲେ। ତେବେ ଜାତିସଂଘରେ ପ୍ରଥମ ଦୁଇଟି ବକ୍ତୃତାରେ ଉଲ୍ଲେଖ କରାଯାଇଥିବା ସରକାରଙ୍କ ଆଭିମୁଖ୍ୟକୁ ନେଇ ଥରୁରଙ୍କ ସମେତ କେତେଜଣ ଏମ୍‌ପି ଚିନ୍ତା ପ୍ରକଟ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସଦସ୍ୟମାନଙ୍କ ବିଭିନ୍ନ ପ୍ରସଙ୍ଗର ବିସ୍ତୃତ ଉତ୍ତର ଦେଇ ସେମାନଙ୍କ ଚିନ୍ତା ଦୂର କରିଥିବାରୁ ଥରୁର ବହିର୍ବ୍ୟାପାର ମନ୍ତ୍ରୀ ଓ ତାଙ୍କ ସହକର୍ମୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଦେଶ ନୀତି ଏହିଭଳି ଉତ୍ସାହର ସହ ଚାଲିବା ଆବଶ୍ୟକ ବୋଲି ସେ ଟୁଇଟ୍ କରିଛନ୍ତି।

## ରିପବ୍ଲିକାନ୍ ପ୍ରାଇମେରି ପ୍ରତିଯୋଗିତାରୁ ଓହରିଲେ ଭାନ୍ ଟେଲର



**ୱାଶିଂଟନ,୩।୩**

ଦୁଇଥର ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ସଦସ୍ୟ ଥିବା ଭାନ୍ ଟେଲର ବୁଧବାର ରିପବ୍ଲିକାନ୍ ପ୍ରାଇମେରି ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଛନ୍ତି। ଫଳରେ ହାଉସକୁ ପୁନଃ ନିର୍ବାଚିତ ହେବା ଲାଗି ତାଙ୍କ ଉଦ୍ୟମ ଶେଷ ହୋଇଛି। ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ସଂଗଠନର ଜଣେ ପୂର୍ବତନ ସଦସ୍ୟଙ୍କ ବିଧବା ସ୍ତ୍ରୀ ସହ ସେ ପରକୀୟା ସମ୍ପର୍କ ରଖିଥିବା ଖବରକୁ ସ୍ୱୀକାର କରିଛନ୍ତି। ଟେକ୍ସାସ୍ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ଟେଲର ଗତବର୍ଷ ଆମେରିକା କ୍ୟାପିଟୋଲ ଦଙ୍ଗାର ତଦନ୍ତ ପାଇଁ ଗଠିତ ସ୍ୱତନ୍ତ୍ର କଂଗ୍ରେସନାଲ କମିଟିରେ ସାମିଲ ହୋଇଥିଲେ। ଫଳରେ ସେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆକ୍ରୋଶର ଶିକାର ହୋଇଥିଲେ।

# ଅଷ୍ଟ୍ରେଲିଆରେ ବନ୍ୟା ବିପ୍ଲାତ



**ନ୍ୟୁକ୍ୟାସେ,୩।୩**

ଲଗାତର ଗୋଟିଏ ସପ୍ତାହର ଲଗାଣ ବର୍ଷା ପରେ ଅଷ୍ଟ୍ରେଲିଆରେ ବନ୍ୟା ପରିସ୍ଥିତି ଉପୁଜିଛି। ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କ ମୃତ୍ୟୁ ହୋଇସାରିଥିବାବେଳେ ୧୦ ଲକ୍ଷ ଲୋକ ଘରଛାଡ଼ି ସୁରକ୍ଷିତ ସ୍ଥାନକୁ ଯାଇସାରିଛନ୍ତି। ଲକ୍ଷାଧିକ ଲୋକଙ୍କ ଜୀବନ ବିପଦସଙ୍କୁଳ ଅବସ୍ଥାରେ ରହିଛି।

**୧୩ ମୃତ, ୧୦ ଲକ୍ଷ ସ୍ଥାନାନ୍ତରିତ**

ଅଷ୍ଟ୍ରେଲିଆର ବ୍ରିସ୍‌ବେନ୍‌ରୁ ସିଡ୍‌ନୀ ପର୍ଯ୍ୟନ୍ତ ୩୦ଟି ସ୍ଥାନରେ ଲୋକଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଲକ୍ଷାଧିକ ଲୋକ ପାଣିରେ ଫସି ରହିଥିବାବେଳେ ବୋଟ୍ ଓ ହେଲିକପ୍ଟର ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଉଛି। ବନ୍ୟା ସଙ୍କଟକୁ ଦୃଷ୍ଟିରେ ରଖି ସରକାର ୨ ଲକ୍ଷ ଲୋକଙ୍କୁ ଘର ଛାଡ଼ିବା ପାଇଁ କହିଛନ୍ତି। ନ୍ୟୁ ସାଉଥ୍ ୱାଲ୍ସରେ ଜଳସ୍ତର ବଢ଼ିବାରେ ଲାଗିଛି। ଉଦ୍ଧାର କାର୍ଯ୍ୟରେ ପ୍ରାୟ ୪୦୦ ଅଧିକାରୀ ନିୟୋଜିତ ହୋଇଛନ୍ତି। କିଛି ଲୋକ ଘର ଛାତ ଏବଂ ପାହାଡ଼ିଆ ସ୍ଥାନରେ ଆଶ୍ରୟ ନେଇଛନ୍ତି।

# ଷଡ଼ଯନ୍ତ୍ରରେ ଟ୍ରମ୍ପଙ୍କ ସମ୍ପୃକ୍ତି ପ୍ରମାଣ ରହିଛି

**କ୍ୟାପିଟୋଲ ଦଙ୍ଗା**

**ୱାଶିଂଟନ,୩।୩**

ଆମେରିକା କ୍ୟାପିଟୋଲରେ ଗତବର୍ଷ ଜାନୁୟାରୀ ୬ରେ ସଂଘଟିତ ଦଙ୍ଗା ପଛରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ସହଯୋଗୀମାନେ ଆପରାଧିକ ଷଡ଼ଯନ୍ତ୍ରରେ ସାମିଲ ଥିଲେ। ନିର୍ବାଚନକୁ କଂଗ୍ରେସ ଯେପରି ସାର୍ଟିଫିକେଟ ଦେଇ ନ ପାରିବ ସେଥିପାଇଁ ସେମାନେ ବାଧା ସୃଷ୍ଟି କରିବାକୁ ଯୋଜନା କରିଥିଲେ। ଜାନୁୟାରୀ ୬ ଘଟଣାର ତଦନ୍ତ କରୁଥିବା ହାଉସ୍ ସିଲେକ୍ଟ କମିଟି ବୁଧବାର ଅଦାଲତଙ୍କୁ ଏ ସମ୍ପର୍କରେ ଜଣାଇଛି। ପ୍ରଥମ ଥର ପାଇଁ କମିଟି ଏଭଳି ପ୍ରମାଣ ଉପସ୍ଥାପନ କରିଛି, ଯାହା ଦ୍ୱାରା ଟ୍ରମ୍ପଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହୋଇପାରେ। ତଦନ୍ତ ରିପୋର୍ଟରେ ପୂର୍ବତନ ଉପରାଷ୍ଟ୍ରପତି ମାଇକ୍ ପେନ୍ସଙ୍କ ଶୀର୍ଷ ଉପଦେଷ୍ଟା, ପୂର୍ବତନ ନ୍ୟାୟ ବିଭାଗର ନେତା ଓ ଟ୍ରମ୍ପଙ୍କ କେତେଜଣ ଘନିଷ୍ଠଙ୍କ ମତାମତ ଓ ସାକ୍ଷାତ୍‌କାରକୁ ମଧ ସାମିଲ କରାଯାଇଛି। ରିପୋର୍ଟ ଅନୁଯାୟୀ ଟ୍ରମ୍ପ ଓ ତାଙ୍କ ସହଯୋଗୀମାନେ ୨୦୨୦ ନିର୍ବାଚନରେ ଭୋଟ ଜାଲିଆତି ହୋଇଥିବା ନେଇ ଅଭିଯୋଗ କରିଆସୁଥିଲେ। ତେବେ ଏନେଇ ସେମାନଙ୍କ ପାଖରେ କୌଣସି ପ୍ରମାଣ ନ ଥିବା ଟ୍ରମ୍ପ ଏକାଧିକ ଥର ସ୍ୱୀକାର କରିଥିଲେ। ଅସାମ୍ବିଧାନିକ ଉପାୟ ଆପଣାଇବା ସହ ଏଥିରେ ଉପରାଷ୍ଟ୍ରପତି ପେନ୍ସ ଓ ତାଙ୍କ ଉପଦେଷ୍ଟାମାନଙ୍କୁ ସାମିଲ କରିବା ଲାଗି ଆର୍ଟର୍ନି ଜନ୍ ଇଷ୍ଟମାନ୍ ଟ୍ରମ୍ପଙ୍କୁ ପରାମର୍ଶ ଦେଇଥିଲେ। ଜାନୁୟାରୀ ୬ ଆକ୍ରମଣ ବେଳେ ଇଷ୍ଟମାନ୍ ଏବଂ ପେନ୍ସଙ୍କ ଓକିଲ ପରସ୍ପରକୁ ଦୋଷାରୋପ କରିଥିଲେ ବୋଲି କମିଟି କହିଛି।


ଡୋନାଲ୍ଡ ଟ୍ରମ୍ପ

## ଲୋକପାଳରେ ୪,୨୪୪ ଅଭିଯୋଗ

**ନୂଆଦିଲ୍ଲୀ,୩।୩ (ପି.ଟି.):** ଭାରତର ଦୁର୍ନୀତି ନିରୋଧୀ ଅମ୍ବୁଡ୍ସମ୍ୟାନ ଲୋକପାଳ ୨୦୨୧ ଏପ୍ରିଲରୁ ୨୦୨୨ ଜାନୁୟାରୀ ୩୧ ମଧ୍ୟରେ ୪,୨୪୪ ଦୁର୍ନୀତି ଅଭିଯୋଗ ପାଇଛନ୍ତି। ପୂର୍ବବର୍ଷ ତୁଳନାରେ ଏହା ୮୦ ପ୍ରତିଶତ ଅଧିକ। ୨୦୧୯-୨୦ ଆର୍ଥିକ ବର୍ଷରେ ଲୋକପାଳକୁ ୧,୪୨୭ ଓ ୨୦୨୦-୨୧ରେ ୨,୩୫୫ ଅଭିଯୋଗ ମିଳିଥିଲା। ସରକାରୀ ବାବୁମାନଙ୍କ ବିରୋଧରେ ଲୋକପାଳରେ ଦୁର୍ନୀତି ଅଭିଯୋଗ ଆଣିବା ଲାଗି ୨୦୨୦ ମାର୍ଚ୍ଚରେ ସରକାର ଫର୍ମାଟ ଜାରି କରିଥିଲେ। ଅଭିଯୋଗ ସହ ନନ୍‌ଜୁଡ଼ିସିଆରି ଷ୍ଟାମ୍ପ ପେପରରେ ସତ୍ୟପାଠ ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି। ଭୁଲ୍ କିମ୍ବା ମିଥ୍ୟା ଅଭିଯୋଗ ଆଣିଲେ ୧ ବର୍ଷ ପର୍ଯ୍ୟନ୍ତ ଜେଲ ଏବଂ ଲକ୍ଷେ ଟଙ୍କା ଜରିମାନା କରାଯାଇପାରେ।

# ମୁକୁଟ ପିନ୍ଧାଇବାକୁ ମୁଣ୍ଡ ଖୋଜା

**ଅନୁଗୋଳ ଅଫିସ, ୩।୩**

- **ଜିଲା ପରିଷଦ ସଭାପତି ନିର୍ବାଚନ**
- **ପତିଆରା ଜାହିର କରିବ ଅନୁଗୋଳ ବ୍ଲକ**
- **କଣିହାଁ, ତାଳଚେରକୁ ମିଳିପାରେ ସୁଯୋଗ**

ଏଯାଏ ଯାଇନି ପଞ୍ଚାୟତ ନିର୍ବାଚନ ତାତି। ସରିନି ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ଜିଲା ପରିଷଦ ସଭାପତି, ଉପସଭାପତି ନିର୍ବାଚନ। ଏଣେ ପୌର ଭୋଟ ପାଇଁ ଅନୁଗୋଳ ସହର ରାଜନୀତି ହେଲାଣି ସରଗରମ। ହାତରେ ଆଉ ଅଧିକ ଦିନ ନ ଥିବାରୁ ଅନୁଗୋଳ ବିଜେଡି ପକ୍ଷରୁ ଜୋର୍‌ଧରିଛି ପ୍ରାର୍ଥୀ ଚୟନ। ପୌରାଞ୍ଚଳର ୨୩ ୱାର୍ଡ ପାଇଁ କେଉଁମାନଙ୍କୁ ଟିକେଟ୍ ଦିଆଯିବ, ସେ ନେଇ ଘନ ଘନ ବୈଠକ ବସୁଥିବାବେଳେ ୧୩ ତାରିଖରେ ହେବାକୁ ଥିବା ଜିଲା ପରିଷଦ ସଭାପତି ନିର୍ବାଚନ ଦଳୀୟ ନେତାଙ୍କ ବ୍ୟସ୍ତତାକୁ ଆହୁରି ବଢ଼ାଇ ଦେଇଛି। ଅନୁଗୋଳରେ ଜିଲା ପରିଷଦ ଗଠନ କରିବାକୁ ବିଜେଡି ୨୭ ଆସନ ସହ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିସାରିଛି। କିନ୍ତୁ ଦଳରେ ଥିବା ଏକାଧିକ ଆଶାୟୀଙ୍କ ମଧ୍ୟରୁ ଜଣଙ୍କୁ ବାଛିବା କଷ୍ଟକର ହୋଇପଡ଼ିଛି। କାରଣ କିଏ ବରିଷ୍ଠ ତ କିଏ ଅଭିଜ୍ଞତା ଆଧାରରେ ଲବି କରୁଛନ୍ତି। କେତେଜଣ ବିଧାୟକଙ୍କ ଅନୁଗତ ମଧ ରହିଛନ୍ତି। ତେଣୁ କାହା ମୁଣ୍ଡରେ ମୁକୁଟ ପିନ୍ଧାଇବାକୁ ରାଜ୍ୟ ସଭାପତିଙ୍କ ନିକଟକୁ ପ୍ରସ୍ତାବ ପଠାଯିବ, ସେ ନେଇ ତନାଘନା ଜାରି ରହିଛି।

ଅନୁଗୋଳ ଜିଲାରେ ଥିବା ୨୮ ଜୋନ୍ ମଧ୍ୟରୁ ଏଥର ବିଜେଡିକୁ ୨୭ଟି ଜିଲା ପରିଷଦ ଜୋନ୍ ମିଳିଛି। ପରିଷଦ ଗଠନ ପାଇଁ ମ୍ୟାଜିକ ନମ୍ବର ୧୫ ହୋଇଥିବାରୁ ବିଜେଡି ହିଁ ଏଥିପାଇଁ ଏକମାତ୍ର ଦାବିଦାର ଭାବେ ଉଭା ହୋଇଛି। ଆସନ୍ତା ୧୩ ତାରିଖରେ ସଭାପତି ନିର୍ବାଚନ ହେବ। ବିଜେଡି ପକ୍ଷରୁ ଅନୁଗୋଳରେ ଯାହାଙ୍କୁ ଟିକେଟ୍ ଦିଆଯିବ, ସେ ଅପ୍ରତିଦ୍ୱନ୍ଦ୍ୱୀ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ଚଳିତବର୍ଷ କଂଗ୍ରେସ ହାତରେ କୌଣସି ସଫଳତା ଲାଗି ନ ଥିବାବେଳେ ଭାଜପା କେବଳ ଛେଣ୍ଡିପଦାର ୧୫ନଂ. ଜୋନ୍‌ରେ ବିଜୟ ପାଇଛି। ତେଣୁ ଭାଜପା ପକ୍ଷରୁ ସଭାପତି ପ୍ରାର୍ଥୀ ଦିଆଯାଇ ନ ପାରେ। ଏପରି ହେଲେ ନିର୍ବାଚନର ଆବଶ୍ୟକତା ପଡ଼ିବ ନାହିଁ। ନାମାଙ୍କନ ଦାଖଲ କରିଥିବା ବିଜେଡି ପ୍ରାର୍ଥୀ ହିଁ ସଭାପତି ବୋଲି ଘୋଷଣା କରିଦିଆଯିବ। ତେବେ ବିଜେଡି କାହାକୁ ଟିକେଟ୍ ଦେବ, ତାହା ହିଁ ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ବ୍ଲକ ଆଧାରରେ ଦେଖିଲେ ଗତଥର ଜିଲା ପରିଷଦ ସଭାପତି ଛେଣ୍ଡିପଦା ବ୍ଲକ ଭାଗରେ ପଡ଼ିଥିଲା। ଏଥର ଉକ୍ତ ବ୍ଲକର ୪ ଜୋନ୍ ମଧ୍ୟରୁ ଗୋଟିଏରେ ବିଜେଡି ପରାଜୟ ଲଭିଛି। ତେଣୁ ଛେଣ୍ଡିପଦାରୁ ସଭାପତି ପ୍ରାର୍ଥୀ ଚୟନ କରାଯିବା ସମ୍ଭାବନା ସେତେଟା ଦେଖାଯାଉନାହିଁ। ପାଲଲହଡ଼ା ବ୍ଲକରେ ଥିବା ୩ ଜୋନ୍‌ରେ ବିଜେଡି ବିଜୟୀ ହୋଇଛି। କିନ୍ତୁ ସେହି ବ୍ଲକରୁ ଗତଥର ଉପାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ତେଣୁ ଏଥର ସଭାପତି କୋଟା ଉକ୍ତ ବ୍ଲକ ଭାଗରେ ପଡ଼ି ନ ପାରେ। ଅନୁଗୋଳ, ବଣ୍ଟରପାଳ, ତାଳଚେର, କଣିହାଁ, ଆଠମଲ୍ଲିକ ଓ କିଶୋରନଗର ବ୍ଲକର ସମସ୍ତ ଜୋନ୍‌କୁ ବିଜେଡି ଅକ୍ତିଆର କରିଛି। ସେଥିପାଇଁ ଏହି ବ୍ଲକଗୁଡ଼ିକ ମଧ୍ୟରୁ କୌଣସି ଜଣେ ବିଜୟୀ ଜିଲା ପରିଷଦ ସଦସ୍ୟଙ୍କୁ ସଭାପତି ପାଇଁ ଚୟନ କରାଯାଇପାରେ ବୋଲି ଆଲୋଚନା ହେଉଛି। ବିଶେଷକରି ବିଜେଡିର ଗଡ଼ କୁହାଯାଉଥିବା ଅନୁଗୋଳ ବ୍ଲକରୁ ଏଥିପାଇଁ ଦୃଢ଼ ଦାବିଦାର ରହିଛନ୍ତି। ଦଳରେ ସମ୍ପୃକ୍ତ ଆଶାୟୀଙ୍କ ପତିଆରା ବି ରହିଛି। ସେହିପରି ତାଳଚେର, କଣିହାଁ ଓ କିଶୋରନଗରରେ ଭାଜପାର ବିପର୍ଯ୍ୟୟ ଘଟାଇଥିବା ନବ ନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ ବିଜେଡି କାହାକୁ ବାଛିପାରେ। କିନ୍ତୁ ଏମାନଙ୍କ ମଧ୍ୟରୁ ପ୍ରକୃତରେ କିଏ ଉପଯୁକ୍ତ ବା ଯୋଗ୍ୟ ବୋଲି ବିବେଚନା କରାଯିବ, ତାହାକୁ ହିଁ ସମସ୍ତଙ୍କ ଅପେକ୍ଷା। ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ମହେନ୍ଦ୍ର ବସ୍ତିଆ କହିଛନ୍ତି, ସଭାପତି ନିର୍ବାଚନ ପାଇଁ ଦଳ ପ୍ରସ୍ତୁତ ରହିଛି। ହେଲେ କାହାକୁ ଟିକେଟ୍ ଦିଆଯିବ, ତାହା ଏଯାଏ ସ୍ଥିର ହୋଇପାରି ନାହିଁ।

## କଥକ ନୃତ୍ୟଶିଳ୍ପୀ ଆଦିତିଙ୍କୁ 'ମାହାରୀ' ସମ୍ମାନ



**ଭୁବନେଶ୍ୱର,୩।୩(ବ୍ୟୁରୋ)**

କଥକ ନୃତ୍ୟ ଶିଳ୍ପୀ ଆଦିତି ମଙ୍ଗଳଦାସ ମର୍ଯ୍ୟାଦାଜନକ 'ମାହାରୀ' ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି। ଗୁରୁ ପଙ୍କଜଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଆସନ୍ତା ୧୭ରେ ଆଦିତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସମ୍ମାନ ବାବଦକୁ ୫୦ହଜାର ଟଙ୍କା ସହ ମାନପତ୍ର ଓ ଫଳକ ଦିଆଯିବ। ଜଣେ ବିଶିଷ୍ଟ କଥକ ନୃତ୍ୟଶିଳ୍ପୀ ଓ ଗୁରୁ ଭାବେ ଆଦିତି ଦେଶ ବିଦେଶରେ ବେଶ୍ ପ୍ରତିଷ୍ଠା ଲାଭ କରିଛନ୍ତି। ବିଭିନ୍ନ ପ୍ରତିଷ୍ଠିତ ମଞ୍ଚରେ ସେ ନୃତ୍ୟ ପରିବେଷଣ କରି ଶାସ୍ତ୍ରୀୟ ନୃତ୍ୟକୁ ସୁଦୂରପ୍ରସାରୀ କରିପାରିଛନ୍ତି। ନୂଆଦିଲ୍ଲୀର ଆଦିତି ମଙ୍ଗଳଦାସ ଡ୍ୟାନ୍ସ ଅନୁଷ୍ଠାନରେ ବହୁ ଛାତ୍ରୀଛାତ୍ର ତାଲିମ୍ ନେଉଛନ୍ତି। 'ମାହାରୀ' ସମ୍ମାନ ଶାସ୍ତ୍ରୀୟ ନୃତ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ନୃତ୍ୟ ଶିଳ୍ପୀଙ୍କୁ ପ୍ରଦାନ କରାଯାଏ, ଯାହାକି ଓଡ଼ିଶୀ ନୃତ୍ୟର ମୂଳ ଉତ୍ସ ଶ୍ରୀଜଗନ୍ନାଥ ମନ୍ଦିରର ଦେବଦାସୀମାନଙ୍କ ଉତ୍ସର୍ଗୀକୃତ ସେବା, ତ୍ୟାଗ ଓ ସାଧନା ପ୍ରତି ନିବେଦିତ।

### ରାଜ୍ୟ ଖବର

## ୫ରେ ଜନଶୁଣାଣି, ବାହାର ଲୋକଙ୍କୁ ମନା

**କୁଜଙ୍ଗ, ୩।୩(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ଢିଙ୍କିଆ ଅଞ୍ଚଳରେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଆସନ୍ତା ୫ତାରିଖରେ ଜନଶୁଣାଣି ହେବ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ୫ଜଣିଆ କମିଟି, ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକ ଶୁଣାଣିରେ ଉପସ୍ଥିତ ରହିବେ। ବାହାର ଲୋକଙ୍କ ପ୍ରବେଶକୁ ଏଥିରୁ ବାରଣ କରାଯାଇଛି। ଏପରି କି ଜନଶୁଣାଣି ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବ, ସେଥିପାଇଁ ଜିଲାପାଳ ଏବଂ ଏସ୍‌ପି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି। ଅପରପକ୍ଷରେ ଜମି ହରାଉଥିବା ଲୋକଙ୍କୁ ଉଚିତ୍ କ୍ଷତିପୂରଣ ଦିଆଯାଉଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଅଞ୍ଚଳର ବିକାଶ ହେବ। ତେଣୁ ଶୁଣାଣିକୁ ସହଯୋଗ କରିବାକୁ ଲୋକମାନଙ୍କୁ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଏରସମା ବ୍ଲକ ଢିଙ୍କିଆ ଚାରି ଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ଗତ ଜାନୁୟାରୀ ୧୪ରେ ଗ୍ରାମବାସୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ହାଇକୋର୍ଟରେ ୩ଟି ପୃଥକ ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶକ୍ରମେ ଆଇନଜୀବୀ ପ୍ରଶାନ୍ତ କୁମାର ଜେନା, ଓମ୍‌କାର ଦେବଦାସ, ସୁକାନ୍ତ କୁମାର ଦଳେଇ, ଅତିରିକ୍ତ ସରକାରୀ ଓକିଲ ଦେବକାନ୍ତ ମହାନ୍ତି ଓ ଜନ୍ମେଞ୍ଜୟ କଟିକିଆ ପ୍ରମୁଖଙ୍କୁ ନେଇ ଗଠିତ ୫ଜଣିଆ ଟିମ୍ ଗତ ୧୯ ତାରିଖରେ ଘଟଣାସ୍ଥଳ ପରିଦର୍ଶନରେ ଯାଇଥିଲେ। ସେଠାରେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଥିବାବେଳେ ବାଲିତୁଠ ଅଞ୍ଚଳର କେତେଜଣ ବ୍ୟକ୍ତି କମିଟି ସଦସ୍ୟଙ୍କୁ ବିରୋଧ କରିବା ସହ ଗଣ୍ଡଗୋଳ କରିଥିଲେ। ପରେ କମିଟି ସଦସ୍ୟ ଗ୍ରାମର ସ୍ଥିତି ଅନୁଧ୍ୟାନ କରି ହାଇକୋର୍ଟରେ ରିପୋର୍ଟ ପ୍ରଦାନ କରିଥିଲେ। ଗତ ୨୩ ତାରିଖରେ ଉକ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ମୁଖ୍ୟବିଚାରପତି ଏସ୍.ମୁରଲୀଧର ଏବଂ ବିଚାରପତି ଆର୍.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଢିଙ୍କିଆର ବାସ୍ତବ ଚିତ୍ରର ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପାଇଁ କମିଟିକୁ ମାର୍ଚ୍ଚ ୫ରେ ଆଉଥରେ ଘଟଣାସ୍ଥଳ ଗସ୍ତ କରି ସେଠାରେ ଜନଶୁଣାଣି କରିବା ସହ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମିଟିର ରିପୋର୍ଟ ଆଧାରରେ ଆସନ୍ତା ୧୧ତାରିଖରେ ହାଇକୋର୍ଟରେ ପରବର୍ତ୍ତୀ ଶୁଣାଣି ହେବ। ଜନଶୁଣାଣି ପାଇଁ ପ୍ରସ୍ତୁତି ସମ୍ପର୍କରେ ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଶୁଣାଣି ସମୟରେ ୧୫୦ରୁ ୨୦୦ ଲୋକ ଉପସ୍ଥିତ ରହିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ହେଲେ ସ୍ଥାନୀୟ ଲୋକଙ୍କ ଦାବି ଅନୁସାରେ ୫୦୦ ଲୋକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଶୁଣାଣିକୁ ଠିକ୍ ଭାବେ କରିବାକୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅପରପକ୍ଷରେ କିଛି ଆନ୍ଦୋଳନକାରୀ ନେତା ଭୁବନେଶ୍ୱରଠାରେ ରହି ସ୍ଥାନୀୟ ଲୋକଙ୍କୁ ମୋହରା କରି ଜନଶୁଣାଣିକୁ ଭଣ୍ଡୁର କରିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। ଏପରି କି ଜନଶୁଣାଣିରେ ଜିଲାପାଳ, ଏସ୍‌ପି ଓ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ନ ରହିବାକୁ ସେମାନେ ଦାବି କରିଛନ୍ତି, ଯାହାକି ହାଇକୋର୍ଟଙ୍କ ନିର୍ଦ୍ଦେଶର ଅବଜ୍ଞା ବୋଲି କୁହାଯାଉଛି।

## କେବଳ ଲୋକଙ୍କ ପାଇଁ ମଦ ଉପରେ ଟିକସ ନେଇପାରିବ ରାଜ୍ୟ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩।୩**

କେବଳ ଲୋକେ ପିଉଥିବା ମଦ ଉପରେ ରାଜ୍ୟ ସରକାର ଅବକାରୀ ଶୁଳ୍କ ଲଗାଇପାରିବେ ବୋଲି ଗୁରୁବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଏଥିସହ ଓଡ଼ିଶା ହାଇକୋର୍ଟଙ୍କ ଏ ସମ୍ପର୍କିତ ଏକ ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ଏକାଧିକ ପିଟିଶନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି।

ଜଷ୍ଟିସ ଏଲ୍. ନାଗେଶ୍ୱର ରାଓ ଏବଂ ବି.ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ହାଇକୋର୍ଟ ଦେଇଥିବା ରାୟ ଉପରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ହାଇକୋର୍ଟ ଉତ୍କଳ ଡିଷ୍ଟିଲେରିଜ୍‌କୁ ନିମ୍ନମାନର ସ୍ପିରିଟ୍ ପ୍ରଭୃତି ମାମଲାରେ ଅବକାରୀ ଶୁଳ୍କ ଦୈଠ ନ କରିବା ନେଇ ଆଶ୍ୱସ୍ତି ଦେଇଥିଲେ। ହାଇକୋର୍ଟଙ୍କ ରାୟ ବିରୋଧରେ ଓଡ଼ିଶା ସରକାରଙ୍କ ପିଟିଶନକୁ ଖାରଜ କରିବା ଅବସରରେ ଖଣ୍ଡପୀଠ ଏନେଇ ସିନ୍ଥେଟିକ୍ସ ଆଣ୍ଡ କେମିକାଲ୍ସ ଲି॰ ମାମଲାରେ ସାମ୍ବିଧାନିକ ପୀଠଙ୍କ ରାୟ, ମୋଦି ଡିଷ୍ଟିଲେରି ମାମଲାରେ ତିନିଜଣିଆ ଖଣ୍ଡପୀଠଙ୍କ ରାୟ ତଥା ତତ୍କାଳୀନ ବିହାର ଓଡ଼ିଶା ଅବକାରୀ ଆଇନ, ୧୯୧୫ର ବୈଧାନିକ ବ୍ୟବସ୍ଥାର ଅବତାରଣା କରିଥିଲେ। କେବଳ ଲୋକେ ପିଉଥିବା ମଦ ଉପରେ ରାଜ୍ୟ ସରକାରଙ୍କର ଅବକାରୀ ଶୁଳ୍କ ଆଦାୟ କରିବାର କ୍ଷମତା ରହିଛି ବୋଲି ପୂର୍ବରୁ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ପୀଠ ରାୟ ଦେଇଥିଲେ।

## ଯୁବପିଢ଼ିଙ୍କ ଜ୍ଞାନକୁ ବ୍ୟାବହାରିକ ରୂପଦେବା ଲକ୍ଷ୍ୟ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

'ଜାତୀୟ ଶିକ୍ଷାନୀତି-୨୦୨୦' ମାଧ୍ୟମରେ ଭାରତର ଯୁବପିଢ଼ିଙ୍କ ପାଖରେ ଥିବା ଜ୍ଞାନ, ବୌଦ୍ଧିକ କ୍ଷମତା, ସୃଜନଶୀଳତା, ଅଭିନବ ପରିକଳ୍ପନାକୁ ବ୍ୟାବହାରିକ ରୂପ ଦିଆଯିବ ବୋଲି ଗୁରୁବାର ଉତ୍ତରପ୍ରଦେଶର ବାରାଣସୀରେ ଆୟୋଜିତ 'ଯୁବ ସମ୍ବାଦ' କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରିବାକୁ ଯାଇ ଧର୍ମେନ୍ଦ୍ର କହିଲେ, ଶିକ୍ଷା, ଜ୍ଞାନ, ସମ୍ବେଦନଶୀଳତା, କୌଶଳ, ସୃଜନଶୀଳତା ହେଉଛି ଭାରତର ପୁଞ୍ଜି। ଛାତ୍ରୀଛାତ୍ର ଦେଶର ଭାଗ୍ୟ ନିର୍ଦ୍ଧାରଣ କରନ୍ତି। ସେମାନେ ନିଜର ଆତ୍ମବିଶ୍ୱାସକୁ ବଢ଼ାଇବା ଜରୁରୀ। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷାନୀତି ପ୍ରଣୟନ କରାଯାଇଛି। ଏକବିଂଶ ଶତାବ୍ଦୀର ସମ୍ଭାବନାକୁ ଧ୍ୟାନରେ ରଖି ଶିକ୍ଷା କ୍ଷେତ୍ରରେ ଥିବା ଚ୍ୟାଲେଞ୍ଜଗୁଡ଼ିକୁ ସାମ୍ନା କରିବା ପାଇଁ ଯୁବକଙ୍କୁ ସୁଯୋଗ ଦିଆଯାଉଛି। ଚଳିତ ୨୦୨୨-୨୩ ଆର୍ଥିକ ବର୍ଷ ସାଧାରଣ ବଜେଟରେ ଶିକ୍ଷାକୁ ଅଧିକ ଗୁଣାତ୍ମକ କରିବା ପାଇଁ ପ୍ରଥମ ଥର ଲାଗି ୧,୦୪,୨୭୮ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଭାରତ ସରକାର ଡିଜିଟାଲ ୟୁନିଭର୍ସିଟି ଦିଗରେ କାମ କରୁଛନ୍ତି। ଏହା ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂଆ ଉନ୍ମାଦନା ସୃଷ୍ଟି କରିବ। ୟୁକ୍ରେନ୍‌ରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଭାରତର ଅନେକ ବିଦ୍ୟାର୍ଥୀ ସେଠାରେ ଫସିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ 'ଅପରେଶନ ଗଙ୍ଗା' ମାଧ୍ୟମରେ ସେମାନଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଫେରାଇ ଆଣିବା ପାଇଁ ଚେଷ୍ଟା ଜାରି ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ପୌର ନିର୍ବାଚନ: ପ୍ରସ୍ତାବ ଯାଞ୍ଚ କରିବ ସ୍କ୍ରିନିଂ କମିଟି

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ଆସନ୍ତା ୨୪ ତାରିଖରେ ରାଜ୍ୟରେ ପୌର ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ସହରାଞ୍ଚଳ ଓ ଏହାର ଆଖପାଖରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଏହି ଆଦର୍ଶ ଆଚରଣ ବିଧି ସମ୍ପର୍କିତ ପ୍ରସ୍ତାବଗୁଡ଼ିକୁ ଯାଞ୍ଚ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଏକ ସ୍କ୍ରିନିଂ କମିଟି ଗଠନ କରିଛନ୍ତି। ଏହି କମିଟି ଜରୁରୀ ପ୍ରସ୍ତାବଗୁଡ଼ିକୁ ଯାଞ୍ଚ କରି କମିଶନଙ୍କ ଅନୁମୋଦନ ନିମନ୍ତେ ପଠାଇବ। ପ୍ରସ୍ତାବ କାହିଁକି ନିର୍ବାଚନ ଶେଷ ହେବା ଯାଏ ରହିପାରିବ ନାହିଁ ସେ ନେଇ କମିଟି କମିଶନରଙ୍କୁ ଅବଗତ କରାଇବ। ଏହି କମିଟିରେ ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ସଚିବ ସଦସ୍ୟ ରହିବେ। ଏଥିସହିତ ପ୍ରସ୍ତାବ ଦିଆଯାଇଥିବା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ କିମ୍ବା ସଚିବ ସଦସ୍ୟ ରହିବେ। ସ୍କ୍ରିନିଂ କମିଟିର ବିନା ଯାଞ୍ଚରେ କୌଣସି ପ୍ରସ୍ତାବ ଅନୁମୋଦନ ପାଇଁ ପଠାଯାଇ ପାରିବ ନାହିଁ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୩।୦୩।୨୦୨୨

| | |
|---|---|
| ୪,୫୦, ୭୮୦ ଟଙ୍କା | |
| ସୁନା | ୭ ଗ୍ରାମ |
| ରୁପା | ୨.୧୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଇଷ୍ଟର୍ନ ଜୋନାଲ କଲଚରଲ ସେଣ୍ଟର, କୋଲକତାର ସାହିତ୍ୟ, କଳା ସଙ୍ଗୀତ ବିଭାଗର ମିଳିତ ଆନୁକୂଲ୍ୟରେ ଜାତୀୟ ନାଟ୍ୟ ଉତ୍ସବ 'ପୂର୍ବ ରଙ୍ଗ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ୫୬ତମ ବାଦୀପାଲା ପରିବେଷଣ, ସତ୍ୟ ନାରାୟଣ ପୀଠ, ଶାଳେଶ୍ୱର, ସନ୍ଧ୍ୟା ୭ଟା।

**କଟକ**

- ସାରସ୍ୱତ ସାଧକ ଗୋପୀନାଥ ସାହୁଶର୍ମାଙ୍କ ତୈଳଚିତ୍ର ଉନ୍ମୋଚନ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

# ମାର୍ଚ୍ଚ ସୁଦ୍ଧା ପିଲାଙ୍କ ଉପସ୍ଥାନ ରିପୋର୍ଟ ଦିଅ

ଭୁବନେଶ୍ୱର, ୩।୩(ବ୍ୟୁରୋ)

ଦୀର୍ଘ ଦୁଇବର୍ଷ ପରେ ପ୍ରାଥମିକ ପିଲାରେ ଶ୍ରେଣୀଗୃହ ପାଠପଢ଼ା ଆରମ୍ଭ ହୋଇଛି। ଗତ ୨୮ରେ ସ୍କୁଲରେ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ୍ ରହୁଥିବାରୁ ଗଣଶିକ୍ଷା ବିଭାଗର ଚିନ୍ତା ବଢ଼ିଛି। ରାଜ୍ୟରେ ମୋଟ ୫୮,୦୮୯ଟି ପ୍ରାଥମିକ ସ୍କୁଲରେ ପାଠପଢ଼ା ଚାଲିଛି। ମାର୍ଚ୍ଚରେ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାକୁ ଆଉ ଅଳ୍ପ ଦିନ ଥିବାରୁ ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ଅନେକ ଅଭିଭାବକ ଆଗ୍ରହ ପ୍ରକାଶ କରୁ ନ ଥିବା ଜଣାପଡ଼ିଛି। ଅନେକ ସ୍କୁଲରେ ପିଲାଙ୍କ ଉପସ୍ଥାନ ଆଶାତୀତ କମ୍ ରହିଛି। ସେହିଭଳି ଅନେକ ସ୍କୁଲର ଛାତ୍ରୀଛାତ୍ର ଟିସି ନ ନେଇ ମଧ୍ୟ ଗୋଟିଏ ସ୍କୁଲ ଛାଡ଼ି ଅନ୍ୟ ସ୍କୁଲରେ ନାମ ଲେଖାଇଛନ୍ତି। ଫଳରେ ସ୍କୁଲ ଖୋଲିବା ପରେ ମଧ୍ୟ ପିଲାଙ୍କ ଉପସ୍ଥାନ ହାର ଖୁବ୍ କମ୍ ରହିଛି। ଏପରି କି ଯେଉଁ ପିଲାମାନେ ସ୍କୁଲ ଆସୁନାହାନ୍ତି ସେମାନେ ଅନ୍ୟତ୍ର ପଢୁଛନ୍ତି ନା ଅଧାରୁ ପଢ଼ା ଛାଡ଼ିଛନ୍ତି ତାକୁ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ତେଣୁ ରାଜ୍ୟର ସରକାରୀ, ଘରୋଇ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ସ୍କୁଲଗୁଡ଼ିକୁ ଦୈନିକ କେତେ ଛାତ୍ରୀଛାତ୍ର ଆସୁଛନ୍ତି ତାହାର ଉପସ୍ଥାନ ବିଦ୍ୟାଳୟ ପକ୍ଷରୁ ଦାଖଲ କରାଯିବ। ମାର୍ଚ୍ଚ ଶେଷ ସୁଦ୍ଧା ଜିଲାୱାରୀ ରିପୋର୍ଟ ବିଭାଗକୁ ପ୍ରଦାନ କରିବେ। ସେହିପରି ସବୁ ସ୍କୁଲର ପାଠପଢ଼ାର ବ୍ୟବସ୍ଥା ଏବଂ ଶିକ୍ଷାଦାନ ଶୈଳୀ ନେଇ ଓସେପା ଦ୍ୱାରା ଏକ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି।



■ଦୁଇବର୍ଷ ପରେ ଖୋଲିଛି ପ୍ରାଥମିକ ସ୍କୁଲ

■ଶିକ୍ଷାଦାନର ରିପୋର୍ଟ ପ୍ରସ୍ତୁତ କରିବ ଓସେପା

ମିଳିଥିବା ସୂଚନାନୁସାରେ, ରାଜ୍ୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ମୋଟ ୩୭,୭୧,୨୪୯ଜଣ ଛାତ୍ରୀଛାତ୍ର ଥିବାବେଳେ ଷଷ୍ଠରୁ ଅଷ୍ଟମ ମଧ୍ୟରେ ପିଲାଙ୍କ ସଂଖ୍ୟା ୨୨,୧୭,୦୦୦ ରହିଛି। ଜିଲାୱାରୀ ରିପୋର୍ଟ ଅନୁସାରେ ବାଲେଶ୍ୱର ଜିଲାରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ସଂଖ୍ୟା ୩ଲକ୍ଷ ୨୬ହଜାରରୁ ଅଧିକ ଥିବାବେଳେ ଗଞ୍ଜାମରେ ୪ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ, ମୟୂରଭଞ୍ଜରେ ୪ଲକ୍ଷରୁ ଅଧିକ, ସୁନ୍ଦରଗଡ଼ରେ ୨ଲକ୍ଷ ୯୦ହଜାରରୁ ଅଧିକ, ଯାଜପୁରରେ ୨ଲକ୍ଷ ୫୦ରୁ ଅଧିକ, ଖୋର୍ଦ୍ଧାରେ ୨ଲକ୍ଷ ୮୦ହଜାରରୁ ଅଧିକ, କଟକରେ ୨ଲକ୍ଷ ୭୫ହଜାରରୁ ଅଧିକ ଛାତ୍ରୀଛାତ୍ର ସ୍କୁଲରେ ଶିକ୍ଷାଦାନ କରୁଛନ୍ତି। ସେହିପରି ଅନ୍ୟ ଜିଲାଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ମଧ୍ୟ ସର୍ବନିମ୍ନ ଦେଢ଼ ଲକ୍ଷରୁ ଅଧିକ ରହିଛି। ଶିକ୍ଷା ବ୍ୟବସ୍ଥାକୁ ଅଧିକ ସରଳୀକରଣ କରିବା ଲାଗି ନାମଲେଖା ସମୟରେ ଟିସି ବାଧ୍ୟତାମୂଳକ ବ୍ୟବସ୍ଥାକୁ ଉଠାଇ ଦିଆଯାଇଥିବାରୁ ଅନେକ ପିଲା ଗୋଟିଏ ସ୍କୁଲ ଛାଡ଼ି ଅନ୍ୟ ସ୍କୁଲରେ ନାମ ଲେଖାଇଛନ୍ତି। ଫଳରେ ବର୍ତ୍ତମାନ କେଉଁ ସ୍କୁଲରେ କେତେ ପିଲା ରହିଛନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହୋଇପାରିନାହିଁ। ତେବେ ଜିଲାୱାରୀ ୨୦୧୯ ଶିକ୍ଷାବର୍ଷରେ କେଉଁ ସ୍କୁଲରେ କେତେ ପିଲା ଥିଲେ ଏବଂ ବର୍ତ୍ତମାନ କେତେ ପିଲା ଅଛନ୍ତି ତାହାର ରିପୋର୍ଟ ପ୍ରଧାନଶିକ୍ଷକ ପ୍ରସ୍ତୁତ କରି ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ। ସବୁ ସ୍କୁଲର ରିପୋର୍ଟ ମିଳିବା ପରେ ଏପ୍ରିଲ ପ୍ରଥମ ସପ୍ତାହରେ ବିଭାଗ ପକ୍ଷରୁ ସମୀକ୍ଷା କରାଯିବ। ଏହାବ୍ୟତୀତ ମାର୍ଚ୍ଚରେ ପ୍ରତ୍ୟେକ ସ୍କୁଲରେ କେତେ ପିଲା ବାର୍ଷିକ ପରୀକ୍ଷା ଦେବେ ତାହାର ସମ୍ପୂର୍ଣ୍ଣ ତଥ୍ୟ ମଧ୍ୟ ବିଭାଗକୁ ଦିଆଯିବ ବୋଲି ଜଣାପଡ଼ିଛି।




ପୁରୀ ବେଳାଭୂମିରେ ଗୁରୁବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ମାଧ୍ୟମରେ ରୁଷିଆ-ୟୁକ୍ରେନ ଯୁଦ୍ଧର ସମାପ୍ତି ପାଇଁ ଆହ୍ୱାନ ଦେଇଛନ୍ତି।

## ବୁଥ୍‌ସ୍ତରରେ ଡିଜିଟାଲ ସଭ୍ୟ ଗ୍ରହଣକୁ ପିସିସିର ଗୁରୁତ୍ୱ

ଭୁବନେଶ୍ୱର, ୩।୩(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଓ ସାଂଗଠନିକ ନିର୍ବାଚନ ସମ୍ପର୍କିତ ବୈଠକ ଗୁରୁବାର ନୀଳାଦ୍ରିବିହାରସ୍ଥିତ ଲୁମ୍ବିନି କନ୍‌ଭେନ୍‌ଶନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରି କହିଲେ, ବୁଥ୍ ସ୍ତରରେ ଡିଜିଟାଲ ସଭ୍ୟ ଗ୍ରହଣ କରାଯିବ। ଏଥିପାଇଁ ପ୍ରତି ଜିଲା ଏବଂ ନିର୍ବାଚନ ମଣ୍ଡଳୀ ସ୍ତରରେ ଚିଫ୍ ଏନ୍‌ରୋଲର ନିଯୁକ୍ତି କରାଯିବ। ସେହିପରି ବୁଥ୍‌ସ୍ତରରେ ଏନ୍‌ରୋଲର ନିଯୁକ୍ତ କରାଯାଇ ଡିଜିଟାଲ ସଭ୍ୟ ସଂଗ୍ରହ କରାଯିବ। ଏମ୍‌ପି ତଥା ପ୍ରଦେଶ ନିର୍ବାଚନ ଅଧିକାରୀ (ପିଆର୍‌ଓ) ନିରଜ ଡାଙ୍ଗି, ଏପିଆର୍‌ଓ ସନ୍ଦୀପ ସିଂ ଓ ଅମିତାଭ ଚକ୍ରବର୍ତ୍ତୀ ସଭ୍ୟ ସଂଗ୍ରହ ଅଭିଯାନ ସମ୍ପର୍କରେ କହିଲେ, ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ବାଚନ ସଂପୂର୍ଣ୍ଣ କରିବା ପାଇଁ ସ୍ଥିର କରିଛି। ସେଥିପାଇଁ ଓଡ଼ିଶାରେ ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ ତଥା କ୍ରିୟାଶୀଳ କରି ପ୍ରତ୍ୟେକ ବୁଥ୍ ଯେପରି ସକ୍ରିୟ ହୋଇପାରିବ ସେ ଦିଗରେ ସମସ୍ତଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପଡ଼ିବ। ଏଆଇସିସି ସାଧାରଣ ସମ୍ପାଦକ ତଥା ରାଜ୍ୟ ପ୍ରଭାରୀ ଡ. ଏ ଚେଲା କୁମାର, ସମ୍ପାଦକ ରୁଦ୍ର ରାଜୁ, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ଜୟଦେବ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ଏମ୍‌ପି ସପ୍ତଗିରୀ ଉଲ୍ଲାକା, ବିଧାୟକ ସନ୍ତୋଷ ସିଂ ସାଲୁଜା, ଯଜ୍ଞେଶ୍ୱର ବାବୁ, ଅନନ୍ତ ପ୍ରସାଦ ସେଠୀ ପ୍ରମୁଖ ସଭ୍ୟ ସଂଗ୍ରହ ଅଭିଯାନ ସଂପର୍କରେ ମତ ରଖିଥିଲେ।

# ତଦନ୍ତ ନିର୍ଦ୍ଦେଶ ଦେଲା ବନ ବିଭାଗ

ଭୁବନେଶ୍ୱର, ୩।୩(ବ୍ୟୁରୋ)

**କୋରଡ଼ରୁ ଶୁଆଧରା ଭିଡିଓ ଭାଇରାଲ ଘଟଣା**

■କାର୍ଯ୍ୟାନୁଷ୍ଠାନ ଭୟରେ ୟୁଟ୍ୟୁବ୍‌ରୁ ଦୁଇ ଭିଡିଓ ଡିଲିଟ୍

■ଚ୍ୟାନେଲ ନାମ ବଦଳାଇ ଦିଆଯାଇଥିବା ସୂଚନା

କନ୍ଧମାଳ ଜିଲାରେ ଗଛ କୋରଡରୁ ଶୁଆ ଶାବକଙ୍କୁ ଅତି ଅମାନୁଷିକ ଭାବେ ଉଠାଇ ନିଆଯାଉଥିବା ଭିଡିଓ ଭାଇରାଲ ହେବା ପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ। ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟର ୱାଇଲ୍ଡଲାଇଫ୍ କଞ୍ଜରଭେଶନ ଅଫିସରଙ୍କ ପକ୍ଷରୁ ଗୁରୁବାର କନ୍ଧମାଳର ଫୁଲବାଣୀ ବନଖଣ୍ଡ ଓ ବାଲିଗୁଡ଼ା ବନଖଣ୍ଡ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ଦେବା ପାଇଁ ଦୁଇ ଡିଏଫ୍‌ଓଙ୍କୁ ଚିଠି ଦିଆଯାଇଛି। ସୂଚନାଯୋଗ୍ୟ, ଉକ୍ତ ଭିଡିଓ ବିଷୟରେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ବୁଧବାର ଓଡ଼ିଶାର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଅଭିଯୋଗ କରିଥିଲେ। ଶୁଭେନ୍ଦୁ ପ୍ରମାଣ ସ୍ୱରୂପ ଶୁଆ ଶାବକଙ୍କ ଉପରେ ହୋଇଥିବା ନିଷ୍ଠୁରତାର ଏକାଧିକ ଭିଡିଓ ତାଙ୍କୁ ପ୍ରଦାନ କରିଥିଲେ। ଏ ସଂକ୍ରାନ୍ତରେ ଗୁରୁବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ୟୁଟ୍ୟୁବ୍‌ରୁ ଉକ୍ତ ଦୁଇ ଭିଡିଓକୁ ଡିଲିଟ୍ କରିଦିଆଯାଇଛି। ଖାଲି ସେତିକି ନୁହେଁ, କନ୍ଧମାଳ ଏଲ୍.କେ. ଚ୍ୟାନେଲ ନାମକୁ ମଧ୍ୟ ବଦଳାଇ ଦିଆଯାଇଛି। ତେବେ ଚ୍ୟାନେଲ ନାଁ ବଦଳାଇ ଭିଡିଓ ଡିଲିଟ୍ କରିଦେଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରାଯାଇପାରିବ। କାରଣ ସେଇ ଦୁଇଟି ଭିଡିଓର ୟୁଆର୍‌ଏଲ୍ ଥାଇ ସ୍କ୍ରିନଶଟ୍ ମଧ୍ୟ ପ୍ରମାଣ ସ୍ୱରୂପ ଶୁଭେନ୍ଦୁ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଦେଇଥିଲେ। ସେହି ୟୁଆରଏଲ୍‌ରୁ ସାଇବର ଏକ୍ସପର୍ଟମାନେ କିଏ ସେଇ ଚ୍ୟାନେଲ ଖୋଲିଥିଲେ, କିଏ ଅପରେଟ କରୁଥିଲେ, ର୍‍ୟାକେଟ ସହ ତାଙ୍କ ସମ୍ପର୍କ ଆଦି ତଥ୍ୟ ସହଜରେ ମିଳିପାରିବ। ତଦନ୍ତ କରାଯାଇ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବ। ତେବେ ଏସବୁ ପଛରେ ବନ ବିଭାଗର ନିଷ୍କ୍ରିୟତା ମୂଳ କାରଣ। ଶୁଆ ଭଳି ସଂରକ୍ଷିତ ପ୍ରାଣୀ ପ୍ରତି ବନ ବିଭାଗର କେତେଜଣ ଅଧିକାରୀ କୋହଳ ମନୋଭାବ ପୋଷଣ କରିଥାନ୍ତି ବୋଲି ଶୁଭେନ୍ଦୁ କହିଛନ୍ତି।

## 'ବୋମା ନୁହେଁ, ହସ ଫୁଟାଇବା'

ଭୁବନେଶ୍ୱର, ୩।୩(ବ୍ୟୁରୋ)

ୟୁକ୍ରେନ୍ ଉପରେ ରୁଷିଆର ଅମାନୁଷିକ ଆକ୍ରମଣ ବିରୋଧରେ ତଥା ବିଶ୍ୱ ଶାନ୍ତି ପ୍ରତିଷ୍ଠା ଦାବିରେ ଗୁରୁବାର ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ୍ ଛକରେ ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କର ପକ୍ଷରୁ ବିକ୍ଷୋଭ କରାଯାଇଛି। 'ବୋମା ନୁହେଁ, ହସ ଫୁଟାଇବା' ଆହ୍ୱାନ ଦିଆଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ମୀର ଅହମ୍ମଦ ଅଲ୍ଲୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ କଂଗ୍ରେସ ମୁଖପାତ୍ର ଅମିୟ ପାଣ୍ଡବ, ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଟ୍ରେନ୍ସ ଏଜୁକେଶନର ପ୍ରତିଷ୍ଠାତା ଅଶ୍ୱିନୀ ପାଢ଼ୀ, ସାମାଜିକ କର୍ମୀ ବିନ୍ଦୁଜା ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

କଟକ ଅଫିସ,୩।୩- ଜଗତ୍‌ପୁର ଥାନା ଅଧୀନ କେନ୍ଦ୍ରାପଡା କେନାଲ ପୋଲ ନିକଟ ୧୬ନଂ. ଜାତୀୟ ରାଜପଥରେ ବୁଧବାର ବିଳମ୍ବିତ ରାତିରେ ଟ୍ରକ୍ ଧକ୍କାରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିକରପୁର ତଳସାହିର ରାଜକିଶୋର ମହାନ୍ତି(୫୪) ଓ ତ୍ରିନାଥ ମହାନ୍ତି(୫୮)। ମିଳିଥିବା ସୂଚନା ଅନୁଯାୟୀ, ରାତି ପ୍ରାୟ ସାଢେ ୧ଟାରେ ରାଜକିଶୋର ଓ ତ୍ରିନାଥ ଏକ ବାଇକ୍(ନଂ.ଓଡ଼ି୦୫କେୟୁ-୧୯୪୪)ରେ ମଙ୍ଗୁଳିରୁ କଟକ ଅଭିମୁଖେ ଯାଉଥିବାବେଳେ ପଛରୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ରାସ୍ତାରେ ପଡି ଗୁରୁତର ହୋଇଥିଲେ। ଖବରପାଇ ଜଗତ୍‌ପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ କଟକ ବଡଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ରାଜକିଶୋରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତ୍ରିନାଥଙ୍କ ମୃତ୍ୟୁ ଘଟିଥିଲା।

## ଦିବ୍ୟାଙ୍ଗଙ୍କୁ ସହଜରେ ଶ୍ରୀମନ୍ଦିର ପ୍ରବେଶ ସମ୍ପର୍କିତ ମାମଲା
## ମାସକରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ

କଟକ ଅଫିସ,୩।୩

ଦିବ୍ୟାଙ୍ଗଙ୍କୁ ସହଜରେ ଶ୍ରୀମନ୍ଦିର ପ୍ରବେଶ ସମ୍ପର୍କିତ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଆସନ୍ତା ୧ ମାସ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି, ମୁଖ୍ୟ ପ୍ରଶାସକ ଓ ପୁରୀ ଜିଲାପାଳ ମିଳିତ ଭାବେ ଏ ଦିଗରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଦିବ୍ୟାଙ୍ଗ ଜିତେନ୍ଦ୍ର କୁମାର ବିଶ୍ୱାଳ ପିଟିଶନରେ ଦର୍ଶାଇଛନ୍ତି, ସେ ହୁଇଲ ଚେୟାରରେ ଯାତାୟାତ କରୁଛନ୍ତି। କିଛିଦିନ ତଳେ ସେ ଶ୍ରୀମନ୍ଦିରକୁ ପ୍ରବେଶ କରିବାବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ହୁଇଲ୍ ଚେୟାର ଉପରେ ନିର୍ଭର କରୁଥିବା ଦିବ୍ୟାଙ୍ଗମାନଙ୍କ ପାଇଁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବାକୁ କୌଣସି ବ୍ୟବସ୍ଥା ନାହିଁ। ବାରମ୍ବାର ଏହି ପ୍ରସଙ୍ଗ ଉଠିଥିଲେ ମଧ୍ୟ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ର୍‍ୟାମ୍ପ୍ ତିଆରି କରି ଅଥବା ହୁଇଲ ଚେୟାର୍‌ରେ ବସି କିପରି ଦିବ୍ୟାଙ୍ଗମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିପାରିବେ ସେ ନେଇ ପଦକ୍ଷେପ ଗ୍ରହଣ କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ପିଟିଶନରେ ଦର୍ଶାଯାଇଥିଲା।

# ଆଶଙ୍କାରେ ଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା

ପୁରୁଣା ଭୁବନେଶ୍ୱର, ୩।୩(ଡି.ଏନ୍.ଏ.)

ପ୍ରତିବର୍ଷ ମହାଶିବରାତ୍ରି ପରେ ଅମାବାସ୍ୟା ଯିବାର ପ୍ରଥମ ଶନିବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥାଏ। କପିଳେଶ୍ୱର ମନ୍ଦିରରେ ଖୁଣ୍ଟିଆ ଓ ମଳିଆ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ଏହି ଯାତ୍ରା ୭ବର୍ଷ ହେବ ବନ୍ଦ ରହିଛି। ଚଳିତ ବର୍ଷ ଏହି ଯାତ୍ରାକୁ ପୁନଃ ଆରମ୍ଭ କରିବା ପାଇଁ ଗୁରୁବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସ୍‌ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୁଣ୍ଟିଆ ଓ ମଳିଆ ସେବାୟତଙ୍କ ସମେତ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ, ବିଏମ୍‌ସି ଅଧିକାରୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବହୁ ବିଚାରବିମର୍ଶ ପରେ ଏହି ସମସ୍ୟାର ସମାଧାନ ହୋଇପାରି ନ ଥିଲା। ଫଳରେ ଜିଲାପାଳ ମହାପାତ୍ର ବିରକ୍ତି ପ୍ରକାଶ କରି ବୈଠକକୁ ବାତିଲ କରିଥିଲେ। ଫଳରେ ଚଳିତ ବର୍ଷ ଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ହେବାନେଇ ପୁଣି ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ଆଇନଜୀବୀ ବିଶ୍ୱନାରାୟଣ ନାୟକ କହିଛନ୍ତି, ହାଣ୍ଡିଭଙ୍ଗା ଯାତ୍ରା ସମ୍ପର୍କରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପ୍ରଶାସନ କିମ୍ବା ସେବାୟତ ଭ୍ରୂକ୍ଷେପ ନ କରିବାରୁ ଏଭଳି ପରିସ୍ଥିତି ଉପୁଜିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବନ୍ଦିତା



@ ରାମ



@ ଗୌରବ



@ ସାଗର



@ ସନ୍ତୋଷ



@ ସୂର୍ଯ୍ୟ

## କେନାଲରୁ ଯୁବକଙ୍କ ମୃତଦେହ ଜବତ

ବାଲିଅନ୍ତା,୩।୩(ଡି.ଏନ.ଏ)

ବାଲିଅନ୍ତା ଥାନା ଅଧୀନ ଅଲାରପୁର ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲରୁ ଗୁରୁବାର ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ବୟସ ୨୫ରୁ ୩୦ବର୍ଷ ହେବ ବୋଲି ପୋଲିସ କହିଛି। ଶରୀରରେ କେବଳ ଏକ ଫୁଲପ୍ୟାଣ୍ଟ ରହିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କେନାଲର ଉପରଆଡୁ ମୃତଦେହଟି ଭାସି ଆସି ଅଲାରପୁରସ୍ଥିତ କେନାଲ ନିକଟରେ ଲାଗିଥିଲା। ସ୍ଥାନୀୟ ଲୋକେ ସେହି ରାସ୍ତା ଦେଇ ଆସୁଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଚିହ୍ନଟ ପାଇଁ କ୍ୟାପିଟାଲ ହସ୍ପିଟାଲର ବ୍ୟବଚ୍ଛେଦ ସଂରକ୍ଷଣ ଗୃହରେ ରଖାଯାଇଛି।



ଭୁବନେଶ୍ୱରରସ୍ଥିତ ଆମ ଓଡ଼ିଶା କାର୍ଯ୍ୟାଳୟଠାରେ କଥାକାର ମାନସୀ ଦାସଙ୍କ ପୁସ୍ତକ 'ନୌକା' ଓ 'ବଞ୍ଚିଆରେ ପୁଅ ମୋର' ଉନ୍ମୋଚନ ଅବସରରେ ଅବସରପ୍ରାପ୍ତ ଡିଜିପି ଶରତ ଚନ୍ଦ୍ର ମିଶ୍ର ଓ ଅନ୍ୟମାନେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା ଏବଂ ଓଡ଼ିଶା ନାଟ୍ୟସଂଘ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ପୂର୍ବ ରଙ୍ଗ ଜାତୀୟ ନାଟ୍ୟ ଉତ୍ସବର ଗୁରୁବାର ତୃତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ଶହୀଦ ଉଦାମ ସିଂ'ର ଏକ ଦୃଶ୍ୟ।




ୟୁକ୍ରେନ-ରୁଷିଆ ଯୁଦ୍ଧ ବନ୍ଦ ଦାବି କରି ଗୁରୁବାର ଭୁବନେଶ୍ୱରର କ୍ୟାପିଟାଲ ଲ' କଲେଜ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଶାନ୍ତି ଶୋଭାଯାତ୍ରା।

## ସଂକ୍ଷେପରେ

### ପୁସ୍ତକ 'ସାଧନା, ଅନୁଭୂତି' ଉନ୍ମୋଚିତ

**ଭୁବନେଶ୍ୱର, ୩।୩(ବ୍ୟୁରୋ):** ନୟାପଲ୍ଲୀସ୍ଥିତ ସପ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଲେଖକ ତଥା ଓୟୁଏଟିର ପୂର୍ବତନ ପ୍ରଫେସର ଅଭିମନ୍ୟୁ ମିଶ୍ରଙ୍କ ପୁସ୍ତକ 'ସାଧନା ଓ ଅନୁଭୂତି' ଉନ୍ମୋଚିତ ହୋଇଛି। ପୁରୀ ଗୋବର୍ଦ୍ଧନ ପୀଠର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ବାର୍ତ୍ତାର ଏକ ସାରମର୍ମକୁ ଏହି ପୁସ୍ତକରେ ସ୍ଥାନିତ କରାଯାଇଛି। ଏହାସହ ଅସାଧାରଣ ଯୋଗାଭ୍ୟାସର ପୁଙ୍ଖାନୁପୁଙ୍ଖ ପରିପ୍ରକାଶ କରି ଅଜ୍ଞାତ ସୃଷ୍ଟି ରହସ୍ୟ ଓ ଆଧାର ଜଗତର ଗୂଢ଼ ରହସ୍ୟକୁ ସାମ୍ନାକୁ ଆଣିଛନ୍ତି। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ତଥା ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ସ୍ୱାମୀ ଶିବାନନ୍ଦ ଆଶ୍ରମ ଅଧକ୍ଷ ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ, ନିଗମାନନ୍ଦ ଆଶ୍ରମର ସନ୍ୟାସୀ କଲ୍ୟାଣ ମୟୀ ସରସ୍ୱତୀ ଅତିଥିଭାବେ ଯୋଗଦେଇଥିଲେ।

### ଟ୍ରଫି, ଜର୍ସି ଉନ୍ମୋଚିତ

**ବାଲିଅନ୍ତା,୩।୩(ଡି.ଏନ.ଏ):** ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ଅଧୀନ ଗଡ଼ନହରକଣ୍ଟା ଗ୍ରାମରେ ଚଳିତବର୍ଷ ୧୨ତମ ବାର୍ଷିକ ଲିଙ୍ଗରାଜ ମେମୋରିଆଲ ଟ୍ରଫି ଫ୍ଲଡ୍ ଲାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଏହି ଟୁର୍ନାମେଣ୍ଟ ଆୟୋଜିତର ଅବ୍ୟବହିତ ପୂର୍ବରୁ ଗୁରୁବାର ଏହାର ଟ୍ରଫି ଓ ଜର୍ସି ଉନ୍ମୋଚିତ ହୋଇଯାଇଛି। ବିଶ୍ୱ ବିଜୟୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଟ୍ରଫି ଓ ଜର୍ସି ଉନ୍ମୋଚନ ଉତ୍ସବରେ ଅତିଥି ରୂପେ ରିଣ୍ଟୁ ମିତ୍ର, ସ୍ୱାକ୍ଷର ରଞ୍ଜନ ମହାନ୍ତି, ସନ୍ତୋଷ ଜେନା, ଡ. ସ୍ୱାଗତ ରଞ୍ଜନ ଦାସ, ଦୀପକ ସାମନ୍ତରାୟ ଓ ଜଗନ ଜେନା ପ୍ରମୁଖ ଯୋଗଦେଇଥିଲେ। ପୂର୍ବବର୍ଷ ଭଳି ଚଳିତବର୍ଷ ଗ୍ରାମର ରୁଦ୍ରେଶ୍ୱର ମନ୍ଦିର ନିକଟରେ ଥିବା ଖେଳପଡ଼ିଆରେ ୨ଦିନ ଧରି ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ବାଲିଅନ୍ତା,୩।୩(ଡି.ଏନ.ଏ):** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ଅଞ୍ଚଳରେ ଧର୍ମପରାୟଣା ମହିଳା ଶରତ କୁମାରୀ ଦାସ(୮୨)ଙ୍କ ଗୁରୁବାର ପରଲୋକ ଘଟିଛି। ସେ ଦୀର୍ଘ ୨ ବର୍ଷ ହେଲା ଘରେ ଶଯ୍ୟାଶାୟୀ ଥିବାବେଳେ ଏଥିସହ ଉଚ୍ଚରକ୍ତଚାପରେ ମଧ ପୀଡ଼ିତ ଥିଲେ। ସେ ଭିଙ୍ଗାରପୁର ଅଞ୍ଚଳର ପୂର୍ବତନ ସରପଞ୍ଚ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ଚୌଧୁରୀ ଦ୍ୱାରିକାନାଥ ଦାସଙ୍କ ମାଆ ଥିଲେ। ତାଙ୍କର ଅଚାନକ ମୃତ୍ୟୁ ଖବର ପାଇ ବହୁ ଲୋକପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତି ଭିଙ୍ଗାରପୁର ଚୌଧୁରୀ ପରିବାରସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବଡ଼ପୁଅ କାଶୀନାଥ ଦାସ, ସାନପୁଅ ବାବି, ଝିଅ ସୁଷମା, ସୁନିତା, ବୋହୂ, ନାତି ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ସିରିଜ ଦୁର୍ଘଟଣା: ଜଣେ ଆହତ, ଚାଳକ ଗିରଫ

**ଭୁବନେଶ୍ୱର,୩।୩(ବ୍ୟୁରୋ)** ରାଜଧାନୀରେ ଜଣେ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା। ପିସିଆର୍ ଭ୍ୟାନ୍ ସମେତ ଏକାଧିକ ଗାଡିକୁ ଧକ୍କା ଦେଇ ଖସି ପଳାଉଥିବା ବେଳେ କାର୍ ସହ ଉକ୍ତ ଡ୍ରାଇଭରଙ୍କୁ ଧରିଛି ନୟାପଲ୍ଲୀ ଥାନା ପୋଲିସ। ସେ ହେଲେ ନୟାପଲ୍ଲୀ ଅଞ୍ଚଳରେ ରହୁଥିବା ନରେନ୍ଦ୍ରନାଥ ମୁଣ୍ଡା। ତେବେ ଏହି ଦୁର୍ଘଟଣାରେ ମାନସ ରଞ୍ଜନ ସ୍ୱାଇଁ ନାମକ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଅଭିଯୋଗ ଆଧାରରେ ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଛି।

ପୋଲିସ ସୂଚନାନୁସାରେ, ନରେନ୍ଦ୍ରନାଥ ମେ ଫେୟାର ଆଡୁ କାର ଧରି ଜୟଦେବ ବିହାର ଆଡେ ଆସୁଥିବାବେଳେ ପ୍ରଥମେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ମାନସଙ୍କୁ ଧକ୍କା ଦେଇଥିଲେ। ଏହାପରେ ପିସିଆର୍ ଭ୍ୟାନ୍‌କୁ ଧକ୍କା ଦେଇ ଖସି ପଳାଉଥିବାବେଳେ ପିସିଆର୍ ଗାଡି ନଂ.୧୯ ତାଙ୍କୁ ଧରି ଥାନାକୁ ଆଣିଥିଲା। ପଚରାଉଚରାବେଳେ ସେ ୬ଟି ଗାଡିକୁ ଧକ୍କା ଦେଇଥିବା ଜଣାପଡିଛି। ତେବେ ଥାନାରେ ୨ଟି ଅଭିଯୋଗ ହୋଇଛି। ନୟାପଲ୍ଲୀ ଥାନା ପୋଲିସ ମାମଲା ନଂ.୧୩୦/୨୨ ରୁଜୁ କରି ତଦନ୍ତ ଜାରି ରଖିଛି। ସେପଟେ ନୟାପଲ୍ଲୀରେ ଜଣେ ବ୍ୟକ୍ତି ରାସ୍ତା ପାର ହେଉଥିବାବେଳେ ଅଜଣା ଗାଡି ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ସ୍ଥାନୀୟ ଲୋକେ ଉଦ୍ଧାର କରିଥିବାବେଳେ ପିସିଆର ପୋଲିସ ପହଞ୍ଚି ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ତାଙ୍କର ପରିଚୟ ଜଣାପଡିନାହିଁ।

# ପ୍ରାର୍ଥୀପତ୍ର ଦାଖଲ କଲେ ୪ କର୍ପୋରେଟର ପ୍ରାର୍ଥୀ



**■ଫର୍ମ ନେଲେଣି ୮ ମେୟର ଓ ୩୭୧ କର୍ପୋରେଟର ପ୍ରାର୍ଥୀ**

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ପାଇଁ ଗୁରୁବାର ୪ ଜଣ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିଛନ୍ତି । ବୁଧବାର ମେୟର ପଦବୀ ପାଇଁ ୫ ଜଣ ପ୍ରାର୍ଥୀ ମନୋନୟନ ଫର୍ମ ନେଇଥିବା ବେଳେ ଗୁରୁବାର ଆଉ ୩ ଜଣ ଫର୍ମ ନେଇଛନ୍ତି । ଫଳରେ ଦୁଇ ଦିନରେ ମୋଟ ୮ ଜଣ ପ୍ରାର୍ଥୀ ମେୟର ପଦବୀ ପାଇଁ ଫର୍ମ ନେଇଛନ୍ତି । ସେହିପରି ବୁଧବାର ୧୯୪ ପ୍ରାର୍ଥୀ କର୍ପୋରେଟର ପଦବୀ ପାଇଁ ମନୋନୟନ ଫର୍ମ ନେଇଥିବାବେଳେ ଗୁରୁବାର ଆଉ ୧୭୭ ଜଣ ପ୍ରାର୍ଥୀ ଏଥିପାଇଁ ମନୋନୟନ ଫର୍ମ ନେଇଛନ୍ତି । ୨ ଦିନରେ ମୋଟ ୩୭୧ ଜଣ ପ୍ରାର୍ଥୀ ବିଭିନ୍ନ ୱାର୍ଡରେ କର୍ପୋରେଟର ପଦବୀ ପାଇଁ ମନୋନୟନ ଫର୍ମ ନେଇଛନ୍ତି। ଏଥିପାଇଁ ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ବିଏମ୍‌ସିର ୬୭ଟି ୱାର୍ଡର ମୋଟ ୭ ଲକ୍ଷ ୨୫ ହଜାର ୭୬୫ ଭୋଟର ମତଦାନ କରିବାକୁ ଥିବା ବେଳେ ସେଥିମଧ୍ୟରୁ ପୁରୁଷ ଭୋଟର ୩ ଲକ୍ଷ ୯୪ ହଜାର ୫୧୦, ମହିଳା ଭୋଟର ସଂଖ୍ୟା ୩ ଲକ୍ଷ ୩୦ ହଜାର ୮୧୫ ଏବଂ ୪୪୦ ଜଣ ଅନ୍ୟ ମତଦାତା ରହିଛନ୍ତି । ମୋଟ ୭୦୫ ବୁଥ୍‌ରେ ମତଦାତାମାନେ ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ ।





ଭୁବନେଶ୍ୱରର ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

## ମଧୁସ୍ମିତା ହେବେ କଂଗ୍ରେସ ମେୟର ପ୍ରାର୍ଥୀ

**ଭୁବନେଶ୍ୱର,୩।୩(ବ୍ୟୁରୋ):**

ପୌର ନିର୍ବାଚନ ପାଇଁ ଏବେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଚାଲିଛି। ଦିନ ସରୁଥିବାରୁ ପ୍ରାର୍ଥୀ ଚୟନ ପାଇଁ ବିଭିନ୍ନ ରାଜନୈତିକ ଦଳ ଲାଗିପଡିଛନ୍ତି। ଚଳିତବର୍ଷ ପ୍ରଥମଥର ମେୟରଙ୍କୁ ଭୋଟର ସିଧାସଳଖ ନିର୍ବାଚିତ କରିବେ। ଏଥିପାଇଁ ଏବେ ମେୟର ପଦକୁ ନେଇ ସବୁ ଦଳ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଉପରେ ରାଜ୍ୟବାସୀଙ୍କ ଫୋକସ୍ ରହିଥିବାରୁ ଭଲ ପ୍ରାର୍ଥୀ ଚୟନ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏପରିସ୍ଥିତିରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ ପାଇଁ ମେୟର ପ୍ରାର୍ଥୀ ପ୍ରାୟତଃ ଚୂଡ଼ାନ୍ତ ହୋଇସାରିଛି। କଂଗ୍ରେସ ନେତ୍ରୀ ମଧୁସ୍ମିତା ଆଚାର୍ଯ୍ୟଙ୍କ ନାମକୁ ଚୟନ କରାଯାଇଥିବାବେଳେ ଶୁକ୍ରବାର ପୂର୍ବାହ୍ନରେ ଘୋଷଣା କରାଯିବ ବୋଲି ପିସିସି ପକ୍ଷରୁ ସୂଚନା ମିଳିଛି। ତେବେ ତାଙ୍କୁ ମେୟର ପ୍ରାର୍ଥୀ ଭାବେ ଦଳ ସୁଯୋଗ ଦେଉଥିବାରୁ ମଧୁସ୍ମିତା କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ଜିତିବା ଆଶା ନେଇ ଲଢ଼ିବି। ଦଳର ଆଶାକୁ ସୁନିଶ୍ଚିତ କରିବି।



**ବିଏମ୍‌ସି ନିର୍ବାଚନ**

**ଘୋଷଣାକୁ ଅପେକ୍ଷା**

ପ୍ରକାଶ ଯେ, ପ୍ରାର୍ଥୀ ଚୟନ, ବଜେଟ ଓ ପରିଚାଳନା ଏବଂ ପ୍ରଚାରକୁ ନେଇ କଂଗ୍ରେସ ପକ୍ଷରୁ ପଞ୍ଚାୟତ ଓ ପୌର ନିର୍ବାଚନ ପରିଚାଳନା କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ବିଧାୟକ ଦଳ ନେତା ତଥା ନିର୍ବାଚନ ପରିଚାଳନା କମିଟି ଅଧକ୍ଷ ନରସିଂହ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୌର ନିର୍ବାଚନ ପ୍ରାର୍ଥୀ ଚୟନ ନିମନ୍ତେ କେତେକ ନିଷ୍ପତ୍ତି ହୋଇଥିଲା। ପ୍ରାର୍ଥୀ ଚୟନ ଦିଗରେ ପ୍ରତି ଜିଲା ପାଇଁ ଜିଲା କଂଗ୍ରେସ କମିଟି ସଭାପତି ଓ ତୃଣମୂଳସ୍ତରର ନେତୃବୃନ୍ଦଙ୍କୁ ସ୍ୱାଧୀନଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। କଟକ ମହାନଗର ନିଗମର ମେୟର ପ୍ରାର୍ଥୀ ଭାବେ କଂଗ୍ରେସର କଟକ ସହର ସଭାନେତ୍ରୀ ଗିରିବାଳା ବେହେରାଙ୍କୁ ମନୋନୀତ କରାଯାଇଥିବାବେଳେ ଭୁବନେଶ୍ୱର ମେୟର ଦୌଡ଼ରେ ଦୁଇ ପ୍ରମୁଖ ପ୍ରାର୍ଥୀ ଥିବାରୁ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନ ଥିଲା। ଗତ ବିଧାନସଭା ନିର୍ବାଚନରେ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ରଶ୍ମି ମହାପାତ୍ର ଓ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ କାଙ୍ଗାଳି ଚରଣ ପଣ୍ଡାଙ୍କ ପୁତ୍ରବଧୂ ସମାଜସେବୀ ମଧୁସ୍ମିତା ଆଚାର୍ଯ୍ୟଙ୍କ ନାମକୁ ନେଇ ଆଲୋଚନା ହୋଇଥିଲା। ବିଭିନ୍ନ ଦିଗକୁ ତର୍ଜମା କରାଯିବା ପରେ ମଧୁସ୍ମିତାଙ୍କ ନାମକୁ ଚୂଡ଼ାନ୍ତ କରାଯିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି।

## ନିର୍ବାଚନ ପରବର୍ତ୍ତୀ ହିଂସା: କାର୍ ଜାଳିଦେଲେ ଦୁର୍ବୃତ୍ତ



**ଖୋର୍ଦ୍ଧା ଅଫିସ,୩।୩:**

ଖୋର୍ଦ୍ଧା ବ୍ଲକ କାଇପଦର ଗ୍ରାମରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ବିଜୟୀ ସରପଞ୍ଚଙ୍କ ସମ୍ପର୍କୀୟ ମାନସ ରଞ୍ଜନ ରାଉତରାୟଙ୍କ କାର୍‌ରେ ବୁଧବାର ରାତିରେ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଗ୍ରାମବାସୀଙ୍କଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ମାନସଙ୍କ ଅଭିଯୋଗ ପରେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, କାଇପଦର ଗ୍ରାମ ମଙ୍ଗଳାସାହିରେ ବୁଧବାର ରାତିରେ କୌଣସି କାରଣରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଖବର ପାଇ ସଦର ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ମାନସଙ୍କ କାର୍ ଏକ ଫାର୍ମ ହାଉସ୍‌ରେ ରହିଥିଲା। କେତେଜଣ ଦୁର୍ବୃତ୍ତ ତାଙ୍କ କାର୍‌ରେ ନିଆଁ ଲଗାଇ ଦେଇଥିଲେ। ଭୋର୍ ସମୟରେ କାର୍ ଜଳୁଥିବା ଖବରପାଇ କେତେଜଣ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପଞ୍ଚାୟତ ନିର୍ବାଚନରେ ପରାଜୟ ପରେ ପ୍ରତିଶୋଧପରାୟଣ ହୋଇ ବିପକ୍ଷ ଗୋଷ୍ଠୀ ଏଭଳି କାଣ୍ଡ ଘଟାଇଥିବା ମାନସ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

## ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ପ୍ରତିଷ୍ଠା ଦିବସ



ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ୩୬ତମ ପ୍ରତିଷ୍ଠା ଦିବସ ଗୁରୁବାର ରାଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସମ୍ପାଦକ ସୟଦ୍ ମୁଶିର ଆଲାମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକାଡେମୀ ପକ୍ଷରୁ ପ୍ରକାଶିତ ଦୁଇଟି ପୁସ୍ତକ ଯଥା ମନୋଜ ଦାସ୍‌କେ- ମୁନତଖିବ୍ ଅଫ୍‌ସାନେ ଏବଂ ଦିଲକଶ୍ ଗଜଲେଁ ଉନ୍ମୋଚିତ କରାଯାଇଛି। ପ୍ରତିଷ୍ଠା ଦିବସ ଅବସରରେ ତ୍ରିଭାଷୀ କବି ସମ୍ମିଳନୀ କରାଯାଇଥିଲା। ସେଥିରେ ଉର୍ଦ୍ଦୁରୁ ୧୨ଜଣ, ଓଡ଼ିଆ କବି ୫ ଓ ହିନ୍ଦୀ କବି ୫ଜଣ ରହିଥିଲେ। ଏହି କାର୍ଯ୍ୟକ୍ରମରେ ୪୫ଜଣଙ୍କୁ ଛାତ୍ରବୃତ୍ତି ମଧ ପ୍ରଦାନ କରାଯାଇଥିଲା। ଏଥିପାଇଁ ଯୁକ୍ତ ୨, ଯୁକ୍ତ ୩ ଓ ସ୍ନାତକୋତ୍ତରରୁ ମୋଟ ୨୨୫ଜଣ ଆବେଦନ କରିଥିଲେ।

## ଏକାଧିକଙ୍କୁ ଠକେଇ କରି ଦିବ୍ୟାଙ୍ଗ ଗିରଫ

**ଭୁବନେଶ୍ୱର,୩।୩(ବ୍ୟୁରୋ):**

କାହାକୁ ସିବିଆଇ ତ ପୁଣି ଆଉ କାହାକୁ ଓଡ଼ିଶା ସରକାରଙ୍କ ସଚିବ ର୍ୟାଙ୍କ୍‌ର ଅଫିସରର ପରିଚୟ ଦେଇ ସମ୍ପର୍କ ବଢ଼ାଉଥିଲେ। ସହାୟତାର ହାତ ବଢ଼ାଇ ଟଙ୍କା ଠକି ନେଉଥିଲେ। ଏମିତି ଏକାଧିକ ଲୋକଙ୍କୁ ଠକିଥିବା ଜଣେ ଦିବ୍ୟାଙ୍ଗ ଅଭିଯୁକ୍ତଙ୍କୁ ତମାଣ୍ଡୋ ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ କଟକ ମଧୁପାଟଣା ଅଞ୍ଚଳର ନିଖିଳ ସ୍ୱାଇଁ।

ନିଖିଳ ତମାଣ୍ଡୋ ବଜାରରେ ଥିବା ଟିକା ପୁଷ୍ଟିଙ୍କ ମୋବାଇଲ ଦୋକାନକୁ ନିୟମିତ ଆସୁଥିଲେ। ନିଜକୁ ସିବିଆଇ ଅଫିସର କହି ସମ୍ପର୍କ ସ୍ଥାପନ କରିଥିଲେ। ଟିକାଙ୍କ ଭାଣିଜୀ ଏକ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଏଥିପାଇଁ ଦୁଇ ଲକ୍ଷ ଟଙ୍କାର ଗୋଟିଏ ଇଞ୍ଜେକ୍ସନ ଆବଶ୍ୟକ ଥିଲା। ତେବେ ନିଖିଳ କମ୍ ଟଙ୍କାରେ ଉକ୍ତ ଇଞ୍ଜେକ୍ସନ ଯୋଗାଇ ଦେବାକୁ କହି ଟିକାଙ୍କଠାରୁ ୩୦ ହଜାର ଟଙ୍କା ନେଇଥିଲେ। ହେଲେ ଟଙ୍କା ନେବା ପରେ ନିଖିଳ ଆଉ ଦେଖା ଦେଇ ନ ଥିଲେ। ଇଞ୍ଜେକ୍ସନ ଜରୁରୀ ଥିବାରୁ ଟିକା ତାଙ୍କ ସହ ବାରମ୍ବାର ଯୋଗାଯୋଗ କରିଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଟିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ନଂ.୫୨/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ନିଖିଳଙ୍କୁ ଗିରଫ କରିବା ପରେ ତାଙ୍କ ଠକେଇ ସମ୍ପର୍କରେ ଅଧିକ ତଥ୍ୟ ଜାଣିବାକୁ ପାଇଛି ପୋଲିସ। ଏୟାରପୋର୍ଟ ଥାନାରେ ମଧ ତାଙ୍କ ନାମରେ ମାମଲା ରହିଛି। ନିଜକୁ ଓଡ଼ିଶା ସରକାରଙ୍କ ସଚିବ ବୋଲି ପରିଚୟ ଦେଇ ଏକ କାର୍ ମାସିକ ୧୫ହଜାର ଟଙ୍କାରେ ଭଡ଼ାରେ ଆଣିଥିଲେ। ଉକ୍ତ ଗାଡିଟି ଲୋନ୍‌ରେ ଆସିଥିଲା। କିନ୍ତୁ ମାଲିକ କିସ୍ତି ନ ଦେଇପାରିବାରୁ ଫାଇନାନ୍ସ ସଂସ୍ଥାର କର୍ମଚାରୀ ଉକ୍ତ ଗାଡିକୁ ନେଇଯାଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ନିଖିଳ ଗାଡି ମାଲିକଙ୍କ ସହ କଥା ହୋଇ ଗାଡି ମୁକୁଳାଇଦେବେ ବୋଲି ପ୍ରତିଶ୍ରୁତି ଦେଇ ୪୦ ହଜାର ଟଙ୍କା ଠକିନେଇଥିଲେ। ତେବେ ସେ ଓଲା ଡ୍ରାଇଭରଙ୍କଠାରୁ ବିଭିନ୍ନ ଲୋକଙ୍କ ଫୋନ୍ ନମ୍ବର ଆଣି ସେମାନଙ୍କ ସହ ମିଶିବା ପରେ ଏକାଧିକ ଠକେଇ କରିଥିବା ଜଣାପଡିଛି। ଏନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ୨ କୋର୍ଟଚାଲାଣ

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ଡ଼୍ୟୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାପଲ୍ଲୀର ସ୍ମୃତିରଞ୍ଜନ ମଣ୍ଡଳ (୨୦) ଓ ନିଆଳିର ଅଂଶୁମାନ ସାଗର କୁମାର ଆପଟ (୨୦)। ସୂଚନାନୁଯାୟୀ ନୟାପଲ୍ଲୀ ସାଲିଆସାହିରେ ରହୁଥିବା ଭଦ୍ରକର ଜଗଦ୍ଦୀଶ ଦାସ ଓ ତାଙ୍କ ବନ୍ଧୁ କୌଣସି କାମରେ ବାହାରକୁ ଯାଇ ଫେରୁଥିବାବେଳେ କିଛି ବ୍ୟକ୍ତି ତାଙ୍କୁ ବାଟରେ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କଠାରୁ ମୋବାଇଲ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ତେବେ ସେମାନଙ୍କଠାରୁ ଜଗଦ୍ଦୀଶ ଏବଂ ତାଙ୍କ ବନ୍ଧୁ କୌଶଳକ୍ରମେ ଖସି ପଳାଇ ଆସିଥିଲେ। ହେଲେ ପୁଣି ସେମାନଙ୍କୁ ପିଛା କରି ନୟାପଲ୍ଲୀରେ ଅଟକାଇ ଅଭିଯୁକ୍ତମାନେ ମିଳିମିଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଜଗଦ୍ଦୀଶ ଆହତ ହୋଇଥିଲେ। ଏନେଇ ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୧୨୬/୨୨)ରୁଜୁ କରି ଆଇଆର୍‌ସି ଭିଲେଜ ଅଞ୍ଚଳରୁ ସ୍ମୃତିରଞ୍ଜନ ଏବଂ ଅଂଶୁମାନଙ୍କୁ ଗିରଫ କରିଥିଲା। ଅନ୍ୟମାନେ ଫେରାର ଅଛନ୍ତି।

## ୭୫ ମିଟର ବାହାରେ ହେବ ଅଢ଼େଇ ମିଟର ରାସ୍ତା

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

**ପୁରୀ ଅଫିସ,୩।୩:**

ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଏବେ ଜୋରସୋରରେ ଆଗେଇ ଚାଲିଛି। ଗୁରୁବାର ଓଡ଼ିଶା ସେତୁ ନିର୍ମାଣ ନିଗମ(ଓବିସିସି)ର ବରିଷ୍ଠ ଅଧିକାରୀ ଓ କର୍ତ୍ତୃପକ୍ଷମାନେ ପୁରୀ ଆସି ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶ୍ରୀମନ୍ଦିର ଚାରିପାଖ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବୁଝିଛନ୍ତି। ମେଘନାଦ ପ୍ରାଚୀରଠାରୁ ୭୫ ମିଟର ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ବେଳେ ସାହି ଗଳିକୁ ଲାଗିଥିବା ରାସ୍ତା ସମ୍ପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ଚାଲିଆସୁଛି। ଫଳରେ ବଡ଼ଦାଣ୍ଡକୁ ସାହିବାସିନ୍ଦାଙ୍କ ସିଧାସଳଖ ଯାତାୟାତ ବାଧାପ୍ରାପ୍ତ ହେବ। ଏହାକୁ ଦୃଷ୍ଟିରେ ରଖି ୭୫ ମିଟର ଶେଷ ହେଉଥିବା ସ୍ଥାନରୁ ଅଢେଇ ମିଟରର ଏକ ରାସ୍ତା ନିର୍ମାଣ କରାଯିବ। ଏହା ସାହି ଗଳିରୁ ବାହାରି ପ୍ରକଳ୍ପର ପାର୍ଶ୍ୱ ଦେଇ ବଡ଼ଦାଣ୍ଡଠାରେ ବାହାରିବ। ଫଳରେ ଶ୍ରୀମନ୍ଦିର ଚାରିପାଖରେ ଥିବା ବାସିନ୍ଦାମାନେ ବଡ଼ଦାଣ୍ଡକୁ ଯିବା ସହଜ ହେବ। ବିଶେଷ ଭାବେ ପଶ୍ଚିମପଟେ ଏଭଳି ରାସ୍ତା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଓବିସିସି ପକ୍ଷରୁ ସୂଚନା ମିଳିଛି। ଓବିସିସିର ପ୍ରକଳ୍ପ ଅଧିକାରୀ ପ୍ରଭାତ ପାଣିଗ୍ରାହୀ, ଓବିସିସି ଏମ୍‌ଡି ଜୟକୃଷ୍ଣ ଦାଶ ଓ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କାର୍ଯ୍ୟକୁ ତ୍ୱରିତ ବେଗରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ, ଓବିସିସି ଅଧିକାରୀ ଓ ଟାଟା କମ୍ପାନୀ ଲିମିଟେଡ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓବିସିସି ପକ୍ଷରୁ ଏହା ପ୍ରଥମ ପର୍ଯ୍ୟାୟ ସମୀକ୍ଷା। ପ୍ରକଳ୍ପ କାର୍ଯ୍ୟ ଟାଟା କମ୍ପାନୀ ଓ ଓବିସିସିର ମିଳିତ ଉଦ୍ୟମରେ ପରିଚାଳିତ ହେଉଥିବା ହେତୁ ପ୍ରଥମ ପର୍ଯ୍ୟାୟରେ କେତେ କାର୍ଯ୍ୟ ଲକ୍ଷ୍ୟ ରଖାଯାଇଥିଲା ଓ ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହା ହୋଇପାରିଛି ନାହିଁ ସେନେଇ କମ୍ପାନୀର ଅଧିକାରୀଙ୍କ ସହ ଓବିସିସିର ଅଧିକାରୀମାନେ ଆଲୋଚନା କରିଥିଲେ।

## 'ଐତିହ୍ୟ କ୍ଷେତ୍ର ଏକାମ୍ର ଯୋଜନାରେ ସାମିଲ ହେଉ'

**ପୁରୁଣା ଭୁବନେଶ୍ୱର,୩।୩(ଡି.ଏନ୍.ଏ.)**

ଏକାମ୍ର ବିକାଶ ଯୋଜନାରେ ସୂକ୍ଷ୍ମେଶ୍ୱର ମନ୍ଦିର, ଭୁଆଶୁଣି ମନ୍ଦିର, କପିଳେଶ୍ୱର ମନ୍ଦିର, ବାରୁଣେଶ୍ୱର ମନ୍ଦିର, ମଙ୍ଗଳେଶ୍ୱର ମନ୍ଦିର, କେଦାରଗୌରୀ ମନ୍ଦିର ପରିସରରେ ଥିବା ଦୁଇ ଔଷଧୀୟ ଜଳଉତ୍ସ, କଣ୍ଡରା ପୋଖରୀକୁ ସାମିଲ କରାଯାଉ। ଏନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରୀଲିଙ୍ଗରାଜଙ୍କ ସେବା ନୀତିକାନ୍ତିରେ କଥିତ ଥିବା ଦେବଦେବୀ ପୀଠଗୁଡ଼ିକର ଚତୁଃପାର୍ଶ୍ୱରୁ ବେଆଇନ ଜବରଦଖଲ ହଟାଯିବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ମଞ୍ଚ ଅଧକ୍ଷ ଭୀଷ୍ମନାରାୟଣ ନାୟକ, ସୁଲତା ସାହାଣୀ, ସ୍ୱପ୍ନାରାଣୀ ସାମଲ, ବିନୋଦିନୀ ସେନାପତି, ଗୋପୀନାଥ ପ୍ରଧାନ, ରାଜେଶ ମିଶ୍ର, ମନୋରଞ୍ଜନ ବେହେରା, ଉପନ ଦାସ, ଦିଲୀପ ସୁବୁଦ୍ଧି, ମାନସୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମହାନଦୀ ପଠାରୁ ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**୨୬ ତାରିଖରୁ ନିଖୋଜ ଥିଲେ**

**କଟକ ଅଫିସ,୩।୩**

କଟକ ବିଡ଼ାନାସୀ ଥାନା ଭୁଆଶୁଣୀ ନିକଟ ମହାନଦୀ ପଠାରୁ ଗୁରୁବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତକ ଜଣକ ଗତମାସ ୨୫ ତାରିଖରୁ ଭୁବନେଶ୍ୱରରୁ ନିଖୋଜ ଥିବା ଆଜାଦ ଯାଦବ(୨୬) ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଆଜାଦଙ୍କ ମୂଳ ଘର ବିହାରରେ ହୋଇଥିବାବେଳେ ପରିବାର ସହ ସେ ଭୁବନେଶ୍ୱରରେ ରୁହନ୍ତି। ତେବେ ଗତ ୨୬ ତାରିଖରେ କଟକର ଜଣେ ଠିକାଦାରଙ୍କ ପାଖରୁ ବାକି ଟଙ୍କା ଆଣିବା ପାଇଁ ଆସି ଆଉ ଫେରି ନ ଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲା। ଗୁରୁବାର ନଦୀ ପଠାରେ ଏକ ମୃତଦେହ ପଚିଶଢ଼ି ଯାଇଥିବା ଅବସ୍ଥାରେ ପଡ଼ିଥିବା ନେଇ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଘଟଣାସ୍ଥଳରେ ଡିସିପି ସିଂଙ୍କ ନେତୃତ୍ୱରେ ଡଗସ୍କ୍ୱାଡ୍ ଓ ସାଇଣ୍ଟିଫିକ ଟିମ୍ ଛାନ୍‌ଭିନ୍ କରିଛନ୍ତି। ବିଡ଼ାନାସୀ ପୋଲିସ ଏନେଇ ଏକ ହତ୍ୟା ମାମଲା(ନଂ. ୩୮/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାରେ ସମ୍ପୃକ୍ତ ସନ୍ଦେହରେ କେତେକଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରୁଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଡିସିପି କହିଛନ୍ତି।





କ୍ୱିଭ୍‌ସ୍ଥିତ ଏକ ଲଜିଷ୍ଟିକ୍ ସେଣ୍ଟରରେ ନିଆଁ ଲିଭାଉଛନ୍ତି ୟୁକ୍ରେନ୍ ଅଗ୍ନିଶମ କର୍ମଚାରୀ।

# ନାଗରିକଙ୍କ ସୁରକ୍ଷା ପାଇଁ ଅସ୍ତ୍ରବିରତି

**କ୍ୱିଭ୍, ୩।୩:** ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଥିବାବେଳେ ସାମୟିକ ଆଶ୍ୱସ୍ତି ଦେବାଭଳି ଖବର ଆସିଛି ବେଲାରୁଷ ସୀମାରୁ। ସାଧାରଣ ଜନତା ଯେପରି ଆକ୍ରମଣର ଶିକାର ନ ହେବେ ସେଥିଲାଗି ଏକ ସୁରକ୍ଷିତ କରିଡର କରିବା ସକାଶେ ରୁଷିଆ ଓ ୟୁକ୍ରେନ୍ ଆପାତତଃ ରାଜି ହୋଇଛନ୍ତି। ବେଲରୁଷ ଓ ପୋଲାଣ୍ଡ ସୀମାରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିବା ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ପରାମର୍ଶଦାତା ମିଖାଇଲୋ ପୋଡୋଲ୍ୟାକ୍ କହିଛନ୍ତି, ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ମାନବିକ ସହାୟତା ପ୍ରଦାନ ଏବଂ ସେଠାରୁ ନାଗରିକଙ୍କ ସୁରକ୍ଷିତ ସ୍ଥାନାନ୍ତରଣ ଲାଗି ଅସ୍ତ୍ରବିରତି କରାଯିବ। ଏ ନେଇ ପ୍ରାରମ୍ଭିକଭାବେ ବୈଠକରେ ସହମତି ପ୍ରକାଶ ପାଇଛି।




ବେଲାରୁଷ-ପୋଲାଣ୍ଡ ସୀମାନ୍ତ ବ୍ରେଷ୍ଟରେ ରୁଷିଆ ଓ ୟୁକ୍ରେନ୍ ପ୍ରତିନିଧିଙ୍କ ବୈଠକ।

# ଜିନ୍‌ପିଙ୍ଗ୍‌ଙ୍କ ଡ୍ରିମ୍ ପ୍ରୋଜେକ୍ଟରେ ରୁଷିଆ କଣ୍ଟା







ହଂକଂ,୩।୩

ଶକ୍ତିଶାଳୀ ଚାଇନା ଯାହା ନିର୍ମାଣ କରିବାକୁ ଚାହୁଁଛି ମହତ୍ତ୍ୱାକାଂକ୍ଷୀ ରୁଷିଆ ତାକୁ ଧ୍ୱଂସ କରୁଛି। ବେଜିଂ ନିଜ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ଅଧୀନରେ ଯେଉଁ ପୂର୍ବ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ବାଣିଜ୍ୟିକ, ନିବେଶ ଓ କାରିଗରି ସମ୍ପର୍କ ପ୍ରତିଷ୍ଠା କରିଛି, ୟୁକ୍ରେନ୍ ଉପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆକ୍ରମଣକୁ ନିନ୍ଦା ନ କରି ସେଗୁଡ଼ିକ ଏବେ ହାତଛଡ଼ା ହେବାରେ ଲାଗିଛନ୍ତି।

ରୁଷିଆ ସହ ଅବଶିଷ୍ଟ ୟୁରୋପକୁ ସଂଯୋଗ କରୁଥିବା ୟୁକ୍ରେନ୍‌ର ରେଳପଥ, ରାସ୍ତା ଓ ଗ୍ୟାସ୍ ପାଇପ୍‌ଲାଇନ୍‌ଗୁଡ଼ିକ ରଣନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ବହନ କରେ। ୨୦୧୭ରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସିଗ୍‌ନେଚର ଇନ୍‌ଫ୍ରାଷ୍ଟ୍ରକ୍ଚର ପଲିସିରେ ୟୁକ୍ରେନ୍ ସାମିଲ ହେବା ପରଠାରୁ ଚାଇନାର କମ୍ପାନୀଗୁଡ଼ିକ ଏହି ପୂର୍ବ ୟୁରୋପୀୟ ଦେଶର ବନ୍ଦର ଓ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଚଳାଇଛନ୍ତି। ଆମେରିକା ଯେଉଁ ହୁଓ୍ୱେଇ ଟେକ୍ନୋଲୋଜିକୁ ସାରା ବିଶ୍ୱରୁ ହଟାଇବା ପାଇଁ ଉଦ୍ୟମ ଚଳାଇଛି ସେହି ଟେଲିକମ୍ ଜିଆଣ୍ଟ ସହ ୨୦୨୦ରେ କ୍ୱିଭ୍ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ସ୍ମାର୍ଟଫୋନ୍ ମେକର ଶାଓମି(୧୮୧୦.ଏଚ୍‌କେ) ଭଳି କମ୍ପାନୀଗୁଡ଼ିକ ପାଇଁ ୪୪ ନିୟୁତ ଜନସଂଖ୍ୟା ବିଶିଷ୍ଟ ୟୁକ୍ରେନ୍‌ର ଏକ ଆକର୍ଷଣୀୟ ବଜାର ରହିଛି। ସେହିପରି ୟୁକ୍ରେନ୍ ହେଉଛି କୃଷିଜାତ ଉତ୍ପାଦର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ, ଯେଉଁଠୁ ଚାଇନା ୨୦୨୧ରେ ୩୦% ଶସ୍ୟ ଆମଦାନୀ କରିଥିଲା। ରୁଷୀୟ ସୈନ୍ୟ କ୍ୱିଭ୍ ଅଭିମୁଖେ ଅଗ୍ରସର ହେଉଥିବାବେଳେ କ୍ଷେପଣାସ୍ତ୍ର ମାଡ଼ରେ ବିଧ୍ୱସ୍ତ ୟୁକ୍ରେନ୍ ପାଇଁ ବେଜିଂ ଏହାକୁ ଆକ୍ରମଣ ବୋଲି ନିନ୍ଦା କରିବା ପରିବର୍ତ୍ତେ ଦେଖଣାହାରି ସାଜିଛି। ଫଳରେ ଏହି ଆକ୍ରମଣ ଚାଇନା ବିରୋଧୀ ଭାବାବେଗକୁ ସମଗ୍ର ୟୁରୋପରେ ବ୍ୟାପକ କରିବାରେ ଲାଗିଛି। ପାଶ୍ଚାତ୍ୟ ଓ ମସ୍କୋ ଘରୋଇ କମ୍ପାନୀଗୁଡ଼ିକର କାରବାର ପାଇଁ ପ୍ରତିକୂଳ ସ୍ଥିତି ସୃଷ୍ଟି କରିଥିବାବେଳେ 'ଆଇରନ ସିଲ୍କ ରୋଡ୍' ରେଳ ବ୍ୟବସ୍ଥା ଦେଇ ସାମଗ୍ରୀ ପରିବହନର ଗତି ଧିମେଇଯିବାକୁ ବସିଛି। ୨୦୨୧ରେ ଏହି ସିଷ୍ଟମ୍ ଜରିଆରେ ଚାଇନା ୫୭ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ ୟୁରୋପକୁ ପଠାଇଥିଲା।

ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ଚାଇନା ଓ ପୋଲାଣ୍ଡର ସମ୍ପର୍କ ବିଗିଡ଼ିଯାଇଛି। ବେଜିଂ ଓ ୱାଶିଂଟନ ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ଉଦ୍ୟମ କରୁଥିବା ପୋଲାଣ୍ଡ ଜିନ୍‌ପିଙ୍ଗ୍‌ଙ୍କ ଡ୍ରିମ୍ ପ୍ରୋଜେକ୍ଟ ବିଆର୍‌ଆଇ ସଦସ୍ୟ। ରୁଷିଆ ଆକ୍ରମଣ ଯୋଗୁ ୟୁକ୍ରେନ୍‌ରୁ ପଳାୟନ କରୁଥିବା ଶରଣାର୍ଥୀଙ୍କ ପାଇଁ ପୋଲାଣ୍ଡ ଆଶ୍ରୟସ୍ଥଳ ପାଲଟିଛି। ପୁଟିନ୍‌ଙ୍କୁ ଚାଇନା ସମର୍ଥନ କରୁଥିବା ଦର୍ଶାଇ ଶରଣାର୍ଥୀମାନେ ସମାଲୋଚନା କରୁଛନ୍ତି। ସୋଭିଏଟ୍ ସଂଘର ପୂର୍ବତନ ସହଯୋଗୀଗୁଡ଼ିକ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଏବଂ ୟୁରେପୀୟ ସଂଘ (ଇୟୁ) ପ୍ରତି ଅଧିକ ଆନୁଗତ୍ୟ ପ୍ରଦର୍ଶନ କରୁଥିବାରୁ ସମ୍ପୃକ୍ତ କ୍ଷେତ୍ରରେ ବେଜିଂର ରଣନୀତି ଆହୁରି ବିପନ୍ନ ହେବାକୁ ଯାଉଛି। ଇୟୁରେ ଚାଇନାର ନିବେଶ ଦୁର୍ବଳ ହେବାରେ ଲାଗିଛି। ୨୦୨୦ରେ ଏହାର ମର୍ଜର ଆଣ୍ଡ ଆକ୍ୱିଜିଶନ୍ସ ଡିଲ ୬.୫ ବିଲିୟନ୍ ୟୁରୋକୁ ହ୍ରାସ ପାଇଥିଲା, ଯାହାକି ୧୦ ବର୍ଷ ମଧ୍ୟରେ ସର୍ବନିମ୍ନ। ପୁଟିନ୍‌ଙ୍କୁ ଖୋଲାଖୋଲି ସମର୍ଥନ କରି ବେଜିଂ ଏବେ ଆହୁରି କ୍ଷତିଗ୍ରସ୍ତ ହେବାକୁ ଯାଉଛି। ଶାନ୍ତି ପାଇଁ ଉଦ୍ୟମ ନ କଲେ ଚାଇନାର ଯେଉଁ କୂଟନୈତିକ ଓ ବାଣିଜ୍ୟିକ କ୍ଷତି ସାଧିତ ହେବ, ତାହାର ଭରଣା କରିବା ଏକପ୍ରକାର ଅସମ୍ଭବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ପ୍ରତିଟି ଘର ସଜାଡ଼ିବୁ

କ୍ୱିଭ୍, ୩।୩




ଆମେ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଦେଖିଛୁ। ତିନୋଟି ଦୁର୍ଭିକ୍ଷକୁ ସାମ୍ନା କରିଛୁ। ହୋଲୋକଷ୍ଟ, ବେବିନ୍ ୟାର, ଗ୍ରେଟ୍ ପର୍ଜ, ଚୋର୍ନୋବିଲ୍ ବିସ୍ଫୋରଣ ଓ କ୍ରିମିଆ ଦଖଲ ଭଳି ଘଟଣାକୁ ମଧ୍ୟ ଅଙ୍ଗେ ନିଭାଇଛୁ। ସ୍ୱାଧୀନତା ବ୍ୟତୀତ ହରାଇବା ପାଇଁ ଆମ ପାଖରେ ଆଉ କିଛି ନାହିଁ ବୋଲି ଗୁରୁବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି।

ରୁଷୀୟ ସୈନ୍ୟଙ୍କ ଆକ୍ରମଣ ଅଷ୍ଟମ ଦିନରେ ପହଞ୍ଚିଛି। ସେମାନେ ବିପୁଳ କ୍ଷେପଣାସ୍ତ୍ର ଓ ରକେଟ୍ ନେଇ ୟୁକ୍ରେନ୍‌ର ସହରଗୁଡ଼ିକୁ ଘେରି ରହିଥିବାବେଳେ ଜେଲେନ୍‌ସ୍କି ଏକ ଭିଡିଓ ମେସେଜ୍‌ରେ କହିଛନ୍ତି, ରୁଷିଆକୁ ଆକ୍ରମଣ ମହଙ୍ଗା ପଡ଼ିବ। ଯୁଦ୍ଧ ପରେ ସେ ୟୁକ୍ରେନ୍‌ର ପୁନଃନିର୍ମାଣ କରିବେ। ପ୍ରତ୍ୟେକ ଘର, ରାସ୍ତା ଓ ସହର ସଜଡ଼ାଯିବ। ୟୁକ୍ରେନ୍‌କୁ ଅନ୍ତର୍ଜାତୀୟ ସହଯୋଗୀ ଘାତକ ଅସ୍ତ୍ର ଯୋଗାଉଥିବା ସେ ସ୍ପଷ୍ଟ କରିଛନ୍ତି। ରୁଷିଆର ସୁରକ୍ଷା ବଳ ଦେଶକୁ ସମ୍ପୂର୍ଣ୍ଣ ଭାବେ ଦଖଲ କଲେ ବି ସେ ମୁଣ୍ଡ ନୁଆଁଇବେ ନାହିଁ। ପ୍ରତିରୋଧର ଏକ ନୂଆ ପର୍ଯ୍ୟାୟ ଆରମ୍ଭ ହେବ ବୋଲି ଜେଲେନ୍‌ସ୍କିଙ୍କ ମନ୍ତବ୍ୟରୁ ସଙ୍କେତ ମିଳିଛି।



ରୁଷିଆ ସେନା ଟ୍ରକ୍‌ରେ ଥିବା ଜଣେ ସୈନ୍ୟ ୟୁକ୍ରେନ୍‌ର ଏକ ଅଜ୍ଞାତ ସ୍ଥାନରେ ବନ୍ଧୁକ ଧରି ସଜାଗ ରହିଛନ୍ତି।

# ପୁଟିନ୍‌ଙ୍କୁ ଯୁଦ୍ଧ ବନ୍ଦ କରିବାକୁ କହିପାରିବା କି: ସିଜେଆଇ



ଜଷ୍ଟିସ୍ ଏନ୍.ଭି. ରମନା

ନୂଆଦିଲ୍ଲୀ,୩।୩

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କୁ ଯୁଦ୍ଧ ବନ୍ଦ କରିବାକୁ ଆମେ କହିପାରିବା କି ବୋଲି ଭାରତର ପ୍ରଧାନ ବିଚାରପତି ଏନ୍.ଭି. ରମନା ଗୁରୁବାର ଏକ ପିଟିଶନର ଶୁଣାଣି ବେଳେ କହିଛନ୍ତି। ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରେ ଅଟକି ରହିଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ଏଥିରେ ଆମେ କ'ଣ କରିପାରିବୁ ବୋଲି ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ପ୍ରତି ଆମର ସହାନୁଭୂତି ଓ ଚିନ୍ତା ରହିଛି। ଭାରତ ସରକାର ତାଙ୍କ କାର୍ଯ୍ୟ କରୁଛନ୍ତି। ରୋମାନିଆ ସୀମାବର୍ତ୍ତୀ ୟୁକ୍ରେନ୍‌ରେ ଅଟକି ରହିଥିବା ଭାରତୀୟ ଛାତ୍ରମାନଙ୍କୁ ଫେରାଇ ଆଣିବାରେ ସହାୟତା କରିବାକୁ ସୁପ୍ରିମକୋର୍ଟ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କୁ କହିଥିଲେ। ସରକାର ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିବା ଲାଗି ସମସ୍ତ ବ୍ୟବସ୍ଥା କରିଛନ୍ତି। ରୋମାନିଆକୁ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ପଠାଯାଇଛି। ପ୍ରଧାନମନ୍ତ୍ରୀ ରୁଷିଆ ଓ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହ ଏନେଇ କଥା ହୋଇଥିବା ବେଣୁଗୋପାଳ ଖଣ୍ଡପୀଠଙ୍କୁ କହିଥିଲେ।

# ପୁଟିନ୍‌ଙ୍କୁ ଗିରଫ କଲେ ୧ ମିଲିୟନ ଡଲାର

## ରୁଷୀୟ ବ୍ୟବସାୟୀଙ୍କ ପୁରସ୍କାର ଘୋଷଣା

ମସ୍କୋ, ୩।୩




ୟୁକ୍ରେନ ଉପରେ ଆକ୍ରମଣ କରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଯୁଦ୍ଧ ଅପରାଧ କରିଛନ୍ତି ବୋଲି ରୁଷୀୟ ବ୍ୟବସାୟୀ ଆଲେକ୍ସ କୋନାନିଖିନ୍ ଅଭିଯୋଗ ଆଣିଛନ୍ତି। ତୁରନ୍ତ ପୁଟିନ୍‌ଙ୍କୁ ଗିରଫ କରାଯିବାକୁ ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ ପୁଟିନ୍‌ଙ୍କୁ ଗଣହତ୍ୟାକାରୀ ଦର୍ଶାଇ 'ୱାଣ୍ଟେଡ୍: ଜୀବନ୍ତ କିମ୍ବା ମୃତ' ବୋଲି ଲେଖିଛନ୍ତି। ତାଙ୍କୁ ଗିରଫ କରାଗଲେ ସମ୍ପୃକ୍ତ ଅଫିସରଙ୍କୁ ୧ ମିଲିୟନ ଡଲାର ପୁରସ୍କାର ଦେବେ ବୋଲି ଆଲେକ୍ସ ତାଙ୍କ ଲିଙ୍କେଡିନ୍ ଓ ଫେସ୍‌ବୁକ୍ ପେଜ୍‌ରେ କହିଛନ୍ତି। ଆଲେକ୍ସ ତାଙ୍କ ଲମ୍ବା ପୋଷ୍ଟରେ ଲେଖିଛନ୍ତି, ପୁଟିନ୍ ରୁଷିଆର ରାଷ୍ଟ୍ରପତି ନୁହଁନ୍ତି। ଏକ ସ୍ୱତନ୍ତ୍ର ଅପରେଶନ ଜରିଆରେ ରୁଷିଆର ବହୁ ବିଲ୍ଡିଂ, ଆପାର୍ଟମେଣ୍ଟ ନଷ୍ଟ କରି ସେ କ୍ଷମତା ଦଖଲ କରିଛନ୍ତି। ବିରୋଧୀଙ୍କୁ ହତ୍ୟା କରିବା ସହ ମୁକ୍ତ ନିର୍ବାଚନକୁ ବନ୍ଦ କରି ସାମ୍ବିଧାନିକ ନିୟମ ଉଲ୍ଲଂଘନ କରିଛନ୍ତି। ଜଣେ ରୁଷୀୟ ନାଗରିକ ହିସାବରେ ଆଲେକ୍ସି ଦେଶରୁ ନାଜିଶାସନ ହଟାଇବାକୁ ଚାହାଁନ୍ତି ବୋଲି କହିଛନ୍ତି।



ଯୁଦ୍ଧ ଶେଷ ହେବା ଯାଏ ୟୁକ୍ରେନୀୟ ପୁରୁଷମାନେ ପଳାୟନ ନ କରି ଘରେ ରହୁଥିବାବେଳେ ମହିଳା ଓ ପିଲାଙ୍କୁ ପଡ଼ୋଶୀ ଦେଶଗୁଡ଼ିକୁ ପଠାଇ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର କ୍ୱିଭ୍ ରେଳଷ୍ଟେଶନରୁ ଲିଭ୍ ଯିବା ପାଇଁ ସ୍ୱାମୀଙ୍କଠାରୁ ବିଦାୟ ନେଉଛନ୍ତି ଜଣେ ମହିଳା।



ୟୁକ୍ରେନ୍‌ର ଖର୍କୋଭରୁ ଲିଭ୍ ଅଭିମୁଖେ ନାଗରିକଙ୍କୁ ନେଇ ଯାଉଥିବା ଏକ ଏମର୍ଜେନ୍ସି ଟ୍ରେନ୍ କ୍ୱିଭ୍ ରେଳଷ୍ଟେଶନରେ ଅଟକି ଥିବାବେଳେ ଶିଶୁମାନେ ବାହାରକୁ ଅନାଇଛନ୍ତି।

# ପ୍ୟାରିସ୍ ମ୍ୟୁଜିୟମରୁ ହଟିଲା ମହମ ମୂର୍ତ୍ତି

## ରଖାଯିବ ଜେଲେନ୍‌ସ୍କିଙ୍କ ଷ୍ଟାଚ୍ୟୁ

ପ୍ୟାରିସ୍, ୩।୩

ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଅନେକେ 'ହିଟ୍‌ଲର'ଙ୍କ ସହ ତୁଳନା କରୁଛନ୍ତି। ବିଭିନ୍ନ ଦେଶରେ ପୁଟିନ୍‌ଙ୍କ ବିରୋଧରେ ବିକ୍ଷୋଭ ଜାରି ରହିଛି। ଆମେରିକା ଓ ପାଶ୍ଚାତ୍ୟ ଦେଶ ରୁଷିଆ ଉପରେ କଡ଼ା କଟକଣା ଲଗାଇ ଚାଲିଥିବାବେଳେ ଗୁରୁବାର ଫ୍ରାନ୍ସର ପ୍ୟାରିସ୍ ମ୍ୟୁଜିୟମରେ ଥିବା ପୁଟିନ୍‌ଙ୍କ ମହମ ମୂର୍ତ୍ତିକୁ ହଟାଯାଇ ପ୍ରତିବାଦ ଜଣାଯାଇଛି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ଗ୍ରେଭିନ୍ ମ୍ୟୁଜିୟମର ନିର୍ଦ୍ଦେଶକ ଡେଲ୍‌ହୋମ୍ୟୁ କହିଛନ୍ତି। ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ ଆଡଲ୍ଫ ହିଟଲରଙ୍କ ଭଳି ପୁଟିନ୍‌ଙ୍କ ମୂର୍ତ୍ତିକୁ ସଂଗ୍ରହାଳୟରେ ରଖିବାକୁ ଚାହୁଁ ନ ଥିବା ଡେଲ୍‌ହୋମ୍ୟୁ ପ୍ରକାଶ କରିଛନ୍ତି। ଏଥିସହ ପୁଟିନ୍‌ଙ୍କ ସ୍ଥାନରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମୂର୍ତ୍ତି ରଖାଯିବାକୁ ଯୋଜନା ହୋଇଥିବା ଜଣାଯାଇଛି। ଦେଶକୁ ବିପଦରେ ଛାଡ଼ି ପଳାୟନର ରାସ୍ତା ବାଛି ନ ଥିବାରୁ ଜେଲେନ୍‌ସ୍କି ସମସ୍ତଙ୍କ ଆଗରେ ହିରୋ ପାଲଟିଛନ୍ତି। ଇତିହାସ ଏବଂ ବର୍ତ୍ତମାନର ନାୟକଙ୍କ ପ୍ରତିମୂର୍ତ୍ତି ମଧ୍ୟରେ ଜେଲେନ୍‌ସ୍କିଙ୍କ ମୂର୍ତ୍ତି ସ୍ଥାପନ କରାଯିବା ଉଚିତ ହେବ ବୋଲି ମ୍ୟୁଜିୟମ ନିର୍ଦ୍ଦେଶକ କହିଛନ୍ତି।



# ଶାନ୍ତନୁଙ୍କ ଦୃଢ଼ ବ୍ୟାଟିଂ ସତ୍ତ୍ୱେ ଓଡ଼ିଶା ୨୫୦/୬

**ଭୁବନେଶ୍ୱର, ୩।୩**
**(କ୍ରୀଡ଼ା ପ୍ରତିନିଧି)**

ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ (ଗ୍ରାଉଣ୍ଡ-ବି)ରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଓଡ଼ିଶା-ମୁମ୍ବାଇ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ। ଓପନର ଶାନ୍ତନୁ ମିଶ୍ରଙ୍କ ଦୃଢ଼ ବ୍ୟାଟିଂ ସତ୍ତ୍ୱେ ଓଡ଼ିଶା ପ୍ରଥମ ଇନିଂସରେ ୨୫୦ ରନ ମଧ୍ୟରେ ୬ ଉଇକେଟ ହରାଇଛି। ଫଳରେ ଶକ୍ତିଶାଳୀ ମୁମ୍ବାଇ ବୋଲିଂ ଆକ୍ରମଣ ବିପକ୍ଷରେ ଓଡ଼ିଶା ବଡ଼ ସ୍କୋର କରିବା ନେଇ ଆଶଙ୍କା ବଢ଼ିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି। ତେବେ ଓପନିଂ ଯୋଡ଼ିରେ ୨୩ ରନ ଯୋଗ ହେବା ପରେ ଦେବାଶିଷ ସାମନ୍ତରାୟଙ୍କ ଉଇକେଟ ପତନ ଘଟିଥିଲା। ଶୁଭ୍ରାଂଶୁ ମଧ୍ୟ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ମାତ୍ର ୧୩ ରନ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ୩୬ ରନରେ ଓଡ଼ିଶା ଦ୍ୱିତୀୟ ଉଇକେଟ ହରାଇଥିଲା। ଶାନ୍ତନୁ ଓ ଗୋବିନ୍ଦ ପୋଦ୍ଦାର ସତର୍କତାର ସହ ବ୍ୟାଟିଂ କରି ଇନିଂସକୁ ଆଗେଇ ନେଇଥିଲେ। ତୃତୀୟ ଉଇକେଟରେ ୧୫୩ ବଲ୍‌ରୁ ୭୪ ରନ ଯୋଗ ହେବାପରେ ପୋଦ୍ଦାର ବ୍ୟକ୍ତିଗତ ୩୭ (୭୧ ବଲ, ୪ ଚୌକା, ୧ ଛକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ ଅଭିଜ୍ଞ ଅଂଶୁମାନ ରଥ ମଧ୍ୟ ବିଶେଷ କିଛି କରିପାରି ନ ଥିଲେ। ହଂକଂ ପକ୍ଷରୁ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଥିବା ଅଂଶୁମାନ ଏଠାରେ ମାତ୍ର ୧୪ ରନ କରି ପାରିଥିଲେ। ଦୃଢ଼ ଆତ୍ମବିଶ୍ୱାସର ସହ ଖେଳି ଶତକ ଆଡ଼କୁ ଅଗ୍ରସର ହେଉଥିବା ଶାନ୍ତନୁ ୨୧୩ ବଲ୍‌ରୁ ବ୍ୟକ୍ତିଗତ ୮୯ (୧୧ ଚୌକା) ରନ କରିଥିବାବେଳେ ଦ୍ରୁତ ବୋଲର ଧାୱଲ କୁଲକର୍ଣ୍ଣୀଙ୍କ ଏକ ବଲ୍‌କୁ ଖେଳିବାକୁ ଯାଇ ଏଲବିଡବ୍ଲ୍ୟୁ ଆଉଟ ହୋଇ ଯାଇଥିଲେ। ଫଳରେ ଶତକଠାରୁ ମାତ୍ର ୧୧ ରନ ଦୂରରେ ରହି ସେ କ୍ରିଜ୍ ଛାଡ଼ିଥିଲେ। ଫର୍ମରେ ଥିବା ରାଜେଶ ଧୂପର ଏଠାରେ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ। ପ୍ରଥମ ଦିବସ ଖେଳ ଶେଷ ବେଳକୁ ଅଭିଷେକ ରାଉତ ୬୩ ବଲ୍‌ରୁ ୩୫ (୩ ଚୌକା, ୧ ଛକା) ଓ ରାଜେଶ ମହାନ୍ତି ୫୧ ବଲ୍‌ରୁ ୧୭ (୩ ଚୌକା) ରନରେ ଅପରାଜିତ ରହିଥିଲେ। ମୁମ୍ବାଇ ପକ୍ଷରୁ ମୋହିତ ଅବସ୍ଥି ଓ ତନୁଶ୍ କୋଟିଆନ୍ ୨ଟି ଲେଖାଏ ଏବଂ ଧାୱଲ କୁଲକର୍ଣ୍ଣୀ ଓ ସିଦ୍ଧାର୍ଥ ରାଉତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୫୦/୬ (ଶାନ୍ତନୁ ମିଶ୍ର-୮୯, ଗୋବିନ୍ଦ ପୋଦ୍ଦାର-୩୭, ଅଭିଷେକ ରାଉତ-୩୫*, ମୋହିତ ଅବସ୍ଥି-୨/୪୮, ତନୁଶ କୋଟିଆନ୍-୨/୬୫, ଧାୱଲ କୁଲକର୍ଣ୍ଣୀ-୧/୩୩, ସିଦ୍ଧାର୍ଥ ରାଉତ-୧/୪୨)।

# ଏଟିକେ ମୋହନବାଗାନ ସେମିରେ

**ମାରଗାଓ, ୩।୩ (ପି.ଟି.):** ଏଟିକେ ମୋହନବାଗାନ କ୍ରମାଗତ ଦ୍ୱିତୀୟ ବର୍ଷ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ସେମିଫାଇନାଲରେ ପ୍ରବେଶ କରିଛି। ଦଳ ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇନ୍ ଏଫ୍‌ସିକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି। ଦଳ ପକ୍ଷରୁ ଏକମାତ୍ର ଗୋଲ୍ ରୟ କ୍ରିଷ୍ଣା ଖେଳର ୪୫ତମ ମିନିଟ୍‌ରେ ସ୍କୋର କରିଥିଲେ। ଚଳିତ କ୍ୟାଲେଣ୍ଡର ବର୍ଷରେ କ୍ରିଷ୍ଣାଙ୍କର ଏହା ହେଉଛି ୫ମ ଗୋଲ୍। ଗୁରୁବାର ଏହି ବିଜୟ ଦ୍ୱାରା ଏଟିକେ ମୋହନବାଗାନ ୧୯ଟି ମ୍ୟାଚରୁ ୩୭ ପଏଣ୍ଟ ଲାଭ କରି ପଏଣ୍ଟ ଟେବୁଲ୍‌ର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଦଳ ଏହାର ପରବର୍ତ୍ତୀ ମ୍ୟାଚ ମାର୍ଚ୍ଚ ୭ରେ ଜାମସେଦପୁର ଏଫ୍‌ସି ବିପକ୍ଷରେ ଖେଳିବ।

# ରେଡ୍‌ବୁଲ୍ ସହ ୨୦୨୮ ପର୍ଯ୍ୟନ୍ତ ରହିବେ ଭର୍ଷ୍ଟାପେନ୍

**ଲଣ୍ଡନ, ୩।୩ (ଏପି):** ଫର୍ମୁଲା ୱାନ ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍ ରେଡ୍‌ବୁଲ୍ ସହିତ ଏକ ନୂଆ ଚୁକ୍ତି କରିଛନ୍ତି। ଏହାଦ୍ୱାରା ସେ ଟିମ୍ ସହିତ ୨୦୨୮ ପର୍ଯ୍ୟନ୍ତ ରହିବେ। ୨୪ ବର୍ଷୀୟ ଭର୍ଷ୍ଟାପେନ୍ ଗତବର୍ଷ ଲୁଇସ୍ ହାମିଲଟନଙ୍କୁ ପରାସ୍ତ କରି ପ୍ରଥମ ଥର ବିଶ୍ୱ ଚାମ୍ପିୟନଶିପ୍ ଜିତିଥିଲେ। ଏହି କାରଣରୁ ତାଙ୍କ ସହିତ ଚୁକ୍ତି ମିଆଦକୁ ବୃଦ୍ଧି କରାଯାଇଛି। ନେଦରଲାଣ୍ଡ୍ସ ଡ୍ରାଇଭର କହିଛନ୍ତି, ରେଡ୍‌ବୁଲ୍ ସହିତ ୨୦୨୮ ପର୍ଯ୍ୟନ୍ତ ରହିବା ତାଙ୍କ ପାଇଁ ଏକ ସହଜ ନିଷ୍ପତ୍ତି ନୁହେଁ। ସେ ଏହି ଟିମ୍‌କୁ ଖୁବ୍ ଭଲ ପାଆନ୍ତି। ଚାମ୍ପିୟନଶିପ୍ ଜିତିବା ଲକ୍ଷ୍ୟ ନେଇ ଆମେ ୨୦୧୬ରୁ ଯୋଜନା ଆରମ୍ଭ କରିଥିଲୁ। ଆମେ ଏଥିରେ ସଫଳ ହେଲୁ ମଧ୍ୟ। ତେବେ ବର୍ତ୍ତମାନ ଦୀର୍ଘ ସମୟ ଧରି କିପରି ନମ୍ବର ୱାନ ସ୍ଥାନ ବଜାୟ ରଖିପାରିବୁ ସେ ଦିଗରେ ଧ୍ୟାନ ଦେଉଛୁ। ମାତ୍ର ୧୭ ବର୍ଷ ବୟସରେ ଫର୍ମୁଲା ୱାନ ପଦାର୍ପଣ କରିଥିବା ଭର୍ଷ୍ଟାପେନ୍ ମାର୍ଚ୍ଚ ୨୦ରେ ବାହାରିନ୍‌ରେ ତାଙ୍କ ଟାଇଟଲ ବଜାୟ ଅଭିଯାନ ଆରମ୍ଭ କରିବେ।

# କାସ୍‌ରେ ଅପିଲ କରିବ ରୁଷିଆ

**ମସ୍କୋ, ୩।୩ (ଏପି):** ରଷିଆନ ଫୁଟ୍‌ବଲ ୟୁନିୟନ ବାସନ୍ଦ ବିରୋଧରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ରେ ଅପିଲ କରିବ। ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ପରେ ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ (ଫିଫା) ଓ ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ (ୟୁଫା) ସୋମବାର ରୁଷିଆର ଫୁଟ୍‌ବଲ କ୍ଲବ ଓ ଜାତୀୟ ଦଳଗୁଡ଼ିକୁ ସମସ୍ତ ପ୍ରକାର ପ୍ରତିଯୋଗିତାରୁ ପରବର୍ତ୍ତୀ ନୋଟିସ ପର୍ଯ୍ୟନ୍ତ ସସ୍‌ପେଣ୍ଡ କରିଛି। ରଷିଆନ ଫୁଟ୍‌ବଲ ୟୁନିୟନ ଏହାକୁ କାସ୍‌ରେ ଚ୍ୟାଲେଞ୍ଜ କରିବ।

# ଚୁକ୍ତି ବାତିଲ କଲା ଫର୍ମୁଲା ୱାନ୍

**ଲଣ୍ଡନ, ୩।୩ (ଏପି):** ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ନେଇ ଫର୍ମୁଲା ୱାନ୍ କର୍ତ୍ତୃପକ୍ଷ ରୁଷ ସହିତ କରିଥିବା ଏହାର ଚୁକ୍ତିର ପରିସମାପ୍ତି ଘଟାଇଛି। ଭବିଷ୍ୟତରେ ଏହି ଦେଶରେ ରେସ୍‌ର ଆୟୋଜନ ହେବ ନାହିଁ। ଫର୍ମୁଲା ୱାନ ପୂର୍ବରୁ ଚଳିତ ବର୍ଷ ସେପ୍ଟେମ୍ବର ୨୫ରେ ସୋଚିଠାରେ ହେବାକୁଥିବା ରେସ୍ ବାତିଲ କରିସାରିଥିଲା। ମାତ୍ର ଚଳିତ ସପ୍ତାହରେ ପୁନର୍ବାର ଆଲୋଚନା ପରେ ଫର୍ମୁଲା ୱାନ କର୍ତ୍ତୃପକ୍ଷ ଗୋଟିଏ ପାଦ ଆଗେଇ ରୁଷିଆ ସହିତ ୨୦୨୫ ପର୍ଯ୍ୟନ୍ତ ହୋଇଥିବା ଚୁକ୍ତିର ଆଗୁଆ ପରିସମାପ୍ତି ଘଟାଇଛି। ଗତ ସପ୍ତାହରେ ୪ଥର ଫର୍ମୁଲା ୱାନ ଚାମ୍ପିୟନ ସେବାଷ୍ଟିଆନ ଭେଟେଲ ଓ ଅନ୍ୟ ବହୁ ଡ୍ରାଇଭର କହିଥିଲେ, ଫର୍ମୁଲା ୱାନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ ମଧ୍ୟ ସେମାନେ ରୁଷିଆ ଯାଇ ସେଠାରେ ରେସ୍‌ରେ ଭାଗ ନେଇ ନ ଥାନ୍ତେ।

# ଆଇସିସି ମହିଳା ବିଶ୍ୱକପ୍ ଆଜିଠାରୁ

**ଦୁବାଇ, ୩।୩ (ପି.ଟି.):** ନ୍ୟୁଜିଲାଣ୍ଡର ମାଉଣ୍ଟ ମଙ୍ଗାନୁଇଠାରେ ଶୁକ୍ରବାରଠାରୁ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ ଆୟୋଜକ ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯିବ। ସମସ୍ତ ମ୍ୟାଚ ପାଇଁ ଡିସିସନ ରିଭ୍ୟୁ ସିଷ୍ଟମ (ଡିଆରଏସ୍) ଉପଲବ୍ଧ ହେବ। ଏହି ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୪ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ହେବ। ଏହି ଇଭେଣ୍ଟର ବ୍ୟାପକ ପ୍ରସାରଣର ବ୍ୟବସ୍ଥା କରାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କହିଛି। ଇଂଲଣ୍ଡରେ ୨୦୧୭ ସଂସ୍କରଣ ପରେ ମହିଳା ବିଶ୍ୱକପ୍‌ରେ ଦ୍ୱିତୀୟ ଥର ପାଇଁ ଡିଆରଏସ୍ ବ୍ୟବହାର କରାଯିବ। ଟୁର୍ଣ୍ଣାମେଣ୍ଟ ୬ଟି ଭେନ୍ୟୁରେ ଖେଳାଯିବ। ଖେଳର ସିଧାପ୍ରସାରଣ ପାଇଁ ପ୍ରତିଟି ଭେନ୍ୟୁରେ ଅତିକମ୍‌ରେ ୨୪ କ୍ୟାମେରା ବ୍ୟବହାର କରାଯିବ।

# ବାଂଲାଦେଶ ବିଜୟୀ

**ଢାକା, ୩।୩ (ଏପି):** ବାମହାତୀ ସ୍ପିନର ନାସୁମ ଅହମଦଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ (୪/୧୦) ସହାୟତାରେ ବାଂଲାଦେଶ ଏଠାରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ୬୧ ରନରେ ବିଜୟ ଲାଭ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ୨୦ ଓଭରରେ ୮ ଉଇକେଟ ହରାଇ ୧୫୫ ରନ କରିଥିଲା। ଟପ୍ ସ୍କୋରର ଲିଟନ ଦାସ ୬୦ରନ କରିଥିଲେ। ଆଫଗାନିସ୍ତାନର ଫଜଲହକ୍ ଫାରୁକି ଓ ଆଜ୍‌ମାତୁଲ୍ଲା ଓମାରଜାଇ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଭ୍ରମଣକାରୀ ଦଳ ୧୭.୪ ଓଭରରେ ୯୪ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ନାଜିବୁଲ୍ଲା ଜାଡ୍ରାନ ସର୍ବାଧିକ ୨୭ ରନ କରିଥିଲେ। ବାଂଲାଦେଶ ତରଫରୁ ନାସୁମଙ୍କ ବ୍ୟତୀତ ସୋରିଫୁଲ୍ ଇସ୍‌ଲାମ ୩ ଏବଂ ଶକିବ ଅଲ୍ ହସନ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ।

---

GOVT. OF ODISHA **No.A-859:**
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
DRAINAGE CIRCLE, GANDARPUR, CUTTACK-753 003
**E-PROCUREMENT NOTICE NO.-SEDC-CTC-07/2021-22**
email Id:- sedrainagecirclectc@gmail.com

| | | | |
|---|---|---|---|
| 1 | Name of Works | : | 03 Nos. of Package - Ranges from Rs.381.64 Lakhs to Rs 456.20 Lakhs |
| 2 | Bid Identification No. | : | 1) SEDC-CTC/DD-CTC- 25/2021-22<br>2) SEDC-CTC/DD-CTC- 26/2021-22<br>3) SEDC-CTC/DD-CTC -27/2021-22 |
| 3 | Period of Completion | : | 11( Eleven) Calendar months |
| 4 | Availability of Tender On - Line | : | 09.03.2022 from 16.30 hours to 24.03.2022 upto 17.30 hours. |
| 5 | Date of Opening of Technical Bid | : | 25.03.2022 at 10.00 hours in the O/o. The Additional Chief Engineer, Drainage Circle, Gandarpur, Cuttack. |
| 6 | Date of Opening of Financial Bid | : | 04.04.2022 at 10.00 hours in the O/o. The Additional Chief Engineer, Drainage Circle, Gandarpur, Cuttack. |
| 7 | Date of Lottery (If Required) | : | 08.04.2022 at 11.30 hours in the O/o. The Additional Chief Engineer, Drainage Circle, Gandarpur, Cuttack. |
| 8 | Procurement Officer | : | Additional Chief Engineer, Drainage Circle, Gandarpur, Cuttack-753 003. |

*** Tender will be accepted if registered in the CDMS Portal and Furnish of "Bid" Security Declaration".**
Further details can be seen from the Govt. website **www.tendersorissa.gov.in.**

**Sd./- Additional Chief Engineer,Drainage Circle,Cuttack**
**OIPR-32201/11/0011/2122**

---

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
email- serwsbd2003@yahoo.com
No: Date:
**e- Procurement Notice for Bridge & Road works**

**No.O-1760:**1.Name of the work : Construction of Road & Bridges as per Annexure (10 Nos.). 2. Class of contractor: "B", "A*, Special & Super Class of (Odisha PWD) or relevant class of other licensing authority.3. Estimated Cost: Varies from Rs.158.12 Lakhs to Rs. 631.20 Lakhs (Approximately). 4. Details projects as per : Annexure attached.:

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online- 34/ 2021-22 | 07.03.2022 at 11.00A.M. | 21.03.2022 upto 5.30 P.M. | 17.03.2022 upto 2.00 P.M. | 22.03.2022 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**
6. Any Corrigendun/Addendum will be displayed in the above e-tender website.

**Sd./-Chief Construction Engineer,Rural Works Circle, Sunabeda**
**OIPR-25045/11/0036/2122**

---

GOVERNMENT OF ODISHA
PR & DW DEPARTMENT
OFFICE OF THE EXECUTIVE ENGINEER, RWS&S DIVISION, MALKANGIRI
e-Mail - eerwss_mal@nic.in, eerwssmlkg@gmail.com
INVITATION FOR BIDS
**NATIONAL COMPETITIVE BIDDING**
**Bid Identification No: RWSS_MKG_ONLINE_05/ 2021-22 DATED: - 02.03.2022**

**No.O-1751:**The Executive Engineer, RWS&S Division, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below to be eventually drawn up on turnkey basis (i.e. with design and execution).

1.Name of the Work : Execution of 03 (Three) Nos. clubbed RPWS schemes in different villages of Chitrakonda, Kalimela & Khairput Block in Malkangiri District under JJM programme including 05 (Five) years Operation & Maintenance cost. 2.No. of Works : **03 Nos.** 3.Estimated Cost : **Rs. 289.19 Lakhs to Rs. 345.03 Lakhs**. 4.Tender Paper Cost : Rs.10,000/-. 5. Class of Contractor: Estimated Cost: Rs.40.00 Lakh to 3.00 Crore : 'B' & 'A' Class. Estimated Cost: Rs.3.00 Crore to 6.00 Crore: 'A' & 'Special' Class. 6. Period of Completion : 11 (Eleven) Calendar Months.
7. Critical dates:

| Procurement Officer | Bid Identification No. | Availability of Tender online for Bidding | | Last Date of seeking tender Clarification | Date of opening of Technical Bid |
|---|---|---|---|---|---|
| | | From | To | | |
| **Executive Engineer, RWS&S Division, Malkangiri** | **RWSS_MKG_ ONLINE_05 Of 2021-22** | **09.03.2022 at 09.00 A.M.** | **25.03.2022 upto 05.00 P.M.** | **22.03.2022** | **28.03.2022 at 11.00 A.M.** |

- Further details can be seen in the bidding documents, which is available in the e-procurement portal **https://www.tendersorissa.gov.in.**
- Subsequent corrigendum if required shall be appeared in the website only.
- The Authority reserves the right to reject any or all tenders without assigning any reason thereof.

**Sd./- Executive Engineer, RWS&S Division, Malkangiri**
**OIPR-25044/11/0008/2122**

---

OFFICE OF THE EXECUTIVE ENGINEER
RURAL WORKS DIVISION, BARGARH
No.O-1753: Email: rd_bgh@yahoo.co.in Gmail: rwd.bgh@gmail.com
**e-Procurement Notice No. ONLINE-BGH- 20 OF 2021-22**

| | | | |
|---|---|---|---|
| 1 | Name of the Work | : | Road work during 2021-22 in the district of Bargarh. |
| 2 | EMD | : | Bid Security Declaration |
| 3 | Other Details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-20 OF 2021-22 | 06.03.2022 at 11.00A.M. | 12.03.2022 upto 5.00 P.M. | 11.03.2022 upto 5.00 P.M. | 14.03.2022 at 11.00 A.M. |

Further details can be seen from the website **www.tendersorissa.gov.in.**

**Sd./- Executive Engineer, R.W.Division, Bargarh**
**OIPR-25062/11/0021/2122**

---

GOVERNMENT OF ODISHA
# DEPARTMENT OF WATER RESOURCES
## OFFICE OF THE DEPUTY DIRECTOR, MODEL STUDIES & RESEARCH, BURLA
Email Id: eehrdb@gmail.com

**No. DDMSRD/190** **Dated: 25.02.2022**

**AUCTION SALE NOTICE No. DDMSRD/11/2021-22**

No. A-858: Sealed tender in conformity with detail tender schedule are invited from interested persons/firms for sale of the condemned/unserviceable, surplus stock and scarp materials of Deputy Director, Model Studies & Research, Burla on "AS IS WHERE IS BASIS" only presently available in the SNERI Campus located at Hirakud Island as noted below.

| Sl. No. | BID ID No. | Description of Item | Details of the Campus | Upset Price (Rs.) | Cost of Tender Document (Non-refundable) | EMD to be Deposited (Rs.) |
|---|---|---|---|---|---|---|
| 1 | DDMSRD/ BID/01/ 2021-22 | Disposal of Surplus Stock Materials | SNERI Campus at Hirakud Island under Deputy Director, Model Studies & Research, Burla | 2,37,406.00 | Rs.2000/- (Two thousand) (Cash/DD by Hand) Rs.2000/- (Two thousand) (DD) (In case of download) Rs.2100/- (Two thousand one hundred) (DD) (In case of Post) | 12,000.00 |
| 2 | DDMSRD/ BID/02/ 2021-22 | Disposal of Site Account Materials | SNERI Campus at Hirakud Island under Deputy Director, Model Studies & Research, Burla | 1,51,265.00 | Rs.600/- (Six hundred) (Cash/DD by Hand) Rs.600/- (Six hundred) (DD) (In case of download) Rs.700/- (Seven hundred) (DD) (In case of Post) | 8,000.00 |

| Sale of Tender Documents for Sl. No. 1 & 2 | | Last Date of Drop of Tender | Date of Opening of Tender |
|---|---|---|---|
| From | To | | |
| 04.03.2022 At 10.00 A.M. | 14.03.2022 Upto 1.00 P.M. | 14.03.2022 Upto 5.00 P.M. | 15.03.2022 At 11.00 A.M. |

1. The details are available in office of the Deputy Director, Model Studies and Research, Burla during office hours and also in the websites **http://dowrodisha.gov.in, http://odisha.gov.in** and **https://sambalpur.nic.in**.
2. The tender document may be purchased by hand from office of the Deputy Director, Model Studies and Research, Burla on any working day during office hours (except Govt. Holidays) on deposit of cost of tender document as indicated in the table above in shape of Cash/Demand Draft (Non-refundable) from any Nationalized Bank drawn in favour of the Deputy Director, Model Studies and Research, Burla payable at SBI, Burla.
3. The tender document can also be downloaded from the Govt. Websites **https://dowrodisha.gov.in** or **https://odisha.gov.in** or **https://sambalpur.nic.in**. However, the cost of tender document as indicated in the table above must be deposited with the tender documents in shape of Demand Draft from any Nationalised Bank drawn in favour of the Deputy Director, Model Studies and Research, Burla payable at SBI, Burla, otherwise, the tender will be rejected. The tender calling authority will not be responsible for missing of any pages, while downloading the tender document.
4. The tender document can also be obtained by Speed Post from the Office of the Deputy Director Model Studies and Research, Burla sending of cost of tender paper as indicated in the table above (Rs.100/- extra as postal charges) by Demand Draft in favour of Deputy Director, Model Studies and Research, Burla payale at SBI, Burla. The tender inviting authority is not responsibile for any postal delay.
5. The tenderer will drop the complete tender document in the designated tender box showing the auction sale notice number 01 in the Office of Deputy Director, Model Studies and Research, Burla and will be opened as per the date and time indicated in the table above in the presence of the tenderer or their authorized representatives, if they so desire.
6. If the last date of purchase of the tender document/date of receipt of tender happens to be a holiday then the date will be deferred to the next working day and accordingly the date of opening of tender will be deferred. If the date of opening of tender happens to be a holiday, then the date will be deferred to the next working day, however, the time and venue shall remain unaltered.
7. Tender document sent through Fax/Telex/Telegram/e-mail will not be accepted.
8. The tender must be accompanied with EMD as indicated in the table above duly pledged in favour of Deputy Director Model Studies and Research, Burla, otherwise the tender will be liable for rejection. After completion of tender process, the amount will be refunded to the un-successful bidders.
9. The tenders received in incomplete shape or after the schedule date and time shall be summarily rejected.
10. Intending tenderer may inspect the above auction materials during official working day between 11.00 A.M. to 1.00 P.M. and 2.30 P.M. to 4.30 P.M. before the date of submission of tenders after obtaining permission from the Deputy Director, Model Studies and Research, Burla.
11. Intending bidders are required to furnish the following documents along with the tender, failing which the tender will be rejected.
    i) Copy of GST Certificate.
    ii) Copy of PAN Card.
    iii) EMD Deposit in shape of Term Deposit Receipt/NSC/Post Office Saving Bank Account.
    iv) Original tender paper cost receipt (in case of purchase of tender paper by Hand or Post)

The tender inviting authority reserves the right to reject/cancel any or all tenders at any point of time without assigning any reason thereof.
The tenderer shall have to abide the COVID-19 guideline issued by the Govt. of India and Govt. of Odisha scrupulously.

**Sd./- Deputy Director, Model Studies & Research, Burla**
**OIPR-32383/11/0002/2122**

---

GOVT. OF ODISHA
# OFFICE OF THE PANCHAYAT SAMITI, TELKOI
**At/Po.Telkoi,Dist-Keonjhar, Pin-758019 (ODISHA)**
**E Mail-ori-telkoi@nic.in**
**No.596 / Dt.03.03.2022**

**TENDER CALL NOTICE NO- 03/TELKOI/2021-22**

**No.i-340:**The Block Development Officer, Telkoi invites sealed percentage rate bid tender on behalf of Governor of Odisha from registered and eligible Civil Contractors of the state P.W.D(R&B)/Water Resources/Rural Works/M.I/C.P.W.D for the following Work eventually to be drawn up in the P.W.D PI form in conformity with the detailed Tender Call Notice.

| Sl. No. | Name of the Work | Scheme | Amount put tender in rupees | Cost of tender paper (in Rs.) | Time for completion of the work (in months) | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Const, of Addl. Class Room at Kakudiamba, G.P. Jagamohanpur | OMBADC | Rs. 18,89,789/- | 6,000.00 | 04 Months | D & C |
| 02 | Const, of Addl. Class Room & Science Lab,Boundary Wall & Drinking Water at Sri Aurobinda High School,Saruali GP-Jagamohanpur | OMBADC | Rs.33,63,680 /- | 6,000.00 | 06 Months | C & B |
| 03 | Const, of Boundary Wall at Patatangar PUPS.GP-Binjabahala | OMBADC | Rs. 12,47,372/- | 6,000.00 | 04 Months | D & C |
| 04 | Const, of Addl. Class Room/Toilet & Boundary Wall at Binjabah'al Nodal UP School,GP-Binjabahal | OMBADC | Rs. 11,55,440/- | 6,000.00 | 04 Months | D & C |
| 05 | Const, of Addl. Class Room & Toilet at Jaganath Nodal Ups,GP-Dobalapal | OMBADC | Rs.8,26,140/- | 4,000.00 | 04 Months | D & C |
| 06 | Const, of Addl. Class Room & Boundary Wall at Chandrasekharpur U.G.U.P School, G.P. Dobalapal | OMBADC | Rs. 12,56,073/- | 6,000.00 | 04 Months | D & C |
| 07 | Const, of Addl. Class Room & Toilet at Bhimakand Nodal UP School, G.P. Bhimakand | OMBADC | Rs.15,56,077/- | 6,000.00 | 04 Months | D & C |
| 08 | Const, of Boundary Wall atGodhihudi PUP School ,G.P. Bhimakand | OMBADC | Rs.11,67,003/- | 6,000.00 | 04 Months | D & C |
| 09 | Const, of 2 Nos. Addl. Class room Toilet & Boundary Wall at Govt. UP School,Sinduria G.P. Karamangi | OMBADC | Rs.22,65,291/- | 6,000.00 | 06 Months | C & B |
| 10 | Const, of Boundary Wall at Balabhadrapur PUP School G.P. Balabhadrapur | OMBADC | Rs.12,36,054/- | 6,000.00 | 04 Months | D & C |
| 11 | Const, of Addl. Class Room & Boundary wall at Chhamunda UP School,G.P. Chhamunda | OMBADC | Rs.15,86,109/- | 6,000.00 | 04 Months | D & C |
| 12 | Const, of 2 Nos. Addl. Class ' Room & Boundary wall at Siriabahal UP School,G.P. Chhamunda | OMBADC | Rs.21,38,552/- | 6,000.00 | 06 Months | C & B |
| 13 | Const, of Addl. Class Room with toilet at Golabandha UGUP School,G.P. Chhamunda | OMBADC | Rs.8,51,722/- | 4,000.00 | 04 Months | D & C |
| 14 | Const, of Addl Class Room & Boundary Wall at Kerang PUP School G.P. Kaliahata | OMBADC | Rs.19,13,589/- | 6,000.00 | 04 Months | D & C |
| 15 | Const, of Boundary Wall at Tigiria UGUP School,G.P. Kaliahata | OMBADC | Rs.10,57,281/- | 6,000.00 | 04 Months | D & C |
| 16 | Const, of Addl. Class Room Toilet & Boundary Wall at R.K High School. GP-SNPurgoda | OMBADC | Rs.55,20,546/- | 10,000.00 | 06 Months | B & A |
| 17 | Const, of GPLF Building at Oriya-Birida G.P. Oriya-Birida | OMBADC | Rs.10,58,245/- | 6,000.00 | 04 Months | D & C |

**SALE OF TENDER PAPER.**

1.The tender papers (including Tender Call Notice, Approved Tender Schedule & DTCN) will be available in the official web site http//:www.kendujhar.nic.in from Dt. 07.03.2022 to 25.03.2022 up to 5.30 PM and can be downloaded from the website. 2. Bidders are requested to submit the bid document along with the deposit the requisite non-refundable fees as mentioned in column-04 in shape of demand draft and prepared on or before last date of sale of tender paper and submit the same along with the bid keeping in a separate envelope marks cost of tender documents. 3. The tender paper will be received by registered post/ speed post only up to 5.30 PM till date-25.03.2022 on working day. The tenderer must superscribe the name of the work/project on the sealed envelope. 4. The tender paper shall be opened by the BDO, Telkoi/his authorised officer in presence of the tenderer or their authorized agents on the schedule date and time as mentioned below. A.Date of sale of Tender Paper: Dt. 07.03.2022 to 25.03.2022 upto 5.30 P.M. B. Last date of receipt of Tender Paper: 25.03.2022 till 5.30 PM in working days. C. Date and time of opening of Tender Paper: 28.03.2022 at 11.00 AM. 5. Documents to be attached :The Following documents should be furnished with the Tender Papers failing which the tender will be liable to rejection. (a) An Affidavit regarding "Bid Security Declaration". (b) Self Attested copy of Contractor Registration Certificate. (c) Self Attested copy of PAN Card/Certificate of GSTIN. (d) Joint Venture consortium agreements are not allowed to participate in tender. (e) The bidders have to produce an original affidavit in support of the authenticity of documents attached with the tender papers. 6. The SC/ST bidders willing to avail the benefits allowed by Govt. to ST/SC candidates must furnish the XEROX COPY OF CASTE CERTIFICATE . 7. The authority will not be responsible for any postal delay even if despatched before due date. 8. If the rate quoted by the bidder is more less than (14.99% Less) of the tendered amount, then such a bid shall be rejected and the tender shall be finalized basing on merits of rest bids. But if more than one bid is quoted at 14.99% (Decimal up to two numbers will be taken for practical purpose) less than the estimated cost, the tendered accepting authorities will finalize the tender through a transparent lottery system where all bidders/authorized representatives, the concerned Block Development Officer and the tender committee will remain present. 9. Additional Performance Security Deposit; The affidavit in lieu of APS will be submitted by the successful bidder for the cost of less quoted in percentage of the amount put to tender before the signing of the agreement of the contract. (Vide Works Department Letter No.-14459/W Date-20.09.2018, Govt. Of Odisha,Works Department.)

As per office Memorandum No 4559 dated 05.04.2021 of works Deptt. Govt. Of Odisha modification to APS will be followed as detailed below :-

| Sl. No. | Range Of Difference between the estimated cost put to tender and Bid Amount | Additional Performance Security to be deposited by the Successful Bidder |
|---|---|---|
| 1 | Below 5% | No Additional Performance Security |
| 2 | From 5% and above and below 10% | 50% of (Difference between estimated cost put to tender and Bid Amount) |
| 3 | From 10% and above | 150% of (Difference between estimated cost put to tender and Bid Amount) |

11.The Authority reserves the right to reject any/all tenders without assigning any reason thereof.

**Sd/- Block Development Officer, Telkoi**
**OIPR-19192/11/0001/2122**

**୩୬୬ ପଏଣ୍ଟ ଖସିଲା ସେନ୍‌ସେକ୍ସ**

**ମୁମ୍ବାଇ:** ଗତ ୨ ସପ୍ତାହ ହେବ ବିଶ୍ୱ ସମସ୍ୟା ସହ ଅଶୋଧିତ ତୈଳ ମୂଲ୍ୟ ରେକର୍ଡ ପରିମାଣରେ ବୃଦ୍ଧି ପାଇଛି। ଅପରପକ୍ଷରେ ଦଲାଲ ଷ୍ଟ୍ରିଟ୍‌ରେ କ୍ରମାଗତ ଭାବେ ଶେୟାର ବଜାର ଫଳାଫଳ ଆଶା ଓ ଆଶଙ୍କା ମଧ୍ୟରେ ରହୁଛି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୬୬ ପଏଣ୍ଟ ହ୍ରାସ ଘଟି ୫୫,୧୦୩ ଅଙ୍କରେ କାରବାର ବନ୍ଦ କରିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି ୫୦ରେ ୧୦୮ ପଏଣ୍ଟ କମି ୧୬,୪୯୮ ଅଙ୍କରେ ରହିଛି। ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୩୬୬.୨୨ ପଏଣ୍ଟ (୦.୬୬%) ହ୍ରାସ ଘଟି ୫୫,୧୦୨.୬୮ ଅଙ୍କରେ ରହିଥିବା ବେଳେ ନିଫ୍ଟିରେ ମଧ୍ୟ ୧୦୭.୯୦ ପଏଣ୍ଟ (୦.୬୫%) କମି ୧୬,୪୯୮.୦୫ ଅଙ୍କରେ କାରବାର ଶେଷ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ସୁନୀଲ ଅଗ୍ରୱାଲ ଏଲ୍‌ଆଇସିର ନୂଆ ସିଏଫ୍‌ଓ ନିଯୁକ୍ତ

**ନୂଆଦିଲ୍ଲୀ, ୩।୩:** ଦେଶର ସର୍ବବୃହତ୍ତ ବୀମା କମ୍ପାନୀ ଜୀବନ ବୀମା ନିଗମ(ଏଲ୍‌ଆଇସି) ସୁନୀଲ୍ ଅଗ୍ରୱାଲ୍‌ଙ୍କୁ ମୁଖ୍ୟ ବିତ୍ତୀୟ ଅଧିକାରୀ (ସିଏଫ୍‌ଓ) ଭାବେ ନିଯୁକ୍ତି କରିଛି। ଅଗ୍ରୱାଲ୍ ଏହା ପୂର୍ବରୁ ଦୀର୍ଘ ୧୨ ବର୍ଷ ଧରି ରିଲାୟନ୍ସ ନିପ୍ପୋନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସର ସିଏଫ୍‌ଓ ଭାବରେ କାର୍ଯ୍ୟ କରିଛନ୍ତି। ରିଲାୟନ୍ସରେ କାର୍ଯ୍ୟ କରିବା ପୂର୍ବରୁ ସେ ୫ବର୍ଷ ଧରି ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ ସହିତ କାର୍ଯ୍ୟ କରୁଥିଲେ। ଅଗ୍ରୱାଲ୍‌ଙ୍କ ପୂର୍ବରୁ ଶୁଭାଙ୍ଗୀ ସଞ୍ଜୟ ସୋମନ ଏଲ୍‌ଆଇସିର ଫାଇନାନ୍ସ ଏବଂ ଆକାଉଣ୍ଟିଂ (ଏଫ୍‌ଆଣ୍ଡ୍‌ଏ)ରେ ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ଏଲ୍‌ଆଇସି ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜରେ ଲିଷ୍ଟିଂ କରିବାର ଯୋଜନା ରଖାଯାଇଥିବାରୁ ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର ପଦକୁ ସିଏଫ୍‌ଓ ଭାବେ ପରିବର୍ତ୍ତିତ କରାଯାଇଛି। ୨୦୨୧ ସେପ୍ଟେମ୍ବରରେ ଏଲ୍‌ଆଇସି ପକ୍ଷରୁ ନୋଟିସ୍ ଜାରି ହୋଇଥିଲା। ଏହି ପଦବୀ ପାଇଁ କାର୍ଯ୍ୟକାଳ ତିନିବର୍ଷ କିମ୍ବା ବ୍ୟକ୍ତିଙ୍କ ବୟସ ସମୟସୀମା ୬୩ ବର୍ଷ ରହିଛି। ଏହି ପଦବୀ ପାଇଁ ବାର୍ଷିକ ପାରିଶ୍ରମିକ ୭୫ଲକ୍ଷ ଟଙ୍କା ରହିଛି।

### ଘରୋଇ ଇକ୍ୱିଟିରେ ଏଫ୍‌ପିଆଇର ଅଂଶଧନରେ ୨% ହ୍ରାସ

**ନୂଆଦିଲ୍ଲୀ, ୩।୩:** ଏକ ଆର୍ଥିକ ଘରୋଇ ସଂସ୍ଥା ମର୍ନିଂଷ୍ଟାର ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ, ୨୦୨୧ ଅକ୍ଟୋବର, ନଭେମ୍ବର, ଡିସେମ୍ବର ମଧ୍ୟରେ ଘରୋଇ ଇକ୍ୱିଟିଗୁଡ଼ିକରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନଙ୍କର ଅଂଶଧନ ୨% ହ୍ରାସ ପାଇ ୬୫୪ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଏହା ପୂର୍ବ ଆର୍ଥିକ ତ୍ରୈମାସିକରେ ଏଫ୍‌ପିଆଇ ନିବେଶର ମୂଲ୍ୟ ୬୬୭ ବିଲିୟନ ଆମେରିକୀୟ ଡଲାର ଥିବାବେଳେ ୨୦୨୦ ଡିସେମ୍ବର ସୁଦ୍ଧା ଭାରତୀୟ ଇକ୍ୱିଟିରେ ଏଫ୍‌ପିଆଇ ନିବେଶର ମୂଲ୍ୟ ୫୧୮ ବିଲିୟନ ଆମେରିକୀୟ ଡଲାର ରହିଥିଲା। ଗତ କିଛିମାସ ହେବ ଅନେକଗୁଡ଼ିଏ ଅନ୍ତରାଷ୍ଟ୍ରୀୟ ସମସ୍ୟା ସାଙ୍ଗକୁ ପୁଞ୍ଜି ପ୍ରତ୍ୟାହାର ଭଳି ଘଟଣା ଏହା ଉପରେ ପ୍ରଭାବ ପକାଉଥିବା ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

# ୧,୬୭୦ କୋଟି ଟଙ୍କା ନିବେଶ କରିବ ରିଲାଏନ୍ସ

- ଭାରତରେ ନିର୍ମାଣ ହେବ ବିଶ୍ୱସ୍ତରୀୟ ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରିଂ ହବ୍
- ୫ଜି, ଡାଟା ସେଣ୍ଟର, କ୍ଲାଉଡ୍, ଆଇଟି ଉପରେ ରହିବ ଗୁରୁତ୍ୱ
- ଇଲେକ୍ଟ୍ରୋନିକ୍ସ ହାର୍ଡୱେର କ୍ଷେତ୍ରରେ 'ମେକ୍ ଇନ୍ ଇଣ୍ଡିଆ'କୁ ମିଳିବ ଶକ୍ତି

**ମୁମ୍ବାଇ,୩।୩**




ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)ର ପୂର୍ଣ୍ଣ ମାଲିକାନାରେ ଥିବା କମ୍ପାନୀ ରିଲାଏନ୍ସ ଷ୍ଟ୍ରାଟେଜିକ୍ ବିଜ୍‌ନେସ୍ ଭେଞ୍ଚର୍ସ ଲିମିଟେଡ୍ (ଆର୍‌ଏସ୍‌ବିଭିଏଲ୍) ଏବଂ ସନମିନା କର୍ପୋରେଶନ ଭାରତରେ ଏକ ଇଲେକ୍ଟ୍ରୋନିକ୍ସ ହବ୍ ନିର୍ମାଣ କରିବା ଲାଗି ଯୌଥ ଉଦ୍ୟୋଗ ସ୍ଥାପନ କରିବେ ବୋଲି ଘୋଷଣା କରିଛନ୍ତି। ସନମିନାର ଭାରତୀୟ ୟୁନିଟ୍‌ରେ ରିଲାଏନ୍ସ ୧୬୭୦କୋଟି ଟଙ୍କା ନିବେଶ କରିବ। ସେହି ଯୌଥ ଉଦ୍ୟୋଗରେ ରିଲାଏନ୍ସର ୫୦.୧%ର ଅଂଶଧନ ରହିବ କିନ୍ତୁ ପରିଚାଳନା ସନମିନାର ବର୍ତ୍ତମାନ ରହିଥିବା ଟିମ୍ ପାଖରେ ରହିବ। ଏହି ଯୌଥ ଉଦ୍ୟୋଗ ଟେଲିକମ୍ ନେଟ୍‌ୱର୍କିଂ ଯଥା ୫ଜି, କ୍ଲାଉଡ୍ ଭିତ୍ତିଭୂମି, ହାଇପରସ୍କେଲ୍ ଡାଟା ସେଣ୍ଟରକୁ ପ୍ରାଥମିକତା ପ୍ରଦାନ କରିବ। ଏହା ସହିତ ସ୍ୱାସ୍ଥ୍ୟ ପ୍ରଣାଳୀ, ଔଦ୍ୟୋଗିକ ଓ ପ୍ରତିରକ୍ଷା ତଥା ଏରୋସ୍ପେସ୍ ଭଳି ଉଦ୍ୟୋଗ ପାଇଁ ଏହା ଉଚ୍ଚ ପ୍ରଯୁକ୍ତି ବିଶିଷ୍ଟ ହାର୍ଡୱେର ତିଆରି କରିବ। କମ୍ପାନୀ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମେକ୍ ଇନ୍ ଇଣ୍ଡିଆ' ଭିଜନର ଅନୁପୂରକ ବୋଲି କହିଛି। ଏହି ଯୌଥ ଉଦ୍ୟୋଗ ସେବା ପ୍ରଦାନ କରିବା ଜାରି ରଖିବ ଏବଂ ଏହା ବ୍ୟତୀତ ଏକ ଅତ୍ୟାଧୁନିକ ମାନୁଫାକ୍ଚରିଂ ଟେକ୍ନୋଲୋଜି ସେଣ୍ଟର ଅଫ୍ ଏକ୍ସିଲେନ୍ସ ତିଆରି କରାଯିବ ଯାହା ଭାରତରେ ଉତ୍ପାଦ ବିକାଶ ଏବଂ ହାର୍ଡୱେର ଷ୍ଟାର୍ଟଅପ୍ ବ୍ୟବସ୍ଥାକୁ ଆଗକୁ ବଢ଼ାଇବ। ଆର୍‌ଏସ୍‌ବିଭିଏଲ୍ ପାଖରେ ଯୌଥ ଉଦ୍ୟୋଗର ୫୦.୧% ଅଂଶଧନ ରହିବ ଏବଂ ବଳକା ୪୯.୯ ପ୍ରତିଶତ ଅଂଶଧନ ସନମିନା ପାଖରେ ରହିବ। ସନମିନାର ଭାରତରେ ଥିବା ସଂସ୍ଥାର ଶେୟାରରେ ୧,୬୭୦ କୋଟି ଟଙ୍କା ନିବେଶ କରି ଆର୍‌ଏସ୍‌ବିଭିଏଲ୍ ଏହି ମାଲିକାନା ହାସଲ କରିବ। ଏହି ନିବେଶ ସନମିନାକୁ ନିଜ ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସହାୟକ ହେବ। ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ସବୁ ନିର୍ମାଣ ସନମିନାର ଚେନ୍ନାଇରେ ଥିବା ୧୦୦ଏକର ପରିସରରେ ଆରମ୍ଭ କରାଯିବ। ନିକଟ ଭବିଷ୍ୟତରେ ତାହାର ସମ୍ପ୍ରସାରଣ ମଧ୍ୟ କରାଯିବ। ଏ ସମ୍ପର୍କରେ ରିଲାଏନ୍ସ ଜିଓର ନିର୍ଦ୍ଦେଶକ ଆକାଶ ଅମ୍ବାନୀ କହିଛନ୍ତି,ଭାରତରେ ହାଇଟେକ୍ ମାନୁଫାକ୍ଚରିଂକୁ ମହତ୍ତ୍ୱପୂର୍ଣ୍ଣ ବଜାର ପର୍ଯ୍ୟନ୍ତ ପହଞ୍ଚାଇବା ଲାଗି ସନମିନା ସହିତ କାର୍ଯ୍ୟ କରିବାରେ ଆମକୁ ବହୁତ ଖୁସି ମିଳିବ। ଭାରତର ବିକାଶ ଓ ସୁରକ୍ଷା ପାଇଁ ଆତ୍ମନିର୍ଭର ହେବା ଆବଶ୍ୟକ। ଟେଲିକମ୍, ଆଇଟି, ଡାଟା ସେଣ୍ଟର, କ୍ଲାଉଡ୍, ୫ଜି, ନୂତନ ଶକ୍ତି ଏବଂ ଅନ୍ୟାନ୍ୟ ଉଦ୍ୟୋଗର ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରିଂରେ ଆତ୍ମନିର୍ଭର ହେବା ଜରୁରୀ। କାରଣ ଆମେ ଏକ ନୂଆ ଡିଜିଟାଲ ଆର୍ଥିକ ବ୍ୟବସ୍ଥାରେ ଆଗକୁ ବଢୁଛି। ଏହି ସହଯୋଗିତା ଜରିଆରେ ଆମେ ଭାରତ ଓ ବିଶ୍ୱର ଚାହିଦାକୁ ପୂରଣ କରିବା ସହ ଭାରତରେ ନବସୃଜନ ଓ ପ୍ରତିଭାକୁ ଆଗକୁ ବଢ଼ିବାର ସୁଯୋଗ ପ୍ରଦାନ କରିବା ଲାଗି ଯୋଜନା ପ୍ରସ୍ତୁତ କରୁଛୁ। ସେହିଭଳି ସନମିନାର ଅଧ୍ୟକ୍ଷ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁରେ ସୋଲା କହିଛନ୍ତି, ଭାରତରେ ସମନ୍ୱିତ ମାନୁଫାକ୍ଚରିଂ କମ୍ପାନୀ ସ୍ଥାପନ କରିବା ଏବଂ ରିଲାଏନ୍ସ ସହିତ ସହଯୋଗିତା ସ୍ଥାପନ କରିଥିବାରୁ ଆମେ ବହୁତ ଖୁସି। ଏହି ଯୌଥ ଉଦ୍ୟୋଗ ଉଭୟ ଘରୋଇ ଓ ରପ୍ତାନି ବଜାରର ଆବଶ୍ୟକତାକୁ ପୂରଣ କରିବ ଏବଂ ଭାରତ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଲାଗି ସୁଦୂରପ୍ରସାରୀ ସାବ୍ୟସ୍ତ ହେବ।

# ନୂତନ ଟେକ୍ନୋଲୋଜିରେ ଚକ୍ଷୁ ଚିକିତ୍ସା




**ଭୁବନେଶ୍ୱର,୩।୩**

ଆମ୍ବଲିଓପିଆ ବା 'ଲେଜି ଆଇଜ୍' ହେଉଛି ଏକ ଦୃଷ୍ଟି ସମ୍ପର୍କିତ ସମସ୍ୟା ଯାହା କି ସାରା ବିଶ୍ୱର ୪% ପିଲାଙ୍କୁ ପ୍ରଭାବିତ କରିଥାଏ। ଯଦି ଏହାର ଠିକ୍ ସମୟରେ ଚିକିତ୍ସା କରା ନ ଯାଏ, ତେବେ ଏହାଦ୍ୱାରା ସ୍ଥାୟୀ ଦୃଷ୍ଟିଶକ୍ତି ଜନିତ ସମସ୍ୟା ମଧ୍ୟ ଦେଖାଦେଇପାରେ। ଫଳରେ ଦୃଷ୍ଟିହୀନତା ଓ ଅନ୍ଧତ୍ୱର ଏହି ସାଧାରଣ କାରଣର ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ଶହୀଦନଗରସ୍ଥିତ ଡକ୍ଟର ଅଗ୍ରୱାଲ୍‌ସ ଚକ୍ଷୁ ହସ୍ପିଟାଲ୍‌ସ ପକ୍ଷରୁ ନୂତନ ଟେକ୍ନୋଲୋଜି (ବାଇନୋକ୍ସ ସଫ୍ଟୱେର) ଦ୍ୱାରା ଚକ୍ଷୁ ଚିକିତ୍ସା କରାଯାଉଛି। ଏହା ଏକ ନୂତନ ଆଧୁନିକ ଉଦ୍ଭାବନ ଯାହାକି ଆମ୍ବଲିଓପିଆ ପାଇଁ ଏକ ଫଳପ୍ରଦ ଚିକିତ୍ସା ବୋଲି କୁହାଯାଉଛି। ଏ ସମ୍ପର୍କରେ ଭୁବନେଶ୍ୱର ଡକ୍ଟର ଅଗ୍ରୱାଲ୍‌ସ ଚକ୍ଷୁ ହସ୍ପିଟାଲ୍‌ସର ବରିଷ୍ଠ କନ୍‌ସଲଟାଣ୍ଟ ଓ ପେଡିଆଟ୍ରିକ୍ ଚକ୍ଷୁ ରୋଗ ବିଶେଷଜ୍ଞ ଡ.ଚନ୍ଦ୍ରଶେଖର ସାହୁ କହିଛନ୍ତି, ଆମ୍ବଲିଓପିଆ ହେଉଛି ଏକ ଦୃଷ୍ଟିଜନିତ ସମସ୍ୟା । ଏହାଦ୍ୱାରା ଜୀବନବ୍ୟାପୀ ଦୃଷ୍ଟିହୀନତା ସମସ୍ୟା ଦେଖା ଦେଇପାରେ। ଏହାକୁ ମଧ୍ୟ ଲେଜି ଆଏ (ଆମ୍ବଲିଓପିଆ) ବୋଲି କୁହାଯାଏ, ଯେତେବେଳେ ଗୋଟିଏ ଆଖିର ଦୃଷ୍ଟି ଶକ୍ତି ହ୍ରାସ ପାଏ ଯାହାକି ପ୍ରାକ୍ ଅବସ୍ଥାରେ ଦୃଷ୍ଟିଶକ୍ତିରେ ବିକାଶରେ ଅସ୍ୱାଭାବିକତା କାରଣରୁ ଦେଖାଦେଇଥାଏ। ରିଫ୍ରାକ୍ଟିଭ୍ ତ୍ରୁଟି ହେଉଛି ଆମ୍ବଲିଓପିଆର ଏକ ସାଧାରଣ କାରଣ। ରୋଗୀମାନଙ୍କଠାରେ ସଚେତନତାର ଅଭାବ କାରଣରୁ ଏହାକୁ ସାଧାରଣତଃ ବିଳମ୍ବରେ ଚିହ୍ନଟ କରାଯାଇଥାଏ। ପିଲାର ବୟସ ବୃଦ୍ଧି ହେବା ସହ ଆମ୍ବଲିଓପିଆଜନିତ କ୍ଷୟକ୍ଷତିକୁ ସୁଧାରିବା କଷ୍ଟକର ହୋଇଥାଏ।

# ଫେବୃୟାରୀରେ ସ୍କୋଡାର ୪,୫୦୩ ୟୁନିଟ୍ ବିକ୍ରି

**ନୂଆଦିଲ୍ଲୀ,୩।୩**

**୨୦୨୧ ତୁଳନାରେ ବାର୍ଷିକ ୪୨୮% ଅଭିବୃଦ୍ଧି ହାସଲ**

ଦେଶର ପ୍ରମୁଖ ଅଟୋଶିଳ୍ପ ସ୍କୋଡା ଅଟୋ ଇଣ୍ଡିଆର ଅଲ୍ ନ୍ୟୁ ସ୍ଲାଭିଆ-୧.୦ ଟିଏସ୍‌ଆଇର ବଜାର ପ୍ରବେଶ ପରେ କମ୍ପାନୀ ଫେବୃୟାରୀ ୨୦୨୨ରେ ୪,୫୦୩ ୟୁନିଟ୍ ବିକ୍ରି ପଞ୍ଜୀକରଣ କରି ନିଜର ଅଭିବୃଦ୍ଧି ଧାରା ଜାରି ରଖିଛି। ସେହିଭଳିଫେବୃୟାରୀ୨୦୨୧ ତୁଳନାରେ ବିକ୍ରି ହୋଇଥିବା ୮୫୩ ୟୁନିଟ୍ ତୁଳନାରେ ଏହାର ଅଭିବୃଦ୍ଧି ହାର ୪୨୮% ରହିଛି।

ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ୍ ନିର୍ଦ୍ଦେଶକ ଜାକ୍ ହୋଲିସ କହିଛନ୍ତି, ୨୦୨୨ ରେ ଏହି ସକାରାତ୍ମକ ଗତିକୁ ନେଇ ବେଶ୍ ଉତ୍ସାହିତ । ଏହାର ଅଧିକ କାର ବିକ୍ରୟ କରିବା କେବଳ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ। ଅଧିକ ଖୁସି ଗ୍ରାହକ ଏବଂ ପ୍ରଶଂସକ ସୃଷ୍ଟି କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଆମର ପରିବାରର ନୂତନ ସଦସ୍ୟ ସ୍ଲାଭିଆ-୧.୦ ଟିଏସ୍‌ଆଇ ଏବଂ ସ୍ଲାଭିଆ-୧.୫ ଟିଏସ୍‌ଆଇ ଆଗାମୀ ମାସରେ କାରବାର କ୍ଷେତ୍ରରେ ଉଲ୍ଲେଖନୀୟ ସ୍ଥିତି ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି।

ସେହିଭଳି ଫେବୃୟାରୀ ୨୦୨୨ର ବିକ୍ରୟ ମୁଖ୍ୟତଃ ଜୁଲାଇ ୨୦୨୧ରେ ବଜାର ପ୍ରବେଶ ହୋଇଥିବା କ୍ୟୁଶାକ ଏସ୍‌ୟୁଭି ଦ୍ୱାରା ପରିଚାଳିତ ହୋଇଥିଲା। ଏହା ଇଣ୍ଡିଆ ୨.୦ ରଣନୀତି ଅନ୍ତର୍ଗତ ଆରମ୍ଭ ହୋଇଥିବା ମେଡ୍ ଇନ୍ ଇଣ୍ଡିଆ ଏମ୍‌କ୍ୟୁବି-ଏ-୦-ଇନ୍ ପ୍ଲାଟ୍‌ଫର୍ମ ଉପରେ ଆଧାରିତ। ଇଣ୍ଡିଆ ୨.୦ ର ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୨ ମାର୍ଚ୍ଚ ଅଲ୍ ନ୍ୟୁ ସ୍କୋଡା ସ୍ଲାଭିଆ-୧.୦ ଟିଏସ୍‌ଆଇ ସେଡାନ୍‌ର ବଜାର ପ୍ରବେଶ ହୋଇଛି। ଗ୍ରାହକଙ୍କ ଚାହିଦା ପୂରଣ ଦିଗରେ କମ୍ପାନୀ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛି। ବିଶେଷକରି ଉତ୍ପାଦନ ଉପରେ କମ୍ପାନୀ ଗୁରୁତ୍ୱ ଦେଇଆସୁଛି। ସେହିପରି ସ୍ଲାଭିଆ-୧.୫ ଟିଏସ୍‌ଆଇ ଏକ ନୂତନ ଇଞ୍ଜିନ ଏବଂ ବିକଶିତ କାର୍ଯ୍ୟଦକ୍ଷତା ଗୁଣ ସହିତ ବଜାର ପ୍ରବେଶ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

### ଷ୍ଟାର୍ଟଅପ୍ ଇଣ୍ଡିଆ ସହ କ୍ରମ୍ପଟନର ଡିଜାଇନ ଚ୍ୟାଲେଞ୍ଜ

**ମୁମ୍ବାଇ,୩।୩**

ଦେଶର ପ୍ରମୁଖ ଉତ୍ପାଦକ ସଂସ୍ଥା କ୍ରମ୍ପଟନ ଗ୍ରୀଭ୍‌ସ କଞ୍ଜୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ ପକ୍ଷରୁ ଷ୍ଟାର୍ଟଅପ୍ ଇଣ୍ଡିଆ ଡିଜାଇନ ଚ୍ୟାଲେଞ୍ଜ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତର ସର୍ବବୃହତ୍ ଅନ୍‌ଲାଇନ ପ୍ରାଦ୍ୟୋଗିକି ମଞ୍ଚ ଷ୍ଟାର୍ଟଅପ୍ ଇଣ୍ଡିଆ ସହ ମିଳିତ ଭାବେ ଉକ୍ତ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ପରିଶେଷରେ ଶୀର୍ଷ ୪ ଫାଇନାଲିଷ୍ଟ କ୍ରମ୍ପଟନ ସହ ମିଶି ମିଳିତ କାର୍ଯ୍ୟ କରିବାକୁ ସୁଯୋଗ ପାଇବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ସମସ୍ତ ଫାଇନାଲିଷ୍ଟଙ୍କୁ ମୋଟ ଉପରେ ୧୨ଲକ୍ଷ ଟଙ୍କାର ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏହି ପ୍ରତିଯୋଗିତା ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ, ଯେଉଁଥି ପାଇଁ ପଞ୍ଜୀକରଣ ମଧ୍ୟ ଆରମ୍ଭ ହୋଇସାରିଛି। ପରିଶେଷରେ ଶ୍ରେଷ୍ଠ ୪ନବସୃଜନକାରୀ ୨୦୨୨ ଏପ୍ରିଲରେ ବିଜେତା ଘୋଷିତ ହେବେ ବୋଲି କୁହାଯାଇଛି।

# ଟାଟା ଷ୍ଟିଲ୍ ମାଇନିଂକୁ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କର ପ୍ରମାଣପତ୍ର

**ଭୁବନେଶ୍ୱର,୩।୩**

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)କୁ ନିକଟରେ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ୨୦୨୨ ବର୍ଷ ପାଇଁ ଶ୍ରେଷ୍ଠ ଘରୋଇ ସଂସ୍ଥା ଭାବେ ପ୍ରମାଣପତ୍ର ପ୍ରଦାନ କରାଯାଇଛି। କମ୍ପାନୀର ମାନବ ସମ୍ବଳ ବିବିଧତା ଓ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ସହ ଅନୁଷ୍ଠାନର କର୍ମଚାରୀ ଅନୁକୂଳ ପରିବେଶକୁ ଅଧିକ ସୁଦୃଢ଼ କରିବା ଦିଗରେ ଅନେକ ପଦକ୍ଷେପନ ଗ୍ରହଣ କରିଛି। ଏ ଦିଗରେ କମ୍ପାନୀ ପକ୍ଷରୁ କ୍ୟାରିୟରରେ ଅଗ୍ରଗତି, ପୁରସ୍କାର ଓ ସ୍ୱୀକୃତି ସାଙ୍ଗକୁ ଉଚ୍ଚଶିକ୍ଷା ପାଇଁ ସହାୟତା ଏବଂ କୌଣସି ପକ୍ଷପାତ କିମ୍ବା ଭେଦଭାବ ବିନା ଅଭିଯୋଗ ସମାଧାନ ପ୍ରକ୍ରିୟା ପାଇଁ ସ୍ୱତନ୍ତ୍ର କମିଟି ଗଠନ ଭଳି ଅନେକ କର୍ମଚାରୀ ଅନୁକୂଳ ନୀତିଗୁଡ଼ିକ ଗ୍ରହଣ କରାଯାଇଛି। ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନ୍‌ଷ୍ଟିଚ୍ୟୁଟ୍‌କୁ ଧନ୍ୟବାଦ ଜଣାଇ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଏହି ପ୍ରତିଷ୍ଠିତ ସଂସ୍ଥାର ପ୍ରମାଣପତ୍ର ପାଇ ଆମେ ଅତ୍ୟନ୍ତ ଖୁସି ଓ ଉତ୍ସାହିତ ଅଛୁ। ଏକ ସମାନ ସୁଯୋଗ ପ୍ରଦାନ କରୁଥିବା ନିଯୁକ୍ତିଦାତା ଭାବେ ଏହା ଏକ କର୍ମଚାରୀ କେନ୍ଦ୍ରିକ ଏବଂ ଏକ ସୁସ୍ଥ ଓ ବିବିଧ କାର୍ଯ୍ୟ ସଂସ୍କୃତିର ପ୍ରସାର ଦିଗରେ ଆମର ପ୍ରତିବଦ୍ଧତାକୁ ପୁନଃ ପରିଭାଷିତ କରୁଛି। ଆମେ ନିଜ କର୍ମଚାରୀମାନଙ୍କୁ ସର୍ବଶ୍ରେଷ୍ଠ ସମ୍ପତ୍ତି ରୂପେ ଗ୍ରହଣ କରିଆସିଛୁ। ଏହା ସହିତ ଆମ ସଂସ୍ଥାରେ ଯୋଗଦେବା ପାଇଁ ଦିବ୍ୟାଙ୍ଗ ବ୍ୟକ୍ତି, ଏଲ୍‌ଜିବିଟି+ କିମ୍ବା ଅନ୍ୟ କୌଣସି ସ୍ୱଳ୍ପ ପ୍ରତିନିଧିତ୍ୱ ଗୋଷ୍ଠୀ ସମେତ ବିବିଧ ପୃଷ୍ଠଭୂମିର ଲୋକମାନଙ୍କୁ ଉତ୍ସାହିତ କରୁଛୁ। ଏହି ପ୍ରମାଣପତ୍ର ପାଇ ନିଜର ଖୁସି ପ୍ରକାଶ କରିବା ସହିତ କମ୍ପାନୀର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ସଞ୍ଜୟ କୁମାର ଶତପଥୀ କହିଛନ୍ତି, ହୃଦୟର ସହିତ କାର୍ଯ୍ୟ ସମ୍ପାଦନା କରୁଥିବା ନିଜ କର୍ମଚାରୀଙ୍କୁ ନେଇ ଆମେ ଗର୍ବିତ। ଏହି ପ୍ରମାଣପତ୍ର ଆମ କର୍ମଚାରୀମାନଙ୍କୁ ନିଜ କ୍ଷମତାନୁସାରେ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରୁଛି। ଏହାସହିତ ଆମ ଅନୁଷ୍ଠାନ ପ୍ରତିଷ୍ଠା ହେବାଠାରୁ ଖୁବ୍ କମ୍ ସମୟ ମଧ୍ୟରେ ଆମେ ହାସଲ କରିଥିବା ବିଶ୍ୱାସକୁ ପୁନଃ ସ୍ଥାପନ କରିଛି।

## ଫୁରସତ୍

# ମେ'ରେ 'ଜୟେଶ ଭାଇ' ଜୋରଦାର



**ମୁମ୍ବାଇ:** ଆପଣମାନେ କେତେ ପ୍ରକାରର ହିରୋ ଦେଖିଥିବେ। ଯେମିତିକି, ଦୁଃଖୀ ହିରୋ, ଟଙ୍କା ବାଲା ହିରୋ, ଧନ ଥିବା ହିରୋ, ସୁନ୍ଦରୀମାନଙ୍କ ସହ ନାଚୁଥିବା ହିରୋ, ପୋଲିସ ବାଲା, ଗୁଣ୍ଡା ବାଲା, ଘୋଡ଼ା ଚଢୁଥିବା, ଆଉଟର ସ୍ପେସ୍, ଲାଲ ଚଡ଼ି ବାଲା, ଡବଲ ରୋଲ ବାଲା ଇତ୍ୟାଦି ହିରୋ। ହେଲେ ଆପଣମାନେ ଏମିତି ହିରୋ କେବେ ଦେଖି ନ ଥିବେ, ଯିଏ ହେଉଛନ୍ତି ଜୟେଶ ଭାଇ ଆଉ ତାଙ୍କ କାମ ଜୋରଦାର। ଏଭିଳି ଭିନ୍ନ ଢଙ୍ଗରେ ଡାଇଲଗ କହି ଆଗାମୀ ଫିଲ୍ମ 'ଜୟେଶ ଭାଇ ଜୋରଦାର'ରେ ନିଜକୁ ଇଣ୍ଟ୍ରୋଡ୍ୟୁସ କରିଛନ୍ତି ବଲିଉଡ୍ ଅଭିନେତା ରଣବୀର ସିଂହ। ଏଥିସହ ସେ ମୁଭିର ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ୟଶରାଜ୍ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ର ମେ' ୩ ତାରିଖରେ ରିଲିଜ୍ ହେବ। ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଦିବ୍ୟାଙ୍ଗ୍ ଠାକ୍କର। ଫିଲ୍ମରେ ରଣବୀର ଜଣେ ଗୁଜରାଟୀ ବ୍ୟକ୍ତିଙ୍କ ଚରିତ୍ରରେ ନଜରକୁ ଆସିବେ। ଦିବ୍ୟାଙ୍ଗ ଠକ୍କରଙ୍କ ନିର୍ଦ୍ଦେଶିତ ଏହି ସିନେମା ମେ ୧୩ରେ ପ୍ରେକ୍ଷାଳୟକୁ ଆସିବ। ଏଥିରେ ରଣବୀରଙ୍କ ସମେତ ଶାଳିନୀ ପାଣ୍ଡେ, ଦିକ୍ଷା ଜୋଷୀ, ଅନନ୍ୟା ନାଗାଲା, ବୋମାନ ଇରାନୀ, ଅପରଶକ୍ତି ଖୁରାନା ପ୍ରମୁଖଙ୍କୁ ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଏହା ପୂର୍ବରୁ ରଣବୀରଙ୍କୁ ଚଳଚ୍ଚିତ୍ର '୮୩'ରେ ସ୍ତ୍ରୀ ଦୀପିକାଙ୍କ ସହ ଦେଖିବାକୁ ମିଳିଥିଲା। ସେଥିରେ କ୍ରିକେଟର କପିଲ ଦେବଙ୍କ ଭୂମିକାରେ ଅଭିନୟ କରିଥିଲେ। ୨୯୮୩ର ୱାର୍ଲ୍ଡ କପ୍‌ରେ କପିଲଙ୍କ ସଂଘର୍ଷର କାହାଣୀକୁ ସିନେମାରେ ଚିତ୍ରଣ କରାଯାଇଥିଲା।

# କେକ୍ ଖାଇ ବିଶ୍ୱ ରେକର୍ଡ




**ଲଣ୍ଡନ:** କିଛି ଲୋକ ଖାଇବାକୁ ବହୁତ ଭଲ ପାଆନ୍ତି। ଏପରି ଜଣେ ବ୍ୟକ୍ତି ହେଉଛନ୍ତି ମ୍ୟାକ୍ସ ଷ୍ଟାନଫୋର୍ଡ, ଯିଏ କି ମାତ୍ର ୩ ମିନିଟ୍‌ରେ ୮୮ଟି କେକ୍ ଖାଇ ବିଶ୍ୱ ରେକର୍ଡ କରିଛନ୍ତି। ୩୪ ବର୍ଷୀୟ ମ୍ୟାକ୍ସ ହାରାହାରି ୨ ସେକେଣ୍ଡରେ ଏକ କେକ୍ (ଜାଫା) ଖାଇଥିଲେ। ଏହାକୁ ଗଳାରୁ ଭିତରକୁ ନେବା ପାଇଁ ଗରମ ପାଣି ପିଇଥିଲେ। ଏହିପରି ଭାବରେ, ସେ ମାତ୍ର ୩ ମିନିଟ୍ ମଧ୍ୟରେ ୬ ଗ୍ଲାସ୍ ଗରମ ପାଣି ସହିତ ୮୮ଟି କେକ୍ ଖାଇଦେଲେ, ଯାହା କି ସେଠାରେ ଉପସ୍ଥିତ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ପୂର୍ବରୁ ୨୦୨୦ ଫେବୃୟାରୀରେ ମ୍ୟାକ୍ସ ୧୮୦ ସେକେଣ୍ଡରେ ୩୬ଟି କେକ୍ ଖାଇଥିଲେ। ଏଥର କିନ୍ତୁ ସେ ୩ ମିନିଟ୍‌ରେ ୮୮ଟି କେକ୍ ଖାଇ ରେକର୍ଡ କରିଛନ୍ତି। ମ୍ୟାକ୍ସ ଅଧିକାଂଶ ସମୟ ଖାଦ୍ୟ ଚ୍ୟାଲେଞ୍ଜ କରିଥାନ୍ତି। ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ ଅଛି, ଯେଉଁଥିରେ ସେ ସପ୍ତାହରେ ଥରେ ଖାଦ୍ୟ ଚ୍ୟାଲେଞ୍ଜ ଭିଡିଓ ଅପଲୋଡ୍ କରନ୍ତି। ନିକଟରେ ସେ ୫.୫ କିଲୋଗ୍ରାମ ଚିକେନ ଟିକ୍କା ମସଲା ଏବଂ ଭାତ ସହିତ ୨୦ଟି ଚକୋଲେଟ ଇଭେଣ୍ଟ କ୍ୟାଲେଣ୍ଡର ଖାଇଥିଲେ। ବ୍ରିଟେନର ସାଉଥ ଲଣ୍ଡନରେ ରହୁଥିବା ମ୍ୟାକ୍ସଙ୍କ ପାଇଁ ଏହା ତାଙ୍କର ଅଭ୍ୟାସ। କିନ୍ତୁ ଏଥିପାଇଁ ତାଲିମ ମଧ୍ୟ ଆବଶ୍ୟକ ବୋଲି ସେ କୁହନ୍ତି।

**ମନେ ପଡ଼ନ୍ତି**

**୨୨ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଡ. ପ୍ରଭାକର ରାଉତ**

ସନ୍ତୋଷୀ ବିହାର ,ଲକ୍ଷ୍ମୀସାଗର, ଭୁବନେଶ୍ୱର

ଆବିର୍ଭାବ: ୦୨।୦୧।୧୯୪୪
ତିରୋଧାନ: ୦୭।୦୩।୨୦୦୦

ବାବା, ବାଇଶ ବର୍ଷ ହୋଇଗଲା। ଆପଣଙ୍କର ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

**ବନ୍ଧୁ ଓ ପରିବାରବର୍ଗ ।**

ଧ-୨୩୨୯୫

# ଫେରୁଛନ୍ତି ନୀଳନୟନା



ଦୀର୍ଘଦିନର ବ୍ୟବଧାନ ପରେ ଭିନ୍ନ ଏକ ଚରିତ୍ର ନେଇ ବଡ଼ ପରଦାକୁ ଫେରୁଛନ୍ତି ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନ। ମଣିରତ୍ନମ୍‌ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ପୋନ୍ନିୟିନ ସେଲବନ୍'ରେ ସେ ନଜରକୁ ଆସୁଛନ୍ତି। ଏନେଇ ଏହାର ପ୍ରଥମ ପୋଷ୍ଟର ରିଲିଜ୍ ହୋଇଯାଇଛି। ଏଥିରେ ଐଶ୍ୱର୍ଯ୍ୟାଙ୍କୁ ଲାଲ୍ ଏବଂ ସୁନେଲି ରଙ୍ଗର ଶାଢ଼ିରେ ଦେଖିବାକୁ ମିଳିଛି। ଅଭିନେତ୍ରୀ ନିଜେ ମଧ୍ୟ ସୋସିଆଲ ମିଡିଆରେ ଏହାର ପ୍ରଥମ ଲୁକ୍ ଶେୟାର କରିଛନ୍ତି। ତେବେ ଫିଲ୍ମଟି କଲ୍କୀ କ୍ରିଷ୍ଣାମୂର୍ତ୍ତିଙ୍କ ଦ୍ୱାରା ଲିଖିତ ମହାକାବ୍ୟ 'କାଲ କେ ଉପନ୍ୟାସ' ଉପରେ ଆଧାରିତ। ଏଆର୍ ରେହମାନ୍ ମୁଭିରେ ଗୀତ କମ୍ପୋଜ କରିଛନ୍ତି। ଏଥିରେ ଐଶ୍ୱର୍ଯ୍ୟାଙ୍କ ସମେତ ବିକ୍ରମ, ଜୟମ ରବି, ତ୍ରିଶା, ଶରଥ କୁମାର ପ୍ରମୁଖ ନଜରକୁ ଆସିବେ। ସିନେମାଟି ଦୁଇ ଭାଗରେ ପରଦାକୁ ଆସିବ। ତେବେ ଏହାର ପ୍ରଥମ ଭାଗ ସେପ୍ଟେମ୍ବର ୩୦ରେ ରିଲିଜ୍ ହେବ।

# ଟାଇଗର ୧୦୪ କୋଟିର ମାଲିକ



**ମୁମ୍ବାଇ:** ବି-ଟାଉନ୍‌ରେ ଜଣେ ଦକ୍ଷ କଳାକାର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଟାଇଗର ଶ୍ରଫ। ସେ ନିଜ ଷ୍ଟାଇଲ ଏବଂ ଷ୍ଟଣ୍ଟ୍‌ରେ ସମସ୍ତଙ୍କୁ ଦିୱାନା କରିଛନ୍ତି। ତେବେ ସେ ଏବେ ୧୦୪ କୋଟିର ମାଲିକ। ଟାଇଗରଙ୍କ ପ୍ରକୃତ ନାମ ହେଉଛି ହେମନ୍ତ ଶ୍ରଫ। ସେ ଅଭିନେତା ଜ୍ୟାକି ଶ୍ରଫଙ୍କ ପୁଅ। ଟାଇଗର ଚଳଚ୍ଚିତ୍ର 'ହିରୋପନ୍ତି' ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଲଗାତର ସେ ହିଟ୍ ଫିଲ୍ମ ଦେଇ ଆସୁଛନ୍ତି। ଗତବର୍ଷର ସିନେମା 'ୱାର' ପାଇଁ ବକ୍ସ ଅଫିସରେ ଭଲ ପାଉଣା ବ୍ୟବସାୟ ହୋଇଥିଲା। ତେବେ ଦିନକୁ ଦିନ ତାଙ୍କ ଚାହିଦା ବଢୁଥିବାରୁ ମୋଟା ଅଙ୍କର ପାଉଣା ମଧ୍ୟ ସେ ନେଉଛନ୍ତି। ବାପାଙ୍କ ଭଳି ପୁଅର ମଧ୍ୟ ଦାମୀ ଗାଡ଼ିର ସଉକ ରହିଛି। ତାଙ୍କ ପାଖରେ ବିଏମ୍‌ଡବ୍ଲୁ, ମର୍ସିଡିଜ୍, ଜାଗୁଆର, ରେଞ୍ଜ ରୋଭର ଭଳି ଦାମୀ ଗାଡି ଅଛି। ଏଥିସହ ଟାଇଗର ନିକଟରେ ୮ ବିଏଚ୍‌କେର ଘର କିଣିଛନ୍ତି। ୩୧.୫ କୋଟି ଟଙ୍କାରେ ସେ ଗୋଟିଏ କୋଠାରେ ତିନୋଟି ମହଲା କିଣିଥିବା ଜଣାପଡ଼ିଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**!! LOAN !! LOAN !!**

**ଫୋନ୍ ମାଧ୍ୟମରେ ଲୋନ୍ କରାଯାଏ ନାହିଁ, ବ୍ୟାଙ୍କକୁ ଯିବା ଆବଶ୍ୟକ।**

ଓଡିଶାର ସମସ୍ତ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ମାଧ୍ୟମରେ ଯଦି ଆପଣଙ୍କର କର୍ମଚାରୀଙ୍କ ଦରମା ସ୍ଲିପ୍ ଏବଂ ବ୍ୟବସାୟୀଙ୍କ ପାଇଁ ବ୍ୟବସାୟ ଲାଇସେନ୍ସ ଅଛି । ତେବେ ଆପଣ ଆପଣଙ୍କର ସ୍ଥାନୀୟ ବ୍ୟାଙ୍କରୁ ୫ଲକ୍ଷ ରୁ ୪୦ଲକ୍ଷ ପର୍ଯ୍ୟନ୍ତ ୮% ରୁ ୧୦% ସିକ୍ୟୁରିଟି ରେ ୧୨-୧୫ ଦିନ ମଧ୍ୟରେ ଲୋନ୍ ନେଇପାରିବେ ।

ନୋଟ୍- ୧.ପ୍ରଥମେ ଲୋନ୍ ନିଅନ୍ତୁ, ତା ପରେ କମିସନ ଦିଅନ୍ତୁ । ୨.ପର୍ସନାଲ କିମ୍ବା କମ୍ପାନୀ ନାମରେ ଲୋନ୍ ନିଅନ୍ତୁ - କୌଣସି ଫାଇଲ୍ ଚାର୍ଜେସ୍, ବୀମା କିମ୍ବା ଅନ୍ୟ କୌଣସି ଚାର୍ଜେସ୍ ଦେଇ ଠକାମିର ଶୀକାର ହୁଅନ୍ତୁ ନାହିଁ ।

+91 9038258863
+91 7797044021

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୭୧ତମ ଶତକକୁ ଅପେକ୍ଷା

**ଦୀର୍ଘ ୨୭ ମାସ ତଳେ ଇଡେନ୍ ଗାର୍ଡେନ୍ସରେ ବାଂଲାଦେଶ ବିପକ୍ଷରେ ଶତକ ହାସଲ କରିଥିଲେ ବିରାଟ କୋହଲି। ତା' ପରେ କରୋନା ପାଇଁ କ୍ରିକେଟ୍ ଧିମେଇ ଗଲା। ଆଉ କୋହଲିଙ୍କର ବ୍ୟାଟ୍ ସେବେଠୁ ଯେପରି ନୀରବ ରହିଛି।**





ରୁଦ୍ର ପ୍ରସନ୍ନ ରଥ

ବିରାଟ କୋହଲି। ନାମ ହିଁ ଯଥେଷ୍ଟ। ଗତ ଦଶନ୍ଧିରେ ସଚିନ୍ ତେନ୍ଦୁଲକରଙ୍କ ପରେ ଯଦି ଭାରତୀୟ ଦର୍ଶକଙ୍କୁ ବ୍ୟାଟିଂ କରି ସବୁଠୁ ଅଧିକ କେହି ମନୋରଞ୍ଜନ ଯୋଗାଇ ଥାନ୍ତି ସେ ନିଶ୍ଚିତରୂପେ କୋହଲି। ଗତ ଦଶନ୍ଧିରେ ଭାରତୀୟ କ୍ରିକେଟର ରନ ମେଶିନ ବିରାଟ ଭାରତୀୟ ଦଳକୁ ନିଜର ପ୍ରଦର୍ଶନ ଏବଂ ଅଧିନାୟକତ୍ୱ ବଳରେ ଅନେକ ଅବିସ୍ମରଣୀୟ ବିଜୟ ଭେଟି ଦେଇଛନ୍ତି। ତେବେ ଭିନ୍ନ ଭିନ୍ନ କାରଣରୁ ନିକଟରେ ଭାରତୀୟ ଟି୨୦, ଏକଦିବସୀୟ ଏବଂ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ପଦରୁ ହଟିବାପରେ ବି ଭିନ୍ନ ଏକ କାରଣ ପାଇଁ ସେ ଚର୍ଚ୍ଚାରେ ଅଛନ୍ତି। ଦୀର୍ଘ ଦୁଇବର୍ଷ ହେଲା ତାଙ୍କର ୭୧ ତମ ଶତକ ଅପେକ୍ଷାରେ ସମଗ୍ର ଦେଶ ରହିଛି। ଏକଦିବସୀୟରେ ୪୩ଟି ଏବଂ ଟେଷ୍ଟରେ ୨୭ଟି ଶତକ ହାସଲ କରିସାରିଥିବା କୋହଲି ନିଜର ୭୧ ତମ ଶତକକୁ ଖୋଜି ପାଉନାହାନ୍ତି। ଲାଗୁଛି ଯେପରି ଶତକ ନିଜର ପରିଚୟ ଲୁଚେଇ ଦେଇ ତାଙ୍କ ସହ ଲୁଚକାଳି ଖେଳୁଛି। ବିରାଟଙ୍କର ଶେଷ ଶତକ ଆସିଥିଲା ଭାରତର ପ୍ରଥମ ପିଙ୍କ୍ ବଲ୍ ଟେଷ୍ଟରେ ଦୀର୍ଘ ୨୭ ମାସ ତଳେ ନଭେମ୍ବର ୨୦୧୯ରେ ଇଡେନ୍ ଗାର୍ଡେନ୍ସରେ ବାଂଲାଦେଶ ବିପକ୍ଷରେ। ତା' ପରେ କରୋନାପାଇଁ କ୍ରିକେଟ ଧିମେଇ ଗଲା। ଆଉ କୋହଲିଙ୍କର ବ୍ୟାଟ୍ ସେବେଠୁ ନୀରବ ରହିଛି ଯେପରି। ଏହା ଭିତରେ ସେ ଶ୍ରୀଲଙ୍କା ବିପକ୍ଷରେ ମୋହାଲିଠାରେ ନିଜ ଜୀବନର ୧୦୦ ତମ ଟେଷ୍ଟ ଖେଳିବାକୁ ଯାଉଛନ୍ତି। ଯଦି ଜଣେ ଶହେତମ ଟେଷ୍ଟ ଖେଳୁଛି ତାହାଦ୍ୱାରା ଗୋଟିଏ କଥା ସ୍ପଷ୍ଟ ଯେ ଖେଳାଳିଜଣଙ୍କର ଫର୍ମରେ ନିରନ୍ତରତା ଅଛି ଆଉ ଶାରୀରିକ ଏବଂ ମାନସିକ ରୂପେ ସେ ଦୀର୍ଘଦିନ ଧରି ଖେଳିବାକୁ ଫିଟ୍ ଅଛନ୍ତି। ଏହାକୁ ବହୁ ଆଗରୁ ବିରାଟ ପ୍ରମାଣ କରିସାରିଛନ୍ତି। ତେବେ ୭୧ ତମ ଶତକ ଆସିବାରେ ବିଳମ୍ବ ହେବା ଗୋଟିଏ କଥା ସ୍ପଷ୍ଟ କରୁଛି ଯେ ଭାଗ୍ୟ ତାଙ୍କୁ ଏବେ ସାଥ୍ ଦେଉନାହିଁ। ଯଦିଓ ଏବେ ବି ସେ କ୍ରିକେଟ୍‌ର ତିନୋଟି ଯାକ ଫର୍ମାଟ୍‌ରେ ୫୦ରୁ ଅଧିକ ହାରାହାରି ନେଇ ଖେଳୁଛନ୍ତି।

କୋହଲିଙ୍କ ଶେଷ ଶତକ ପରେ ବିଶ୍ୱ କ୍ରିକେଟ୍‌ରେ ଅନେକ ପରିବର୍ତ୍ତନ ଘଟି ସାରିଛି। ପାକିସ୍ତାନ ଭାରତକୁ ବିଶ୍ୱକପ ମୁକାବିଲାରେ ହରାଇ ଦେଇଛି। ଅଷ୍ଟ୍ରେଲିଆ ପ୍ରଥମ ଥର ପାଇଁ ବିଶ୍ୱ ଟି୨୦ କପ୍ ଜିତିସାରିଛି। ଅଶ୍ୱିନ ଧଳାବଲ୍ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରି ସାରିଛନ୍ତି, ଆଇପିଏଲ୍ ଦଶ ଦଳ ବିଶିଷ୍ଟ ହୋଇସାରିଛି। ତଥାପି କୋହଲିଙ୍କ ବ୍ୟାଟ୍‌ରୁ ଶତକ ଆସିବା ଅଟକି ଯାଇଛି। ଦିନେ କୁହାଯାଉଥିଲା ଯେ ସେ ବି ସଚିନ୍‌ଙ୍କ ପରି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଶହେରୁ ଅଧିକ ଶତକ କରିବେ । ତେବେ ବର୍ତ୍ତମାନର ସ୍ଥିତି ଯଦି ଦୀର୍ଘଦିନ ଧରି ଲାଗିରହିଲା ତେବେ ସେ ଶହେ ଶତକରୁ ବହୁତ ପଛରେ ରହିଯିବେ। ଯଦିଓ ଏବେ କୋହଲିଙ୍କ ବୟସ ମାତ୍ର ୩୩ ଏବଂ ବର୍ତ୍ତମାନର ଫିଟ୍‌ନେସ୍ ସ୍ତରକୁ ଦେଖିଲେ ଲାଗୁଛି ଯେ ଆରାମରେ ଆଉ ୫-୭ ବର୍ଷ କ୍ରିକେଟ୍ ଖେଳିପାରିବେ। ତେବେ ନିୟମିତ ଶତକ ହାସଲ ନ କଲେ ସେ ବିଶ୍ୱର ବଡ ବଡ ରେକର୍ଡରୁ ବହୁତ ପଛରେ ରହିଯିବେ।

ରେକର୍ଡ ଦୃଷ୍ଟିରୁ ଦେଖିବାକୁ ଗଲେ କୋହଲି ୨୦୨୦ରେ ଖେଳିଥିଲେ ୩ଟି ଟେଷ୍ଟରେ ୬ଟି ଇନିଂସ୍। ଏହା ମଧ୍ୟରୁ ଆଡିଲେଡ୍‌ରେ ପ୍ରଥମ ଇନିଂସ୍‌ରେ କରିଥିବା ୭୪ ରନ୍

> **ବିରାଟ କୋହଲି**
> ଟେଷ୍ଟ ପଦାର୍ପଣ: ୨୦୧୧ ଜୁନ୍ ୨୦, ବନାମ ୱେଷ୍ଟଇଣ୍ଡିଜ
> ୧୦୦ତମ ଟେଷ୍ଟ: ୨୦୨୨ ମାର୍ଚ୍ଚ ୪, ବନାମ ଶ୍ରୀଲଙ୍କା
> **ପରିସଂଖ୍ୟାନ**
> ଟେଷ୍ଟ: ୯୯, ରନ୍: ୭,୯୬୨, ଆଭରେଜ: ୫୦.୩୯, ଶତକ: ୨୭, ଅର୍ଦ୍ଧଶତକ: ୨୮, ଟପ୍ ସ୍କୋର: ୨୫୪*, କ୍ୟାଚ: ୧୦୦।

ସର୍ବାଧିକ ଥିଲା। ଆଡିଲେଡ୍‌ରେ ଦ୍ୱିତୀୟ ଇନିଂସ୍‌ରେ ଭାରତ ୩୬ ରନ୍‌ରେ ଅଲଆଉଟ୍ ହୋଇ ଲଜ୍ଜାଜନକ ପରାଜୟ ବରଣ କରିଥିଲା । ଯଦିଓ ଦଳ କମ୍ ବ୍ୟାକ୍ କରି ବିଜୟ ଲାଭ କରିଥିଲା ତେବେ ସେଥିରେ କୋହଲି ନ ଥିଲେ।

୨୦୨୧ରେ କୋହଲିଙ୍କ ପାଇଁ ବ୍ୟାଟିଂରେ ଉନ୍ନତ ସ୍ଥିତି ଆସିବାକୁ ଲାଗିଲା। ୨୦୨୧ରେ ସେ ୧୧ଟି ଟେଷ୍ଟ ଖେଳିବାକୁ ସୁଯୋଗ ପାଇଥିଲେ। ଏଥିରେ ସେ ୧୯ଟି ଇନିଂସ୍ ଖେଳି ୨୮.୨୧ ହାରରେ କରିଥିଲେ ୫୩୬ ରନ୍। ଏଥିରେ ସାମିଲ ଥିଲା ୪ଟି ଅର୍ଦ୍ଧଶତକ। ଉଭୟ ୨୦୨୦ ଏବଂ ୨୦୨୧ କୋହଲିଙ୍କ ପ୍ରଦର୍ଶନ ପ୍ରତିଭା ଏବଂ ପରିଚୟ ତୁଳନାରେ ବେଶ୍ ଖାପଛଡା ଥିଲା। ବିଭିନ୍ନ କ୍ରିକେଟ୍ ପଣ୍ଡିତ କୋହଲିଙ୍କୁ ଏ ନେଇ ଭିନ୍ନ ଭିନ୍ନ ପରାମର୍ଶ ଦେଇଥିଲେ। ଅଫଷ୍ଟମ୍ପ ବାହାର ବଲକୁ କଭର ଡ୍ରାଇଭ୍ ନ କରିବା, ବ୍ୟାକ୍ ଫୁଟ୍ ପଞ୍ଚ୍ ଖେଳିବା ଉପରେ ଜୋର ଦେବା, ଶରୀରଠାରୁ ଦୂରରେ ଯାଉଥିବା ବଲକୁ ନ ଛୁଇଁବା ଆଦି ବିଭିନ୍ନ ବ୍ୟାଟିଂ ପରାମର୍ଶ କୋହଲିଙ୍କୁ ସାମାଜିକ ଗଣମାଧ୍ୟମରେ ମିଳିବାକୁ ଲାଗିଲା। ଏ ସବୁ ସତ୍ତ୍ୱେବି ଭାରତୀୟ ଦଳ ଏବେ ବି କୋହଲିଙ୍କ ୭୧ ତମ ଶତକ ଦେଖିବାକୁ ଅପେକ୍ଷା କରିଛି।

ଗତ ଦୁଇବର୍ଷ ମଧ୍ୟରେ ଏହି ତାରକା ବ୍ୟାଟରଙ୍କ ଏକଦିବସୀୟ ପ୍ରଦର୍ଶନ ମଧ ଭଲନାହିଁ। ୨୦୨୦ରେ ସେ ୯ଟି ଏକଦିବସୀୟ ଖେଳି କରିଥିଲେ ୪୩୧ ରନ, ଆଉ ହାରାହାରି ଥିଲା ୪୭.୮୮। ଏଥିରେ ସାମିଲ ଥିଲା ୫ଟି ଅର୍ଦ୍ଧଶତକ। ସେହିପରି୨୦୨୧ରେ ସେ ଖେଳିଥିବା ୩ଟି ଏକଦିବସୀୟରେ କରିଥିଲେ ୧୨୯ ରନ୍ । ଦୁଇଟି ଅର୍ଦ୍ଧଶତକ ସହ ତାଙ୍କର ହାରାହାରି ଥିଲା ୪୩.୦୦। ୨୦୨୨ରେ ବି ସେ ଖେଳି ସାରିଲେଣି ୬ଟି ଏକଦିବସୀୟ। ୨୩.୬୬ ହାରରେ ସେ କରିଛନ୍ତି ୧୪୨ ରନ୍ । ଏଥିରେ ଦୁଇଟି ଅର୍ଦ୍ଧଶତକ ସାମିଲ ଅଛି। ତେବେ କୋହଲିଙ୍କ ପ୍ରାୟ ଫିକା ପଡିଯାଇଥିବା ବ୍ୟାଟିଂ ପ୍ରଦର୍ଶନ ଭିତରେ ଏମିତି କିଛି ଇନିଂସ୍ ଅଛି ଯାହାକୁ ଦର୍ଶକ ମନେରଖିବେ। ୨୦୨୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ବେଙ୍ଗାଲୁରୁ ଏବଂ ସିଡ୍‌ନୀରେ ୮୯ ରନର ଇନିଂସ ଖେଳିଥିଲେ ବି ସେ ଶତକ ହାସଲ କରିପାରି ନ ଥିଲେ। ସେହପରି ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଏକମାତ୍ର ଟେଷ୍ଟରେ ଦର୍ଶନୀୟ ୭୯ ରନ୍‌ର ଇନିଂସ ଖେଳିଥିଲେ ମଧ୍ୟ ତାହା ତାଙ୍କ ପ୍ରଶଂସକଙ୍କୁ ନିରାଶ କରିଥିଲା। କୋହଲିଙ୍କ ପରି ବ୍ୟାଟର ଦୀର୍ଘ ସମୟଧରି ଶତକ ହାସଲ କରି ନ ପାରିବା ସତରେ ଏକ ବିସ୍ମୟକର ଘଟଣା। ବିଶ୍ୱର ବିଭିନ୍ନ ଷ୍ଟାଡିୟମରେ ନିରବଚ୍ଛିନ୍ନଭାବେ ଶତକ ହାସଲ କରିଆସିଥିବା ଏହି ତାରକାଙ୍କ ବ୍ୟାଟ୍‌ରୁ ରନ୍ ନ ଆସିବା ପଛରେ ୨୦୧୯ର କୋଭିଡ୍‌କୁ ଦାୟୀ କରାଯାଇପାରେ। ଏହି ସମୟରେ ଭାରତ ପ୍ରାୟ ୯ ମାସ ଧରି କ୍ରିକେଟ୍ ଖେଳିବାରୁ ବଞ୍ଚିତ ହେଲା। ତେବେ ୨୦୨୧ରେ ପାଖାପାଖି ୨୨ଟି ଏକଦିବସୀୟ ଏବଂ ଟେଷ୍ଟ ଇନିଂସ୍ ଖେଳିଥିଲେ ବି ଏଥିରେ ଶତକ ହାସଲ କରି ନ ପାରିବା ବେଶ୍ ଆଶ୍ଚର୍ଯ୍ୟର କଥା। ଏହା ଭିତରେ କ୍ରିକେଟ୍‌ର ସମସ୍ତ ଫର୍ମାଟ୍ ଅଧିନାୟକ ପଦରୁ ସେ ନିଜକୁ ଅଲଗା କରିସାରିଛନ୍ତି। ଏବେ ଦଳରେ ସେ କେବଳ ଜଣେ ବ୍ୟାଟର ହିସାବରେ ଖେଳିବେ। ବଡ ଇନିଂସ୍ ଖେଳିବା, ଇନିଂସ୍ ତିଆରି କରିବା ଆଦି ଦାୟିତ୍ୱ ତାଙ୍କ କାନ୍ଧରେ ନ୍ୟସ୍ତ ରହିବ। ଆବଶ୍ୟକ ପଡିଲେ ରୋହିତ୍ ଶର୍ମାଙ୍କୁ ସେ ପରାମର୍ଶ ବି ଦେବେ। କିନ୍ତୁ ସେ ମନେ ରଖିବେ ଯେ ନିଜର ବ୍ୟାଟିଂରେ ଶତକ ନିୟମିତ ସ୍କୋର ହୋଇଚାଲୁ। ନ ହେଲେ କୋହଲି ଏକଥା ଜାଣିଛନ୍ତି ଯେ ଅନେକ ଯୁବ ଖେଳାଳି ଦଳକୁ ଆସିବାକୁ ଅପେକ୍ଷା କରିଛନ୍ତି। ନିୟମିତ ଭଲ ପ୍ରଦର୍ଶନ ନ କଲେ ତାଙ୍କ ମୁଣ୍ଡରେ ବି ଖଣ୍ଡା ଝୁଲିବ। ନିୟମିତ ଭଲ ସ୍କୋର ନ କରିବା କାରଣରୁ ଅଜିଙ୍କ୍ୟ ରାହାନେ ଏବଂ ଚେତେଶ୍ୱର ପୂଜାରାଙ୍କୁ ଦଳରେ ସ୍ଥାନ ହରାଇବାକୁ ପଡିଛି। ଏହା କୋହଲିଙ୍କୁ ସତର୍କ କରିଦେଇଥିବ ନିଶ୍ଚୟ। ତେବେ ପ୍ରଶଂସକମାନେ ତାଙ୍କର ଶହେତମ ମ୍ୟାଚ୍‌ରେ ଶତକ ଆଶା କରିବା ସ୍ୱାଭାବିକ୍। ଏ ପର୍ଯ୍ୟନ୍ତ କୌଣସି ଭାରତୀୟ ନିଜର ଶହେତମ ଟେଷ୍ଟରେ ଶତକ ହାସଲ କରିନାହାନ୍ତି। ଯଦି କୋହଲି ଏପରି କରନ୍ତି ତେବେ ସେ ଯେ କେବଳ ନିଜର ୭୧ ତମ ଶତକ ହାସଲ କରିବେ ତାହା ନୁହେଁ ବରଂ ନିଜ ଉପରୁ ଚାପ ହଟାଇବା ସହ କ୍ୟାରିୟରକୁ ଆଉ ଏକ ଉଚ୍ଚତାକୁ ନେଇଯିବେ। ବୋଧହୁଏ ଏତେ ସବୁ ରେକର୍ଡରେ ସହଭାଗୀ ହେବା ପାଇଁ ମୋହାଲି ବି ତାଙ୍କ ପ୍ରଦର୍ଶନକୁ ଅପେକ୍ଷା କରିଥିବ। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ହିଁ ଏହି ସୁଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟୁ ବୋଲି ଭାରତୀୟ କ୍ରିକେଟପ୍ରେମୀମାନେ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଥିବେ।

# ଭାରତ-ଶ୍ରୀଲଙ୍କା ଟେଷ୍ଟ ଆଜିଠାରୁ

**ମୋହାଲି, ୩।୩ (ପି.ଟି.)**



ରୋହିତ ଶର୍ମା

**▶ରୋହିତ ଶର୍ମାଙ୍କ ନେତୃତ୍ୱରେ ପ୍ରଥମ**
**▶କୋହଲି ଖେଳିବେ ୧୦୦ତମ ଟେଷ୍ଟ**

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଶୁକ୍ରବାରଠାରୁ ଏଠାରେ ଆରମ୍ଭ ହେବ। ଭାରତର ୩୫ତମ ଟେଷ୍ଟ ଅଧିନାୟକ ଭାବେ ରୋହିତ ଶର୍ମା ଏହି ମ୍ୟାଚରେ ଦଳର ନେତୃତ୍ୱ ନେବେ। ଅନ୍ୟପକ୍ଷରେ ବିରାଟ କୋହଲି କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିବେ। ତେଣୁ କିଙ୍ଗ୍ କୋହଲିଙ୍କ ଉପରେ ସମସ୍ତଙ୍କ ନଜର ରହିଛି। କ୍ରିକେଟ କିମ୍ବଦନ୍ତୀ ସୁନୀଲ ଗାଭାସ୍କରଙ୍କ ୧୦,୦୦୦ ରନ ଓ ସଚିନ ତେନ୍ଦୁଲକରଙ୍କ ଭାବପୂର୍ଣ୍ଣ ବିଦାୟ ପରେ ଏବେ କୋହଲି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଛନ୍ତି। ଭାରତ ଏକ କ୍ରିକେଟ ପ୍ରିୟ ଦେଶ ହୋଇଥିବାରୁ ଏବଂ କୋହଲିଙ୍କର ଅନେକ ପ୍ରଶଂସକ ଥିବାରୁ ସମ୍ଭବତଃ ଏହି ଟେଷ୍ଟ ପାଇଁ ଦର୍ଶକଙ୍କୁ ଅନୁମତି ଦିଆଯାଇଛି। ଗତ ୨ ବର୍ଷରୁ ଊର୍ଦ୍ଧ୍ୱ ହେଲା କୋହଲି ରନ୍ ସ୍କୋରରେ ତିନିଅଙ୍କ ସ୍ପର୍ଶ କରିପାରି ନାହାନ୍ତି। ଏଠାରେ ତାଙ୍କ ବ୍ୟାଟ୍‌ରୁ ସେପରି କିଛି ଆଶା କରାଯାଉଛି। ସୁରଙ୍ଗ ଲକମଲ, ଲାହିରୁ କୁମାରା ଓ ଲସିଥ ଏମ୍ବୁଦେନିୟାଙ୍କୁ ନେଇ ଗଠିତ ବୋଲିଂ ଆକ୍ରମଣ ବିପକ୍ଷରେ କୋହଲିଙ୍କ ବ୍ୟାଟ୍‌ରୁ କଭର ଡ୍ରାଇଭ୍, ଅନ୍ ଡ୍ରାଇଭ୍, ଫ୍ଲିକ୍ସ ଓ ପୁଲ୍ ଶଟ୍ ଆସିବା ସହଜ ହେବ ବୋଲି ଆକଳନ କରାଯାଉଛି। ନିଜ ୧୦୦ତମ ଟେଷ୍ଟରେ କୌଣସି ବ୍ୟାଟର ଶତକ ହାସଲ କରି ନାହାନ୍ତି। ତେଣୁ ନୂଆ ରେକର୍ଡ କରିବା ପାଇଁ କୋହଲିଙ୍କ ନିକଟରେ ସୁଯୋଗ ରହିଛି।

**ରୋହିତଙ୍କ ଟିମ୍ କମ୍ବିନେଶନ**

ଭାରତ ଏହି ଟେଷ୍ଟରେ ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ ଓ ଇଶାନ୍ତ ଶର୍ମାଙ୍କ ବିନା ଖେଳିବାକୁ ଯାଉଛି। ଏଭଳି ଏକ ପରିବର୍ତ୍ତନ ସମୟରେ ଟିମ୍ କମ୍ବିନେଶନ ନିଶ୍ଚିତ ନୂଆ ଅଧିନାୟକ ରୋହିତଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହେବ। ଯାହା ଆଶା କରାଯାଉଛି ଶୁବମନ ଗିଲ୍ ୩ ନମ୍ବରରେ ପୂଜାରାଙ୍କ ସ୍ଥାନରେ ଆସିବେ। ରାହାନେଙ୍କ ସ୍ଥାନ ନେବା ପାଇଁ ୨ ଜଣ ଖେଳାଳି ପ୍ରସ୍ତୁତ। ଜଣେ ହେଲେ ହନୁମା ବିହାରୀ। ବିଦେଶ ମାଟିରେ କଷ୍ଟସାଧ୍ୟ ପରିସ୍ଥିତିରେ ତାଙ୍କୁ ବ୍ୟାଟିଂ ସୁଯୋଗ ମିଳିଥାଏ। ସେଠାରେ ସେ ସେପରି ନିରାଶ କରିନାହାନ୍ତି। ଏହା ତାଙ୍କୁ ଆଗାମୀ ମ୍ୟାଚ ପାଇଁ ହକ୍‌ଦାର କରି ଦେଇଛି। ଅନ୍ୟ ଜଣକ ହେଲେ ଶ୍ରେୟାସ ଆୟାର। ନ୍ୟୁଜିଲାଣ୍ଡ ବିପକ୍ଷ କ୍ୟାରିୟରର ପ୍ରଥମ ଟେଷ୍ଟରେ ଶତକ ହାସଲ କରି ସେ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିଲେ। ମାତ୍ର ଟେକ୍ନିକରେ ସାମାନ୍ୟ ତ୍ରୁଟି ବିଶେଷ କରି ଶର୍ଟ ବଲ୍‌କୁ ସେ ଖେଳିବାରେ ଅସୁବିଧା ଅନୁଭବ କରୁଥିବା ପରିଲକ୍ଷିତ ହୋଇଛି। ହନୁମା ଆବଶ୍ୟକ ସମୟରେ ରକ୍ଷଣାତ୍ମକ ଖେଳିବାରେ ମାହିର। ସେ ସ୍ପିନରଙ୍କୁ ମଧ ଭଲ ମୁକାବିଲା କରିପାରନ୍ତି। ତେଣୁ ତାଙ୍କୁ ମିଡିଲ ଅର୍ଡରରେ ସୁଯୋଗ ମିଳିବା ସମ୍ଭାବନା ଅଧିକ। ତେବେ ଯୁବ ଉଇକେଟ କିପର ରିଷଭ ପନ୍ତ ୫ ନମ୍ବର ସ୍ଥାନରେ କ୍ରିଜ୍‌କୁ ଆସିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

ଶ୍ରୀଲଙ୍କାର ବ୍ୟାଟିଂ ଲାଇନ ଅପ୍ ମୁଖ୍ୟତଃ ଅଧିନାୟକ ଦିମୁଥ କରୁଣାରତ୍ନେ, ଦୀନେଶ ଚଣ୍ଡିମଲ ଓ ଆଞ୍ଜେଲୋ ମାଥ୍ୟୁସଙ୍କ ଉପରେ ନିର୍ଭର କରିବ। ଚଣ୍ଡିମଲ ଓ ମାଥ୍ୟୁସ ସେପରି ଫର୍ମରେ ନାହାନ୍ତି। ଏପରିସ୍ଥଳେ ଶ୍ରୀଲଙ୍କା ବ୍ୟାଟିଂ ଅର୍ଡର ଏକ ଶୃଙ୍ଖଳା ପିଚ୍‌ରେ କିପରି ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ମୁକାବିଲା କରିପାରିବ ତାକୁ ନେଇ ପ୍ରଶ୍ନ ରହିଛି। ଯଦି ଭାରତ ପ୍ରଥମେ ବ୍ୟାଟିଂ କରେ ତେବେ ଖେଳ ୪ ଦିନରେ ଏବଂ ଯଦି ଦ୍ୱିତୀୟରେ ବ୍ୟାଟିଂ କରେ ତେବେ ଆହୁରି ଶୀଘ୍ର ମ୍ୟାଚ ଶେଷ ହେବା ଆକଳନ କରାଯାଉଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ମୟଙ୍କ ଅଗ୍ରୱାଲ, ଶୁବମନ ଗିଲ୍, ବିରାଟ କୋହଲି, ରିଷଭ ପନ୍ତ, ହନୁମା ବିହାରୀ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ଶାମି, ମହମ୍ମଦ ସିରାଜ, ଜୟନ୍ତ ଯାଦବ, ଶ୍ରେୟାସ ଆୟାର, କୋନା ଭରତ, ଉମେଶ ଯାଦବ, ସୌରଭ କୁମାର, ପ୍ରିୟଙ୍କ ପଞ୍ଚାଲ।

**ଶ୍ରୀଲଙ୍କା ଦଳ:** ଦିମୁଥ କରୁଣାରତ୍ନେ (ଅଧିନାୟକ), ଧନଞ୍ଜୟ ଡି'ସିଲ୍‌ଭା, ଚରିଥ ଆଶାଲଙ୍କା, ଦୁଷ୍ମନ୍ତ ଚାମିରା, ଦୀନେଶ ଚଣ୍ଡିମଲ, ଆଞ୍ଜେଲୋ ମାଥ୍ୟୁସ, ନିରୋଶାନ ଡିକ୍‌ୱେଲା, ଲସିଥ ଏମ୍ବୁଦେନିୟା, ବିଶ୍ୱ ଫର୍ନାଣ୍ଡୋ, ସୁରଙ୍ଗ ଲକମଲ, ଲାହିରୁ ଥିରିମାନେ, ଲାହିରୁ କୁମାରା, କୁସାଲ ମେଣ୍ଡିସ, ପଥୁମ ନିସାଙ୍କା, ଫେପ୍ରି ଭନ୍ଦେର୍ସେ, ପ୍ରବୀଣ ଜୟବିକ୍ରମା, ଚାମିକା କରୁଣାରତ୍ନେ।

**ମ୍ୟାଚ ଆରମ୍ଭ: ପୂର୍ବାହ୍ନ ୯ଟା ୩୦**

> **୧୦୦ ଟେଷ୍ଟ ଖେଳିଥିବା ଭାରତୀୟ**
> ସୁନୀଲ ଗାଭାସ୍କର
> ଦିଲୀପ ଭେଙ୍ଗସରକାର
> କପିଳ ଦେବ
> ସଚିନ ତେନ୍ଦୁଲକର
> ଅନିଲ କୁମ୍ବଲେ
> ରାହୁଲ ଦ୍ରାବିଡ
> ସୌରଭ ଗାଙ୍ଗୁଲି
> ଭିଭିଏସ୍ ଲକ୍ଷ୍ମଣ
> ବୀରେନ୍ଦ୍ର ସେହ୍ୱାଗ
> ହରଭଜନ ସିଂ
> ଇଶାନ୍ତ ଶର୍ମା

# ଦୁଇ ଫୁଟ୍‌ବଲ ଖେଳାଳି ନିହତ

**ଲଣ୍ଡନ, ୩।୩ (ଏପି)**

ଅନ୍ତର୍ଜାତୀୟ ପ୍ରଫେସନାଲ ଫୁଟ୍‌ବଲର ମାନଙ୍କ ଆସୋସିଏଶନ 'ଫିଫ୍‌ପ୍ରୋ'ର ସାଧାରଣ ସମ୍ପାଦକ ଜୋନାସ ବେଅର ଅଫ୍‌ମ୍ୟାନଙ୍କ ସୂଚନା ଅନୁସାରେ ରୁଷିଆର ସାମରିକ କାର୍ଯ୍ୟାନୁଷ୍ଠାନରେ ୟୁକ୍ରେନର ଦୁଇଜଣ ଫୁଟ୍‌ବଲ ଖେଳାଳି ନିହତ ହୋଇଛନ୍ତି। ସେମାନେ ହେଲେ ଭିଟାଲି ସାପିଲୋ (୨୧ବର୍ଷ) ଓ ଦିମିତ୍ରୋ ମାର୍ଟିନେଙ୍କୋ (୨୫ବର୍ଷ)। ଯୁଦ୍ଧ ସମୟରେ ଏହି ଦୁଇ ଖେଳାଳି ନିଖୋଜ ହୋଇ ଯାଇଥିଲେ। ସେମାନଙ୍କ ପରିବାର, ବନ୍ଧୁପରିଜନ ଓ ସାଥୀ ଖେଳାଳିଙ୍କଠାରୁ ସେମାନଙ୍କ ଖୋଜଖବର ନେବାରେ ଉଭୟେ ଯୁଦ୍ଧ ସମୟରେ ନିହତ ହୋଇଥିବା ଜଣାପଡ଼ିଥିଲା। ବେଅର ହଫ୍‌ମ୍ୟାନ କହିଛନ୍ତି, ଦଳେ ଖେଳାଳି ୟୁକ୍ରେନ୍ ଛାଡ଼ି ପଡ଼ୋଶୀ ପୋଲାଣ୍ଡ ଓ ରୋମାନିଆରେ ଯାଇ ଆଶ୍ରୟ ନେଇଛନ୍ତି। କିନ୍ତୁ ୟୁକ୍ରେନରେ ପଞ୍ଜୀକୃତ କରିଥିବା ୪୦୦ ବିଦେଶୀ ଖେଳାଳିଙ୍କ ଖୋଜଖବର ମିଳୁନାହିଁ।

# ୱିଣ୍ଟର ପାରାଲିମ୍ପିକ୍ସରୁ ରୁଷିଆ, ବେଲାରୁଷ ବାଦ୍

**ବେଜିଂ, ୩।୩(ଏପି):** ୟୁକ୍ରେନ ଉପରେ ରୁଷିଆର ଆକ୍ରମଣକୁ ନେଇ ୱିଣ୍ଟର ପାରାଲିମ୍ପିକ୍ସରୁ ଉଭୟ ରୁଷିଆ ଓ ଏହାର ସହଯୋଗୀ ଦେଶ ବେଲାରୁଷକୁ ବାଦ୍ ଦିଆଯାଇଛି। ଆଥଲେଟ୍ସ ଭିଲେଜରେ ଏହି ଦୁଇ ଦେଶର ଆଥଲେଟଙ୍କୁ ବର୍ଜନ ଆଶଙ୍କା ଥିବାରୁ ଆୟୋଜକଗଣଙ୍କ ତରଫରୁ ଏହି ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ଆରମ୍ଭ ହେବାକୁ ଥିବା ଗେମ୍ସରେ ରୁଷିଆ ଓ ବେଲାରୁଷ ଆଥଲେଟମାନଙ୍କୁ ଅଂଶଗ୍ରହଣ କରିବା ଲାଗି ୨୪ ଘଣ୍ଟା ପୂର୍ବର ସର୍ତ୍ତମୂଳକ ଅନୁମତି ଦେଇଥିଲା ଅନ୍ତର୍ଜାତୀୟ ପାରାଲିମ୍ପିକ୍ସ କମିଟି।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ

**ଭୁବନେଶ୍ୱର, ୩।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍କଳ କରାଟେ ସ୍କୁଲ୍ ପରିସରରେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଡିଗ୍ରୀ କଲେଜ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ (ରିଆକ୍ଟ) ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏଥିରେ କୋରାପୁଟ, ଗଜପତି, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ କନ୍ଧମାଳରୁ ୧୧୬ଜଣ ଛାତ୍ରୀ ଯୋଗ ଦେଇଛନ୍ତି। ଏହା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଗୁରୁବାର ପ୍ରଥମ ବ୍ୟାଚ୍‌କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଉଚ୍ଚଶିକ୍ଷା ବିଭାଗ ଡେପୁଟି ସେକ୍ରେଟାରି ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ନବରଙ୍ଗପୁର ନୋଡାଲ ଅଫିସର ସଙ୍ଗୀତା ତ୍ରିପାଠୀ, ମୀର ଅହମଦ ଅଲ୍ଲୀ, ସେନସାଇ ରାଜୀବ ସିଂ, ସେନସାଇ ସନ୍ଦୀପ ମହାନ୍ତି ଓ ସେନସାଇ ଗୌରୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍କଳ କରାଟେ ସ୍କୁଲର ସମ୍ପାଦକ ତଥା ମହିଳା ଆତ୍ମରକ୍ଷା କୋର୍ସ (ରିଆକ୍ଟ)ର ପ୍ରତିଷ୍ଠାତା ହାନ୍‌ସି ଡ. ହରିପ୍ରସାଦ ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ।




ଉତ୍କଳ କରାଟେ ସ୍କୁଲ୍ ପରିସରରେ ଗୁରୁବାର ଆରମ୍ଭ ହୋଇଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର।

# ମହିଳା ୧୦ ମିଟର ଏୟାର ପିସ୍ତଲ ଟିମ୍ ଇଭେଣ୍ଟରେ ଭାରତକୁ ସ୍ୱର୍ଣ୍ଣ



ସ୍ୱର୍ଣ୍ଣ ପଦକ ସହ ଶ୍ରୀ ନିବେଥା, ଇଶା ସିଂ ଓ ରଚିତା ଭିନେରକର।

**କାଇରୋ, ୩।୩ (ପି.ଟି.):** ଶ୍ରୀ ନିବେଥା, ଇଶା ସିଂ ଓ ରଚିତା ଭିନେରକରଙ୍କୁ ନେଇ ଭାରତୀୟ ଦଳ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍ ମହିଳା ୧୦ ମିଟର ଏୟାର ପିସ୍ତଲ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛି। ସ୍ୱର୍ଣ୍ଣ ପଦକ ମୁକାବିଲାରେ ଭାରତୀୟମାନେ ୧୬ ଶଟ୍ ସହ ପୋଡିୟମ ଫିନିଶ କରି ଦେଶ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ଓ ତୃତୀୟ ପଦକ ଜିତିଥିଲେ। ଭାରତ ଦୁଇ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ସହ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ରହିଛି। ଟାଇଟଲ ମୁକାବିଲାରେ ଜର୍ମାନୀର ଆନ୍ଦ୍ରିଆ କାଥାରିନା ହେକ୍‌ନର, ସାଣ୍ଡ୍ରା ରିଜ୍ ଓ କାରିନା ୱିମର ୬ ଶଟ୍ ସହ ରୌପ୍ୟ ଜିତିଥିଲେ। ଭାରତର ୩ ମହିଳା ସ୍ୱର୍ଣ୍ଣ ପଦକ ମ୍ୟାଚ ପଥରେ କ୍ୱାଲିଫିକେଶନ ମୋଟ ୫୭୪ ସ୍କୋର କରି ଷ୍ଟେଜ୍-୨ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଭାରତୀୟଙ୍କ ପଛକୁ ହେକନର, ରିଜ୍ ଓ ୱିମର ୫୭୧ ସ୍କୋର ସହ ଦ୍ୱିତୀୟ ହୋଇଥିଲେ। ଇଶା, ଶ୍ରୀ ନିବେଥା ଓ ରଚିତା ୮୫୬ ସ୍କୋର ସହ ଷ୍ଟେଜ୍-୧ କ୍ୱାଲିଫିକେଶନରେ ମଧ୍ୟ ପ୍ରଥମ ହୋଇଥିଲେ। ପୂର୍ବରୁ ଅଲିମ୍ପିଆନ ସୌରଭ ଚୌଧାରୀ, ଗୌରବ ରାଣା ଓ ଉଚାଗାନ୍‌ଭେ କେଦାରଲିଂ ବାଲକ୍ରିଷ୍ଣା ପୁରୁଷ ୧୦ମିଟର ଏୟାର ପିସ୍ତଲ ଟିମ୍ ଇଭେଣ୍ଟର ବ୍ରୋଞ୍ଜ ପଦକ ମ୍ୟାଚରେ ହାରିଯାଇଥିଲେ।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




BIG SAVINGS

WAGONR ₹39 000* ALTO ₹28 000* S-PRESSO ₹34 000* VITARA BREZZA ₹20 500*
DZIRE ₹23 000* SWIFT ₹26 000* CELERIO ₹33 000* EECO ₹31 000*

FINANCE OFFERS

BUY NOW, PAY LATER^ | 100%^ ON-ROAD FUNDING AVAILABLE | EMI STARTING FROM ₹799^ PER LAKH | Low Rate of INTEREST Starting from 7%^

GOLD VOUCHER ₹5 000 ପର୍ଯ୍ୟନ୍ତ ଗୋଲ୍ଡ ଭାଉଚର#

WAGONR ALTO S-PRESSO ERTIGA VITARA BREZZA DZIRE SWIFT CELERIO EECO

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in.

**ODYSSEY MOTORS**
ANGUL: 7752076136. 9776901481. PALLAHARA: 7873565435. 9437831123.

**TUSHI MOTORS**
CUTTACK: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950.

**NARAYANI MOTORS**
BHUBANESHWAR: 9583022019,9583022012, 9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381093626. PARADEEP: 9583022034/48.

**SKY AUTOMOBILES**
BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. NARSHINGPUR: 9776900005. KAMAKHYANAGAR: 9776900005. JAJPUR: 9776900777. SALEPUR: 9583544555. CHANDIKHOL: 9583544555.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Up To 100% on-road funding is provided by select financiers only. Interest rate of 7% is provided by select financiers only. #Gold Voucher is applicable on select models/variants only. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st March, 2022.






THE TRUST OF HERO

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road,Vasant Kunj - Phase -II, New Delhi - 110070, India. I CIN: L35911DL1984PLC017354 I For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. For more details, please visit your nearest authorized Hero MotoCorp outlet. ^Largest Motorcycle & Scooter selling company in the world for any particular country for the year 2020. *This is the Ex-Showroom Price for Self Drum Cast variant of Glamour Xtec in Guwahati. For more details, please visit your nearest authorized Hero MotoCorp outlet. HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com

CALL TOLL-FREE 1800 266 0018

BUY ONLINE AT eshop.heromotocorp.com

70116 70116

**AUTHORISED DEALERS: Bhubaneswar:** Rohan Hero – 7799766422, Bharat Hero – 7799766378, DD Hero – 7799766329, Arundhati Hero - 9311733967; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425; **Angul:** Parbati Hero - 7799766342; **Balasore:** Neelam Hero - 7799766393; **Baripada:** Aditya Hero - 7799766370; **Bhadrak:** Sanjib Hero - 7799766380; **Chandikhol:** S. K. Hero - 7799766362; **Jagatsinghpur:** Trishul Hero - 7799766383; **Jajpur Road:** Soumik Hero - 7799766410; **Jaleswar:** Sai Hero - 7799766407; **Jatni:** Vishal Hero - 7799766398; **Keonjhar:** Supreme Hero - 7799766360; **Nayagarh:** Bhagabati Hero - 7799766417; **Puri:** Sanjib Hero- 8448389695; **Behrampur:** Lakshmi Motors, Dharma Nagar – 7799766350, Lakshmi Automotives, Gajapati Nagar – 9311853279; **Jeypore:** Supreme Hero - 7799766340; **Phulbani:** Narayani Hero - 7799766373; **Raygada:** Ajit Hero - 7799766358; **Bargarh:** Aakash Hero - 7799766396; **Bhawanipatna:** Arundhati Hero - 7799766385; **Bolangir:** Arundhati Hero - 7799766327; **Jharsuguda:** Vijaylaxmi Hero - 7799766368; **Rourkela:** Dua Hero -7799766391; **Sambalpur:** Sri Shyam Hero - 7799766356; **Sonepur:** Jai Jawan Hero - 7799766419; **Sundergarh:** Robotech Hero: 8448183659; **Dhenkanal:** Som Hero - 7799766347; **Talcher:** Tarini Hero - 7799766374.

WT.5005.2022ORI

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୪ ମାର୍ଚ୍ଚ, ୨୦୨୨

## ମାଟି ଚୋରା ଚାଲାଣ: ଜେସିବି, ଟ୍ରାକ୍ଟର ଜବତ

କାକଟପୁର,(ଡି.ଏନ.ଏ)- କାକଟପୁର ତହସିଲଠାରୁ ମାତ୍ର ଦୁଇଶହ ମିଟର ଦୂରରେ ଶ୍ରୀରାମପୁର ଗ୍ରାମର ଅନାବାଦୀ ଗୋଚରରୁ ଦିନ ଦ୍ୱିପ୍ରହରରେ ମାଫିଆମାନେ ମାଟି ଖୋଳି ଜେସିବି ଓ ଟ୍ରାକ୍ଟର ଯୋଗେ ଚୋରା ଚାଲାଣ କରୁଥିଲେ। ଖବରପାଇ କାକଟପୁର ତହସିଲଦାର ସ୍ଥାନୀୟ ପୋଲିସ ଟିମ୍ ସହ ସେଠାରେ ଚଢ଼ାଉ କରି ଉକ୍ତ ଟ୍ରାକ୍ଟର ଓ ଜେସିବିକୁ ଜବତ କରିଛନ୍ତି। ଦୀର୍ଘଦିନ ଧରି ଏହି ଜାଗାରୁ ଜୋର ଜବରଦସ୍ତି ମାଟି ଚୋରା ଚାଲାଣ ହୋଇଆସୁଥିଲା। ଗ୍ରାମବାସୀ ବିରୋଧ କଲେ ତାଙ୍କୁ ବିଭିନ୍ନ ଧମକ ମାଫିଆମାନେ ଦେଉଥିବା ଅଭିଯୋଗ ହୋଇଆସୁଥିଲା। ଫଳରେ ଗୁରୁବାର ଗ୍ରାମବାସୀ ଏକତ୍ରିତ ହୋଇ କାକଟପୁର ତହସିଲରେ ଅଭିଯୋଗ କରିବା ପରେ ତହସିଲଦାର ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଛନ୍ତି।



## ସଂକ୍ଷେପରେ

### ଶ୍ରେଣୀଗୃହରେ ପଶି ଶିକ୍ଷକଙ୍କୁ ଆକ୍ରମଣ

ବଳଙ୍ଗା,୩।୩(ଡି.ଏନ.ଏ)- ବଳଙ୍ଗା ଥାନା ନିକଟସ୍ଥ ଗୋପବନ୍ଧୁ ଜନ୍ମପୀଠ ନୋଡାଲ ଉଚ୍ଚ ବିଦ୍ୟାଳୟ ଗୁଆଳିଗୋରଡ଼ାରେ ଗୁରୁବାର କେତେଜଣ ଦୁର୍ବୃତ୍ତ ସ୍କୁଲ ଚାଲୁଥିବା ସମୟରେ ଶ୍ରେଣୀଗୃହରେ ପଶି ଜଣେ ଶିକ୍ଷକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୪୫/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅଞ୍ଚଳର ଶିକ୍ଷକ ଜଗଦୀଶ ପ୍ରସାଦ ନାୟକ ସବୁଦିନ ଭଳି ଗୁରୁବାର ସକାଳେ ଗୁଆଳିଗୋରଡ଼ାସ୍ଥିତ ବିଦ୍ୟାଳୟକୁ ଯାଇ ନବମ ଶ୍ରେଣୀରେ ପଢ଼ାଉଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଦୁର୍ବୃତ୍ତ ହଠାତ୍ ଶ୍ରେଣୀଗୃହରେ ପଶି କୌଣସି କାରଣକୁ ନେଇ ତାଙ୍କୁ ମାରଧର କରିବା ସହିତ ବେକରେ ପିନ୍ଧିଥିବା ସୁନା ଚେନକୁ ଛିଣ୍ଡାଇ ନେଇଥିବା ଓ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣା ପରେ ଶିକ୍ଷକ ଜଗଦୀଶ ଥାନାର ଦ୍ୱାରସ୍ଥ ହୋଇଥିଲେ।

### କୋରେକ୍ସ ବିକି ଜଣେ ଗିରଫ

ପୁରୀ ଅଫିସ,୩।୩- ବେଆଇନ ଭାବେ କୋରେକ୍ସ ବିକ୍ରି କରିବା ଅଭିଯୋଗରେ ବାସେଳିସାହି ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ପଞ୍ଚଗାଁ ପ୍ରଧାନସାହିର ଟୁକୁ ଦାସ (୨୬)। ପୋଲିସ ଅଭିଯୁକ୍ତଙ୍କଠାରୁ ୨୫ଟି କୋରେକ୍ସ ବୋତଲ ଜବତ କରିଛି । ଏ ନେଇ ପୋଲିସ ନଂ.୪୭/୨୨ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ଟୁକୁ ପୁରୀ ସହରରେ ବେଆଇନ ଭାବେ କୋରେକ୍ସ ବିକୁଥିଲେ। ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରି ତାଙ୍କୁ ଗିରଫ କରିବା ସହ କୋରେକ୍ସ ବୋତଲ ଜବତ କରିଥିଲା।

### ସଂଘବଦ୍ଧ ଆକ୍ରମଣରେ ୨ ଭାଇ ଆହତ

ପୁରୀ ଅଫିସ,୩।୩- ଥାନାରେ ଏକ ମାମଲା ଦେବାକୁ କେନ୍ଦ୍ର କରି ୨ ଭାଇଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ପୁରୀ ସଦର ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୬୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଦୁଇ ଭାଇ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣରେ ଶିକାର ହୋଇଥିବା ସଦର ଥାନା ଅନ୍ତର୍ଗତ ବଳଭଦ୍ର ପାଟଣାର ସୁକାନ୍ତ ବେହେରା (୩୦) ଓ ପ୍ରଶାନ୍ତ ବେହେରା ବେହେରା (୩୭)। ଅଭିଯୋଗକାରୀଙ୍କ ସୂଚନାଯାୟୀ, ଗତ ୨୬ ତାରିଖରେ ରାତି ୯ଟାରେ ସୁକାନ୍ତଙ୍କ ଏକ ଟ୍ରାକ୍ଟରକୁ ଡ୍ରାଇଭର ନେଇ ଘରକୁ ଫେରୁଥିବା ବେଳେ ୨ଯୁବକ ଗାଡିକୁ ଅଟକାଇ ଗାଳିଗୁଲଜ କରିବା ସହ ସେହି ରାସ୍ତାରେ ଗାଡି ନ ନେବାକୁ ଧମକ ଦେଇଥିଲେ। ଯାହାକୁ ନେଇ ଗାଡି ମାଲିକ ସୁକାନ୍ତ ଏବଂ ୨ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏ ନେଇ ସୁକାନ୍ତ ଗତ ୨୭ ତାରିଖରେ ଥାନାରେ ଏକ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ଉକ୍ତ ଯୁବକଦ୍ୱୟ ବୁଧବାର ସୁକାନ୍ତଙ୍କ ଘରେ ପଶି ସୁକାନ୍ତ ଓ ତାଙ୍କ ଭାଇ ପ୍ରଶାନ୍ତଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ ସଦରଥାନା ଥାନାଧିକାରୀ ସୁମତି କୁମାରୀ ମହାନ୍ତିଙ୍କ କହିଛନ୍ତି, ସୁକାନ୍ତଙ୍କ ଟ୍ରାକ୍ଟର ଘରକୁ ନେଉଥିବା ବେଳେ ଅପର୍ତ୍ତିଙ୍କ କାନ୍ଥ ବାଜି କିଛି ଅଂଶ ଭାଙ୍ଗିଥିଲା। ଏଥିପାଇଁ ସୁକାନ୍ତଙ୍କ ଗାଡିକୁ ଅଟକାଇ ଅପର୍ତ୍ତି ଗାଳିମନ୍ଦ କରିଥିଲେ।

### ଯୁଦ୍ଧ ବନ୍ଦ କାମନା କରି ଦୀପଦାନ

ପୁରୀ ଅଫିସ, ୩।୩: ମ୍ୟୁଜିକ୍ ଫିଲ୍ମ ନୁନିଆ ଚାନେଲ୍ ପକ୍ଷରୁ ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାର ପାଖରେ ୟୁକ୍ରେନ୍ ଓ ରୁଷ ଚାଲିଥିବା ବିନାଶକାରୀ ଯୁଦ୍ଧ ବନ୍ଦ ହେବାପାଇଁ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହେବା ସହ ମହାପ୍ରଭୁଙ୍କ ନିକଟରେ ସମୁହ ଦୀପ ଦାନ କରାଯାଇଛି । କାର୍ଯ୍ୟକ୍ରମରେ ଲେଖକ ଓ ନିର୍ଦ୍ଦେଶକ ଜନାର୍ଦ୍ଦନ ଭୂୟାଁ, ବିଶିଷ୍ଟ ସମାଜସେବୀ ଶ୍ରୀଧର ଜେନା, ଜିତେନ୍ଦ୍ର ସାହୁ, ଗୀତିକାର ଇତିଶ୍ରୀ ମହାନ୍ତି, ସନ୍ତୋଷ ସାହୁ, ନଟବର ପ୍ରଧାନ, ଅଭିନେତା ପ୍ୟାରିମୋହନ ଦାସ, ବୁବୁନ୍ ମିଶ୍ର, ମାମାଲି ମିଶ୍ର, ନୃତ୍ୟ ନିର୍ଦ୍ଦେଶକ ସନ୍ତୋଷ ବାରିକ, ଏବଂ ଏସ୍. ପିଣ୍ଟୁ ପ୍ରମୁଖ କଳାକାରମାନେ ଉପସ୍ଥିତ ଥିଲେ । ରୁଷ୍ ଏବଂ ୟୁକ୍ରେନ୍ ମଧ୍ୟରେ ଅନୁଷ୍ଠିତ ହେଉଥିବା ପ୍ରଳୟକାରୀ ଯୁଦ୍ଧରେ ସାରା ବିଶ୍ୱ ଏବେ ଥରହର । ଯୁଦ୍ଧର ପ୍ରଭାବ ଭାରତରେ ମଧ ପରିଲିଖିତ ହେଉଛି। ଭାରତର ହଜାର ହଜାର ଛାତ୍ରୀଛାତ୍ର ପଢିବା ପାଇଁ ଯାଇ ଏବେ ଯୁଦ୍ଧ ମଧ୍ୟରେ ପଶି ଯାଇଛନ୍ତି। ସେମାନଙ୍କ ପାଖରେ ଖାଦ୍ୟ କିମ୍ବା ପାଣି ବର୍ତ୍ତମାନ ଆଉ ନାହିଁ। ତେଣୁ ସମସ୍ତେ ଏବେ ଚିନ୍ତାରେ ଅଛନ୍ତି । ତେଣୁ ଏହି ବିନାଶକାରୀ ଯୁଦ୍ଧ ବନ୍ଦ କରିବା ନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ସହ ଦୀପଦାନ କରାଯାଇଥିବା ନିର୍ଦ୍ଦେଶକ ଶ୍ରୀଭୂଆଁ ସୂଚନା ଦେଇଥିଲେ।

# ୭୫ ମିଟର ବାହାରେ ହେବ ଅଢ଼େଇ ମିଟର ରାସ୍ତା

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**
- ଓବିସିସି କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ସମୀକ୍ଷା
- ଯାତାୟାତ ସୁବିଧା ପାଇଁ ଜଙ୍କସନ୍ ଓ ଜେବ୍ରା କ୍ରସିଂ

ପୁରୀ ଅଫିସ,୩।୩:

ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଏବେ ଜୋରସୋରରେ ଆଗେଇ ଚାଲିଛି। ଅଧିକାଂଶ ସ୍ଥାନରୁ ଉଚ୍ଛେଦ କାର୍ଯ୍ୟ ପ୍ରାୟ ଶେଷ ହୋଇଯାଇଥିବା ବେଳେ ନୂଆ ରୂପ ଦେବା ପାଇଁ ନିର୍ମାଣ କାର୍ଯ୍ୟ ହେଉଛି। ଏହି ଅବସରରେ ଗୁରୁବାର ଓଡ଼ିଶା ସେତୁ ନିର୍ମାଣ ନିଗମ(ଓବିସିସି)ର ବରିଷ୍ଠ ଅଧିକାରୀ ଓ କର୍ତ୍ତୃପକ୍ଷମାନେ ପୁରୀ ଆସି ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶ୍ରୀମନ୍ଦିର ଚାରିପାଖ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବୁଝିଛନ୍ତି। ମେଘନାଦ ପ୍ରାଚୀରଠାରୁ ୭୫ ମିଟର ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ବେଳେ ସାହି ଗଳିକୁ ଲାଗିଥିବା ରାସ୍ତା ସମ୍ପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ଚାଲିଆସୁଛି। ଫଳରେ ବଡ଼ଦାଣ୍ଡକୁ ସାହିବାସିନ୍ଦାଙ୍କ ସିଧାସଳଖ ଯାତାୟାତ ବାଧାପ୍ରାପ୍ତ ହେବ। ଏହାକୁ ଦୃଷ୍ଟିରେ ରଖି ୭୫ ମିଟର ଶେଷ ହେଉଥିବା ସ୍ଥାନରୁ ଅଢେଇ ମିଟରର ଏକ ରାସ୍ତା ନିର୍ମାଣ କରାଯିବ। ଏହା ସାହି ଗଳିରୁ ବାହାରି ପ୍ରକଳ୍ପର ପାର୍ଶ୍ୱ ଦେଇ ବଡ଼ଦାଣ୍ଡଠାରେ ବାହାରିବ। ଫଳରେ ଶ୍ରୀମନ୍ଦିର ଚାରିପାଖରେ ଥିବା ବାସିନ୍ଦାମାନେ ବଡ଼ଦାଣ୍ଡକୁ ଯିବା ସହଜ ହେବ। ବିଶେଷ ଭାବେ ପଶ୍ଚିମପଟେ ଏଭଳି ରାସ୍ତା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଓବିସିସି ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟକୁ ନେଇ ଏଏସ୍ଆଇ ଓ ଏନଏମ୍ଏର ଅନୁମୋଦନ ନ ଥିବା ନେଇ ଚର୍ଚ୍ଚା ଜୋର ଧରିଥିଲେ ମଧ ପ୍ରକଳ୍ପ କାର୍ଯ୍ୟ ପ୍ରଭାବିତ ହେବା ନେଇ କୌଣସି ଆଶଙ୍କା ଦେଖାଯାଉ ନାହିଁ।

ଓବିସିସିର ବରିଷ୍ଠ ପ୍ରକଳ୍ପ ଅଧିକାରୀ ପ୍ରଭାତ ପାଣିଗ୍ରାହୀ କହିଛନ୍ତି, ଶ୍ରୀମନ୍ଦିର ପଶ୍ଚିମ ଓ ଦକ୍ଷିଣ ଦ୍ୱାରରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ହୋଇଛି। ଓବିସିସି ଏମ୍ଡି ଜୟକୃଷ୍ଣ ଦାଶ ଓ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଏହି ଅନୁଧାନ ହୋଇଥିଲା। ଶ୍ରୀମନ୍ଦିର ପଶ୍ଚିମପଟ, ଦକ୍ଷିଣପଟ ଓ ପୂର୍ବପଟରେ ଚାଲିଥିବା କାର୍ଯ୍ୟକୁ ତ୍ୱରିତ ବେଗରେ ଶେଷ କରିବା ପାଇଁ ଓବିସିସି କର୍ତ୍ତୃପକ୍ଷମାନେ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଜିଲା ପ୍ରଶାସନ ତରଫରୁ ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ, ଓବିସି ଅଧିକାରୀ ଓ ଟାଟା କମ୍ପାନୀ ଲିମିଟେଡ୍ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓବିସିସି ପକ୍ଷରୁ ଏହା ପ୍ରଥମ ପର୍ଯ୍ୟାୟ ସମୀକ୍ଷା। ପ୍ରକଳ୍ପ କାର୍ଯ୍ୟ ଟାଟା କମ୍ପାନୀ ଓ ଓବିସିସିର ମିଳିତ ଉଦ୍ୟମରେ ପରିଚାଳିତ ହେଉଥିବା ହେତୁ ପ୍ରଥମ ପର୍ଯ୍ୟାୟରେ କେତେ କାର୍ଯ୍ୟ ଲକ୍ଷ୍ୟ ରଖାଯାଇଥିଲା ଓ ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହା ହୋଇପାରିଛି ନାହିଁ ସେନେଇ କମ୍ପାନୀର ଅଧିକାରୀଙ୍କ ସହ ଓବିସିସିର ବରିଷ୍ଠ ଅଧିକାରୀମାନେ ଆଲୋଚନା କରିଥିଲେ। ଓବିସିସି ପକ୍ଷରୁ ସୂଚନା ମିଳିଛି ଯେ, ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ ଜଙ୍କସନ୍ରେ ଜେବ୍ରା କ୍ରସିଂ ଭଳି ବ୍ୟବସ୍ଥା କରାଯିବ। ଜଙ୍କସନ୍ ରହିବା ଫଳରେ ସ୍ଥାନୀୟ ଲୋକଙ୍କ ସମେତ ପର୍ଯ୍ୟଟକଙ୍କ ଯାତାୟାତ ମଧ୍ୟ ସହଜ ହେବ। ଅନ୍ୟପଟେ ପ୍ରକଳ୍ପ କାର୍ଯ୍ୟକୁ ନେଇ ଏଏସ୍ଆଇ ନୋଟିସ୍ ପରେ ମଧ କାର୍ଯ୍ୟ ତ୍ୱରିତ ବେଗରେ କାର୍ଯ୍ୟକ୍ଷମ ହେଉଛି। ସମ୍ପୃକ୍ତ ପ୍ରକଳ୍ପ କାର୍ଯ୍ୟକୁ ବେଆଇନ କହି ପୁରୀ ସହରର ଅନେକ ସାମାଜିକ କର୍ମୀ ଶ୍ରୀମନ୍ଦିର ପ୍ରଶାସନ ନିକଟର ଦ୍ୱାରସ୍ଥ ହୋଇଥିଲେ ମଧ ପ୍ରକଳ୍ପ କାର୍ଯ୍ୟ ପ୍ରଭାବିତ ହୋଇ ନାହିଁ। ଏ ନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଓବିସିସିର ଅଧିକାରୀମାନେ ଆସି କାର୍ଯ୍ୟ ସମୀକ୍ଷା କରିଛନ୍ତି। କାର୍ଯ୍ୟ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ କାର୍ଯ୍ୟକାରୀ ହେଉଛି।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା ପାଇଁ ଆସିଥିବା ଓବିସିସିର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟର ଅଗ୍ରଗତି ନେଇ ଜିଲାପାଳ ଓ ଉପଜିଲାପାଳଙ୍କ ସହିତ ଆଲୋଚନା କରୁଛନ୍ତି।

## ବଟି ଆଦାୟ, ଅପହରଣ ଅଭିଯୋଗ: ୨ ଗିରଫ

ପୁରୀ ଅଫିସ,୩।୩

ଦାଦାବଟି ମାଗିବା ସହ ଅପହରଣ କରିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଲୋକନାଥ ରୋଡ ଥାନପତି ଲେନ୍ର ଅଜୟ ନାୟକ ଓରଫ ଗୁଡ୍ଡୁ (୧୯) ଏବଂ ରାଜା ଦାସ (୧୯)। ପୋଲିସ ଏ ନେଇ ନଂ.୪୮/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ୧ ତାରିଖରେ ମଣିମହାସୁଆର ବଗିଚାର ଅଟୋଚାଳକ ଅନିରୁଦ୍ଧ ସାମନ୍ତରାୟ (୪୭) କେତେଜଣ ପାସେଞ୍ଜରଙ୍କୁ ଓଡି ୧୩ ଏ ୯୩୪୧ ନମ୍ବର ବିଶିଷ୍ଟ ଅଟୋରେ ନେଇ ଲୋକନାଥ ମନ୍ଦିର ସମ୍ମୁଖ ସନ୍ତୋଷୀ ମା'ଙ୍କ ମନ୍ଦିର ପାଖରେ ଛାଡିଥିଲେ। ତେବେ ସେହି ସମୟରେ ଦୁଇ ଅଭିଯୁକ୍ତଙ୍କ ସହ ତାଙ୍କର କିଛି ସାଙ୍ଗ ଅନିରୁଦ୍ଧଙ୍କ ନିକଟକୁ ଆସି ବଟି ମାଗିଥିଲେ। ସେ ମନା କରିବାରୁ ଜବରଦସ୍ତ ରାଜା ଓ ଅଜୟ ଅଟୋରେ ବସି ମାଡ଼ ମାରିଥିଲେ। ଏପରି କି ତାଙ୍କୁ ଅପହରଣ କରି ବାଲିମଠ ନିକଟରେ ଥିବା ଝାଉଁ ଜଙ୍ଗଲକୁ ନେଇଯାଇ ଆକ୍ରମଣ କରିବା ସହ ତାଙ୍କ ନିକଟରେ ଥିବା ପ୍ରାୟ ୪୯୦୦ ଟଙ୍କା ନେଇଯାଇଥିଲେ। ଏ ନେଇ ସେ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲା।

# ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

**ମୃଗ ଭାବେ ପଇଡ଼କୁ ଶରବିଦ୍ଧ**

ପୁରୀ ଅଫିସ,୩।୩

ଫାଲ୍ଗୁନ ଶୁକ୍ଳ ପ୍ରତିପଦା ତିଥି ଗୁରୁବାର ଅବସରରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମହାପ୍ରଭୁଙ୍କ ଦ୍ୱିତୀୟ ବେଣ୍ଟ ନୀତି ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ଥିବା ବେଣ୍ଟ ପୋଖରୀରେ ସମ୍ପନ୍ନ ହୋଇଛି। ଗୁରୁବାର ଶ୍ରୀବିଗ୍ରହମାନଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ନୀତି ନିମନ୍ତେ ଦକ୍ଷିଣଘରୁ ଶ୍ରୀରାମ ଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନ ସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଏକ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ବେଣ୍ଟ (ଶିକାର) ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଇଥିଲେ। ପରେ ବିମାନବଡୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇ ବନ୍ଦାପନା ସମ୍ପନ୍ନ ହେବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ନିମନ୍ତେ ମଠ ପରିସରରେ ଥିବା ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଶରଗୁଡିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଶରଗୁଡିକୁ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳ ବେହେରାଙ୍କୁ ଦିଅନ୍ତି। ଲେଙ୍କା ସେବକ ପଇଡଗୁଡିକୁ ମୃଗ ଭାବେ ବିବେଚନା କରି ଶରବିଦ୍ଧ କରିଥାନ୍ତି। ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ ରଖାଯାଇଥିଲା। ସେଥିମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯିବା ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ।



ଶ୍ରୀଜଗନ୍ନାଥ ବଲ୍ଲଭ ବେଣ୍ଟ ପୋଖରୀରେ ସେବକମାନଙ୍କ ପକ୍ଷରୁ ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ କରାଯାଉଛି ।

## ୧୦ନଂ. ବୁଥ୍ରେ ଭାଜପାର ଭୋଟ ଶୂନ

ନିମାପଡ଼ା,୩।୩(ଡି.ଏନ.ଏ)

ନିମାପଡ଼ା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ବ୍ଲକର ୧୮ନଂ. ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତର ୧୦ନଂ. ୱାର୍ଡ ଶେରଗଡ଼ ମୁସଲମାନ ବୁଥ୍ରେ ଗୋଟିଏ ହେଲେ ଭାଜପାକୁ ଭୋଟ ମିଳି ନାହିଁ। ଏହା ଜଣାପଡ଼ିବା ପରେ ନିମାପଡ଼ା ଓ ବଳଙ୍ଗା ଅଞ୍ଚଳରେ ଭାଜପା କର୍ମୀମାନେ ଚକିତ ହେବା ସହ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ବୁଥ୍ରେ ଭାଜପା ସମର୍ଥିତ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ନିମନ୍ତେ ଗୋଟିଏ ହେଲେ ବି ଭୋଟ ପଡ଼ି ନ ଥିବା ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ସୁରେଶ ମଙ୍ଗରାଜଙ୍କ ସମେତ ବହୁ ୱାର୍ଡବାସୀ କହିଛନ୍ତି। ଏହି ବୁଥ୍ଟିରେ ବିଜେଡି ସମର୍ଥିତ ଜିଲା ପରିଷଦ ପ୍ରାର୍ଥୀଙ୍କୁ ସମସ୍ତ ଭୋଟ ଯାଇଥିବା ବେଳେ ଭାଜପା ପ୍ରାର୍ଥୀଙ୍କୁ କୌଣସି ଭୋଟ ଯାଇ ନଥିବାରୁ ୱାର୍ଡବାସୀ ଭାଜପାକୁ ପ୍ରତ୍ୟାଖ୍ୟାନ କରିଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାଜପା ଏକ ରାଷ୍ଟ୍ରୀୟ ରାଜନୈତିକ ଦଳ ସହ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ ଓ ଓଡ଼ିଶାରେ ମୁଖ୍ୟ ବିରୋଧୀ ଦଳ ଭାବେ କାର୍ଯ୍ୟ କରିବା ସତ୍ତ୍ୱେ ନିମାପଡ଼ା ବ୍ଲକର ଏହି ବୁଥ୍ରେ ପଦ୍ମଫୁଲ ଚିହ୍ନରେ ଭୋଟ ନ ମିଳିବା ଦୁର୍ଭାଗ୍ୟଜନକ ବିଷୟ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତପ୍ରକାଶ କରିଛନ୍ତି।

## ଅଜ୍ଞାତବାସରେ ୩୧ ସମିତି ସଭ୍ୟାସଭ୍ୟ

ଗୋପ,୩।୩(ଡି.ଏନ.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଗୋପ ବ୍ଲକ ଅଧୀନରେ ଥିବା ୪ଟି ଜିଲା ପରିଷଦ ବିଜେଡି ହାତକୁ ଯାଇଥିବା ବେଳେ ୩୧ଟି ପଞ୍ଚାୟତରେ ୭୦ ଭାଗରୁ ଅଧିକ ଦଳ ସମର୍ଥିତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ବିଜୟୀ ହୋଇଥିଲେ। ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିର୍ଦ୍ଦେଶରେ ଏହି ବିଜୟୀ ପ୍ରାର୍ଥୀମାନେ ନିଜ ଶୋଭାଯାତ୍ରାକୁ ବନ୍ଦ ରଖିଥିଲେ। କାରଣ ଗ୍ରାମାଞ୍ଚଳର ସାଧାରଣ, ଗରିବ ଲୋକମାନେ ଏବେ ବିଭିନ୍ନ ସମସ୍ୟାକୁ ନେଇ ଅସୁବିଧାରେ ଥିବାବେଳେ ଆମ ଶୋଭାଯାତ୍ରା ଠିକ୍ ହେବ ନାହିଁ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ବ୍ଲକର ୩୧ ସମିତି ସଭ୍ୟାସଭ୍ୟ ଏବେ ଅଜ୍ଞାତବାସରେ ରହିଥିବା ବେଳେ ଆସନ୍ତା ୧୨ ତାରିଖ ଦିନ ବ୍ଲକ ଅଧ୍ୟକ୍ଷ ପଦବୀ ଲାଗି ଭୋଟ ଦେବାକୁ ଆସିବେ। ସେହିପରି ବ୍ଲକ ଉପାଧ୍ୟକ୍ଷ ଲାଗି ୨୫ ତାରିଖରେ ହେବ। ଗୋପ ବ୍ଲକ ଦଖଲ କରିବା ହକ୍ ଆମ ପାଖରେ ରହିଛି। ବ୍ଲକ ଦଖଲ କରିବା ଲାଗି ଆବଶ୍ୟକତା ସମିତି ସଭ୍ୟ/ସଭ୍ୟା ଆମ ସହିତ ରହିଛନ୍ତି ବୋଲି ଗୁରୁବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି।

## ଅଗ୍ନିବିପନ୍ନଙ୍କ ପାଇଁ ସହାୟତା ଦାବି କଲେ ସରପଞ୍ଚ

ଡେଲାଙ୍ଗ, ୩।୩ (ଡି.ଏନ୍.ଏ.):

ଡେଲାଙ୍ଗ ବ୍ଲକ ଗୁଆଳିପଡା ପଞ୍ଚାୟତର ହୁମର ଗ୍ରାମର ଅଗ୍ନିକାଣ୍ଡ ଘଟି ସ୍ୱର୍ବସ୍ୱାନ୍ତ ହରାଇଥିବା ବିପନ୍ନମାନଙ୍କୁ ସହାୟତା ଦେବା ପାଇଁ ନବନିର୍ବାଚିତ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ ଓଡ଼ିଶା ରେଡ୍କ୍ରସ୍କୁ ଗୁରୁବାର ଲିଖିତ ଆବେଦନ କରିଛନ୍ତି। ଏହି ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଗଙ୍ଗାଧର ପରିଡା, ନଳିନୀ ପରିଡା, ବ୍ରଜବନ୍ଧୁ ପରିଡା, ଗଜେନ୍ଦ୍ର ପରିଡା, ଗୀତାଞ୍ଜଳୀ ପରିଡା, ସୁମନ୍ତ ପରିଡା ଓ ଦୁଃଖୀଶ୍ୟାମ ପରିଡାଙ୍କ ୧୦ ବଖରା ଘର ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡିଯାଇଥିଲା। ଏଥିସହ ପାଣ୍ଡବ ବେହେରା ଓ ଭୀମସେନ ବେହେରାଙ୍କ ୨ବଖରା ପୋଡିଯାଇଥିଲା। ବୁଧବାର ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ପୂର୍ବତନ ସରପଞ୍ଚ କାଳନ୍ଦୀ ଜେନା ବିପନ୍ନମାନଙ୍କୁ ଭେଟି ସମବେଦନା ଜଣାଇ ଶୁଖିଲା ଖାଦ୍ୟ ବାଣ୍ଟିଥିଲେ। ସେହିପରି ହରେକୃଷ୍ଣ ସ୍ୱାଇଁ, ଶରତ କୁମାର ପଟ୍ଟନାୟକ ବିପନ୍ନଙ୍କ ନିକଟରେ ପହଞ୍ଚି ଶୁଖିଲା ଖାଦ୍ୟ ଦେଇଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଆର୍ଆଇ ମାଧବ ସ୍ୱାଇଁ ବିପନ୍ନଙ୍କ ନିକଟରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ପଲିଥିନ ପ୍ରଦାନ କରିଥିଲେ। ସେହିପରି ରେଞ୍ଚ ପଞ୍ଚାୟତରେ ମଧ ଅଗ୍ନିବିପନ୍ନ ପରିବାରଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ଆର୍ଆଇ ନବକିଶୋର ପ୍ରଧାନ ପଲିଥିନ ପ୍ରଦାନ କରିଥିବାବେଳେ ସରପଞ୍ଚ ହରିହର ସ୍ୱାଇଁ ପହଞ୍ଚି ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।

## ଆତ୍ମନିର୍ଭର ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

ପୁରୀ ଅଫିସ, ୩।୩:

ପୁରୀସ୍ଥିତ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆୟୋଜିତ ହୋଇଥିବା ଦୁଇଦିନିଆ ଆତ୍ମନିର୍ଭର ଭାରତ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ପୂର୍ବତନ ଅଧ୍ୟାପକ ସୁକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖବରଦାତା ଓ ପରିବେଶବିତ୍ ଜଗନ୍ନାଥ ବସ୍ତିଆ ଯୋଗଦେଇଥିଲେ। ଏହି ଅବସରରେ ଡ. ଚନ୍ଦନ କୁମାର ସାହୁଙ୍କ ନେତୃତ୍ୱରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରୁ ୧୫ଜଣ ସ୍ୱେଚ୍ଛାସେବୀ ଯୋଗଦେଇ ଜୀବନଚର୍ଯ୍ୟା, ବାତ, ପିତ୍ତ, କଫ, ଉପବାସ, ଆହାର, ନିଦ୍ରା, ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ଉପଦେଶ ଦେଇଥିଲେ। ଅନ୍ୟ ଅତିଥି ଭାବେ ଅଧ୍ୟାପକ ଡ. ପ୍ରଦୀପ୍ତ ବେହେରା, ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ଜୟଶଙ୍କର ଜୋଷୀ ଉପସ୍ଥିତକ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା କ୍ରୀଡା ଅଧିକାରୀ ରବୀନ୍ଦ୍ରନାଥ ସେନାପତି, ସାମାଜିକ କର୍ମୀ ସଂଗ୍ରାମ ମହାନ୍ତି, ସନ୍ଦୀପ କର୍ମକାର ଏବଂ ସଞ୍ଜୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଖବରଦାତା ନିରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ବିଭିନ୍ନ କଲେଜର ଶତାଧିକ ଛାତ୍ରୀଛାତ୍ର ଓ ବିଭିନ୍ନ ଯୁବକ ସଂଘରୁ ଯୁବତୀଯୁବକ ଶିବିରରେ ଯୋଗଦେଇଥିଲେ। ନେହେରୁ ଯୁବକେନ୍ଦ୍ରର କୃଷ୍ଣଚନ୍ଦ୍ର ସାହୁ, ସବନମ୍ ବରାଳ, ବାସୁଦେବ ସେନାପତି, ରାକେଶ ସେଠୀ ଏବଂ ଇପ୍ସିତା ଜେନା ପ୍ରମୁଖ ସହଯୋଗ କରିଥିଲେ।




ପୁରୀ ୟୁଥ ହଷ୍ଟେଲରେ ଅନୁଷ୍ଠିତ ଜଗତ୍ କଲ୍ୟାଣରେ ଯୁବକମାନଙ୍କ ଭୂମିକା ସମ୍ପର୍କିତ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ ।

# ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରାର୍ଥୀ, ଭାଜପାର ଧାରଣା

- ଭୋଟ ଗଣତିରେ ଜାଲିଆତି ଅଭିଯୋଗ
- ପୁନଃ ଗଣତି ଦାବି

ନିମାପଡ଼ା,୩।୩(ଡି.ଏନ.ଏ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ରଟିଲୋ ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀ ବିପିନ ଭୋଇ ମାତ୍ର ୬ଖଣ୍ଡ ଭୋଟରେ ପରାସ୍ତ ହୋଇଥିବା ବେଳେ ଡମ୍ପାଲୋ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ବନଲତା ପଡ଼ିଆରୀ ମାତ୍ର ୮ଖଣ୍ଡ ଭୋଟରେ ପରାସ୍ତ ହୋଇଛନ୍ତି। ଏହି ୨ ପଞ୍ଚାୟତରେ ଶତାଧିକ ଭୋଟ ନାକଚ ହୋଇଛି। ତେଣୁ ଭୋଟ ଗଣତିରେ ଚଞ୍ଚକତା କରାଯାଇଥିବା ପରାଜିତ ୨ ପ୍ରାର୍ଥୀ ଓ ଭାଜପା ଅଭିଯୋଗ କରିଛନ୍ତି। ଏଥିସହ ୨ ପଞ୍ଚାୟତର ନିର୍ବାଚନରେ ନାକଚ ହୋଇଥିବା ଭୋଟର ପୁନଃ ଗଣତି ଦାବି କରି ପରାଜିତ ପ୍ରାର୍ଥୀ, ତାଙ୍କ ଏଜେଣ୍ଟ ଓ ଭାଜପାର ଶତାଧିକ କର୍ମୀ ଗୁରୁବାର ବିଡିଓ ବସନ୍ତ କୁମାର କର୍ମୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଘଟଣା ସମ୍ପର୍କରେ ପରାଜିତ ପ୍ରାର୍ଥୀଙ୍କ ଏଜେଣ୍ଟ, ଭାଜପା କର୍ମୀମାନେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ, ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇ ବିଡିଓ ଆନ୍ଦୋଳସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ବୁଝାଶୁଝା କରିଥିଲେ। ଏପରିକି ପୁନଃ ଭୋଟ ଗଣତି କରିବା କ୍ଷମତା ମିଳିନାହିଁ, ତେଣୁ କୋର୍ଟ ଦ୍ୱାରସ୍ଥ ହୁଅନ୍ତି। ପରେ କୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ କୌଣସି ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ଏହି ଆନ୍ଦୋଳନ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ଭାଜପା ନେତା ବିପିନ ଭୋଇ, ମାନସ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଓଝା, ରମେଶଚନ୍ଦ୍ର ବାଘ, ଅକ୍ଷୟ କୁମାର ପଡ଼ିଆରୀ, ବାସ୍ପଲତା ପ୍ରଧାନ, ଲକ୍ଷ୍ମୀଧର ବାଘ, ଅଶୋକ ସାହୁ, ସୁକାନ୍ତ କୁମାର ସ୍ୱାଇଁ, ଉପେନ୍ଦ୍ର ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା।

ସେହିପରି ଏହି ବ୍ଲକ ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଗଙ୍ଗାଧର ଜେନା ଓ ସମିତିସଭ୍ୟ ପ୍ରାର୍ଥୀ ଲାଲୀ ବିଶ୍ୱାଳ ଖୁବ୍ କମ ଭୋଟରେ ପରାସ୍ତ ହୋଇଥିବା ବେଳେ ଏଠାରେ ମଧ ଅଧିକାଂଶ ଭୋଟ ନାକଚ ହୋଇଥିଲା। ତେଣୁ ଭୋଟ ଗଣତିରେ ଜାଲିଆତି ହୋଇଥିବା ଉକ୍ତ ପ୍ରାର୍ଥୀ ଦ୍ୱୟ ଅଭିଯୋଗ କରି ସରପଞ୍ଚ ଓ ସମିତିସଭ୍ୟଙ୍କ ସମସ୍ତ ଭୋଟ ଏବଂ ନାକଚ ଭୋଟ ପୁନଃ ଗଣତି ପାଇଁ ପରାଜିତ ପ୍ରାର୍ଥୀ ଗଙ୍ଗାଧର ଜେନା, ଲାଲୀ ବିଶ୍ୱାଳ, ସ୍ୱପ୍ନ କୁମାର ମିଶ୍ର, ବାପି ଜେନା, ଜୟଦେବ ମହାପାତ୍ର, ପ୍ରସନ୍ନ ପ୍ରଧାନ ପ୍ରମୁଖ ବ୍ଲକ ଓ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।



ପୁନଃ ଗଣତି ଦାବି ନେଇ ନିମାପଡା ବ୍ଲକ କାର୍ଯ୍ୟାଳୟ ଆଗରେ ପରାଜିତ ପ୍ରାର୍ଥୀ ଓ ଭାଜପା କର୍ମୀମାନେ ଧାରଣାରେ ବସିଛନ୍ତି ।

## ସଂକ୍ଷେପରେ

### କୋରେକ୍ସ ବିକ୍ରି କରି ଜଣେ ଗିରଫ

**ପୁରୀ ଅଫିସ,୩।୩:** ବେଆଇନ ଭାବେ କୋରେକ୍ସ ବିକ୍ରି କରିବା ଅଭିଯୋଗରେ ବାସେଳିସାହି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ପଞ୍ଚଗାଁ ପ୍ରଧାନସାହିର ଟୁକୁ ଦାସ (୨୬)। ପୋଲିସ ଅଭିଯୁକ୍ତଙ୍କଠାରୁ ୨୫ଟି କୋରେକ୍ସ ବୋତଲ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୪୭/୨୨)ରୁଜୁ ହୋଇଛି। ଅଭିଯୁକ୍ତ ଟୁକୁ ପୁରୀ ସହରରେ ବେଆଇନ ଭାବେ କୋରେକ୍ସ ବିକୁଥିଲେ। କୌଣସି ସୂତ୍ରରୁ ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ତାଙ୍କୁ ଗିରଫ ସହ କୋରେକ୍ସ ବୋତଲ ଜବତ କରିଥିଲା।

### ବକ୍ରେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ବେଗୁନିଆ,୩।୩(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ଗୁଡୁମ ଗ୍ରାମସ୍ଥିତ ବକ୍ରେଶ୍ୱର ଦେବଙ୍କ ପୀଠ ଉତ୍ସବମୁଖର ହୋଇଉଠିଛି। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଅଙ୍କୁରାରୋପଣ, ଜଳଯାତ୍ରା, ଅଗ୍ନିସ୍ଥାପନ ଆଦି ସମ୍ପନ୍ନ ହୋଇଥିଲା। ଗୁରୁବାର ସୂର୍ଯ୍ୟପୂଜା, ଗୋପୂଜା, ଷୋଡ଼ଶ ଉପଚାର ପୂଜା, ଶାଳା ମଣ୍ଡନ, ଗୀତା ଆହୁତି, ସତରୁଦ୍ର ଆହୁତି ସମ୍ପନ୍ନ ହୋଇଛି। ଏଥିସହ ପୀଠ ପରିସରରେ ଦିନରେ ନାମ ସଙ୍କୀର୍ତ୍ତନ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସର୍ବଦେବଦେବୀ ଆହୁତି ପରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

### ପରସ୍ପର ମଧ୍ୟରେ ସ୍ନେହଭାବ ରଖ

**ଖୋର୍ଦ୍ଧା ଅଫିସ,୩।୩:** ଖୋର୍ଦ୍ଧା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆଜାଦିକା ୭୫ତମ ଅମୃତ ମହୋତ୍ସବ ଅବସରରେ ଗୁରୁବାର ଏକ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁକୁନ୍ଦପ୍ରସାଦ ଦଶଦୋଳ ମେଳଣ ପଡ଼ିଆରେ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାକାର୍ଯ୍ୟରେ ଆଇନ ମହାବିଦ୍ୟାଳୟର ଅଧକ୍ଷ ସୁଜିତ କୁମାର ବିଶୋଇ, ସମ୍ପାଦକ ସୁଧୀର କୁମାର ମାନସିଂ, ଅଧାପକ ରମେଶ ଚନ୍ଦ୍ର ପାତାଳସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ସେବା ଓ ସମର୍ପଣ ଭାବରେ ଜନମାନସ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ବ୍ରହ୍ମକୁମାର ଜୟକୃଷ୍ଣ ମନୋବିଜ୍ଞାନ ଉପରେ ଆଲୋକପାତ କରି ଷଡ଼ରିପୁ ଉପରେ ବିଜୟ ଲାଭ କରିବା ପାଇଁ ପରାମର୍ଶ ଦେଇଥିଲେ।

### ସିରିଜ୍ ଦୁର୍ଘଟଣା: ଚାଳକ ଗିରଫ

**ଭୁବନେଶ୍ୱର,୩।୩(ବ୍ୟୁରୋ):** ରାଜଧାନୀରେ ଜଣେ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା। ପିସିଆର୍ ଭ୍ୟାନ୍ ସମେତ ଏକାଧିକ ଗାଡିକୁ ଧକ୍କା ଦେଇ ଖସି ପଳାଉଥିବା ବେଳେ କାର୍ ସହ ଉକ୍ତ ଡ୍ରାଇଭରଙ୍କୁ ଧରିଛି ନୟାପଲ୍ଲୀ ଥାନା ପୋଲିସ। ସେ ହେଲେ ନୟାପଲ୍ଲୀ ଅଞ୍ଚଳରେ ରହୁଥିବା ନରେନ୍ଦ୍ରନାଥ ମୁଣ୍ଡା। ତେବେ ଏହି ଦୁର୍ଘଟଣାରେ ମାନସ ରଞ୍ଜନ ସ୍ୱାଇଁ ନାମକ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଅଭିଯୋଗ ଆଧାରରେ ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଛି। ପୋଲିସ ସୂଚନାନୁସାରେ, ନରେନ୍ଦ୍ରନାଥ ମେ ଫେୟାର ଆଡୁ କାର ଧରି ଜୟଦେବ ବିହାର ଆଡେ ଆସୁଥିବାବେଳେ ପ୍ରଥମେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ମାନସଙ୍କୁ ଧକ୍କା ଦେଇଥିଲେ। ଏହାପରେ ପିସିଆର୍ ଭ୍ୟାନ୍‌କୁ ଧକ୍କା ଦେଇ ଖସି ପଳାଉଥିବାବେଳେ ପିସିଆର୍ ଗାଡି ନଂ.୧୯ ତାଙ୍କୁ ଧରି ଥାନାକୁ ଆଣିଥିଲା। ପଚରାଉଚରାବେଳେ ସେ ୬ଟି ଗାଡିକୁ ଧକ୍କା ଦେଇଥିବା ଜଣାପଡିଛି। ତେବେ ଥାନାରେ ୨ଟି ଅଭିଯୋଗ ହୋଇଛି। ନୟାପଲ୍ଲୀ ଥାନା ପୋଲିସ ମାମଲା ନଂ.୧୩୦/୨୨ ରୁଜୁ କରି ତଦନ୍ତ ଜାରି ରଖିଛି।

### ମାଲୁଦରେ ଶିବ ଜୟନ୍ତୀ

**କୃଷ୍ଣପ୍ରସାଦ,୩।୩ (ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ୮୬ତମ ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଲିସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀଣା ଦାସ, ମୁଖ୍ୟବକ୍ତା କନ୍ଦାଖାଇ ବିଜ୍ଞାନ ଓ କଳା ମହାବିଦ୍ୟାଳୟ ଅଧାପକ ମଧୁସୂଦନ ସାହୁ, ଅତିଥିଭାବେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଶାହା ବାବୁ, ବରିଷ୍ଠ ଖବରଦାତା କୈଳାସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପରିଚାଳକ ରାଜଯୋଗିନୀ ବ୍ର.କୁ. ବାସନ୍ତି ଶିବ ଜୟନ୍ତୀ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ର.କୁ. ଦୀନେଶ ମଞ୍ଚ ପରିଚାଳନା ଓ ବ୍ର.କୁ. ରାଜକିଶୋର ଧନ୍ୟବାଦ ଦେଇଥିଲେ।

# ମନ୍ଥର ଗତିରେ ଚାଲିଛି ଧାନକିଣା

**ଖୋର୍ଦ୍ଧା ଅଫିସ,୩।୩**

ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ମଣ୍ଡିରେ ଧାନବସ୍ତା ରଖି ଚାଷୀ ଜଗି ବସିଥିବା ବେଳେ ମିଲର୍ସ ବିଭିନ୍ନ ଆଳ ଦେଖାଇ ଧାନ ଉଠାଉ ନାହାନ୍ତି। ଫଳରେ ଚାଷୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଅନ୍ୟପଟେ ଏହାର ସୁଯୋଗ ନେଇ ଆନ୍ଧ୍ର ବେପାରୀ ଦଲାଲଙ୍କ ଜରିଆରେ ଗାଁରେ ପଶି ସରକାରୀ ଧାର୍ଯ୍ୟଠାରୁ କମ୍ ମୂଲ୍ୟରେ ଧାନ କିଣି ନେଉଛନ୍ତି। ଏ ନେଇ ଖବର ରହିଥିବା ସତ୍ତ୍ୱେ ଯୋଗାଣ ବିଭାଗ ନୀରବଦ୍ରଷ୍ଟା ସାଜିଛି। ମିଲର୍ସଙ୍କ ଉପରେ ମଧ ପ୍ରଶାସନର ନିୟନ୍ତ୍ରଣ ନାହିଁ। ଗତବର୍ଷ ମାର୍ଚ୍ଚ ୩ ସୁଦ୍ଧା ପ୍ରାୟ ୧୨ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଥିବା ବେଳେ ଚଳିତ ବର୍ଷ ଗୁରୁବାର ସୁଦ୍ଧା ୨୪,୬୦୦ ଚାଷୀଙ୍କଠାରୁ ମାତ୍ର ୮.୪୯ ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଥିବା ଯୋଗାଣ ବିଭାଗରୁ ସୂଚନା ମିଳିଛି।

**ଖୋର୍ଦ୍ଧା ଜିଲା**
- ୮.୪୯ ଲକ୍ଷ କୁଇଣ୍ଟାଲ କିଣାଯାଇଛି
- ଟାର୍ଗେଟ୍ ପୂରଣ ନେଇ ଆଶଙ୍କା
- ମଣ୍ଡିରେ ଧାନ ରଖି ଜଗିଛି ଚାଷୀ

ତେବେ ଜିଲାର ମଣ୍ଡିରେ ଧାନକିଣା ମନ୍ଥର ଗତିରେ ଚାଲିଥିବାରୁ ଟାର୍ଗେଟ୍ ପୂରଣ ହେବା ନେଇ ଆଶଙ୍କା ଦେଖାଦେଇଛି।

ପ୍ରକାଶ ଯେ, ଚଳିତ ବର୍ଷ ଖରିଫ ଧାନ ବିକ୍ରି ଲାଗି ୪୬ହଜାର ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ୧୮ ଲକ୍ଷ କୁଇଣ୍ଟାଲ ଧାନ କିଣିବା ଲାଗି ଯୋଗାଣ ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ତେବେ ସମୟ ସରିଆସୁଥିବା ବେଳେ ଧାନକିଣା ମନ୍ଥର ଗତିରେ ଚାଲିଛି। ଧାର୍ଯ୍ୟ ଅନୁସାରେ ଧାନ କିଣାଯିବା ନେଇ ଆଶଙ୍କା ଦେଖାଦେଇଛି। ମଣ୍ଡିରେ ଧାନ କିଣାଯାଉ ନ ଥିବା ନେଇ ବିଭିନ୍ନ ଅଞ୍ଚଳର ଚାଷୀ ଦୈନିକ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଅଭିଯୋଗ କରୁଛନ୍ତି। ପ୍ରତିବର୍ଷ ଡିସେମ୍ବର ଶେଷଆଡ଼କୁ ଧାନକିଣା ହୋଇ ମାର୍ଚ୍ଚ ୩୧ରେ ଶେଷ ହୋଇଥାଏ। ଚଳିତ ବର୍ଷ ଡିସେମ୍ବର ୨୫ ପରିବର୍ତ୍ତେ ଜାନୁୟାରୀ ୧୨ରେ ମଣ୍ଡିକୁ ଜିଲାପାଳ ଉଦ୍‌ଘାଟନ କଲେ। ତେବେ ଜିଲାପାଳଙ୍କ ଦ୍ୱାରା ମଣ୍ଡି ଉଦ୍‌ଘାଟନ ସତ୍ତ୍ୱେ ଧାନ ଗୁଣାତ୍ମକ ମାନର ନ ଥିବା କହି ମିଲର୍ସମାନେ କ୍ରୟ କରି ନ ଥିଲେ। ଫଳରେ ଚାଷୀ ଧାନ ବ୍ରିକି କରିପାରି ନ ଥିଲେ। ଏହାପରେ ସମସ୍ତ ମଣ୍ଡିରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଏନେଇ ବିଭିନ୍ନ ଚାଷୀ ସଙ୍ଗଠନ ରାସ୍ତାକୁ ଓହ୍ଲାଇବା ସହ ଧାନବସ୍ତା ରାସ୍ତା ଉପରେ ରଖି ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା। ଏହାସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଧାନକିଣା ନେଇ କୌଣସି ବ୍ୟବସ୍ଥା କରାଯାଇ ନ ଥିବା କେତେକ ଚାଷୀ ସଙ୍ଗଠନ ଅଭିଯୋଗ ଆଣିଛନ୍ତି। ଚାଷୀଙ୍କୁ ଧାନ କେବଳ ଖୋଟଆଖାରେ ଆଣିବା ପାଇଁ ରାଜ୍ୟ ଯୋଗାଣ ବିଭାଗର ନିର୍ଦ୍ଦେଶ ସତ୍ତ୍ୱେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏକାଧିକ ମିଲର୍ସ ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣି ଗୋଦାମରେ ଷ୍ଟକ୍ ରଖୁଥିବା ଜଣାପଡିଛି। ବାଲିଅନ୍ତାର ଏକ ମିଲ୍ ମାଲିକଙ୍କୁ ଜିଲାପାଳ ବ୍ଲାକ୍ ଲିଷ୍ଟେଡ୍ ଘୋଷଣା କରିବା ସହ ଧାନକିଣା ଉପରେ ରୋକ୍ ଲଗାଇଛନ୍ତି। ଜିଲାର ଅନ୍ୟ ମିଲ୍ ମାଲିକମାନେ ଦଲାଲଙ୍କ ଜରିଆରେ ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣୁଥିବା ଜଣାପଡ଼ିଛି। ଏପଟେ ଟୋକନ ଅବଧି ସରିବାକୁ ବସିଲାଣି। ଚାଷୀ ମଣ୍ଡିକୁ ଧାନ ଆଣୁଥିବା ବେଳେ ମିଲର୍ସମାନେ ବିଭିନ୍ନ ଆଳ ଦେଖାଇ କୁଇଣ୍ଟାଲ ପିଛା ୭ରୁ ୧୦ କେଜି ପର୍ଯ୍ୟନ୍ତ କଟ୍‌ନିଛଟ୍‌ନି କରୁଛନ୍ତି। ପ୍ରତିବାଦ କଲେ ଗୁଣାତ୍ମକ ମାନ ଠିକ୍ ନ ଥିବା କହୁଥିବା ଚାଷୀ ସଙ୍ଗଠନ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀ ସୁଗୁଡା ମୁର୍ମୁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ବେଗୁନିଆ ବ୍ଲକ ଗଡ଼ଗୁଡୁମ ଗ୍ରାମସ୍ଥିତ ବକ୍ରେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ପୋଖରୀ ତୁଠରେ ଅନୁଷ୍ଠିତ କଳସ ପୂଜା।

## ସମିତି କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ



ସମିତି କାର୍ଯ୍ୟାଳୟ ଗେଟ୍‌ରେ ତାଲା ପକାଇ ଚାଷୀମାନେ ଧାରଣାରେ ବସିଛନ୍ତି।

**ବୋଲଗଡ଼, ୩।୩ (ଡି.ଏନ୍.ଏ.)**

### ମଣ୍ଡିରୁ ଧାନ ନ ଉଠିବାରୁ ପ୍ରତିବାଦ

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳ ଧାନମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଛି। କେଉଁଠି ମିଲର ସହଯୋଗ କରୁନାହାନ୍ତି ତ ଆଉ କେଉଁଠି ସମିତି ସମ୍ପାଦକଙ୍କ ଅବହେଳାରୁ ମଣ୍ଡିରେ ଚାଷୀ ଧାନ ଦେଇ ନ ପାରି ହଇରାଣ ହେଉଛନ୍ତି। ମଣ୍ଡିରୁ ଧାନ ନ ଉଠିବା ପ୍ରତିବାଦରେ ଗୁରୁବାର ପିଚୁକୁଳି ସେବା ସମବାୟ ସମିତି କାର୍ଯ୍ୟାଳୟରେ ଚାଷୀମାନେ ତାଲା ପକାଇବା ସହ ପ୍ରତିବାଦ କରିଥିଲେ। ଏଥିସହ ଚାଷୀଙ୍କ ପକ୍ଷରୁ ଖୋର୍ଦ୍ଧା ଏଆର୍‌ସିଏସ୍ ଓ ସିଏସ୍‌ଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ମୁତାବକ, ଜାନୁୟାରୀ ୧୪ରେ କିଣାଯିବାକୁ ଥିବା ଧାନର ଟୋକନ ଫେବୃୟାରୀ ୨୨ରେ ମିଳିଥିଲା। ତେଣୁ ଟୋକନପ୍ରାପ୍ତ ୧୬ଜଣ ଚାଷୀ ୨୩ ତାରିଖରେ ପ୍ରାୟ ୫୦୦ ବସ୍ତା ଧାନ ଆଣି ସମିତି ମଣ୍ଡିରେ ଜମା କରିଥିଲେ, ଯାହା ଏକ ସପ୍ତାହ ମଧ୍ୟରେ ମିଲର କିଣିବା ନେଇ ନିୟମ ରହିଛି। ତେବେ ୩ ଦିନ ଛୁଟି ଥିବାରୁ ଚାଷୀମାନେ ଗୁରୁବାର ସମିତି କାର୍ଯ୍ୟାଳୟରେ ପହଞ୍ଚି ସମିତି ସମ୍ପାଦକ ଦିଲୀପ ପାଟ୍ଟଶାଣୀଙ୍କୁ ଧାନ ଉଠିବା ସମ୍ପର୍କରେ ପଚାରିଥିଲେ। ମିଲର ଠିକ୍ ସମୟରେ ଧାନ ନ ଉଠାଇବାରୁ ଟୋକନ ଅବଧି ସରିଯାଇଛି ବୋଲି ପାଟ୍ଟଶାଣୀ କହିଥିଲେ। ତେବେ ସମ୍ପୃକ୍ତ ମିଲର ଏହି ସମିତି ଅଧୀନ ସାନପଦର ମଣ୍ଡିରୁ ଧାନ କିଣୁଥିବା ଖବର ପାଇ ଚାଷୀମାନେ ଉତ୍ତେଜିତ ହୋଇ ପିଚୁକୁଳି ସମିତି କାର୍ଯ୍ୟାଳୟରେ ପୁଣି ପହଞ୍ଚି ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଧାନ ନ ଉଠିବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ ପିଚୁକୁଳି ସମିତି ସମ୍ପାଦକ ପାଟ୍ଟଶାଣୀ କହିଛନ୍ତି, ବରଗଡ଼ର ସମଲେଶ୍ୱରୀ ମିଲରଙ୍କୁ ଧାନ ଉଠାଇବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ ସେ ଆସି ନ ଥିଲେ। ଫଳରେ ପିଚୁକୁଳି ଚାଷୀଙ୍କ ଟୋକନ ଅବଧି ସରିଯାଇଥିଲା। ଏନେଇ ସିଏସ୍‌ଓଙ୍କୁ ଅବଗତ କରାଯାଇଛି। ସିଏସ୍‌ଓ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଟୋକନ ଅବଧି ବଢ଼ାଇବା ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବଟି, ଅପହରଣ ଅଭିଯୋଗ: ୨ ଗିରଫ

**ପୁରୀ ଅଫିସ,୩।୩**

ଦାଦାବଟି ମାଗିବା ସହ ଅପହରଣ ଅଭିଯୋଗରେ ପୁରୀ ବାସେଳି ସାହି ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲଣ କରିଛି। ସେମାନେ ହେଲେ ଲୋକନାଥ ରୋଡ ଥାନପତି ଲେନ୍‌ର ଅଜୟ ନାୟକ ଓ ରାଜା ଦାସ। ଏ ନେଇ ଥାନାରେ ମାମଲା (ନଂ.୪୮/୨୨)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗତ ୧ ତାରିଖରେ ମଣିମହାସୁଆର ବଗିଚାର ଅଟୋଚାଳକ ଅନିରୁଦ୍ଧ ସାମନ୍ତରାୟ କେତେଜଣ ପାସେଞ୍ଜରଙ୍କୁ ଅଟୋରେ ନେଇ ଲୋକନାଥ ମନ୍ଦିର ସମ୍ମୁଖ ସନ୍ତୋଷୀ ମା'ଙ୍କ ମନ୍ଦିର ପାଖରେ ଛାଡିଥିଲେ। ଉକ୍ତ ସମୟରେ ଅଭିଯୁକ୍ତ ଓ ତାଙ୍କର କେତେଜଣ ସହଯୋଗୀ ଅନିରୁଦ୍ଧଙ୍କୁ ବଟି ମାଗିଥିଲେ। ସେ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଅପହରଣ ସହ ଟଙ୍କା ଛଡ଼ାଇ ନେଇଥିଲେ।

## ଟ୍ରଫି, ଜର୍ସି ଉନ୍ମୋଚିତ

**ବାଲିଅନ୍ତା,୩।୩ (ଡି.ଏନ.ଏ)**

ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ଅଧୀନ ଗଡ଼ନହରକଣ୍ଟା ଗ୍ରାମରେ ଚଳିତବର୍ଷ ୧୨ତମ ବାର୍ଷିକ ଲିଙ୍ଗରାଜ ମେମୋରିଆଲ ଟ୍ରଫି ଫ୍ଲଡ୍ ଲାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଏହି ଟୁର୍ନାମେଣ୍ଟ ଆୟୋଜିତର ଅବ୍ୟବହିତ ପୂର୍ବରୁ ଗୁରୁବାର ଏହାର ଟ୍ରଫି ଓ ଜର୍ସି ଉନ୍ମୋଚିତ ହୋଇଯାଇଛି। ବିଶ୍ୱ ବିଜୟୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଟଫ୍ରି ଓ ଜର୍ସି ଉନ୍ମୋଚନ ଉତ୍ସବରେ ଅତିଥି ରୂପେ ରିଣ୍ଟୁ ମିତ୍ର, ସ୍ୱାକ୍ଷର ରଞ୍ଜନ ମହାନ୍ତି, ସନ୍ତୋଷ ଜେନା, ଡ. ସ୍ୱାଗତ ରଞ୍ଜନ ଦାସ, ଦୀପକ ସାମନ୍ତରାୟ ଓ ଜଗନ ଜେନା ପ୍ରମୁଖ ଯୋଗଦେଇଥିଲେ। ପୂର୍ବବର୍ଷ ଭଳି ଚଳିତବର୍ଷ ଗ୍ରାମର ରୁଦ୍ରେଶ୍ୱର ମନ୍ଦିର ନିକଟରେ ଥିବା ଖେଳପଡ଼ିଆରେ ୨ଦିନ ଧରି ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ।

## ନିର୍ବାଚନ ପରବର୍ତ୍ତୀ ହିଂସା: କାର୍ ଜାଳିଦେଲେ ଦୁର୍ବୃତ୍ତ

**ଖୋର୍ଦ୍ଧା ଅଫିସ,୩।୩**



ଜଳିଯାଇଥିବା କାର୍।

ଖୋର୍ଦ୍ଧା ବ୍ଲକ କାଇପଦର ଗ୍ରାମରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ବିଜୟୀ ସରପଞ୍ଚଙ୍କ ସମ୍ପର୍କୀୟ ମାନସ ରଞ୍ଜନ ରାଉତରାୟଙ୍କ କାର୍‌ରେ ବୁଧବାର ରାତିରେ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଗ୍ରାମବାସୀଙ୍କଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ମାନସଙ୍କ ଅଭିଯୋଗ ପରେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, କାଇପଦର ଗ୍ରାମ ମଙ୍ଗଳାସାହିରେ ବୁଧବାର ରାତିରେ କୌଣସି କାରଣରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଖବର ପାଇ ସଦର ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ମାନସଙ୍କ କାର୍ ଏକ ଫାର୍ମ ହାଉସ୍‌ରେ ରହିଥିଲା। କେତେଜଣ ଦୁର୍ବୃତ୍ତ ତାଙ୍କ କାର୍‌ରେ ନିଆଁ ଲଗାଇ ଦେଇଥିଲେ। ଭୋର୍ ସମୟରେ କାର୍ ଜଳୁଥିବା ଖବରପାଇ କେତେଜଣ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପଞ୍ଚାୟତ ନିର୍ବାଚନରେ ପରାଜୟ ପରେ ପ୍ରତିଶୋଧପରାୟଣ ହୋଇ ବିପକ୍ଷ ଗୋଷ୍ଠୀ ଏଭଳି କାଣ୍ଡ ଘଟାଇଥିବା ମାନସ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

## ଏକାଧିକ ଲୋକଙ୍କୁ ଠକେଇ, ଦିବ୍ୟାଙ୍ଗ ଗିରଫ

**ଭୁବନେଶ୍ୱର,୩।୩ (ବ୍ୟୁରୋ)**

କାହାକୁ ସିବିଆଇ ତ ପୁଣି ଆଉ କାହାକୁ ଓଡ଼ିଶା ସରକାରଙ୍କ ସଚିବ ର୍ୟାଙ୍କ୍‌ର ଅଫିସରର ପରିଚୟ ଦେଇ ସମ୍ପର୍କ ବଢ଼ାଉଥିଲେ। ସହାୟତାର ହାତ ବଢ଼ାଇ ଟଙ୍କା ଠକି ନେଉଥିଲେ। ଏମିତି ଏକାଧିକ ଲୋକଙ୍କୁ ଠକିଥିବା ଜଣେ ଦିବ୍ୟାଙ୍ଗ ଅଭିଯୁକ୍ତଙ୍କୁ ତମାଣ୍ଡୋ ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ କଟକ ମଧୁପାଟଣା ଅଞ୍ଚଳର ନିଖିଳ ସ୍ୱାଇଁ।

ନିଖିଳ ତମାଣ୍ଡୋ ବଜାରରେ ଥିବା ଟିକା ପୁଷ୍ଟିଙ୍କ ମୋବାଇଲ ଦୋକାନକୁ ନିୟମିତ ଆସୁଥିଲେ। ନିଜକୁ ସିବିଆଇ ଅଫିସର କହି ସମ୍ପର୍କ ସ୍ଥାପନ କରିଥିଲେ। ଟିକାଙ୍କ ଭାଣିଜୀ ଏକ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଏଥିପାଇଁ ଦୁଇ ଲକ୍ଷ ଟଙ୍କାର ଗୋଟିଏ ଇଞ୍ଜେକ୍ସନ ଆବଶ୍ୟକ ଥିଲା। ତେବେ ନିଖିଳ କମ୍ ଟଙ୍କାରେ ଉକ୍ତ ଇଞ୍ଜେକ୍ସନ ଯୋଗାଇ ଦେବାକୁ କହି ଟିକାଙ୍କଠାରୁ ୩୦ ହଜାର ଟଙ୍କା ନେଇଥିଲେ। ହେଲେ ଟଙ୍କା ନେବା ପରେ ନିଖିଳ ଆଉ ଦେଖା ଦେଇ ନ ଥିଲେ। ଇଞ୍ଜେକ୍ସନ ଜରୁରୀ ଥିବାରୁ ଟିକା ତାଙ୍କ ସହ ବାରମ୍ବାର ଯୋଗାଯୋଗ କରିଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଟିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ନଂ.୫୨/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ନିଖିଳଙ୍କୁ ଗିରଫ କରିବା ପରେ ତାଙ୍କ ଠକେଇ ସମ୍ପର୍କରେ ଅଧିକ ତଥ୍ୟ ଜାଣିବାକୁ ପାଇଛି ପୋଲିସ। ଏୟାରପୋର୍ଟ ଥାନାରେ ମଧ ତାଙ୍କ ନାମରେ ମାମଲା ରହିଛି। ନିଜକୁ ଓଡ଼ିଶା ସରକାରଙ୍କ ସଚିବ ବୋଲି ପରିଚୟ ଦେଇ ଏକ କାର୍ ମାସିକ ୧୫ହଜାର ଟଙ୍କାରେ ଭଡ଼ାରେ ଆଣିଥିଲେ। ଉକ୍ତ ଗାଡିଟି ଲୋନ୍‌ରେ ଆସିଥିଲା। କିନ୍ତୁ ମାଲିକ କିସ୍ତି ନ ଦେଇପାରିବାରୁ ଫାଇନାନ୍ସ ସଂସ୍ଥାର କର୍ମଚାରୀ ଉକ୍ତ ଗାଡିକୁ ନେଇଯାଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ନିଖିଳ ଗାଡି ମାଲିକଙ୍କ ସହ କଥା ହୋଇ ଗାଡି ମୁକୁଳାଇଦେବେ ବୋଲି ପ୍ରତିଶ୍ରୁତି ଦେଇ ୪୦ ହଜାର ଟଙ୍କା ଠକିନେଇଥିଲେ। ତେବେ ସେ ଓଲା ଡ୍ରାଇଭରଙ୍କଠାରୁ ବିଭିନ୍ନ ଲୋକଙ୍କ ଫୋନ୍ ନମ୍ବର ଆଣି ସେମାନଙ୍କ ସହ ମିଶିବା ପରେ ଏକାଧିକ ଠକେଇ କରିଥିବା ଜଣାପଡିଛି। ଏନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

## 'ଐତିହ୍ୟ କ୍ଷେତ୍ର ଏକାମ୍ର ଯୋଜନାରେ ସାମିଲ ହେଉ'

**ପୁରୁଣା ଭୁବନେଶ୍ୱର,୩।୩ (ଡି.ଏନ୍.ଏ.)**

ଏକାମ୍ର ବିକାଶ ଯୋଜନାରେ ସୂକ୍ଷ୍ମେଶ୍ୱର ମନ୍ଦିର, ଭୁଆଶୁଣି ମନ୍ଦିର, କପିଳେଶ୍ୱର ମନ୍ଦିର, ବାରୁଣେଶ୍ୱର ମନ୍ଦିର, ମଙ୍ଗଳେଶ୍ୱର ମନ୍ଦିର, କେଦାରଗୌରୀ ମନ୍ଦିର ପରିସରରେ ଥିବା ଦୁଇ ଔଷଧୀୟ ଜଳଉତ୍ସ, କଣ୍ଡରା ପୋଖରୀକୁ ସାମିଲ କରାଯାଉ। ଏନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରୀଲିଙ୍ଗରାଜଙ୍କ ସେବା ନୀତିକାନ୍ତିରେ କଥିତ ଥିବା ଦେବଦେବୀ ପୀଠଗୁଡ଼ିକର ଚତୁଃପାର୍ଶ୍ୱରୁ ବେଆଇନ ଜବରଦଖଲ ହଟାଯିବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ମଞ୍ଚ ଅଧକ୍ଷ ଭୀଷ୍ମନାରାୟଣ ନାୟକ, ସୁଲତା ସାହାଣୀ, ସ୍ୱପ୍ନାରାଣୀ ସାମଲ, ବିନୋଦିନୀ ସେନାପତି, ଗୋପୀନାଥ ପ୍ରଧାନ, ରାଜେଶ ମିଶ୍ର, ମନୋରଞ୍ଜନ ବେହେରା, ଉପନ ଦାସ, ଦିଲୀପ ସୁବୁଦ୍ଧି, ମାନସୀ ମହାନ୍ତି, ଯଯାତି କେଶରୀ ପଟ୍ଟନାୟକ ଏବଂ ସରୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଏକାମ୍ର ଜନ ଜାଗରଣ ମଞ୍ଚର କର୍ମକର୍ତ୍ତା।

## ୬୫୬ରୁ ୧୯୩ ପ୍ରକଳ୍ପର କାର୍ଯ୍ୟ ସରିଛି

**ଜଟଣୀ,୩।୩ (ଡି.ଏନ୍.ଏ.)**

ଜଟଣୀ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ସଭାଗୃହରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ଏନ୍‌ଏଫ୍‌ଏସ୍‌ଏ) ଅନ୍ତର୍ଗତ ସମସ୍ତ କାର୍ଯ୍ୟର ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ କୁମାର ଦାସ ପଟ୍ଟନାୟକ ଅଧକ୍ଷତା କରିଥିଲେ। ଜନଶୁଣାଣିରେ ଜଟଣୀ ବ୍ଲକ ଅନ୍ତର୍ଗତ ୧୫ଟି ପଞ୍ଚାୟତର ସାମାଜିକ ସ୍ଥିତି ଉପରେ ଆଲୋଚନା କରାଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୩କୋଟି ୨୬ଲକ୍ଷ ୩ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଏଥିରେ ୩,୧୯୬ ଶ୍ରମିକ କାର୍ଯ୍ୟ କରିଥିବା ବେଳେ ୧,୦୯,୩୫୫ ଶ୍ରମ ଦିବସ ସୃଷ୍ଟି କରାଯାଇପାରିଥିଲା। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ୧୧୯ ପରିବାରଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ୧୫ ପଞ୍ଚାୟତରେ ୬୫୬ ପ୍ରକଳ୍ପ ମଧ୍ୟରୁ ୧୯୩ଟି ପ୍ରକଳ୍ପ ଶେଷ ହୋଇଛି। ଆଉ ୪୬୩ ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୦୨୦-୨୧ଆର୍ଥିକ ବର୍ଷରେ ୨୧୧୬୦ ହିତାଧିକାରୀଙ୍କୁ ୩୧୭୬୧ କୁଇଣ୍ଟାଲ ପିଏଚ୍‌ଏଚ୍ ଚାଉଳ, ୧୧୦୮୩.୮୦ କୁଇଣ୍ଟାଲ ଏଏୱାଇ ଚାଉଳ, ୪୨୫୨୮ ଲିଟର କିରୋସିନ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ଦୁଇଜଣଙ୍କୁ ସମ୍ମାନିତ କରିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ବିଡିଓ ସରୋଜ କୁମାର ରାଉତ, ଜିଲା ସାମାଜିକ ନିରୀକ୍ଷକ ପ୍ରକାଶ ମହାରଣା, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଚନ୍ଦନ କୁମାର ଭୋଳ, ଯୋଗାଣ ନିରୀକ୍ଷକ ପୃଥ୍ୱୀରାଜ ପ୍ରଧାନ, ବ୍ଲକ ସାମାଜିକ ନିରୀକ୍ଷକ ଲିପିକା କାନୁନ୍‌ଗୋଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ଅବକାରୀ ଚଢ଼ାଉ: ୨୬୦ ଲିଟର ମଦ ଜବତ**

ଆଠଗଡ଼,(ସ୍ୱ.ପ୍ର.): ଆଠଗଡ଼ ଏବଂ ନରସିଂହପୁର ଅବକାରୀ ବିଭାଗ ପକ୍ଷରୁ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମଥାନାଳ ଏବଂ ହାତୀଟପା ନାଳ ପାଖରେ ଗୁରୁବାର ଚଢ଼ାଉ କରାଯାଇଛି। ଏହି ସମୟରେ ୨୬୦ ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ୩୫୫୦ ଲିଟର ଗୁଡ଼ ପୋଚ ନଷ୍ଟ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ମହାନଦୀ ପଠାରୁ ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

କଟକ ଅଫିସ,୩।୩

କଟକ ବିଡ଼ାନାସୀ ଥାନା ଭୁଆଶୁଣୀ ନିକଟ ମହାନଦୀ ପଠାରୁ ଗୁରୁବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତକ ଜଣକ ଗତମାସ ୨୫ ତାରିଖରୁ ଭୁବନେଶ୍ୱରରୁ ନିଖୋଜ ଥିବା ଆଜାଦ ଯାଦବ(୨୬) ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଆଜାଦଙ୍କ ମୂଳ ଘର ବିହାରରେ ହୋଇଥିବାବେଳେ ପରିବାର ସହ ସେ ଭୁବନେଶ୍ୱରରେ ରୁହନ୍ତି। ତେବେ ଗତ ୨୬ ତାରିଖରେ କଟକର ଜଣେ ଠିକାଦାରଙ୍କ ପାଖରୁ ବାକି ଟଙ୍କା ଆଣିବା ପାଇଁ ଆସି ଆଉ ଫେରି ନ ଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲା। ଗୁରୁବାର ନଦୀ ପଠାରେ ଏକ ମୃତଦେହ ପରିଶଢ଼ି ଯାଇଥିବା ଅବସ୍ଥାରେ ପଡ଼ିଥିବା ନେଇ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଘଟଣାସ୍ଥଳରେ ଡିସିପି ସିଂଙ୍କ ନେତୃତ୍ୱରେ ଡଗସ୍କ୍ୱାଡ୍ ଓ ସାଇଣ୍ଟିଫିକ ଟିମ୍ ଛାନ୍‌ଭିନ୍ କରିଛନ୍ତି। ବିଡ଼ାନାସୀ ପୋଲିସ ଏନେଇ ଏକ ହତ୍ୟା ମାମଲା(ନଂ. ୩୮/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାରେ ସମ୍ପୃକ୍ତ ସନ୍ଦେହରେ କେତେକଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଡିସିପି କହିଛନ୍ତି।


ମୃତଦେହ ପଡ଼ିଥିବା ସ୍ଥାନରେ ପୋଲିସ ତଦନ୍ତ ଚଳାଇଛି।


କଟକ ଚୌଧୁରୀ ବଜାର ଅଞ୍ଚଳର ଏକ ଦୋକାନରେ ବିକ୍ରି ପାଇଁ ଟଙ୍ଗାଯାଇଥିବା ପିଚକାରୀ।

## ସଂକ୍ଷେପରେ

### କଂଗ୍ରେସରେ ଯୋଗଦେଲେ ଡ. କସ୍ତୁରୀ ଖଟାଇ

**କଟକ ଅଫିସ,୩।୩:** ରୋଟାରୀ କ୍ଲବର ନିର୍ଦ୍ଦେଶିକା ତଥା ଇନର୍ ହ୍ୱିଲ କ୍ଲବର ସଦସ୍ୟ ଡ. କସ୍ତୁରୀ ଖଟାଇ ଗୁରୁବାର କଂଗ୍ରେସରେ ଯୋଗ ଦେଇଛନ୍ତି। କଟକ ଶେଲ୍‌ଟର ଛକସ୍ଥିତ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କସ୍ତୁରୀ କଂଗ୍ରେସରେ ସାମିଲ ହୋଇଛନ୍ତି। ବିଧାୟକ ମୋକିମ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଖ୍ରୀଷ୍ଟ କଲେଜ ପୂର୍ବତନ ଅଧକ୍ଷ ପ୍ରଫେସର ଡ. ଭାସ୍କର ଚନ୍ଦ୍ର ଖଟାଇଙ୍କ ଝିଅ ହେଉଛନ୍ତି କସ୍ତୁରୀ। କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦେଇଛନ୍ତି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ, ଶରତ ଚନ୍ଦ୍ର ସେଠୀ, ଯୁବ କଂଗ୍ରେସର ଉପସଭାପତି ମହମ୍ମଦ ଅଲିମ, କଟକ ଜିଲା ଯୁବ କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା ଓ ଡ. ସନ୍ତୋଷ ବଳ ପ୍ରମୁଖ ଉପସ୍ଥିତ ଥିଲେ।

### ୫ରେ ଶିଶୁ ଯୌନ ସୁରକ୍ଷା ସମ୍ପର୍କିତ କର୍ମଶାଳା

**କଟକ ଅଫିସ,୩।୩:** ଓଡ଼ିଶା ଜୁଡିସିଆଲ ଏକାଡେମୀ (ଓଜେଏ)ସ୍ଥିତ ଗତିକୃଷ୍ଣ ମିଶ୍ର ପ୍ରେକ୍ଷାଳୟଠାରେ ଆଇନ ବିଷୟବସ୍ତୁ ଉପରେ ପର୍ଯ୍ୟବସିତ ଶିଶୁ ଯୌନ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଆସନ୍ତା ୫ ତାରିଖରେ ଅନୁଷ୍ଠିତ ହେବ। ଓଡ଼ିଶା ଜୁଡିସିଆଲ ଏକାଡେମୀ ଏବଂ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କର୍ମଶାଳା ହେବ। ଏହାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏଥିରେ ହାଇକୋର୍ଟ ବିଚାରପତିମାନଙ୍କ ସହିତ ପୋକ୍‌ସୋ ଅଦାଲତର ବିଚାରପତି, ଡାକ୍ତର, ପ୍ରଫେସର, ସରକାରୀ ଓକିଲ, ପୋଲିସ ଅଫିସର ଏବଂ ସାମାଜିକ ଅନୁଷ୍ଠାନର ସଭ୍ୟାସଭ୍ୟମାନେ ଯୋଗଦେବେ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ହେବ ଗବେଷଣାର କେନ୍ଦ୍ର

**କଟକ ଅଫିସ,୩।୩:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି ପାଠ୍ୟକ୍ରମ ପଢ଼ାଇବେ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ। ଗୁରୁବାର ଏମ୍‌ଫିଲ୍-ପିଏଚ୍‌ଡି ବିଦ୍ୟାର୍ଥୀମାନଙ୍କୁ ପଢ଼ାଇବା ପାଇଁ କୁଳପତି ନାୟକ କ୍ଲାସ୍‌ରୁମ୍‌ରେ ପହଞ୍ଚିଥିଲେ। ଏହି ଅବସରରେ ସେ କହିଛନ୍ତି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏଣିକି ଗବେଷଣାର କେନ୍ଦ୍ର ହେବ। ପିଏଚ୍‌ଡି ପୂର୍ଣ୍ଣକାଳୀନ ପାଠ୍ୟକ୍ରମ। ଗବେଷକମାନେ ଏହାର ମହତ୍ତ୍ୱ ବୁଝିପାରିଲେ ଗବେଷଣାର ଗୁଣବତ୍ତା ବୃଦ୍ଧି ପାଇବ।

### ପୌର ନିର୍ବାଚନ: ଦ୍ୱିତୀୟ ଦିନରେ ନାମାଙ୍କନ ପତ୍ର ଦାଖଲ ହେଲାନି

**କଟକ ଅଫିସ,୩।୩:** ପୌର ନିର୍ବାଚନ ତାରିଖ ଘୋଷଣା ହେବା ପରେ ବୁଧବାରଠାରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ପ୍ରଥମ ଦିନ ପରି ଗୁରୁବାର ଦ୍ୱିତୀୟ ଦିନରେ ମଧ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିବା ଡେପୁଟି କମିଶନର ଅଜୟ ମହାନ୍ତି ସୂଚନା ଦେଇଛନ୍ତି। ମାତ୍ର କଟକ ଶହୀଦ ଭବନ ଆଗରେ ଫର୍ମ କିଣିବାକୁ ଲୋକଙ୍କ ଲମ୍ବା ଧାଡି ଲାଗିଥିଲା। କର୍ପୋରେଟର ପାଇଁ ୧୭୮ ଫର୍ମ ଓ ମେୟର ପାଇଁ ୫ଟି ଫର୍ମ ବିକ୍ରି ହୋଇଥିବା ଜଣାପଡିଛି।

### ବାର୍ଷିକ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

**କଟକ ଅଫିସ, ୩।୩:** କଟକ ତୁଳସୀପୁର ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ କଲେଜରେ ବାର୍ଷିକ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅର୍ଥନୀତିଜ୍ଞ ଡ. ସନ୍ତୋଷ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ଜିଲା ସଂସ୍କୃତି ଅଫିସର ନଳିନୀକାନ୍ତ ସାହୁ ଯୋଗଦେଇଥିଲେ। କଲେଜ ଅଧକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଯୋଗଦେଇ ସାହିତ୍ୟ ଓ ସଂସ୍କୃତି ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉପରେ ଆଲୋକପାତ କରିଥିଲେ। ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତାର ଛାତ୍ରୀ ସୁଶ୍ରୀ ଶୀତଲ ସ୍ମୃତି ସାହୁ ଓ ଛାତ୍ର ସୌମ୍ୟ ରଞ୍ଜନ ଚାମ୍ପିୟନ ହୋଇଛନ୍ତି। ଏହି ଅବସରରେ ଛାତ୍ରୀ ରୂପା ପାଲ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପକ ଡ. ସରୋଜ ଦାଶ, ଚନ୍ଦନା ମହାନ୍ତି, କ୍ରିଷ୍ଣା ମହାନ୍ତି, କଲ୍ୟାଣୀ ବାରିକ, ସ୍ମୃତିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅଧାପିକା ଶୁଭଶ୍ରୀ ନନ୍ଦ ଧନ୍ୟବାଦ ଦେଇଥିଲେ।

## ଓକିଲ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ


ନୂତନ ବିଚାରାଳୟ ଗୃହ ନିର୍ମାଣ ଦାବିରେ ଓକିଲ ସଂଘର କର୍ମକର୍ତ୍ତାମାନେ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଛନ୍ତି।

**ନୂତନ ବିଚାରାଳୟ ଗୃହ ନିର୍ମାଣ କରିବାକୁ ଦାବି**

ଆଠଗଡ଼,୩।୩(ସ୍ୱ.ପ୍ର.)

ନୂତନ ବିଚାରାଳୟ ଗୃହ ନିର୍ମାଣ ଦାବି କରି ଆଠଗଡ଼ ଓକିଲ ସଂଘ ପକ୍ଷରୁ ଗୁରୁବାର କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଆଠଗଡ଼ ଉପଖଣ୍ଡର ପୁରାତନ ବିଚାରାଳୟ ଗୃହରେ ଅତିରିକ୍ତ ଜିଲା ଜଜ୍, ସବ୍ ଜଜ, ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ଓ ଜେଏମ୍‌ଏଫ୍‌ସି ଚାଲିଛି। ମାତ୍ର ଏହା ପର୍ଯ୍ୟାପ୍ତ ହେଉନାହିଁ। ଏସବୁ କାର୍ଯ୍ୟାଳୟ ନିମନ୍ତେ ନୂତନ ଗୃହ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେବ ସଂଘ ପକ୍ଷରୁ ଦାବି କରାଯାଉଛି। ମାତ୍ର ଆଇନ ବିଭାଗର ଉଦାସୀନତା ହେତୁ ଏଥିପାଇଁ ଅର୍ଥ ମଞ୍ଜୁର ହେଉନାହିଁ। ପ୍ରତିବାଦରେ ସଂଘ ପକ୍ଷରୁ କାମ ବନ୍ଦ କରାଯାଇ କୋର୍ଟର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏପରିକି ବିଚାରପତିମାନଙ୍କୁ ମଧ କାର୍ଯ୍ୟାଳୟ ଭିତରକୁ ଛଡ଼ା ଯାଇ ନ ଥିଲା। ଖବରପାଇ କଟକ ଜିଲା ଜଜ୍ ବିଦ୍ୟୁତ୍ ପ୍ରଭା ମିଶ୍ର ମଧାହ୍ନରେ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଆଠଗଡ଼ ଅତିରିକ୍ତ ଜିଲା ଜଜ୍ ପ୍ରଦୀପ ସାହୁ, ସିଭିଲ ଜଜ୍ ସିନିୟର ଡିଭିଜନ ଶ୍ରୀମୟୀ ଆଚାର୍ଯ୍ୟ, ଉପଖଣ୍ଡ ବିଚାର ବିଭଗୀୟ ମାଜିଷ୍ଟ୍ରେଟ୍ ଏସ୍. କୁମୁନ ଆଚାରୀ ଏବଂ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ପ୍ରଥମ ଶ୍ରେଣୀ) ପୂଜା ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ଆଠଗଡ଼ ଓକିଲ ସଂଘ ସଭାପତି ସତ୍ୟେନ ପଣ୍ଡା, ସମ୍ପାଦକ ବନବିହାରି ସାହୁ, ରାମ ନାରାୟଣ ମହାନ୍ତି, ଅରୁଣ କୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତେବେ ଏହା ସଫଳ ହୋଇ ନ ଥିଲା। ଏନେଇ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଶୁକ୍ରବାର କଟକ ଯାଇ ଉଚ୍ଚ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଛି।

## ନିର୍ବାଚନ ପରବର୍ତ୍ତୀ ହିଂସା: କାର୍ ଜାଳିଦେଲେ ଦୁର୍ବୃତ୍ତ

ଖୋର୍ଦ୍ଧା ଅଫିସ,୩।୩

ଖୋର୍ଦ୍ଧା ବ୍ଲକ କାଇପଦର ଗ୍ରାମରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ବିଜୟୀ ସରପଞ୍ଚଙ୍କ ସମ୍ପର୍କୀୟ ମାନସ ରଞ୍ଜନ ରାଉତରାୟଙ୍କ କାର୍‌ରେ ବୁଧବାର ରାତିରେ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଗ୍ରାମବାସୀଙ୍କଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ମାନସଙ୍କ ଅଭିଯୋଗ ପରେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କ୍ରିକେଟ, ହିନ୍ଦୁସ୍ଥାନ୍ ସ୍ପୋର୍ଟିଂ କ୍ଲବ ବିଜୟୀ

ଚୌଦ୍ୱାର,୩।୩(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶଙ୍କରପୁରଠାରେ ଜୟଦୁର୍ଗା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଥିଲା। ଜଗତ୍‌ସିଂହପୁରର ହିନ୍ଦୁସ୍ତାନ ସ୍ପୋର୍ଟିଂ କ୍ଲବ ଓ କଟକର ରାଇଜିଂ ଷ୍ଟୁଡେଣ୍ଟ ଟିମ୍ ମଧ୍ୟରେ ଖେଳ ହୋଇଥିଲା। ୩୦ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ହିନ୍ଦୁସ୍ତାନ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୪୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏସ୍.ଏ. ଖାନ୍ ସର୍ବାଧିକ ୬୨ ଓ ପ୍ରବିନ୍ ଲୁହା ୬୦ ରନ୍ ସଂଗ୍ରହ କରିଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ଦଳ ୨୯.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୪୦ ରନ୍ କରିଥିଲା। ଦଳ ପକ୍ଷରୁ ଦେବାଶିଷ ସାମନ୍ତରାୟ ସର୍ବାଧିକ ୫୦ ଓ ସୌଭାଗ୍ୟ ମିଶ୍ର ୪୫ ରନ୍ କରିଥିଲେ। ଏହି ମ୍ୟାଚ୍‌କୁ ବୀଣାପାଣି ହାତୀ ଉଦ୍‌ଘାଟନ କରିଥିଲେ। ଜାଫର ଅଲ୍ଲୀ ସାହା ଓ ଶୀର୍ଷାନନ୍ଦ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବ୍‌ର ସୁନୀଲ ଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ହାତୀ, ପ୍ଲାବନ ରାଉତ, ପ୍ରକାଶ ମାଝୀ, କାହ୍ନୁଚରଣ ଓଝା, ବାମଦେବ ପ୍ରଧାନ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଶୁକ୍ରବାର ଭଦ୍ରକର ୟୁନିକ୍ ସ୍ପୋର୍ଟିଂ କ୍ଲବ ଓ କେନ୍ଦ୍ରାପଡ଼ାର ବାଲାବାବା କ୍ଲବ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

## ସରପଞ୍ଚ ନିର୍ବାଚନ ଫଳ ଘୋଷଣା ବିରୋଧରେ ଆନ୍ଦୋଳନ

କଟକ ସଦର, ୩।୩(ଡି.ଏନ.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତପାଟଣା ପଞ୍ଚାୟତର ସରପଞ୍ଚ ନିର୍ବାଚନ ଫଳାଫଳକୁ ନେଇ ବିବାଦ ଦେଖାଦେଇଛି। ସ୍ଥାନୀୟ ବିଡିଓ ତଥା ନିର୍ବାଚନ ଅଧିକାରୀ ରାଜୀବ ଲୋଚନ ପରିଡା ଚଞ୍ଚକତା କରି ହାରିଥିବା ଜଣେ ପ୍ରାର୍ଥିନୀଙ୍କୁ ବିଜୟୀ ଘୋଷଣା କରିବା ପ୍ରତିବାଦରେ ଗୁରୁବାର ଗତିରାଉତପାଟଣା ଗ୍ରାମର ବହୁ ଲୋକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୭ ତାରିଖରେ ଭୋଟ ଗଣତିବେଳେ ସରପଞ୍ଚ ପ୍ରାର୍ଥିନୀ ସ୍ୱିନୋଜା ମହାନ୍ତି ୧୦୨୨ ଖଣ୍ଡ ଭୋଟ ପାଇଥିଲେ। ସେହିପରି ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ସୋନାଲି ପ୍ରଧାନ ୧୦୨୦ ଖଣ୍ଡ ଭୋଟ ପାଇଥିଲେ। ତେଣୁ ବ୍ଲକ ନିର୍ବାଚନ ଅଧିକାରୀ ୨ ଖଣ୍ଡ ଭୋଟରେ ସ୍ୱିନୋଜା ବିଜୟୀ ହୋଇଛନ୍ତି ବୋଲି ଘୋଷଣା କରିଥିଲେ। କିଛି ଘଣ୍ଟା ପରେ ପୁନଃ ଭୋଟ ଗଣତି ହେବାରୁ ଉଭୟଙ୍କର ଭୋଟ ସଂଖ୍ୟା ସମାନ ରହିଥିଲା। ଫଳରେ ଧର୍ମଗୁଳା ପଡିବାରୁ ସୋନାଲିଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ରାଜନୈତିକ ଚାପରେ ଏପରି କରାଯାଇଛି ବୋଲି ଗତିରାଉତପାଟଣା ଗ୍ରାମବାସୀ ଅଭିଯୋଗ କରିଥିଲେ। ପୁନଃ ଭୋଟ ଗଣତି କରିବା ଅଥବା ସ୍ୱିନୋଜାଙ୍କୁ ବିଜୟୀ ଘୋଷଣା କରିବାକୁ ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିକଟରେ ସେମାନେ ଦାବି ଜଣାଇଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକଙ୍କୁ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଡିଓ ପରିଡ଼ାଙ୍କୁ ପଚାରିବାରୁ ନିର୍ବାଚନ ପରିଚାଳନା ନିୟମ ଅନୁଯାୟୀ କରାଯାଇଥିବାରୁ ଚଞ୍ଚକତାର ପ୍ରଶ୍ନ ଉଠୁନାହିଁ ବୋଲି କହିଥିଲେ।

## କୋଭିଡ୍ ଗାଇଡଲାଇନ୍‌ରେ ହେବ ଦୋଳ ମେଳଣ

କଟକ ଅଫିସ,୩।୩

ସିଡିଏସ୍ଥିତ ୱିଣ୍ଡସର ପ୍ଲେସ୍‌ଠାରେ ଗୁରୁବାର ବାସ୍ତୁରୀ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଦୋଳ ମେଳଣ ପ୍ରସ୍ତୁତି ନବମୀ ମହାସଭା ଅନୁଷ୍ଠିତ ହୋଇଯାଇଛି। ଆବାହକ ଦେବେନ୍ଦ୍ରନାଥ ସାହୁଙ୍କ ଆହ୍ୱାନକ୍ରମେ ଆୟୋଜିତ ସଭାରେ ଦୋଳ ମେଳଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସଂକୀର୍ତ୍ତନ ମଣ୍ଡଳୀ ପୂର୍ବରେ ବିଡ଼ାନାସୀଠାରୁ ପଶ୍ଚିମରେ ଭଦିମୁଳ, ସର୍ତ୍ତୋଳ, ଉତ୍ତରରେ ମହାନଦୀ ଓ ଦକ୍ଷିଣରେ କାଠଯୋଡ଼ି ମଧ୍ୟରେ ଅବସ୍ଥିତ ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ ଅନ୍ତର୍ଭୁକ୍ତ। ଏହାକୁ ସୁପରିଚାଳନା କରିବା ପାଇଁ ୪ଗୋଟି ଦିଗ ଅନୁଯାୟୀ ଭାଗ କରାଯିବା ସହିତ ୪ଦିଗ ଭାଗକୁ ୪ଗୋଟି ସଂକେତ ପ୍ରଦାନ କରାଯାଇଛି। ୨୫ ଦିଗଭାଗ 'ଶଙ୍ଖ', ୨୨ ଦିଗଭାଗ 'ଚକ୍ର', ୧୯ ଦିଗଭାଗ 'ଗଦା' ଓ ୧୬ ଦିଗଭାଗ 'ପଦ୍ମ' ସଙ୍କେତ ପ୍ରଦାନ କରାଯାଇଛି। ଏହି ୪ଦିଗ ଭାଗର ଦୋଳଯାତ୍ରା ଆସନ୍ତା ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ୧୩ ତାରିଖ ଦଶମୀ ତିଥିରେ ରଘୁନାଥଜୀଉ, ନୂଆପଡ଼ା, ତିନିଘରିଆ, ଗଣେଶ ମନ୍ଦିର, କାଳିଗଳିରେ ଯାତ୍ରା ହେବ। ସେହିପରି ୧୪ ତାରିଖରେ ଚୌଧୁରୀବଜାର, ପୋପରଡ଼ା, ଖାନ୍‌ନଗର, ଦେଉଳସାହି ସାଇକୁଟୀର, ତୁଳସୀପୁର ମଠସାହି, ବଢ଼େଇସାହି, ବକ୍ସିବଜାର, ୧୫ ତାରିଖରେ କାଠଗଡ଼ାସାହି, ପିଠାପୁର, ରାଣୀହାଟ କୁବେରସାହି, ଶଙ୍କରପୁର, ବିଡ଼ାନାସୀ ମଙ୍ଗଳାଛକ, ନୂଆପଟଣା, ୧୬ ତାରିଖରେ ଝୋଲାସାହି, ହରିପୁର ଦୋଳମୁଣ୍ଡାଇ, ସାଆନ୍ତସାହି, ଚାଉଳିଆଗଞ୍ଜ, ଦରଜିସାହି ଚାନ୍ଦିନୀଚୌକ, ୧୭ ତାରିଖରେ ଥୋରିଆସାହି, ଶିଖରପୁର, ଦରଖାପାଟଣା, ଚଣ୍ଡୀମନ୍ଦିର, ବଣିଆସାହି, ୧୯ ତାରିଖରେ ମାଳିସାହିରେ ଦୋଳ ମେଳଣ ହେବ। ୧୮ ତାରିଖ ଦୋଳ ପୂର୍ଣ୍ଣମୀରେ ସମସ୍ତ ୪ ଦିଗଭାଗର ଠାକୁର ସକାଳ ୭ଟାରେ ଦୋଳମୁଣ୍ଡାଇ ରଥ ପଡ଼ିଆଠାରେ ଏକତ୍ରିତ ହେବେ। ପୂର୍ବାହ୍ନ ୯ଟାରୁ ଶୋଭାଯାତ୍ରାରେ ବାହାରିବେ। ଚଳିତବର୍ଷ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ଦୋଳ ମେଳଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସଭାରେ ଦେବେନ୍ଦ୍ର ସାହୁ କହିଛନ୍ତି। ବାସ୍ତୁରୀ ସଙ୍କୀର୍ତ୍ତନ ମଣ୍ଡଳୀ ସର୍ବାଧିକାରୀ ସମୀର ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୨୫ ଦିଗଭାଗ ସର୍ବାଧିକାରୀ କାଶିନାଥ ମଲ୍ଲିକ, ୨୨ ଦିଗଭାଗ ସର୍ବାଧିକାରୀ ନୃସିଂହ ଚରଣ ସାହୁ, ୧୯ ଦିଗଭାଗ ସର୍ବାଧିକାରୀ ବୀରେନ୍ଦ୍ର କୁମାର ସାହୁ, ୧୬ ଦିଗଭାଗ ସର୍ବାଧିକାରୀ ରାକେଶ କୁମାର ସାହୁ, ରବୀନ୍ଦ୍ର କୁମାର ବସ୍ତିଆ ପ୍ରମୁଖ ଉପସ୍ଥିତଥିଲେ।

## 'ଲକ୍ଷ୍ୟ ସ୍ଥିର କରି ସାଧନା କରନ୍ତୁ ବିଦ୍ୟାର୍ଥୀ'



ଡ୍ରିମ୍‌ସ ମ୍ୟାନେଜମେଣ୍ଟ ଉଇଙ୍ଗର ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି ବୃନ୍ଦ।

କଟକ ଅଫିସ, ୩।୩

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ମ୍ୟାନେଜମେଣ୍ଟ ଉଇଙ୍ଗର ବାର୍ଷିକ ଉତ୍ସବ 'ଅବନ୍ତିକା-୨୦୨୨' ପଦ୍ମିନୀ ଅଡିଟୋରିୟମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଟା ଷ୍ଟିଲର ପୂର୍ବତନ ମାନବ ସମ୍ବଳ ବିଭାଗ ମୁଖ୍ୟ ପାର୍ଥସାରଥି ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବିଦ୍ୟାର୍ଥୀମାନେ ପ୍ରଥମେ ଲକ୍ଷ୍ୟ ସ୍ଥିର କରି ସାଧନାରେ ନିମଗ୍ନ ହେବା ଦରକାର। କେବଳ ନିଜ ପାଇଁ ନୁହେଁ ସମାଜ ଓ ଦେଶ ଲାଗି କିଛି କରିପାରିଲେ ସାଧନା ସଫଳ ହେବ ବୋଲି ମିଶ୍ର କହିଥିଲେ। ସେହିପରି ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର ଶକ୍ତିପ୍ରସାଦ ଦାସ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଫଳତାର ଶୀର୍ଷରେ ପହଞ୍ଚିବା ଲାଗି କଠିନ ପରିଶ୍ରମ ଓ ଦୃଢ଼ ମନୋବଳ ଆବଶ୍ୟକ ବୋଲି କହିଥିଲେ। ଏହି ଉତ୍ସବରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ପୌରୋହିତ୍ୟ କରି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ଉନ୍ମେଷ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ମୁଖପତ୍ର ଉନ୍ମୋଚନ ହେବା ସହ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧାପିକା ବିକଶିତା ମହାନ୍ତି, ଛାତ୍ର ରାଜୀବ ରାଉତ ଓ ଛାତ୍ରୀ ଅନନ୍ୟା ରାଉତ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଅଧ୍ୟକ୍ଷ ଡ. ସ୍ନିଗ୍ଧମଧୁସୂଦନ ଦାସ ସ୍ୱାଗତ ଭାଷଣ ଓ ପ୍ରାଧାପିକା ସ୍ମିତାରାଣୀ ଲେଙ୍କା ଧନ୍ୟବାଦ ଦେଇଥିଲେ।

## ଅଗ୍ନିକାଣ୍ଡରେ ୫ ବଖରା, ଦୋକାନ ଜଳିଗଲା

ଚୌଦ୍ୱାର/ଖୁଣ୍ଟୁଣୀ,୩।୩ (ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅନ୍ତର୍ଗତ ନଖରା ପଞ୍ଚାୟତର ବଡ଼ଚାଙ୍ଗୋ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ପ୍ରମୋଦ ସିଂ, ଜିତେନ୍ଦ୍ର ସିଂ, ନାରାୟଣ ସିଂଙ୍କର ୩ ବଖରା ଓ ଗୋଟିଏ ଦୋକାନ ଜଳିଯାଇଛି। ଏଥିରେ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ରାତିରେ ସମସ୍ତେ ଶୋଇଥିବାବେଳେ ହଠାତ୍ ଘରୁ ନିଆଁ ଉଠିଥିଲା। ଏହି ସମୟରେ ପଡ଼ୋଶୀଙ୍କ ପାଟି ଶୁଣି ପ୍ରମୋଦଙ୍କ ପରିବାର ଲୋକେ ଘରୁ ବାହାରକୁ ପଳାଇ ଆସିଥିଲେ। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ପଞ୍ଚାୟତ ନିର୍ବାଚନକୁ କେନ୍ଦ୍ରକରି କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି

**ବୃଦ୍ଧା ଗୁରୁତର**

ଖୁଣ୍ଟୁଣୀ ଥାନା ନୂତନ ରାଧାକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ କାଳିମାଟିଆଦିବାସୀ ବସ୍ତିରେ ଗୁରୁବାର ମଧାହ୍ନରେ ଅଗ୍ନିକାଣ୍ଡ ଘଟି ଚମାନ ସିଦୁ (୬୪)ଙ୍କ ୨ ବଖରା ଜଳିଯାଇଛି। ଏଥିରେ ଚମାନ ଗୁରୁତର ହୋଇଛନ୍ତି। ଆଠଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଚମାନ ଘରେ ଗ୍ୟାସରେ ରୋଷେଇ କରୁଥିବାବେଳେ ହଠାତ୍ ନିଆଁ ଲାଗିଯିବାରୁ ଘର ଜଳିଥିଲା। ଏଥିରେ ଚମାନ ଗୁରୁତର ହୋଇଥିଲେ। ଖବରପାଇ ସରପଞ୍ଚ କାହ୍ନୁ ଚରଣ ମହାନ୍ତି ପହଞ୍ଚି ଚମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ଆଠଗଡ଼ ମେଡିକାଲ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା।

## ବବି ଏସ୍‌ୟୁସିଆଇ(ସି)ର ମେୟର ପ୍ରାର୍ଥୀ

କଟକ ଅଫିସ,୩।୩

ପୌର ନିର୍ବାଚନ ପାଇଁ କଟକ ସହରର ରାଜନୀତି ସରଗରମ ହେଲାଣି। ଚଳିତବର୍ଷ ପ୍ରଥମଥର ପାଇଁ ମେୟର ଲାଗି ପ୍ରତ୍ୟକ୍ଷ ନିର୍ବାଚନ ହେବାକୁ ଯାଉଛି। ବୁଧବାରଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଇତିମଧ୍ୟରେ ଏସ୍‌ୟୁସିଆଇ(ସି) ପକ୍ଷରୁ କଟକ ମହାନଗର ନିଗମ(ସିଏମ୍‌ସି) ପାଇଁ ମେୟର ପ୍ରାର୍ଥୀଙ୍କ ନାମ ଗୁରୁବାର ଘୋଷଣା ହୋଇଛି। ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ସଭ୍ୟ ବବି ବଳବନ୍ତରାୟଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରି ତାଙ୍କ ନାମ ଘୋଷଣା କରିଛି। ଏଥିପାଇଁ କଟକ ବାଖରାବାଦସ୍ଥିତ ଗାନ୍ଧୀଭବନରେ ଏସ୍‌ୟୁସିଆଇ(ସି) ପକ୍ଷରୁ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ବବିଙ୍କ ନାମ ଘୋଷଣା କରାଯାଇଛି। ଏସ୍‌ୟୁସିଆଇ(ସି) କଟକ ଜିଲା ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ କହିଛନ୍ତି, କଟକରେ ନାଳ ଓ ରାସ୍ତା ମରାମତି, ଜାଇକା ଯନ୍ତ୍ରଣା, ମଶା ଉପଦ୍ରବ ସମସ୍ୟା ସମ୍ପର୍କରେ ଦଳ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଆସିଛି। ଏଥିସହ ପାନୀୟଜଳ ସମସ୍ୟା, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ଶିଶୁ ଭବନ ସମେତ ସହରର ଅନ୍ୟ ଡାକ୍ତରଖାନାର ଅବ୍ୟବସ୍ଥା, ବସ୍ତିବାସିନ୍ଦାଙ୍କ ଥଇଥାନ ସମସ୍ୟା ଏବଂ ସହରର ବିଭିନ୍ନ ସାହିରେ ଥିବା ବହୁ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରାଯିବା ପ୍ରସଙ୍ଗକୁ ନେଇ ଦଳ ଆନ୍ଦୋଳନ କରିଆସିଛି। ସହରର ବିଭିନ୍ନ ସମସ୍ୟା ନେଇ କରାଯାଇଥିବା ଜନଆନ୍ଦୋଳନ କ୍ଷେତ୍ରରେ ବବିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ସମ୍ପର୍କରେ ବବି କହିଛନ୍ତି, ସେ ନିର୍ବାଚିତ ହେଲେ ସିଏମ୍‌ସି ଅଞ୍ଚଳରେ ନାଳରୁ ପଙ୍କୋଦ୍ଧାର, ମଶାତେଲ, ରାସ୍ତା କାମ ପାଇଁ ହୋଇଥିବା ଟେଣ୍ଡର ଦୁର୍ନୀତିର ତଦନ୍ତ କରାଯିବ। ସବୁ ୱାର୍ଡରେ ବିଶୁଦ୍ଧ ପାନୀୟଜଳ ଯୋଗାଣ, ବିଭିନ୍ନ ସାହି ରାସ୍ତା ମରାମତି, ଶିକ୍ଷା, ସ୍ୱାସ୍ଥ୍ୟ ସମେତ ବସ୍ତିବାସିନ୍ଦାଙ୍କୁ ଉପଯୁକ୍ତ ଥଇଥାନ ପାଇଁ ପ୍ରାଥମିକତା ଦେବି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ସଭ୍ୟ ରାଜକିଶୋର ମଲ୍ଲିକ, ସିଦ୍ଧାର୍ଥ ରଥ, ଭାଗ୍ୟରବି ଦାସ, ଦୀପକ ଦାସ, ବିନୋଦ ସେଠୀ, ତରୁଣସେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ସିଏମ୍‌ସି ନିର୍ବାଚନ**

ସୂଚନାଯୋଗ୍ୟ, ବୁଧବାର କଂଗ୍ରେସ ପକ୍ଷରୁ ମେୟର ପ୍ରାର୍ଥୀ ଭାବେ ଗିରିବାଳା ବେହେରାଙ୍କ ନାମ ଘୋଷଣା କରାଯାଇଥିବାବେଳେ ବିଜେଡି ଓ ଭାଜପା ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି।



ଖବରଦାତା ସମ୍ମିଳନୀରେ ଏସ୍‌ୟୁସିଆଇ(ସି) କଟକ ଜିଲା ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ ଓ ମେୟର ପ୍ରାର୍ଥୀ ବବି ବଳବନ୍ତରାୟଙ୍କ ସହ ଅନ୍ୟମାନେ।